# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, June 24/2025 | Page 16 | ₹ 7.00

୫୧ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 209 | ମୂଲ୍ୟ₹୭/-







ଭୁବନେଶ୍ୱର ଜୟଦେବ ଭବନଠାରେ ସୋମବାର ଆୟୋଜିତ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ମହାସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ ଏବଂ ଅନ୍ୟମାନେ।

# ଶ୍ୟାମାପ୍ରସାଦଙ୍କ ଆଦର୍ଶ ଯୁବବର୍ଗଙ୍କ ପାଇଁ ଅନୁସରଣୀୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା/ସୁନିତ୍ ମିଶ୍ର)**

ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶକୁ ରାଜ୍ୟର ଯୁବବର୍ଗ ଅନୁସରଣ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଡ. ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର, ଯାହା ପ୍ରତିଟି ଦେଶବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦିଏ। ତାଙ୍କ ଭାବନା, ସମଗ୍ର ଦେଶ ପାଇଁ ଏକ ଦିଗ୍‌ଦର୍ଶନ। ଜମ୍ମୁ-କଶ୍ମୀର ଭିତରେ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସେ ଜଣେ ଦୃଢ଼ ଯୋଦ୍ଧା ଭାବେ ନିଜ କର୍ତ୍ତବ୍ୟରେ ଅଦମ୍ୟ ରହିଥିଲେ। ତାଙ୍କର ଅଭିମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ। ଏହି ଭାବନା ଗଭୀର ରାଷ୍ଟ୍ରପ୍ରେମର ପ୍ରତିଫଳନ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ବର୍ତ୍ତମାନ ରାଜ୍ୟ ସରକାର ଏକବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡ଼ିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି। ଆମେ ଯେତେବେଳେ ଏକ ନୂଆ ଓଡ଼ିଶା ଗଢ଼ୁଛେ, ଏକ ଶକ୍ତିଶାଳୀ ଭାରତର ଦିଗକୁ ବଢ଼ୁଛେ, ସେହି ସମୟରେ ଡ. ମୁଖାର୍ଜୀଙ୍କ ନୀତି ଓ ଦୃଷ୍ଟିକୋଣ ଆମକୁ ଠିକ ମାର୍ଗ ଦେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ପୂରଣ କରିଛନ୍ତି। ଓଡିଶାରେ ପୂର୍ବ ସରକାର ମୁଖାର୍ଜୀଙ୍କର ବଳିଦାନ ଦିବସକୁ ପାଳନ କରୁ ନ ଥିଲେ। କିନ୍ତୁ ଭାଜପା ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ଭାବେ ସ୍ୱୀକାର କରି ପାଳନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖାର୍ଜୀଙ୍କୁ ଯୁବ ଶକ୍ତିର ପ୍ରେରଣା ବୋଲି କହିବା ସହିତ ତାଙ୍କ ଜୀବନକୁ ମହାକାଶର ଉଲ୍କା ସହିତ ତୁଳନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଦିଲ୍ଲୀରୁ ବୁଲି ଆସିଥିବା ଯୁବତୀଙ୍କୁ ଅସଦାଚରଣ

**ଦଶରଥପୁର,୨୩।୬ (ସୁଶାନ୍ତ କୁମାର ବେହୁରିଆ)**

ଓଡ଼ିଶା ସମେତ ଭାରତର ୬ ରାଜ୍ୟକୁ ଅପରାଧ ପ୍ରବଣ ଅଞ୍ଚଳ ବୋଲି ଆମେରିକା ଦର୍ଶାଇବା ସହ ତା'ର ନାଗରିକଙ୍କ ପାଇଁ ଭ୍ରମଣ ସତର୍କତା ଜାରି କରିବା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶାରେ ବାହାର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଯାଜପୁର ଜିଲା ଦଶରଥପୁର ଥାନା ତରାଙ୍ଗ ସାଗରପୁର ଗ୍ରାମ ନିକଟରେ ରବିବାର ରାତିରେ ବାନ୍ଧବୀଙ୍କ ସହିତ ଓଡ଼ିଶା ବୁଲିବାକୁ ଆସିଥିବା ଦିଲ୍ଲୀର ଜଣେ ଯୁବତୀଙ୍କୁ ୨ ଜଣ ଯୁବକ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଦଶରଥପୁର ଥାନାରେ ଏକ ମାମଲା(ନଂ.୧୦୧/୨୫) ରୁଜୁ କରି ପୋଲିସ ତଦନ୍ତ କରୁଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଠାବ କରିପାରିନାହିଁ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ କହିଛନ୍ତି।

ସୂଚନା ଅନୁଯାୟୀ, ଚାମ୍ପେଇପାଳ ପଞ୍ଚାୟତ ତରାଙ୍ଗ ସାଗରପୁର ଗ୍ରାମର ତପସ୍ୱିନୀ ଦାଶ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ତପସ୍ୱିନୀଙ୍କ ସହିତ ତାଙ୍କ ବାନ୍ଧବୀ ପୂଜା ପରେବା ମଧ୍ୟ ସେଠାରେ କାମ କରନ୍ତି। ତପସ୍ୱିନୀ ବାପାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ନିଜ ଗ୍ରାମକୁ ଆସିଥିଲେ। ତାଙ୍କ ସହିତ ପୂଜା ବି ଆସିଥିଲେ। ରବିବାର ତପସ୍ୱିନୀଙ୍କ ସହିତ ପୂଜା ଯାଜପୁରର ଶକ୍ତିପୀଠ ମା'ବିରଜାଙ୍କ ଦର୍ଶନ କରିବା ସହ ବୁଲାବୁଲି କରିବା ପରେ ବସ୍‌ରେ ରାତ୍ର ପ୍ରାୟ ସାଢ଼େ ୯ଟାରେ ଘରକୁ ଫେରିଥିଲେ। ସେମାନେ ବସ୍‌ରୁ ଓହ୍ଲାଇ ଚାଲି ଚାଲି ଘରକୁ ଯାଉଥିବାବେଳେ ବାଟରେ ଥିବା ଏକ ପଡ଼ିଆ ନିକଟରେ ୨ ଯୁବକ ଅନିଲ ଜେନା ଓ ନୀତେଶ ଜେନା ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ଟଣାଓଟରା କରିଥିଲେ। ଏହି ସମୟରେ ତପସ୍ୱିନୀଙ୍କ ଭାଇ ଓ ପୁତୁରା ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚି ଉକ୍ତ ଯୁବକଦ୍ୱୟଙ୍କ ନିକଟରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ବିଳମ୍ବିତ ରାତିରେ ଦଶରଥପୁର ଥାନାରେ ଏନେଇ ଏତଲା ଦିଆଯାଇଥିଲା। ସୋମବାର ତପସ୍ୱିନୀ ପୁଣି ଥରେ ଦଶରଥପୁର ଥାନାରେ ପହଞ୍ଚି ପୋଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରିବା ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଯାଜପୁର ଏସ୍‌ଡିପିଓ ମାଝୀ କହିଛନ୍ତି, ପୋଲିସ ତଦନ୍ତ ଜାରି ରଖିଛି। ଆସାମୀମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

# ଦଳିତଙ୍କ ଉପରେ ନିର୍ଯାତନା: ରାହୁଲଙ୍କ ନିନ୍ଦା

**ଭୁବନେଶ୍ୱର,୨୩।୬(ରବିନାରାୟଣ ଜେନା)**



ରାହୁଲ ଗାନ୍ଧୀ

ଗଞ୍ଜାମ ଜିଲାର ଧରାକୋଟ ବ୍ଲକ୍ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ୨ ଦଳିତ ବ୍ୟକ୍ତିଙ୍କୁ ଖାରିଗୁମ୍ମା ଗ୍ରାମରେ ସର୍ବସାଧାରଣରେ ନିର୍ଯାତନା ଦିଆଯିବା ଘଟଣାକୁ ନେଇ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ନିନ୍ଦା କରିଛନ୍ତି।

ସେ କହିଛନ୍ତି, ଦଳିତ ବ୍ୟକ୍ତିଙ୍କୁ ଆଣ୍ଠୁ ମାଡ଼ି ବସାଇବା, ଘାସ ଖୋଇବା, ଅର୍ଦ୍ଧ ମୁଣ୍ଡନ କରିବା ଏବଂ ମଇଳା ପାଣି ପିଇବାକୁ ବାଧ କରି ରାସ୍ତାରେ ଚଲେଇ ଚଲେଇ ନେବା କେବଳ ଅମାନବୀୟ ନୁହେଁ ବରଂ ମନୁବାଦୀ ଚିନ୍ତାଧାରାର ବର୍ବରତା। ଦେଶ ମନୁସ୍ମୃତି ଦ୍ୱାରା ନୁହେଁ, ସମ୍ବିଧାନ ଦ୍ୱାରା ପରିଚାଳିତ ହୋଇଥାଏ। ଏହି ଘଟଣା ସେମାନଙ୍କ ପାଇଁ ଏକ ଦର୍ପଣ, ଯେଉଁମାନେ କୁହନ୍ତି, ଜାତି ଆଉ ଏକ ପ୍ରସଙ୍ଗ ନୁହେଁ। ଦଳିତଙ୍କ ସମ୍ମାନକୁ ଦଳି ଦେଉଥିବା ପ୍ରତ୍ୟେକ ଘଟଣା ବାବା ସାହେବଙ୍କ ସମ୍ବିଧାନ ଉପରେ ଆକ୍ରମଣ। ସମାନତା, ନ୍ୟାୟ ଏବଂ ମାନବିକତା ବିରୋଧରେ ଏକ ଷଡ଼ଯନ୍ତ୍ର। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏପରି ଘଟଣା ସାଧାରଣ ହେବାରେ ଲାଗିଛି, କାରଣ ସେମାନଙ୍କର ରାଜନୀତି ଘୃଣା ଏବଂ ଭେଦଭାବ ଉପରେ ଆଧାରିତ। ବିଶେଷକରି ଓଡ଼ିଶାରେ ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ବିରୋଧରେ ଉଦ୍‌ବେଗଜନକ ଭାବେ ନିର୍ଯାତନା ବୃଦ୍ଧି ପାଇଛି। ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡ ଦିଆଯିବା ଉଚିତ ବୋଲି ରାହୁଲ କହିଛନ୍ତି।

## ପିସିସି ଗଠନ କଲା ଅନୁଧ୍ୟାନ କମିଟି

ଧରାକୋଟ ବ୍ଲକ ସିଙ୍ଗିପୁରର ୨ ଦଳିତ ବ୍ୟକ୍ତିଙ୍କୁ ଖାରିଗୁମ୍ମା ଗ୍ରାମରେ ଅକଥନୀୟ ନିର୍ଯାତନା ଦିଆଯିବା ଘଟଣାକୁନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଘଟଣାର ଅନୁଧ୍ୟାନ ନିମନ୍ତେ ଏକ କମିଟି ଗଠନ କରାଯାଇଛି। ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଧ୍ୟକ୍ଷ ଥିବାବେଳେ ପିସିସି ଉପସଭାପତି ତଥା ବିଧାୟକ ରମେଶ ଜେନା, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଓ ପିସିସି ସମ୍ପାଦକ ତୁଳେଶ୍ୱର ନାୟକ ସଦସ୍ୟ ରହିଛନ୍ତି। ଉକ୍ତ କମିଟି ଖୁବ୍‌ଶୀଘ୍ର ଘଟଣାସ୍ଥଳ ଗସ୍ତକରି ପୀଡ଼ିତଙ୍କୁ ଭେଟିବା ସହିତ ଘଟଣାର ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜୁ ଯୁବ, ଛାତ୍ର ଜନତା ଦଳ

**ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)**

ଓଡ଼ିଶାରେ ଛାତ୍ରୀମାନଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ଭାଜପା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ଆସନ୍ତା ୨୫ରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ଲାଗି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡାକରା ଦିଆଯାଇଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ କହିଛନ୍ତି, ଭାଜପା ସରକାର କ୍ଷମତାକୁ ଆସିବା ପରଠାରୁ ରାଜ୍ୟର ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳୀରେ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ପ୍ରେମିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ସେହିପରି କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇଦେବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଆୟୋଜିତ ହେବ। ରାଜ୍ୟର ସମସ୍ତ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂର୍ବତନ ବିଜୁ ଛାତ୍ର ଜନତା ଦଳ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି।

# ଉଡ଼ିଲା ପ୍ରଥମ ବିଦ୍ୟୁତ୍‌ଚାଳିତ ପାସେଞ୍ଜର ବିମାନ




**ନ୍ୟୁୟର୍କ, ୨୩।୬**

ଏରୋସ୍ପେସ୍ କମ୍ପାନୀ ବେଟା ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ ଏୟାରକ୍ରାଫ୍ଟ 'ଆଲିଆ ସିଏକ୍ସ ୩୦୦' ସୋମବାର ଇତିହାସ ରଚିଛି। ପ୍ରଥମ ବିଦ୍ୟୁତ୍ ଚାଳିତ ବିମାନ ଭାବେ ଏହା ଯାତ୍ରୀମାନଙ୍କୁ ନେଇ ଉଡ଼ାଣ ଭରିଥିଲା। ଆମେରିକାର ନ୍ୟୁୟର୍କସ୍ଥିତ ଇଷ୍ଟ ହାମ୍ପଟନ୍‌ରୁ ଜନ୍ ଏଫ୍ କେନେଡି ଏୟାରପୋର୍ଟ ପର୍ଯ୍ୟନ୍ତ ୪ ଯାତ୍ରୀଙ୍କୁ ଧରି ଏହି ବିମାନ ଉଡ଼ାଣ କରିଥିଲା। ମାତ୍ର ୩୦ ମିନିଟ୍ ମଧ୍ୟରେ ଏହା ୭୦ ନଟିକାଲ ମାଇଲ (ପ୍ରାୟ ୧୩୦ କି.ମି.)ର ଯାତ୍ରା କରିଥିଲା। ଏହି ଉଡ଼ାଣରେ ଖର୍ଚ୍ଚ ମାତ୍ର ୮ ଡଲାର (ପ୍ରାୟ ୬୯୪ ଟଙ୍କା) ରହିଛି। ଯଦି ଏହି ଯାତ୍ରା ହେଲିକପ୍ଟରରେ ହୋଇଥାନ୍ତା, ତେବେ ଏହାର ଇନ୍ଧନ ଖର୍ଚ୍ଚ ଆନୁମାନିକ ୧୬୦ ଡଲାର (୧୩,୮୮୫ ଟଙ୍କା) ରହିଥାନ୍ତା ବୋଲି ବେଶେଷଜ୍ଞମାନେ କହିଛନ୍ତି। ତେଣୁ ଏହି ବିଦ୍ୟୁତ୍ ଚାଳିତ ବିମାନ ହେଲିକପ୍ଟର ଅପେକ୍ଷା ପ୍ରାୟ ୨୦ ଗୁଣା ଶସ୍ତା ରହିଛି। ସେହିପରି ଏହି ବିମାନରେ ଶବ୍ଦପୂର୍ଣ୍ଣ ଇଞ୍ଜିନ ଏବଂ ପ୍ରୋପେଲର କମ୍ ଥିବାରୁ ଯାତ୍ରୀମାନେ ପରସ୍ପର ସହ ସ୍ପଷ୍ଟ ଭାବେ କଥାବାର୍ତ୍ତା କରିପାରିଥିଲେ। ବେଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ଏବଂ ସିଇଓ କାଇଲ କ୍ଲାର୍କ କହିଛନ୍ତି, ଆଲିଆ ସିଏକ୍ସ ୩୦୦ ଏୟାରକ୍ରାଫ୍ଟ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଶକ୍ତିରେ ଚାଳିତ। ଥରେ ଚାର୍ଜ କଲେ ଏହା ୨୫୦ ନଟିକାଲ ମାଇଲ (ପ୍ରାୟ ୪୬୦ କି.ମି.) ପର୍ଯ୍ୟନ୍ତ ଉଡ଼ାଣ କରିପାରିବ। ବିଭିନ୍ନ ସହର ଏବଂ ଉପନଗର ମଧ୍ୟରେ ଅଳ୍ପ ଦୂରତାର ଉଡ଼ାଣ ପାଇଁ ଏହି ବିମାନ ଉପଯୁକ୍ତ। ଏହି ବିମାନ ଯାତ୍ରା କେବଳ ଶସ୍ତା ନୁହେଁ ବରଂ ଏହା ଯାତ୍ରୀମାନଙ୍କ ପାଇଁ ଆରାମଦାୟକ ଏବଂ ପରିବେଶ ଉପଯୋଗୀ ମଧ୍ୟ। ତେବେ ଏହି ବିଦ୍ୟୁତ୍ ଚାଳିତ ଏୟାରକ୍ରାଫ୍ଟକୁ ବର୍ତ୍ତମାନ ସୁଦ୍ଧା ଆମେରିକାର ଫେଡେରାଲ ଆଭିଏଶନ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଏଏ)ଠାରୁ ମଞ୍ଜୁରୀ ମିଳିନାହିଁ। ୨୦୨୬ ପ୍ରାରମ୍ଭରେ ଏହିବିମାନକୁ ଏଫ୍‌ଏଏ ମଞ୍ଜୁରୀ ମିଳିବ ଏବଂ ଏହା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରିବ ବୋଲି କାଇଲ ଆଶା ପ୍ରକଟ କରିଛନ୍ତି।

# ହୀରାକୁଦରେ ନିର୍ମାଣ ହେବ ୫ ଅତିରିକ୍ତ ଆଡ଼ିବନ୍ଧ

**ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା)**

ହୀରାକୁଦରେ ଅତିରିକ୍ତ ୫ଟି ଆଡ଼ିବନ୍ଧ ନିର୍ମାଣକରି ଅଧିକ ଜଳ ସଂରକ୍ଷଣ କରିବା ଲାଗି ଜଳସମ୍ପଦ ବିଭାଗ ଲକ୍ଷ୍ୟ ରଖିଛି। ଏହାକୁ ନେଇ ଖୁବ୍‌ଶୀଘ୍ର ସେଣ୍ଟ୍ରାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍(ସିପିଏମ୍‌ୟୁ) ସହିତ ବୈଷୟିକ ପରାମର୍ଶ ଲାଗି ଏକ ବୁଝାମଣା ସ୍ୱାକ୍ଷର ହେବ। ତେବେ ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ଅନୁମୋଦନ ପ୍ରଦାନ କରିବା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବୋଚ୍ଚଯନ୍ତ୍ରୀଙ୍କୁ ଚଳିତମାସ ୧୧ରେ ପତ୍ର ଲେଖି ଅବଗତ କରାଯାଇଛି। ସେଥିରେ ବିଭାଗୀୟ ଅନୁସଚିବ ବିଭୂତି ରଞ୍ଜନ ସାହୁ ଦର୍ଶାଇଛନ୍ତି, କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ଏହାର ଆକଳନ ସଂକ୍ରାନ୍ତରେ ଏକ ପ୍ରସ୍ତାବ ଅନୁମୋଦନ ପାଇଁ ଆସିଛି। ଏହାକୁ ଅନୁଧ୍ୟାନ କରି ତୁରନ୍ତ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ହୀରାକୁଦର ବାମପାର୍ଶ୍ୱରେ ୫ଟି ଆଡ଼ିବନ୍ଧ ନିର୍ମାଣ କରାଯିବ। ଏହାକୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ହୀରାକୁଦ ଅବବାହିକା ଅଞ୍ଚଳ ମେ' ପହିଲାରେ ଗସ୍ତ କରିଥିଲେ। ସେଥିମଧ୍ୟରେ କେନ୍ଦ୍ରୀୟ ଜଳ ଆୟୋଗ, ୱାର୍ଲ୍ଡବ୍ୟାଙ୍କ (ଓଡ଼ିଶା ଶାଖା) ଏବଂ ବିଭାଗୀୟ ଅଧିକାରୀ ରହିଥିଲେ। ସିପିଏମ୍‌ୟୁଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ, ୫ଟି ଆଡିବନ୍ଧ ଲାଗି ୮୮୪.୩୮କୋଟି ଟଙ୍କା ଖର୍ଚ୍ଚ ହେବ। ଏହାସହିତ ହୀରାକୁଦର ଭୂତଳ ଜଳ ସର୍ବେକ୍ଷଣ କରିବା ସହିତ ଫାଟ ମରାମତି କରିବା ଭଳି କାର୍ଯ୍ୟ କରାଯିବ। ଏଥିପାଇଁ ୧୦୬୬କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ପ୍ରାଥମିକ ଅନୁମତି ମିଳିଛି। ଏହି କାର୍ଯ୍ୟ ଲାଗି ସିପିଏମ୍‌ୟୁ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇ ଦେବ। ଏହାକୁ ଦୃଷ୍ଟିରେ ରଖି ଚୁକ୍ତିନାମା ସମ୍ପାଦନ କରିବାକୁ ସିପିଏମ୍‌ୟୁ ନିର୍ଦ୍ଦେଶକ ରାକେଶ କୁମାର ଦର୍ଶାଇଥିଲେ। ଏହାକୁ ନେଇ ବିଭାଗୀୟ ଅନୁସଚିବ ସର୍ବୋଚ୍ଚ ଯନ୍ତ୍ରୀ(ପି ଆଣ୍ଡ ଡି)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

# ନବୀନ ସୁସ୍ଥ: ଭିଡିଓ ବାର୍ତ୍ତାରେ କହିଲେ ପ୍ରେମ୍

**ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)**



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ସୋମବାର ସମସ୍ତ ଓଡ଼ିଆଙ୍କ ପାଇଁ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ମାତ୍ର ୩୬ ସେକେଣ୍ଡର ଏହି ଭିଡିଓ ବାର୍ତ୍ତା ଜରିଆରେ ପ୍ରେମ୍ ପଟ୍ଟନାୟକ କହିଛନ୍ତି, ସେ ହେଉଛନ୍ତି ନବୀନ ବାବୁଙ୍କ ବଡ଼ ଭାଇ। ଗତ ରବିବାର ନବୀନଙ୍କ ଅସ୍ତ୍ରୋପଚାର ହୋଇଛି, ସେ ଏବେ ବହୁତ ଭଲ ଅଛନ୍ତି। ସେ ଶୌଚାଳୟ ପର୍ଯ୍ୟନ୍ତ ଚାଲିକି ମଧ୍ୟ ଯାଇପାରୁଛନ୍ତି। ତାଙ୍କ ବିଷୟରେ ଚିନ୍ତା କରୁଥିବା ସମସ୍ତ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଯେଉଁମାନେ ତାଙ୍କୁ ଏତେ ଭଲ ପାଉଛନ୍ତି। ସମସ୍ତଙ୍କ ଶୁଭେଚ୍ଛା ଏବଂ ପ୍ରାର୍ଥନା ଯୋଗୁ ସେ ତୁରନ୍ତ ସୁସ୍ଥ ହୋଇ ଫେରିବେ। ସମସ୍ତଙ୍କୁ ନମସ୍କାର ଏବଂ ଜୟ ଜଗନ୍ନାଥ ବୋଲି ଭିଡିଓ ଜରିଆରେ ପ୍ରେମ୍ କହିଛନ୍ତି।

# ୩ ବର୍ଷ ହେଲା ମିଳିନି ଡିଗ୍ରୀ ସାର୍ଟିଫିକେଟ

**ବାରିପଦା,୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୩ ବର୍ଷ ହେଲା ଡିଗ୍ରୀ ସାର୍ଟିଫିକେଟରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ରହିଛନ୍ତି। ଫଳରେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।

ସୂଚନାଯୋଗ୍ୟ, ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଅଦ୍ୟାବଧି ଡିଗ୍ରୀ ସାର୍ଟିଫିକେଟ ପାଇ ପାରୁ ନାହାନ୍ତି।

# ୩୦ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ,୨୩।୬(କାର୍ତ୍ତିକ ସାହୁ)**

## ବୋର୍ଡ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା (୨ୟ) ଜୁନ୍ ୩୦ ତାରିଖରୁ ଅନୁଷ୍ଠିତ ହେବ। ଉଭୟ ପରୀକ୍ଷା ଜୁଲାଇ ୧୦ରେ ଶେଷ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇସାରିଛି। ଏବେ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ତେବେ ସପ୍ଲିମେଣ୍ଟାରି ପରୀକ୍ଷା ପାଇଁ ୯୮ଟି ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦୩ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସପ୍ଲିମେଣ୍ଟାରି ପରୀକ୍ଷା ନିମନ୍ତେ ୩୨୩୨ଜଣ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୧୦,୮୦୯ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦିଆଯାଇଛି।

# ୧୦୮ ଆମ୍ବୁଲାନ୍ସରେ ବହି ପରିବହନ

**ଜଗତ୍‌ସିଂହପୁର,୨୩।୬ (ପ୍ରମୋଦ କୁମାର ନାୟକ)**



କୌଣସି ସ୍ଥାନରେ ଦୁର୍ଘଟଣା ହେଉ ଅବା ଅନ୍ୟ କାରଣରୁ କେହି ଗୁରୁତର ଥିଲେ ଜରୁରୀ ଚିକିତ୍ସା ସେବା ପାଇବା ପାଇଁ ଲୋକେ ୧୦୮କୁ କଲ୍ କରିଥାନ୍ତି। କେତେକ ସମୟରେ ଏହି ଆମ୍ବୁଲାନ୍ସ ଅନ୍ୟ ରୋଗୀକୁ ନେଇ ଯାଉଥିବାରୁ ତତ୍କାଳ ଏହି ସେବା ମିଳିବା ମଧ୍ୟ ସମ୍ଭବ ହୋଇ ନ ଥାଏ। କିନ୍ତୁ ୧୦୮ ଆମ୍ବୁଲାନ୍ସ ଜରୁରୀ ସେବା ପରିବର୍ତ୍ତେ ଅନ୍ୟ କାମରେ ଲାଗୁଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ଜଗତ୍‌ସିଂହପୁରରେ ଦେଖିବାକୁ ମିଳିଛି। ସୋମବାର ଏକ ୧୦୮ ଆମ୍ବୁଲାନ୍ସ (ନଂ. ଓଡି ୦୨-ବିଜେ-୬୭୩୦)ରେ ବହି ଓ ଅନ୍ୟ ମେଡିକାଲ ସାମଗ୍ରୀ ନେଇ ଜଗତ୍‌ସିଂହପୁର ସହର ଦେଇ ଯାଉଥିବା ସ୍ଥାନୀୟ ଲୋକଙ୍କୁ ସୂଚନା ମିଳିଥିଲା। ଏହି ଆମ୍ବୁଲାନ୍ସଟି ଜଗତ୍‌ସିଂହପୁର ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡା ହୋଇଥିବାବେଳେ ଲୋକେ ଦେଖିବାକୁ ଚେଷ୍ଟା କରିଥିଲେ। ବିଶେଷକରି ଏହା କେଉଁଠୁ ଆସିଲା ଏବଂ କେଉଁଠିକୁ ଯିବ ପଚାରିବାକୁ ଚାହିଁଥିଲେ। କିନ୍ତୁ ସମ୍ପୃକ୍ତ ଆମ୍ବୁଲାନ୍ସ ଚାଳକ କୌଣସି ଉତ୍ତର ଦେବାକୁ ରାଜି ହୋଇ ନ ଥିଲେ ବରଂ ତରବର ହୋଇ ଖସିଯିବାକୁ ଚେଷ୍ଟା କରିଥିଲେ। ଏହାପରେ ଲୋକେ ପିଛା କରି ଏହି ଆମ୍ବୁଲାନ୍ସକୁ ମଙ୍ଗଳପୁର ନିକଟରେ ଅଟକାଇବାରୁ ଅନେକ କଥା ପଦାକୁ ଆସିଛି।

ଆମ୍ବୁଲାନ୍ସକୁ ଅଟକାଇଥିବା ଲୋକଙ୍କ କହିବାନୁଯାୟୀ, କଟକ-ଚୌଦ୍ୱାର ଅଞ୍ଚଳରୁ ଏହି ସାମଗ୍ରୀ ଆସିଥିବା ଜଣାପଡ଼ିଛି। ହେଲେ କେଉଁଠିକୁ ଯିବାର ଥିଲା ସେ ସମ୍ପର୍କରେ କୌଣସି ସୂଚନା ଖବର ଲେଖାହେବା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନ ଥିଲା। ଆମ୍ବୁଲାନ୍ସ ଚାଳକ କାହା ନିର୍ଦ୍ଦେଶରେ କେଉଁଠୁ ଏହି ସାମଗ୍ରୀ ଆଣିଥିଲେ ଏବଂ କେଉଁଠିକୁ ନେବାର ଥିଲା ସେନେଇ ସନ୍ଦେହଜାତ ହୋଇଛି। କୌଣସି ଠିକା ସଂସ୍ଥା ଆମ୍ବୁଲାନ୍ସ ଚାଳକଙ୍କୁ ହାତେଇ ଭଡା ବଞ୍ଚାଇବା ପାଇଁ ଏଭଳି କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ଅଭିଯୋଗ ତାଙ୍କ ନଜରକୁ ଆସିଛି। ତେବେ ଆମ୍ବୁଲାନ୍ସରେ ଆବଶ୍ୟକ ଜରୁରୀ ସାମଗ୍ରୀ ଥିବା ୧୦୮ ଜଗତ୍‌ସିଂହପୁର କ୍ଲଷ୍ଟର ଲିଡର ସୂଚନା ଦେଇଛନ୍ତି। କିନ୍ତୁ ଏଥିରେ ବହି ଥିବା କଥା ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ମଙ୍ଗଳବାର ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୪/୨୦୨୫ | Bhubaneswar, Tuesday, June 24/2025 | ପୃଷ୍ଠା-୧


# କାତାର, ଇରାକସ୍ଥିତ ଆମେରିକା ଏୟାରବେସ୍‌ରେ ଇରାନର ଆକ୍ରମଣ

**ଇରାନର ୩ ଆଣବିକ ସ୍ଥଳ ଉପରେ ଆମେରିକା ପ୍ରଚଣ୍ଡ ଆକ୍ରମଣ କରିବାର ଦିନକ ପରେ ତେହରାନ ଏହାର ଜବାବ ଦେଇଛି। କାତାର ଏବଂ ଇରାକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନ ସୋମବାର ରାତିରେ ମିଶାଇଲ ମାଡ଼ କରିଛି। କାତାର ଏହାର ବାୟୁସୀମାକୁ ବନ୍ଦ କରିବାର କିଛି ଘଣ୍ଟା ପରେ କେନ୍ଦ୍ରୀୟ ଦୋହା ଏବଂ ଲୁସାଇଲ୍‌ରେ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଣାଯାଇଛି। ଆମେରିକୀୟ ସେନା ରହିଥିବା କାତାରର ଅଲ୍ ଉଦେଇଦ୍ ଏୟାରବେସ୍ ଉପରେ ଇରାନ ଆକ୍ରମଣ କରିଥିବା ଏହାର ସରକାରୀ ଟେଲିଭିଜନରେ ଘୋଷଣା କରିଛି। ଆମେରିକା ଆକ୍ରମଣର ଏହା ଶକ୍ତିଶାଳୀ ଏବଂ ସଫଳ ଜବାବ ବୋଲି ତେହରାନ କହିଛି।**



**ଦୋହା/ଇସ୍ତାନବୁଲ,ତେଲ୍ ଆଭିଭ୍,୨୩।୬**

ଇରାନ ଅପରେଶନ ବେଶାରତ ଫତାହ ନାମରେ କାତାରର ଅଲ୍ ଉଦେଇଦ୍ ଏୟାରବେସ୍‌ରେ ୬ଟି ମିଶାଇଲ୍ ମାଡ଼ କରିଛି। ଏହି ଆକ୍ରମଣକୁ କାତାର ନିନ୍ଦା କରିବା ସହ ଏୟାରବେସ୍ ଦିଗରେ ଆସୁଥିବା ମିଶାଇଲଗୁଡ଼ିକୁ ପ୍ରତିହତ କରିଛି। କେହି ମୃତାହତ ହୋଇ ନ ଥିବା କାତାର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସେହିପରି ପଶ୍ଚିମ ଇରାକରେ ଆମେରିକୀୟ ସେନା ରହିଥିବା ଐନ ଅଲ୍-ଅସାଦ ବେସ୍ ଉପରେ ଇରାନ ମିଶାଇଲ୍ ଆକ୍ରମଣ କରିଥିବା ବାଗଦାଦ୍‌ର ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ତେବେ ଏହି ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ଇରାନରେ ଆମେରିକାର ଏୟାରଷ୍ଟ୍ରାଇକ୍ ପରେ ଉପସାଗରୀୟ ରାଷ୍ଟ୍ରରେ ଥିବା ମାର୍କିନ ସାମରିକ ଘାଟି ଉପରେ ଆକ୍ରମଣ ହୋଇପାରେ ବୋଲି ପାଶ୍ଚାତ୍ୟ କୂଟନୀତିଜ୍ଞ ରଏଟର୍ସକୁ କହିବାର କିଛି ସମୟ ପରେ ଇରାନ ଆକ୍ରମଣ କରିଛି। ହ୍ୱାଇଟ୍ ହାଉସ୍ ଏବଂ ଆମେରିକା ପ୍ରତିରକ୍ଷା ବିଭାଗ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ଆମେରିକା ଏୟାରବେସ୍ ଉପରେ ତେହରାନର ଆକ୍ରମଣ ପରେ କୁଏତ୍ ଏବଂ ବାହାରିନ୍ ସେମାନଙ୍କ ଆକାଶ ସୀମାକୁ ସାମୟିକ ଭାବେ ବନ୍ଦ କରିଛନ୍ତି।

ଇସ୍ରାଏଲ-ଇରାନ୍ ଯୁଦ୍ଧର ଦଶମ ଦିନରେ ଆମେରିକା ନିଜକୁ ସାମିଲ କରିବା ସହ ରବିବାର ଭୋର ସମୟରେ ଇରାନ୍‌ର ୩ ପ୍ରମୁଖ ଆଣବିକ ସ୍ଥଳରେ ବୋମାମାଡ଼ କରିଥିଲା। ଆମେରିକୀୟ ଯୁଦ୍ଧବିମାନରୁ ୩୦,୦୦୦ ପାଉଣ୍ଡ ବୋମା ବର୍ଷଣ କରାଯିବାରୁ ଫାର୍ଡୋ, ଇଶଫାହାନ୍ ଓ ନତାଞ୍ଜ ଆଣବିକ କେନ୍ଦ୍ରର ପ୍ରଭୂତ କ୍ଷତି ହୋଇଥିଲା। ଟ୍ରମ୍ପ ଏହାକୁ ଏକ ବଡ଼ ସଫଳତା କହିବା ସହ ଇରାନ୍ ପ୍ରତିଶୋଧ ନେଲେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଇରାନ ମଧ୍ୟ ଆକ୍ରମଣର ପ୍ରତିଶୋଧ ନେବ ବୋଲି କହିଥିଲା।

ଦୋହା ବାହାରେ ରହିଥିବା ଅଲ୍ ଉଦେଇଦ୍ ଏୟାରବେସ୍‌ରେ ଆମେରିକା ୧୦,୦୦୦ ସୈନ୍ୟ ରଖିଛି। ମଧ୍ୟପ୍ରାଚ୍ୟରେ ଏହା ଆମେରିକାର ସର୍ବବୃହତ୍ ସାମରିକ ଇନ୍‌ଷ୍ଟାଲମେଣ୍ଟ। ☞ପୃଷ୍ଠା-୨

## ତେଲ ଦର ୫ ମାସରେ ସର୍ବାଧିକ




**ୱାଶିଂଟନ,୨୩।୬**

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ରବିବାର ଆକ୍ରମଣ କରିବାର ଦିନକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଗତ ୫ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଉଭୟ କ୍ରୁଡ୍ ଅଏଲ୍ ଦର ୩%ରୁ ଅଧିକ ବଢ଼ି ବ୍ୟାରେଲ୍ ପ୍ରତି ଯଥାକ୍ରମେ ୮୧.୪୦ ଡଲାର ଏବଂ ୭୮.୪୦ ଡଲାର ହୋଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢୁଥିବାରୁ ତୈଳ ବଜାର ଉପରେ ଏହାର ସିଧା ପ୍ରଭାବ ପଡ଼ିଛି। ଇରାନ ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ଆମେରିକାର ଆକ୍ରମଣ ପରେ ଇରାନ ପାର୍ଲାମେଣ୍ଟ ହରମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଚୂଡ଼ାନ୍ତ ନିଷ୍ପତ୍ତି ଏହାର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ନେବ। ଏହା ଏକ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ

## ପରୀକ୍ଷା ଦେଲେ ଫେରିପାଇବେ ଫି’

**ନିଯୁକ୍ତି ପରୀକ୍ଷା ପାଇଁ ବାଧକ ସାଜିବନି ଅର୍ଥ**

**ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)**

ନିଯୁକ୍ତି ପରୀକ୍ଷାରେ ବାଧକ ସାଜିବନି ଅର୍ଥ। ଅନ୍ୟମାନଙ୍କ ଭଳି ଗରିବ ଶ୍ରେଣୀର ପିଲାମାନେ ମଧ୍ୟ ସମସ୍ତ ନିଯୁକ୍ତି ପରୀକ୍ଷା ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର ଫି’ ଛାଡ କରିବାକୁ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ଫି’ ଛାଡ କରାଯିବ। ଏନେଇ ସରକାରଙ୍କ ପକ୍ଷରୁ ଓଡିଶା ପବ୍ଲିକ ସର୍ଭିସ କମିଶନ, ☞ପୃଷ୍ଠା-୨










**ଆଜିର ମନ୍ତବ୍ୟ**

"ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କ ଯୋଡ଼ିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ସାହ ଓ ଆଗ୍ରହ ପ୍ରଶଂସନୀୟ। ବୈଶ୍ୱିକ ମଞ୍ଚରେ ସେ ଭାରତ ପାଇଁ ଏକ ପ୍ରମୁଖ ସମ୍ପତ୍ତି।
–ଶଶୀ ଥରୁର, କଂଗ୍ରେସ ଏମ୍‌ପି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଏମ୍ଏସ୍ଏମ୍ଇ ଆଗ୍ରୋ ଇଣ୍ଟରନ୍ୟାଶନାଲ ସୁମିଟ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷ୍ଟେଟ ଏନ୍ଏସ୍ଏସ୍ କନ୍‌ଭେନଶନ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅଫ୍ ଏଗ୍ରିକଲ୍‌ଚୁରାଲ ଏକ୍ସଟେନଶନ, ସିରିପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ କାଉନସିଲ ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୩ଟା।
- ଇରାନ ଉପରେ ଆମେରିକାର ଆକ୍ରମଣକୁ ବିରୋଧ କରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା।
- ପବିତ୍ର ରଥଯାତ୍ରା ଅବସରରେ ମଞ୍ଚସ୍ଥ 'ଅଦୃଶ୍ୟ ଜଗନ୍ନାଥ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- 'ବିକଶିତ ଗାଁ ବିକଶିତ ଓଡ଼ିଶା' ନିମନ୍ତେ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ବାଲେଶ୍ୱର ପ୍ରେସ କ୍ଲବ ବୈଠକ, ସ୍ଥାନ: ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅବକାରୀ ବିଭାଗର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ୍ ବ୍ୟାଙ୍କ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୯ଟା।
- ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ଚିତ୍ରଡ଼ାସ୍ଥିତ ସାମ୍ବାଦିକ ଭବନ, ମୋରଡ଼ା ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ଗୋଷ୍ଠୀର ଧାରଣା, ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦଳିତ ମହାସଭାର ଆର୍‌ଡିସିଙ୍କୁ ଦାବିପତ୍ର, ସ୍ଥାନ: ଆର୍‌ଡିସି ଅଫିସ, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ
- ବିଜୁ ଯୁବଛାତ୍ର ଜନତା ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ମେଣ୍ଟପୁର, ଆଳି, ସମୟ: ସକାଳ ୭ଟା।
- ବ୍ଲକ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଟ ବ୍ୟାଙ୍କ ଏଡିବି ଶାଖା ପରିସର ନୟାଗଡ଼, ସମୟ: ସକାଳ ୧୦ଟା।
- ଶିବ ଚର୍ତୁଦଶୀରେ ବେଢ଼ା ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୮ଟା।

## ନବରଙ୍ଗପୁର
- ଉନ୍ନୟନ ପ୍ରକଳ୍ପ ସମୀକ୍ଷା, ସ୍ଥାନ: ପାପଡ଼ାହଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବଣିକ ସଂଘର ଜରୁରୀ ବୈଠକ, ସ୍ଥାନ: ଝରିଗାଁ ବ୍ଲକ ସଭାଗୃହ ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ବାବା ମଠେଶ୍ୱର ପିଠ ଆୟୋଜନରେ ଯଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି, ସ୍ଥାନ: ଖର୍ସନମାଲର ଖଇରମାଲ ଗ୍ରାମ, ସମୟ: ସକାଳ ୮ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ୍ ଲିଗ ମ୍ୟାଚ ସମ୍ବଲପୁର ଫୁଟବଲ ଏକାଡେମୀ ବନାମ ବୁର୍ଲା କ୍ରୀଡ଼ା ସଂଘ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବସୁନ୍ଧରା କମ୍ୟୁନିଟିସ୍ଥିତ ପାଠଶାଳାର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ପୋଲିସ କ୍ଲବ ବନାମ ବାମରା କ୍ରୀଡ଼ା ସଂଘ ମଧ୍ୟରେ ଫୁଟବଲ୍ ମ୍ୟାଚ, ସ୍ଥାନ : ବୀରସୁରନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା୩୦।

## ବଲାଙ୍ଗୀର
- ନିଶା ନିବାରଣ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ନଗର ସଙ୍କୀର୍ତ୍ତନ, ସ୍ଥାନ: ଛେଣ୍ଡ କଲୋନି, ସମୟ: ସକାଳ ୫ଟା ୩୦।
- ସିଏଚ୍ଏସ୍ଇ ଓ ଏନ୍ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନିଳାଦ୍ରୀ ବିହାର ଜଗନ୍ନାଥ ମନ୍ଦିର, ସମୟ ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଏସ୍‌ପି ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଶିକ୍ଷାନୁଷ୍ଠାନରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ପ୍ରାକୃତିକ କୃଷି ପ୍ରଣାଳିରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିଧାନସଭା କମିଟିର ଜିଲା ଗସ୍ତ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲାସ୍ତରୀୟ ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ସକାଳ ୯ଟା ୩୦।

# ବ୍ରାଉନସୁଗାର କାରବାରରେ ମହିଳା
## କାର୍‌ରେ ନେଉଥିବା ବେଳେ ଧରିଲା ପୋଲିସ

ଭଦ୍ରକ,୨୩।୬(ସନାତନ ରାଉତ)

ବ୍ରାଉନସୁଗାର କାରବାରରେ ମହିଳା। କାର୍‌ରେ ବ୍ରାଉନସୁଗାର ନେଉଥିବା ସମୟରେ ପାଟ୍ରୋଲିଂ ବେଳେ ଧରିଲା ପୋଲିସ। ରବିବାର ଅପରାହ୍ନରେ ଭଦ୍ରକ ପୁରୁଣାବଜାର ପୋଲିସ ଏମ୍‌ଭି ଚେକିଂ ପାଇଁ ପାଟ୍ରୋଲିଂ କରୁଥିବା ବେଳେ ହଳଦୀଡିହ ବାଇପାସ୍ ନିକଟସ୍ଥ ନାଥସାହି ଛକରୁ ଏକ କାର୍‌ରୁ ୧୫.୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ମହିଳା ସମେତ ୩ଜଣ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ବେଗୁନିଆ ଯଦୁପୁରର ଅଜୱାରି ବିବି(୫୭), ଶେଖ୍ ନାରୁଦ୍ଦିନ(୫୪) ଓ ତାଙ୍କ ସ୍ତ୍ରୀ ସଞ୍ଜିଦା ବିବି(୪୦)। ଏନେଇ ଏକ ମାମଲା (ନଂ.୧୪୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

ପୁରୁଣାବଜାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସବ୍‌ଇନ୍ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କ ସମେତ ପୋଲିସ ଟିମ୍ ଏକ ଧଳା ରଙ୍ଗର କାର୍ (ଓଡି –୩୩ –୧– ୭୩୬୬)କୁ ଅଟକାଇଥିଲେ। ଏଥିରେ ୨ଜଣ ମହିଳା ଓ ଜଣେ ପୁରୁଷ ଥିବାବେଳେ ଗାଡ଼ିରୁ ୧୫.୮ ଗ୍ରାମ୍‌ର ବ୍ରାଉନସୁଗାର ପ୍ୟାକେଟ୍ ମିଳିଥିଲା। ୩ ଅଭିଯୁକ୍ତଙ୍କୁ ସୋମବାର ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଆଁଲଗା ଘରେ ରହିବି ନାହିଁ**
**ଖଣ୍ଡିଆ ପଥୁରି ଧୋଇବି ନାହିଁ**
**ତାଟି କିଳା ମାଡ଼ ସହିବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛାପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ରସି ଭ୍ରମର ରସିଲା**
**ଜାଇ ଯୁଇ ଫୁଲ ପାଣିକି ପକାଇ**
**ପୋକଶୁଙ୍ଘା ମୂଳେ ବସିଲା।**

ଯାହା ମନ ଯେଉଁଥିରେ ମାନିଲା। ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତ ବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବାର କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇ ନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପର୍ଯ୍ୟଟନ ପାଇଁ କୋହଳ ହେବ ପରିବେଶ କଟକଣା

**ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ହେବା ନେଇ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏଥିପାଇଁ ଅନେକ ବିକାଶମୂଳକ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସେଥିମଧ୍ୟରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଅନ୍ୟତମ। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ହୋଇପାରିଲେ ବିକଶିତ ଓଡ଼ିଶା ଲକ୍ଷ୍ୟ ସହଜ ହୋଇପାରିବ। ତେଣୁ ସରକାର ଏହି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ, କୋଷ୍ଟାଲ ଜୋନ୍ ଏବଂ ରାମ୍‌ସାର୍ ଆର୍ଦ୍ରଭୂମି ଆଦି ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ(ଇଏସ୍‌ଜେଡ୍)ରେ କଟକଣା କୋହଳ କରିବାକୁ ଯୋଜନା କରିଛନ୍ତି। ହେଲେ ଏଥିରେ ଉଭୟ ଆଇନ ଏବଂ ପରିବେଶ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସମ୍ପର୍କିତ ଆଇନ ଓ ଆଦିବାସୀଙ୍କ ଜୀବନଜୀବିକା ସମ୍ବଳିତ ଆଇନ ଦୁର୍ବଳ ହୋଇପଡ଼ିବ। ପରିଣାମ ସ୍ୱରୂପ ପରିବେଶ ବିପଦରେ ପଡ଼ିବ ଏବଂ ଜନଜାତିଙ୍କ ଅଧିକାର କ୍ଷୁଣ୍ଣ ହେବ । ଗତ ପ୍ରାୟ ଅଢ଼େଇ ଦଶନ୍ଧି ଧରି ଓଡ଼ିଶାବାସୀ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ବ୍ୟାପକ କ୍ଷତି ସହିଛନ୍ତି। ତେଣୁ ବିକାଶ ନାମରେ ପରିବେଶକୁ ବିନାଶ ପହଞ୍ଚିଲା ଭଳି କୌଣସି ପଦକ୍ଷେପ ନିଆ ନ ଯିବାକୁ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।**

ଭୁବନେଶ୍ୱର,୨୩।୬ (ରବିନାରାୟଣ ଜେନା)

ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍)ରେ ନିର୍ମାଣ ଏବଂ ବ୍ୟବସାୟିକ ଗତିବିଧି ନିଷିଦ୍ଧ ରହିଛି। ଏଭଳିସ୍ଥଳେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମେ' ୩୦ରେ ଅନୁଷ୍ଠିତ ଉଚ୍ଚକ୍ଷମତା ସମ୍ପନ୍ନ ବୈଠକରେ ଇଏସ୍‌ଜେଡ୍ ବିଜ୍ଞପ୍ତିରେ ସଂଶୋଧନ ଆଣିବାକୁ ଆଲୋଚନା କରାଯାଇଥିଲା। ଫଳରେ ଇଏସ୍‌ଜେଡ୍‌ରେ ପର୍ଯ୍ୟଟନ ସମ୍ବଳିତ ନିର୍ମାଣ ଓ ବ୍ୟବସାୟିକ କାର୍ଯ୍ୟକଳାପ କରାଯାଇପାରିବ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଜଙ୍ଗଲ ଜମିକୁ ଅଣଜଙ୍ଗଲ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି। ଅର୍ଥାତ୍ ଜଙ୍ଗଲ ଜମିରେ ଆତିଥ୍ୟ ଭିତ୍ତିଭୂମି ନିର୍ମାଣ କରିବାକୁ ଅନୁମତି ଦେବା ଏବଂ ଉପକୂଳ ଅଞ୍ଚଳରେ ଅଧିକ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ପାଇଁ ଉପକୂଳ ନିୟନ୍ତ୍ରଣ ଅଞ୍ଚଳ(ସିଆରଜେଡ୍) ବର୍ଗୀକରଣକୁ ପୁନଃସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି।

ଇକୋ ସେନ୍ସିଟିଭ୍ ଜୋନ(ଇଏସ୍‌ଜେଡ୍) ହେଉଛି ପ୍ରତିରୋଧକ କ୍ଷେତ୍ର। ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ଇଏସ୍‌ଜେଡ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଖଣି ଖନନ, ନିର୍ମାଣ ଏବଂ ଶିଳ୍ପଜନିତ ପ୍ରଦୂଷଣ ଆଦି କ୍ଷତିକାରକ ମାନବୀୟ ଗତିବିଧିକୁ ପ୍ରତିରୋଧ କରାଯାଇପାରିବ। ହେଲେ ସରକାରଙ୍କ ଉପରୋକ୍ତ ଯୋଜନା ଏଥିରେ ଅନ୍ତରାୟ ସୃଷ୍ଟି କରିବ। ତେବେ କେନ୍ଦ୍ରଠାରୁ ଅନୁମତି ନେବା ସମୟରେ ସରକାରଙ୍କ ଏକ କମିଟିର ରିପୋର୍ଟ ବିଚାରକୁ ନିଆଯିବ। ସେହି କମିଟିରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅଧ୍ୟକ୍ଷ ରହିଥିବାବେଳେ ପିସିସିଏଫ୍ ବନ୍ୟପ୍ରାଣୀ, ପିସିସିଏଫ୍ (ହେଡ୍ ଅଫ୍ ଫରେଷ୍ଟ ଫୋର୍ସ), ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଶିମିଳିପାଳ ନିର୍ଦ୍ଦେଶକ ପ୍ରମୁଖ ରହିଛନ୍ତି। ସରକାରଙ୍କ ପକ୍ଷରୁ ଉକ୍ତ କମିଟି ପ୍ରତି ଦୁଇମାସରେ ଥରେ ଏହି ଇକୋ ସେନ୍‌ସିଟିଭ ଜୋନ୍ ଅଞ୍ଚଳ ଗସ୍ତ କରି ସେଠାକାର ସମସ୍ୟା ସମ୍ପର୍କରେ ଅବଗତ ହେବେ। ତେବେ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ନିୟମ–୧୯୭୨ ଅନୁଯାୟୀ ଜାତୀୟ ପାର୍କ ଅଞ୍ଚଳରେ କୌଣସି ବ୍ୟବସାୟିକ ନିର୍ମାଣ ହୋଇପାରିବ ନାହିଁ। ସେହିପରି ଜଙ୍ଗଲ କିସମ ଜମିକୁ ଅଣଜଙ୍ଗଲ ଭାବେ ବ୍ୟବହାର ଲାଗି ଗ୍ରାମସଭାର ଅନୁମତି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ପରିବେଶ ବିଶେଷଜ୍ଞମାନେ ଆପତ୍ତି ଉଠାଇଛନ୍ତି। ସେମାନଙ୍କ କହିବା କଥା ହେଲା, ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଆଗାମୀ ଦିନରେ ଇକୋ ସେନ୍‌ସିଟିଭ୍ ଜୋନ୍ ତଥା ବନ୍ୟପ୍ରାଣୀ ଏବଂ ଜୈବବିବିଧତା ଉପରେ କୁପ୍ରଭାବ ପଡିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସରକାରଙ୍କ ଦ୍ୱାରା ଗଠିତ କମିଟିରେ ପରିବେଶ ବିଶେଷଜ୍ଞ, ବନ୍ୟପ୍ରାଣୀ ବୈଜ୍ଞାନିକ କିମ୍ବା କୌଣସି ଜନଜାତି ବର୍ଗର ପ୍ରତିନିଧିଙ୍କୁ ସାମିଲ କରାଯାଇନାହିଁ।

## ସରକାରଙ୍କ ଯୋଜନା, ଚିନ୍ତାରେ ବିଶେଷଜ୍ଞ

# ପାକିସ୍ତାନ ପାଇଁ ବାୟୁସୀମା କଟକଣା ଜୁଲାଇ ୨୪କୁ ବଢ଼ାଇଲା ଭାରତ

ନୂଆଦିଲ୍ଲୀ, ୨୩।୬

ପାକିସ୍ତାନୀ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ବିମାନ ଉଡ଼ାଣ ପାଇଁ ଭାରତ ନିଜର ବାୟୁସୀମାକୁ ଆଉ ମାସେ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସୋମବାର ନିଷ୍ପତ୍ତି ନେଇଛି। ଭାରତ ପକ୍ଷରୁ ଏହି କଟକଣାକୁ ଜୁଲାଇ ୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୋମବାର ଏନେଇ ଏକ ନୂତନ ନୋଟିସ୍ ଟୁ ଏୟାରମେନ୍ (ନୋଟାମ) ଜାରି କରାଯାଇଛି। ପହଲ୍‌ଗାମ୍ ଆକ୍ରମଣ ପରେ ଗତ ଏପ୍ରିଲ ୩୦ରୁ ପାକିସ୍ତାନୀ ବିମାନ ଉଡ଼ାଣ ପାଇଁ ଭାରତୀୟ ବାୟୁସୀମା ବନ୍ଦ ରହିଛି। ଅନ୍ୟପକ୍ଷେ, ପାକିସ୍ତାନ ମଧ୍ୟ ଭାରତୀୟ ବିମାନ ଉଡ଼ାଣ ପାଇଁ ନିଜ ବାୟୁସୀମା କଟକଣାକୁ ଜୁଲାଇ ୨୪ ପର୍ଯ୍ୟନ୍ତ ବୃଦ୍ଧି କରିଛି।

ପ୍ରଥମ ପୃଷ୍ଠାରୁ...

## କାତାର, ଇରାକସ୍ଥିତ...

ଉକ୍ତ ଅଞ୍ଚଳରେ ସାମରିକ ଅଭିଯାନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହବ୍। କାତାର ପ୍ରତି ବିପଦ ଥିବାରୁ ସେଠାରେ ଥିବା ଆମେରିକା ଓ ବ୍ରିଟେନ ଏହାର ନାଗରିକମାନଙ୍କ ପାଇଁ ସୁରକ୍ଷା ଆଡଭାଇଜରି ଜାରି କରିବା ପରେ କାତାର କର୍ତ୍ତୃପକ୍ଷ ଏହାର ଏୟାରସ୍ପେସ୍‌କୁ ସାମୟିକ ବନ୍ଦ କରିଥିଲେ। ଦୋହାରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ଘରେ ରହିବାକୁ କୁହାଯାଇଥିଲା। ଆମେରିକା ଏୟରବେସ୍ ଉପରେ ଆକ୍ରମଣ ବିପଜ୍ଜନକ ମୋଡ଼ ନେବା ଆଶଙ୍କା କରାଯାଉଛି। ୱାଶିଂଟନ ଏବଂ ତେହରାନ ମଧ୍ୟରେ ମୁହାଁମୁହିଁ ସ୍ଥିତି ଆହୁରି ଜୋର୍‌ଦାର ହେବା ସହ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆହୁରି ବ୍ୟାପିପାରେ। ଆକ୍ରମଣର କିଛି ସମୟ ପୂର୍ବରୁ ଇରାନ ରାଷ୍ଟ୍ରପତି ମସୌଦ ପେଜେଶକିଆନ୍ ଏକ୍ସ'ରେ ଲେଖିଥିଲେ, ଆମେ ଯୁଦ୍ଧ ଆରମ୍ଭ କରିନାହୁଁ କିମ୍ବା ଚାହୁଁନାହୁଁ। ତେବେ ଇରାନ ଉପରେ ଆକ୍ରମଣକୁ ଆମେ ବିନା ଜବାବରେ ଛାଡ଼ିବୁ ନାହିଁ। ସୋମବାର ଇସ୍ରାଏଲ୍ ଇରାନର ଆଣବିକ ସ୍ଥଳ, ତେହରାନ୍‌ରେ ଥିବା ସରକାରୀ କାର୍ଯ୍ୟାଳୟ ଓ ଜେଲକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। ଇରାନ ମଧ୍ୟ ଇସ୍ରାଏଲ୍‌ର ବିଭିନ୍ନ ସହରକୁ ମିଶାଇଲ୍‌ରେ ଟାର୍ଗେଟ କରିଥିଲା।

## ତେଲ ଦର ୫...

ଅଭୂତପୂର୍ବ ପଦକ୍ଷେପ, ଯାହା ଇରାନ ପୂର୍ବରୁ କେବେ ନେଇ ନ ଥିଲା। ଷ୍ଟ୍ରେଟ୍ ଅଫ୍ ହରମୁଜ୍ ବନ୍ଦ ହେଲେ ବୈଶ୍ୱିକ ତୈଳ ଯୋଗାଣ ପ୍ରଭାବିତ ହେବା ସହ ଦର ଆହୁରି ବଢ଼ିଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ଦେଇ ଦୈନିକ ବିଶ୍ୱର ପାଖାପାଖି ୩୦ ପ୍ରତିଶତ ତୈଳ ଏବଂ ଏକ–ତୃତୀୟାଂଶ ଏଲ୍ଏନ୍‌ଜି (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ପରିବହନ ହୋଇଥାଏ। ଇରାନ ଏହି ପ୍ରଣାଳୀକୁ ବନ୍ଦ କଲେ ଆହୁରି ଭୟଙ୍କର ତ୍ରୁଟି ହେବ ଏବଂ ତେହରାନର ଅର୍ଥନୀତି ଭୁଶୁଡ଼ି ପଡ଼ିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି। ତେହରାନ ଏଭଳି ନିଷ୍ପତ୍ତି ନ ନେବା ପାଇଁ ଚାଇନା ସରକାର ଆହ୍ୱାନ ଦେବାକୁ ସେ କହିଛନ୍ତି। କାରଣ ଏହି ରୁଟ୍ ଦେଇ ଚାଇନାର ପର୍ଯ୍ୟାପ୍ତ ତୈଳ ପରିବହନ ହୋଇଥାଏ। ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟଭାଗରେ ଷ୍ଟ୍ରେଟ୍ ଅଫ୍ ହରମୁଜ୍ ରହିଛି। ପାରସ୍ୟ ଉପସାଗରକୁ ବାହାର ଜଳଭାଗ ସହ ସଂଯୋଗ କରିବାର ଏହା ଏକମାତ୍ର ଜଳମାର୍ଗ। ସାଉଦି ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଇରାକ ଏବଂ କୁଏଟ୍ ଆଦି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ରର ଏହା ହେଉଛି ମୁଖ୍ୟ ରପ୍ତାନି ରୁଟ୍। ହରମୁଜ୍ ପ୍ରଣାଳୀ ବନ୍ଦ ଆଶଙ୍କାକୁ ନେଇ ଭାରତର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ୍ ସିଂ ପୁରୀ କହିଛନ୍ତି, ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୬୫ରୁ ୭୦ ଡଲାର ରହିଥିଲା ଓ ପରେ ୭୦ରୁ ୭୫ ଡଲାରକୁ ବୃଦ୍ଧି ପାଇଥିଲା। ଆମେରିକା ଆକ୍ରମଣ କରିବା ପରେ ସୋମବାର ତୈଳ ଦର ଗତ ୫ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ତେବେ ବିଶ୍ୱ ବଜାରରେ ପର୍ଯ୍ୟାପ୍ତ ତୈଳ ଉପଲବ୍ଧ ଅଛି। ପାଶ୍ଚାତ୍ୟରୁ ଅଧିକ ତୈଳ ଆସୁଛି। ପାରମ୍ପରିକ ଯୋଗାଣକାରୀମାନେ ମଧ୍ୟ ରାଜସ୍ୱ ଆବଶ୍ୟକତା ପାଇଁ ଯୋଗାଣ ଜାରି ରଖିବାକୁ ଚାହାନ୍ତି। ଆମ ତୈଳ ବିପଣନ କମ୍ପାନୀଗୁଡ଼ିକ ପାଖରେ ଅନେକ ସପ୍ତାହ ପାଇଁ ପର୍ଯ୍ୟାପ୍ତ ଇନ୍ଧନ ରହିଥିବାବେଳେ ବିଭିନ୍ନ ରୁଟ୍ ଦେଇ ଆମଦାନୀ ଜାରି ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି।

## ପରୀକ୍ଷା ଦେଲେ...

ଓଡିଶା ଷ୍ଟାଫ୍ ସିଲେକଶନ କମିଶନ ଏବଂ ଓଡିଶା ସବ୍–ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନଙ୍କୁ ସାଧାରଣ ପ୍ରଶାସନର ଅତିରିକ୍ତ ସଚିବ ସାଗରିକା ହୋତା ଚିଠି ଲେଖିଛନ୍ତି।

ଲକ୍ଷ ଲକ୍ଷ ପିଲା ସରକାରୀ ଚାକିରି କରିବା ଆଶାରେ ବିଭିନ୍ନ ନିଯୁକ୍ତି ପରୀକ୍ଷା ଦେଉଛନ୍ତି। ହେଲେ ଅଧିକାଂଶ ପିଲା ଆବେଦନ କରି ପରୀକ୍ଷା ଦେଉନାହାନ୍ତି। ସେହିପରି ଅର୍ଥାଭାବ ଯୋଗୁ ବହୁ ପିଲା ନିଯୁକ୍ତି ପରୀକ୍ଷା ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଆବେଦନ କରି ପରୀକ୍ଷା ଦେଉ ନ ଥିବା ପିଲା ଓ ଫି' ପାଇଁ ଆବେଦନ କରିପାରୁ ନ ଥିବା ପିଲାଙ୍କୁ ଉତ୍ସାହିତ କରିବାକୁ ରାଜ୍ୟ ସରକାର ଏଭଳି ଏକ ନୂଆ ଘୋଷଣା କରିଛନ୍ତି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିବେ ସେମାନଙ୍କୁ ପରୀକ୍ଷା ଫି' ଫେରାଇ ଦିଆଯିବ। କିନ୍ତୁ ପରୀକ୍ଷାକୁ ଗୁରୁତ୍ୱର ସହ ନ ନେଇ ପରୀକ୍ଷା ଦେଇ ନ ଥିଲେ ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ, ଅର୍ଥାତ୍ ସେମାନେ ଫି' ଫେରିପାଇପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ରାଶିରେ ବିଳାସକାରକ ଶୁକ୍ର ଏବଂ ଉଚ୍ଚସ୍ଥ ଚନ୍ଦ୍ର ଜୀବନଯାତ୍ରାକୁ ପ୍ରୀତିପ୍ରଦ କରାଇବ। ପାରିବାରିକ ସମ୍ପର୍କ ଭଲ ରହିବା ସହ ଆଶା କରୁଥିବା ଜିନିଷ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ପରସ୍ପର ପଡୁ ନ ଥିବା ପୁଅବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ଯାତ୍ରା, ବ୍ୟବସାୟ, ସଂସ୍କୃତି କ୍ଷେତ୍ରରେ ଖୁସି ରହିପାରନ୍ତି।

**ବୃଷ** ଶନିଙ୍କ ଦୁର୍ବଳତା ସାଙ୍ଗକୁ କର୍ମଭାବରେ ରାହୁ ଥିବାରୁ ଆପଣଙ୍କ ଚେଷ୍ଟା ସଫଳ ଆଶା ମଉଳିଯାଇପାରେ। ସହକର୍ମୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିବେ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଥିବା ସମସ୍ୟା ଦୂରହେବ। ପାରିବାରିକ ଓ କର୍ମକ୍ଷେତ୍ର ପୂର୍ବପରି ଅକ୍ଷୁଣ୍ଣ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମିଥୁନ** ରବି ରାଶ୍ୟାଧିପଙ୍କ ସହ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସାହାଯ୍ୟରେ ଆଶା ପୂରଣ ହେବ। ପ୍ରଶାସନିକ ସ୍ତରରେ ଅବହେଳାବଶତଃ ଅଟକିରହିଥିବା ଫାଇଲ୍ ସକାଶେ ଚିନ୍ତିତ ରହିପାରନ୍ତି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ଆପଣଙ୍କୁ ବହୁ ମାତ୍ରାରେ ସାହାଯ୍ୟ କରିବ। ଜମିଜମା, ଗୃହସୀମା, ମାଲିମକଦ୍ଦମା, ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** କର୍ମାଧିପ ମଙ୍ଗଳ ଧନସ୍ଥାନରେ କେତୁଯୁକ୍ତ କାରଣରୁ ଅର୍ଥ ସମ୍ପର୍କିତ ବିବାଦର ସମ୍ମୁଖୀନ ହୋଇପାରନ୍ତି। ଶନି ଦୃଷ୍ଟିରେ ଚନ୍ଦ୍ର ହେତୁ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରେ ଆପଣଙ୍କ ସକ୍ରିୟ ସହଯୋଗ କଳା, କ୍ରୀଡ଼ା, ସାମ୍ବାଦିକତା, ସାହିତ୍ୟ, ସଙ୍ଗୀତରେ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପତି ଯୋଗକାରକ ହୋଇଥିବାରୁ ଦୈହିକ ସୁସ୍ଥତା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଶନିଙ୍କ ପ୍ରଭାବରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ବହୁଜନଙ୍କର ଅଶାନ୍ତିର କାରଣ ହେବ। ଶୁକ୍ରଜନିତ ସାହିତ୍ୟ, ସଙ୍ଗୀତ, ରଚନାତ୍ମକ କାମରୁ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ାନୁଭବ କରିପାରନ୍ତି।

**କନ୍ୟା** ଅଷ୍ଟମସ୍ଥ ଶୁକ୍ର ଅର୍ଥାଗମର ମାର୍ଗକୁ ପ୍ରଶସ୍ତ କଲେ ମଧ୍ୟ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। କଠିନ ଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟ କିମ୍ବା ମାନସିକ ସ୍ଥିତି ଭଲ ରହିବ ନାହିଁ। ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ଗୃହ ମରାମତି, ଜମିଜମା କ୍ରୟବିକ୍ରୟ, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନାରେ ସାଧାରଣ ଅଗ୍ରଗତି ହୋଇପାରେ।

**ତୁଳା** ରାଶ୍ୟାଧିପତି ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। କିନ୍ତୁ କର୍ମକ୍ଷେତ୍ରରେ ଶତ୍ରୁତାଜନିତ ପ୍ରତିବନ୍ଧକର ସମ୍ମୁଖୀନହୋଇ କର୍ମବାଧା ଭୋଗ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଫ୍ଲଟିଂ କାରବାର, କଚେରି ମାମଲା କ୍ଷେତ୍ରରେ ଶୁଭଫଳ ମିଳିବ।

**ବିଛା** ଆଜି ଭାଗ୍ୟାଧିପତି ଉଚ୍ଚସ୍ଥ ଯୋଗୁ ଆପଣଙ୍କ ଯାତ୍ରା, ବନ୍ଧୁସମ୍ପର୍କ ଓ କର୍ମକ୍ଷେତ୍ର ଦୃଢ଼ୀଭୂତ ହେବ। ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି କାମକୁ ଆସିପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ ସକାଶେ ଚିନ୍ତା କରିପାରନ୍ତି। ପିଲାଙ୍କ ପାରସ୍ପରିକ ସୁସମ୍ପର୍କର ଅଭାବଜନିତ ଅନ୍ତର୍ଦ୍ୱନ୍ଦ୍ୱ ଅଶାନ୍ତିର କାରଣ ହେବ।

**ଧନୁ** ଆଜିର ଗ୍ରହ ସ୍ଥିତିର ଅନୁକୂଳ ପ୍ରଭାବରେ ସମ୍ପର୍କୀୟଙ୍କ ସହଯୋଗ ଅବ୍ୟାହତ ରହିବ। ଦୀର୍ଘଦିନରୁ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟାକରି ସଫଳ ହୋଇ ପାରନ୍ତି। ବାଣିଜ୍ୟ,ବ୍ୟବସାୟ,ପରିବହନରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଗୁରୁଙ୍କ ଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** ମନର ଇଚ୍ଛା ଓ ଅଭିଳାଷ ପୂରଣକରିବାରେ ସଫଳତା ପାଇବା କଷ୍ଟକର ହେବ। ସପ୍ତମାଧିପତି କୋଣଭାବସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଅନ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ। ଆନୁଷ୍ଠାନିକ କାମ, ବନ୍ଧୁମିଳନ ଓ କର୍ମକ୍ଷେତ୍ର ପାଇଁ ଅସୁବିଧା ହେବନାହିଁ।

**କୁମ୍ଭ** ପରିସ୍ଥିତିକୁ ସ୍ୱାଭାବିକ କରିବା ସକାଶେ ବନ୍ଧୁଙ୍କୁ ମନ ବୁଝିଲାଭଳି କଥା କହିପାରନ୍ତି। ବ୍ୟବସାୟରେ ସମସ୍ୟା ସୁଧାରିନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ବନ୍ଧୁମାନେ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। କୋଣଭାବସ୍ଥ ବୁଧାଦିତ୍ୟ ଯୋଗ ଫଳ ସ୍ୱରୂପ ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ।

**ମୀନ** ଧନଭାବସ୍ଥ ଶୁକ୍ରଙ୍କ ଯୋଗୁ ବନ୍ଧୁଙ୍କ କଥାରେ ବିଶ୍ୱାସକରି କୌଣସି କାମରେ ହାତ ଦେଇପାରନ୍ତି। ଚତୁର୍ଥଭାବ ପାପଯୁକ୍ତ ଯୋଗୁ ପରିବାରରେ ମତଭେଦ ଘଟିପାରେ। ବନ୍ଧୁମିଳନ, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଆଜିର ଯାତ୍ରା, ବାଣିଜ୍ୟ ଓ ଅର୍ଥପ୍ରାପ୍ତିର ଆଶା ସଫଳତା ଲାଭ କରିବ।

ଆଜି ଜୁନ୍ ୨୪ତାରିଖ, ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ଚକା ଅପସାରଣ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ। ରାଶିନକ୍ଷତ୍ର–ଦିବା ଘ.୧୨।୫୪ ଗତେ ମୃଗଶିରା/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୩ ଗତେ, ଘ.୦୬।୫୨ ମଧ୍ୟେ, ଘ.୦୯।୩୭ ଗତେ, ଘ.୧୨।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୭ ଗତେ, ଘ.୦୪।୪୬ ମଧ୍ୟେ ରାହୁକାଳ।




# ଗଞ୍ଜାମର ଯୁବଶକ୍ତି ସବୁଠୁ ଆଗରେ: ମୁଖ୍ୟମନ୍ତ୍ରୀ

- ବିଜେଡିର ୨୪ବର୍ଷ ଶାସନରେ ରାଜ୍ୟବାସୀଙ୍କୁ କିଛି ମିଳିନାହିଁ
- ଜିଲାର ବିକାଶ ଲାଗି ୫୫୦ କୋଟିର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ଆସିକା,୨୩।୬(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲାବାସୀ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ୨୪ ବର୍ଷ ଶାସନ କ୍ଷମତାରେ ବସାଇଲେ। ତେବେ ଜିଲା ଓ ରାଜ୍ୟବାସୀଙ୍କୁ କିଛି ଲାଭ ମିଳିଲାନାହିଁ। ବରଂ କେତେଜଣ ବ୍ୟୁରୋକ୍ରାଟଙ୍କୁ ଆଣି ଶାସନ ନାଁରେ ରାଜ୍ୟକୁ ଓ ଗଞ୍ଜାମକୁ ଲୁଟିନେଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡିଆରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଯୁବଶକ୍ତି ସମାବେଶରେ କହିଛନ୍ତି।

ରାଜ୍ୟରେ ଭାଜପା ସରକାରର ୧ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଗଞ୍ଜାମର ଯୁବଶକ୍ତି ସବୁଠୁ ଆଗରେ। କଳା, ସାହିତ୍ୟ ଓ ସଂସ୍କୃତି ଲାଗି ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲାବାସୀ ରାଜନୈତିକ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ରଖି ଆସିଛନ୍ତି। ଏଠାରେ ଡବଲ ନୁହେଁ, ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ଯୁବବର୍ଗଙ୍କ ସାମର୍ଥ୍ୟ ଉପରେ ଭରସା ରଖି ରାଜ୍ୟ ସରକାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଏ ସରକାର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଲାଗି ଜାତୀୟ ଶିକ୍ଷାନୀତି ଲାଗୁ କରିଛି। ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ଲାଗି ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ସେମାନଙ୍କ ନିଯୁକ୍ତି ଲାଗି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ୫୮ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟାବହାରିକ ଶିକ୍ଷାଦାନ ଉପରେ ତାଲିମ ଦିଆଯାଉଛି। ସରକାର ପ୍ରତିଶ୍ରୁତି ମୁତାବକ ଏକ ବର୍ଷ ମଧ୍ୟରେ ୧୦ଟି ନିଯୁକ୍ତିମେଳା ମାଧ୍ୟମରେ ୨୮,୩୪୬ ଜଣଙ୍କୁ ଚାକିରି ସୁଯୋଗ ଦେଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଆଉ ୪୦ ହଜାର ନିଯୁକ୍ତି ଦେବା ଲାଗି ଉଦ୍ୟମ ଜାରି ରହିଛି। ଶିଳ୍ପ କ୍ଷେତ୍ରରେ ରାଜ୍ୟକୁ ଅଧିକ ସୁଦୃଢ଼ କରିବା ସହ ଯୁବବର୍ଗଙ୍କ ନିଯୁକ୍ତି ପ୍ରତି ଧ୍ୟାନ ଦିଆଯାଇଛି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୭ଲକ୍ଷ କୋଟିର ପୁଞ୍ଜି ନିବେଶ ସହ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କ ଲାଗି କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ୩୧୪ ବ୍ଲକରେ ୪ହଜାର ୧୨୪ କୋଟି ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଛି। ବ୍ରହ୍ମପୁର, ଢେଙ୍କାନାଳ, ସମ୍ବଲପୁର, ଭଦ୍ରକ ଓ କୋରାପୁଟରେ କ୍ରୀଡ଼ାର ହବ୍ କରିବା ଲାଗି ଯୋଜନା ହାତକୁ ନିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାର ବିକାଶ ନିମନ୍ତେ ୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା 'ତୃଣମୂଳରୁ ଶୀର୍ଷକ ସୋପାନ' ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜିଲାର ବରପୁତ୍ରମାନଙ୍କ ସହ ମହାନ୍ ଜନନେତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାବେଶରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସମେତ ଗଞ୍ଜାମ ଜିଲାର ୨ ଏମ୍‌ପି ଓ ବିଧାୟକ, କନ୍ଧମାଳ ଏମ୍‌ପି ପ୍ରମୁଖ ଯୋଗ ଦେଇଥିଲେ।



ଯୁବ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ଓ ବିଧାୟକମାନେ କ୍ରୀଡ଼ା ସମ୍ବନ୍ଧୀୟ ପୁସ୍ତିକା 'ତୃଣମୂଳରୁ ଶୀର୍ଷକ ସୋପାନ' ଉନ୍ମୋଚନ କରୁଛନ୍ତି।

# ରଥଯାତ୍ରା ପାଇଁ ୨୬୫ ଅତିରିକ୍ତ ହସ୍ପିଟାଲ୍ ବେଡ୍

## ତାଳବଣିଆରେ ହେବ ଶୀତତାପ ନିୟନ୍ତ୍ରିତ ହିଟ୍‌ଷ୍ଟ୍ରୋକ କେନ୍ଦ୍ର

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ବିଶ୍ୱପ୍ରସିଦ୍ଧ 'ରଥଯାତ୍ରା' ପାଇଁ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଚଳିତବର୍ଷ ୨୬୫ଟି ଅତିରିକ୍ତ ହସ୍ପିଟାଲ ବେଡ୍‌ର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ପୁରୀ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ୧୦୦ଟି ଅତିରିକ୍ତ ଶଯ୍ୟା ଏବଂ ଟିବିଆଇଡିଏଚ୍‌ରେ ୧୫ଟି ଆଇସିୟୁ ଶଯ୍ୟା ଅନ୍ତର୍ଭୁକ୍ତ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ୫୦ଟି ସାଧାରଣ ଶଯ୍ୟା, ୮ଟି ବର୍ନୱାର୍ଡ ବେଡ୍ ଏବଂ ୧୦ଟି ଆଇସିୟୁ ଶଯ୍ୟା ସମେତ ୬୮ଟି ଶଯ୍ୟା ସଂରକ୍ଷିତ ରହିଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ ୨୦୦ ୟୁନିଟ ରକ୍ତ ସଂରକ୍ଷିତ ହୋଇଛି ଏବଂ ଯେକୌଣସି ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦୁଇଟି ଛୋଟ ଅପରେଶନ ଥିଏଟର ଓ ସ୍ୱତନ୍ତ୍ର ଡ୍ରେସିଂ ରୁମ୍ ସ୍ଥାପନ କରାଯାଇଛି। ରଥଯାତ୍ରା ସମୟରେ ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଚିକିତ୍ସାକେନ୍ଦ୍ରରେ ସ୍ୱତନ୍ତ୍ର ଡାକ୍ତର ଟିମ୍ ନିୟୋଜିତ କରାଯିବ। ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ବ୍ୟାପକ ନେଟ୍‌ୱର୍କ କାର୍ଯ୍ୟ କରିବ। ଏଥିରେ ୩୨ଟି ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଜୁନ୍ ୨୭ରୁ ଜୁଲାଇ ୮ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ୩୭ଟି ସ୍ୱେଚ୍ଛାସେବୀ ସଂଗଠନ-ସହାୟତାପ୍ରାପ୍ତ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିବ। ପ୍ରତ୍ୟେକ କେନ୍ଦ୍ରରେ ଏମ୍‌ବିବିଏସ/ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ସହାୟକ କର୍ମଚାରୀ ନିୟୋଜିତ ରହିବେ। ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନବେଶରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଜାରି ରହିବ। ସିଂହଦ୍ୱାର, ଗୁଣ୍ଡିଚା ମନ୍ଦିର ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂ ସମେତ ୯ଟି କେନ୍ଦ୍ର, ପୁରୀ-ଭୁବନେଶ୍ୱର ରାସ୍ତାରେ ୮ଟି କେନ୍ଦ୍ର, ସ୍ୱର୍ଗଦ୍ୱାର ଏବଂ ଲାଇଟ୍‌ହାଉସ ସମେତ ସମୁଦ୍ର ବେଳାଭୂମି ସ୍ଥାନରେ ୫ଟି କେନ୍ଦ୍ର, ପୁରୀ-କୋଣାର୍କ ରାସ୍ତାରେ ୪ଟି ଏବଂ ପୁରୀ ସହରରେ ୨ଟି କେନ୍ଦ୍ର କାର୍ଯ୍ୟ କରିବ।

ସେହିପରି ପାଣିପାଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ତାଳବଣିଆରେ ୧୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହିଟ୍‌ଷ୍ଟ୍ରୋକ କେନ୍ଦ୍ର ସ୍ଥାପନ କରାଯାଇଛି। ଜରୁରିକାଳୀନ ଚିକିତ୍ସା ପରିବହନ ପାଇଁ ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛାସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ଉପଲବ୍ଧ ରହିବ। ଏହାବାଦ୍ ଅନ୍ୟ ଜିଲାରୁ ୩୭୮ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିୟୋଜିତ ହେବେ। ବିଶେଷଜ୍ଞ ଟିମ୍‌ରେ ୨ଜଣ କାର୍ଡିଓଲୋଜିଷ୍ଟ ଏବଂ ୨ଜଣ ନ୍ୟୁରୋସର୍ଜନଙ୍କ ସମେତ ୪ଜଣ ବିଶେଷଜ୍ଞ, ୯୮ଜଣ ଡାକ୍ତର, ୧୫ଜଣ ଏମ୍ସ ଡାକ୍ତର, ୫୦ଜଣ ଆୟୁଷ ଚିକିତ୍ସା ଅଧିକାରୀ, ଜଣେ ଏପିଡେମିଓଲୋଜିଷ୍ଟ, ଜଣେ ମାଇକ୍ରୋବାୟୋଲୋଜିଷ୍ଟ, ୫୦ଜଣ ଫାର୍ମାସିଷ୍ଟ, ୫୦ଜଣ ଚିକିତ୍ସା କର୍ମଚାରୀ, ୩୦ଜଣ ନର୍ସିଂ ଅଧିକାରୀ, ୫ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସମେତ ଚିକିତ୍ସା ପରିବହନ ସେବା ପାଇଁ ୨୪ଜଣ ଡ୍ରାଇଭର ରହିବେ।

### କଣ୍ଟ୍ରୋଲ ରୁମ୍ ନମ୍ବର ଜାରି କଲା ସ୍ୱାସ୍ଥ୍ୟ ବିଭାଗ

ରଥଯାତ୍ରା ପାଇଁ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ପ୍ରତିଷ୍ଠାନରେ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ୪୯୪ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ପରୀକ୍ଷା ପାଇଁ ୮୪ଟି ଖାଦ୍ୟ ଓ ୨୨ଟି ପାଣି ନମୁନା ସଂଗ୍ରହ କରାଯାଇଛି। ହଇଜା ପ୍ରତିରୋଧ ପାଇଁ ୧୦ଟି ଷ୍ଟୁଲ କଲ୍‌ଚର୍ ପରୀକ୍ଷା କରାଯିବା ସହ ୮୨ଟି ପାଣି ବିଶ୍ଳେଷଣ ସମ୍ପୂର୍ଣ୍ଣ ହୋଇଛି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପର ସମନ୍ୱୟ ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରିବ। ଯେକୌଣସି ଚିକିତ୍ସା ସହାୟତା କିମ୍ବା ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୂଚନା ପାଇଁ କଣ୍ଟ୍ରୋଲ ରୁମ୍ ମୋବାଇଲ ନମ୍ବର ନଂ. ୯୧-୬୩୭୦୫୬୦୨୪୭ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୫୨-୨୨୨୧୬୫ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ।

# ଲଭର୍ସ ପଏଣ୍ଟର ସୁରକ୍ଷା ନେଇ ୨ ଥର ବୈଠକ ହେଲାଣି: ପ୍ରଭାତୀ

ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)

ଗୋପାଳପୁର ଗଣବଳାତ୍କାର ଘଟଣା ପରେ ଏବେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେବାକୁ ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଲଭର୍ସ ପଏଣ୍ଟଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା କଲେଣି। ରାଜ୍ୟରେ ଥିବା ସବୁ ଲଭର୍ସ ପଏଣ୍ଟକୁ ସୁରକ୍ଷା ଯୋଗାଇଦେବା ଲାଗି ଏହାରି ଭିତରେ ୨ ଥର ବୈଠକ ବସିସାରିଲାଣି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଯେତେ ପର୍ଯ୍ୟଟନସ୍ଥଳୀ ଅଛି, ଯେଉଁଠି ସବୁ ଲଭର୍ସ ପଏଣ୍ଟ ଅଛି, ତା'ର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ତେବେ ଗୋପାଳପୁର ଘଟଣାରେ ପ୍ରଥମ ଥର ଲାଗି ରାତିକ ଭିତରେ ସବୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଟିଆଇ ପରେଡ କରାଯାଇଛି। ଆଇନ ତା' କାମ କରୁଛି ବୋଲି ପ୍ରଭାତୀ କହିଛନ୍ତି।

ସୂଚନାଯୋଗ୍ୟ, ନିକଟରେ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଘେରିଯାଇ ୪ ନାବାଳକଙ୍କ ସହ ମୋଟ୍ ୧୦ ଜଣ ଯେଉଁଭଳି ଲୋମଟାଙ୍କୁରା କାଣ୍ଡ ଭିଆଇଛନ୍ତି ତାହା ସାରା ରାଜ୍ୟରେ ଚିନ୍ତା ବଢ଼ାଇ ଦେଇଛି। କ୍ରାଇମ୍ ସ୍ପଟରେ କ୍ରାଇମବ୍ରାଞ୍ଚ ଟିମ୍ ଖୋଳତାଡ଼ କରିଥିଲା। ଗ୍ରାଉଣ୍ଡ ଜିରୋରେ କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ପହଞ୍ଚି ଟିକିନିଖି ତଦନ୍ତ କରିଥିଲେ। ଏବେ ଏହି ଘଟଣାକୁ ନେଇ ବିରୋଧୀମାନେ ମଧ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି।

# ଧୈର୍ଯ୍ୟ, ସାହସ, ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ: ରାଜ୍ୟପାଳ

## ରାଜଭବନରେ ନିଶା ନିବାରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୬
(ରବିନାରାୟଣ ଜେନା)

ନିଶା କେବଳ ବ୍ୟକ୍ତିଙ୍କୁ ନୁହେଁ, ସେମାନଙ୍କ ପରିବାର ଏବଂ ସମାଜକୁ ପ୍ରଭାବିତ କରିଥାଏ। ନିଶା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ, ସମ୍ପର୍କ ଭାଙ୍ଗେ ଏବଂ ସାମାଜିକ ଓ ଆଇନଗତ ସମସ୍ୟା ସୃଷ୍ଟି କରେ। ଉପଯୁକ୍ତ ଚିକିତ୍ସା ସହିତ ଧୈର୍ଯ୍ୟ, ସାହସ ଏବଂ ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ ହୋଇପାରିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି।

ସୋମବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ରେ ଆୟୋଜିତ ନିଶା ନିବାରଣ ସମ୍ପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ନିଶା ନିବାରଣ ଏକ ଶୀଘ୍ର ସମାଧାନର ପ୍ରସଙ୍ଗ ନୁହେଁ। ନିଶା ନିବାରଣ ପାଇଁ ସମୟ, ସାହସ, ପରିବାରର ଭୂମିକା, ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭରୁ ହସ୍ତକ୍ଷେପ ରହିଲେ ଲୋକମାନେ ନିଶାଠୁ ଦୂରେଇ ନିଜ ଜୀବନକୁ ପୁନଃ ନିର୍ମାଣ କରିପାରିବେ। ହେଲେ ଅଧିକାଂଶ ଲୋକେ ଏଥିପ୍ରତି ସଚେତନ ହୋଇ ନ ଥାନ୍ତି।

ରାଜ୍ୟପାଳ ପୁଣି କହିଛନ୍ତି, ସାଙ୍ଗସାଥୀଙ୍କ ଚାପ, ମାନସିକ, ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା କୌତୂହଳ ଯୋଗୁ ଲୋକମାନେ ନିଶାଗ୍ରସ୍ତ ହୋଇ ସମୟକ୍ରମେ ନିଶା ଉପରେ ନିର୍ଭରଶୀଳ ହୋଇଯାଆନ୍ତି ଏବଂ ନିଶା ଛାଡ଼ି ପାରନ୍ତି ନାହିଁ। ନିଶାଦ୍ରବ୍ୟ ଅପବ୍ୟବହାର ଜାଲରେ ଯୁବପିଢ଼ିଙ୍କୁ ଫସିବାରୁ ରୋକିବା ପାଇଁ ପରିବାରର ଦୃଢ଼ ସମର୍ଥନ, ବ୍ୟାପକ ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର ନିଜ ବକ୍ତବ୍ୟରେ ବର୍ଦ୍ଧିତ ନିଶା ସମସ୍ୟା, ଏହାକୁ ହ୍ରାସ କରାଯିବା ନିମନ୍ତେ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରୟାସ ଏବଂ ଏହାର ସମାଧାନର ଉପାୟ ଉପରେ ଆଲୋକପାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ(କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଓ ରାଜଭବନର ଅଧିକାରୀ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇନାହାନ୍ତି ୬,୧୨୮ ଛାତ୍ରୀଛାତ୍ର

## ପ୍ରକାଶ ପାଇଲା ପିଜି ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା

ଭୁବନେଶ୍ୱର,୨୩।୬
(ସୁଚିସ୍ମିତା ସାହୁ)

ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ସୋମବାର ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ୭,୫୨୯ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେଥିରୁ ୨,୩୫୬ଜଣ ଛାତ୍ର ଓ ୫,୧୭୩ଜଣ ଛାତ୍ରୀ ରହିଛନ୍ତି। ଯେଉଁ ଛାତ୍ରୀଛାତ୍ର ଫ୍ରିଜ୍ ଅପ୍ସନ ଦେଇଛନ୍ତି, ସେମାନେ ଜୁନ୍ ୨୩ ସନ୍ଧ୍ୟା ୬ଟାରୁ ୨୬ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଫି' ଜମା କରିପାରିବେ। ୨୪ରୁ ୨୬ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନକୁ ଯାଇ ରିପୋର୍ଟ କରିପାରିବେ। ସେହିପରି ଯେଉଁ ଛାତ୍ରୀଛାତ୍ର ସ୍ଲାଇଡ୍ ଓ ଫ୍ଲଟ୍ ଅପ୍ସନ ଦେଇଥିବେ, ସେମାନେ ଅନ୍‌ଲାଇନ ଜରିଆରେ ନାମଲେଖା ଫି' ଜମା କରି ତୃତୀୟ ମେରିଟ ଲିଷ୍ଟ ବାହାରିବା ଯାଏ ଅପେକ୍ଷା କରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ସ୍ଲାଇଡ୍ ଅପ୍ସନ ଦେଇଥିଲେ କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ଚୟନ ହୋଇନାହାନ୍ତି, ସେମାନେ ତୃତୀୟ ପର୍ଯ୍ୟାୟକୁ ଅପେକ୍ଷା କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦ ବିଶ୍ୱବିଦ୍ୟାଳୟ ଓ ୧୦୧ଟି କଲେଜରେ ୩୧,୧୫୪ଟି ସିଟ ରହିଛି। ଏଥିରେ ୬୨,୩୨୧ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୫୬,୯୭୬ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧,୨୮୮ଜଣ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ଚୟନ କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୨୨,୨୨୬ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭,୮୭୪ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ୮,୨୨୪ଜଣ ସ୍ଲାଇଡ୍ ଓ ଫ୍ଲଟ୍ ଅପ୍ସନ ଦେଇଛନ୍ତି ଏବଂ ୬,୧୨୮ଜଣ ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ଜଣାପଡିଛି।

# ଚିକିତ୍ସା ଅବହେଳାରୁ ପ୍ରାଣ ହରାଇଲେ କଏଦୀ

- ସରକାରୀ ଡାକ୍ତରଖାନାରେ ମିଳିଲାନି ଉପଯୁକ୍ତ ଚିକିତ୍ସା
- ଏସ୍‌ସିବିରେ ଦୀର୍ଘ ସମୟ ପଡ଼ି ରହିଲା ମୃତଦେହ

କଟକ,୨୩।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏମ୍‌କେସିଜି, ଏମ୍ସ ହସ୍ପିଟାଲ ପରେ ଏସ୍‌ସିବିରେ ବିଚାରାଧୀନ କଏଦୀଙ୍କୁ ମିଳିଲାନି ଉପଯୁକ୍ତ ଚିକିତ୍ସା। ଫଳରେ ରବିବାର ବିଳମ୍ବିତ ରାତିରେ କଏଦୀଙ୍କ ମୃତ୍ୟୁ ଘଟିଛି। ବିଚାରାଧୀନ କଏଦୀ ଜଣକ ହରିୟାଣା ରୋହତକ ଅଞ୍ଚଳର ନରେଶ(୪୪)। ଗତ ୩ଦିନ ତଳେ ପ୍ରଥମେ ଏମ୍‌କେସିଜିରେ ନରେଶ ଭର୍ତ୍ତି ହୋଇଥିବାବେଳେ ସେଠାରେ ବେଡ୍ ମିଳି ନ ଥିଲା। ପ୍ରାଥମିକ ଚିକିତ୍ସା ପରେ ନରେଶଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସ ହସ୍ପିଟାଲରେ ମଧ୍ୟ ସମାନ ଚିକିତ୍ସା କରାଯାଇ ରବିବାର ବିଳମ୍ବିତ ରାତିରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ନରେଶ ଏସ୍‌ସିବିର ଭେଷଜ ବିଭାଗକୁ ଗୁରୁତର ଅବସ୍ଥାରେ ଆସିଥିବାବେଳେ ଏଠାରେ ବେଡ୍ ମିଳି ନ ଥିଲା ଏବଂ ଡାକ୍ତର କୌଣସି ସହାୟତା କରିପାରିବେ ନାହିଁ ବୋଲି କହି ରୋଗୀଙ୍କୁ ମେଡିକାଲରୁ ନେଇ ଯିବାକୁ କହିଥିଲେ। ଫଳରେ ଏସ୍‌ସିବିରେ ଉପଯୁକ୍ତ ଚିକିତ୍ସା ନ ପାଇ ନରେଶଙ୍କ ମୃତ୍ୟୁ ଘଟିଛି।


ଏସ୍‌ସିବିରେ ମୃତଦେହ ପଡ଼ିରହିଛି।

ସୂଚନା ଅନୁଯାୟୀ, ରୋହତକ ଅଞ୍ଚଳର ନରେଶ ଗତ ନଭେମ୍ବରରେ ପୁରୀ ବୁଲିବାକୁ ଆସିଥିଲେ। ଟ୍ରେନ୍‌ରେ କେତେଜଣ ଯାତ୍ରୀଙ୍କ ସହ ଝଗଡ଼ା ପରେ ପୋଲିସ ନରେଶଙ୍କୁ ଗିରଫ କରିଥିଲା। ପୋଲିସ ନରେଶଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଥିଲା ଏବଂ ତାଙ୍କୁ ବ୍ରହ୍ମପୁର ଜେଲରେ ରଖାଯାଇଥିଲା। ଗତ ୩ଦିନ ତଳେ ନରେଶଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଜେଲ ପକ୍ଷରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ତାଙ୍କୁ ବେଡ୍ ମିଳିଲା ନାହିଁ। ପ୍ରାଥମିକ ଚିକିତ୍ସା ସହ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟରୁ ନରେଶଙ୍କର ବ୍ରେନ୍ ହାମରେଜ୍ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଥିଲା। ପରେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଜେଲର ପୋଲିସ କର୍ମଚାରୀ ଓ ପରିବାର ଲୋକେ ନରେଶଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ରବିବାର ରାତିରେ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ଏସ୍‌ସିବିର ଭେଷଜ ବିଭାଗରେ ନରେଶ ଗୁରୁତର ଅବସ୍ଥାରେ ପହଞ୍ଚିଥିଲେ। ଏଠାରେ ଆଇସିୟୁ କିମ୍ବା ୱାର୍ଡରେ ବେଡ୍ ଉପଲବ୍ଧ ନାହିଁ ବୋଲି ମେଡିକାଲର କର୍ମଚାରୀ ମନା କରିଥିଲେ। ଡାକ୍ତର କୌଣସି ସହାୟତା କରିପାରିବେ ନାହିଁ କହିବା ସହ ଏଠାରୁ ନେଇ ଯିବାକୁ କହିଥିଲେ। ପରିବାର ଲୋକ ଅନୁରୋଧ କରିବାରୁ ଉକ୍ତ ବିଭାଗରେ କାଁ ଭାଁ ଚିକିତ୍ସା କରାଯାଇଥିଲା। ହେଲେ ଯାହା ଚିକିତ୍ସା କରାଗଲା ତାହା ଉପଯୁକ୍ତ ନ ଥିଲା। ଫଳରେ ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ନରେଶଙ୍କ ମୃତ୍ୟୁ ରାତିରୁ ହୋଇଥିବାବେଳେ ସୋମବାର ମଧ୍ୟାହ୍ନ ୨ଟା ଯାଏ ବ୍ୟବଚ୍ଛେଦ କରାଯାଇ ନ ଥିଲା। ପରିବାର ଲୋକ ଉପସ୍ଥିତ ପୋଲିସ, ମେଡିକାଲ କର୍ମଚାରୀଙ୍କୁ ବହୁ ଅନୁରୋଧ କରିଥିଲେ। ଏହାର କିଛି ସମୟ ପରେ ଏସ୍‌ସିବିରେ ନରେଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମରଶରୀର ହସ୍ତାନ୍ତର କରାଯାଇଥିଲା। ତେବେ ଏମ୍‌କେସିଜି, ଏମ୍ସ ଓ ଖାସ୍ କରି ଏସ୍‌ସିବିରେ ଏଭଳି ଅବ୍ୟବସ୍ଥାକୁ ପରିବାର ଲୋକେ ନିନ୍ଦା କରିଛନ୍ତି। ଏ ନେଇ ନରେଶଙ୍କ ସମ୍ପର୍କୀୟ ନଶିବ କହିଛନ୍ତି, ପୋଲିସ ବହୁ ଅତ୍ୟାଚାର କରିଛି। ସେଥିପାଇଁ ମୋ ଦାଦାଙ୍କ ଏଭଳି ଅବସ୍ଥା ହୋଇଛି। ଏହାସହ ଓଡ଼ିଶାର ସରକାରୀ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଓ ଅବ୍ୟବସ୍ଥା ଯୋଗୁ ମୋ ଦାଦାଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏସ୍‌ସିବିରେ ଏଭଳି ଚିକିତ୍ସା ଅବହେଳା ହେବା ଓ କଏଦୀ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ଦୀର୍ଘ ସମୟ ଧରି ଶବ ବ୍ୟବଚ୍ଛେଦ ନ କରିବା ଘଟଣା ସମ୍ପର୍କରେ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨୫ରେ ହେବ ନବନିର୍ମିତ ଡମପଡ଼ା ଦେୱାନୀ ଅଦାଲତ କାର୍ଯ୍ୟକ୍ଷମ

କଟକ,୨୩।୬(କାର୍ତ୍ତିକ ସାହୁ)

ଡମପଡ଼ାଠାରେ ନବ ନିର୍ମିତ ହୋଇଥିବା ଦେୱାନୀ ଅଦାଲତ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆସନ୍ତା ୨୫ ତାରିଖରେ କାର୍ଯ୍ୟକ୍ଷମ ହେବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଆନୁଷ୍ଠାନିକ ଭାବେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଅଦାଲତର ଶୁଭାରମ୍ଭ କରିବେ। ପ୍ରଶାସନିକ ବିଚାରପତି ପଦରେ ଅବସ୍ଥିତ ହାଇକୋର୍ଟ ବିଚାରପତି ଏସ.କେ. ସାହୁ ଏବଂ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ କଟକ ଦେୱାନୀ ଅଦାଲତ ରେଜିଷ୍ଟ୍ରାର ପ୍ରେସ୍ ଇସ୍ତାହାରରେ ସୋମବାର ସୂଚନା ଦେଇଛନ୍ତି।



ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

-ଶିବ ଚତୁର୍ଦ୍ଦଶୀ ଓ ବେଢ଼ା



# ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ

ମହାକାଶରେ ପ୍ରଯୁକ୍ତି ଦୌଡ଼ ଶୀର୍ଷରେ ପହଞ୍ଚିଛି। ଯାତ୍ରୀ ଓ ପଣ୍ୟବାହୀ ବିମାନ, ଜେଟ୍, ଯୁଦ୍ଧବିମାନ, କୃତ୍ରିମ ଉପଗ୍ରହ ଓ ରକେଟ୍ ପ୍ରେରଣ ଆଦି ସବୁଥିରେ ପ୍ରତିଯୋଗିତା ଚାଲିଛି। ଏସବୁରେ ଜୀବାଶ୍ମ ଓ ରାସାୟନିକ ଇନ୍ଧନ ବ୍ୟବହାର ହେଉଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଭୂପୃଷ୍ଠରେ ଯାତାୟାତ କରୁଥିବା ଗାଡ଼ିମୋଟର ଓ ରେଳଗାଡ଼ିଗୁଡ଼ିକୁ ଇଲେକ୍ଟ୍ରିକ୍ ଚାଳିତ ଯାନରେ ପରିଣତ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ବହୁବିଧ ପଦକ୍ଷେପ ନିଆଗଲାଣି। କେତେକାଂଶରେ ଏହା ସଫଳ ହୋଇଛି। ଏବେ ଏକ ନୂଆ ଦିଗ ଫିଟିଛି। ଆମେରିକାର ଭର୍ମୋଣ୍ଟ ପ୍ରଦେଶର ସାଉଥ୍ ବର୍ଲିଂଟନ୍‌ସ୍ଥିତ ଇଲେକ୍ଟ୍ରିକ୍ ଏରୋସ୍ପେସ୍ କମ୍ପାନୀ ବିଟା ଟେକ୍ନୋଲୋଜି ନିର୍ମିତ ଅଲିଆ ସି–୩୦୦ ପ୍ରଥମ ଥର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଉଡ଼ାଇ ଇତିହାସ ସୃଷ୍ଟି କରିଛି। ନ୍ୟୁୟର୍କର ଇଷ୍ଟ ହାମ୍ପଟନଠାରୁ ଜନ୍ ଏଫ୍ କେନେଡି ବିମାନବନ୍ଦର ପର୍ଯ୍ୟନ୍ତ ପ୍ରାୟ ୧୩୦ କିଲୋମିଟର ଦୂରତାକୁ ୩୦ ମିନିଟରେ ଉଡ଼ିଥିବା ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟରେ ୪ ଜଣ ଯାତ୍ରୀ ଥିଲେ। ଏହାର ଚାର୍ଜିଂ ଓ ଉଡାଣ ଖର୍ଚ୍ଚ ମାତ୍ର ୮ ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୬୯୪ ଟଙ୍କା ହୋଇଥିବା ସୂଚନା ମିଳିଛି। ପାଇଲଟ ଓ ଏୟାରକ୍ରାଫ୍ଟ ପାଇଁ ଯାତ୍ରୀଙ୍କୁ କିଛି ଅର୍ଥ ଦେବାକୁ ପଡ଼ିବ, ଯାହା ଇନ୍ଧନଚାଳିତ ବିମାନଠାରୁ ବହୁତ କମ୍ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସାଧାରଣତଃ ସମାନ ଦୂରତାକୁ ହେଲିକପ୍ଟର ଯାତ୍ରା କଲେ ପାରମ୍ପରିକ ଇନ୍ଧନ ଖର୍ଚ୍ଚ ୧୬୦ ଆମେରିକୀୟ ଡଲାର ବା ୧୩ହଜାରରୁ ଅଧିକ ଟଙ୍କା ଲାଗିଥାଏ। ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ ଉଡ଼ାଣ ଶସ୍ତା ଓ ପରିବେଶ ଉପଯୋଗୀ ବୋଲି ସମ୍ପୃକ୍ତ ବିଟା ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଇଓ କେଲି କ୍ଲାର୍କ କହିଛନ୍ତି। ୨୦୧୭ରେ ପ୍ରତିଷ୍ଠା କରାଯାଇଥିବା ଏହି କମ୍ପାନୀର ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟର ଉଡ଼ାଣ ସଫଳତାର ସହ ପରୀକ୍ଷା କରାଯାଇଥିଲା। ତେବେ ୨୩ ଜୁନ୍‌ରେ ଏହାର ପ୍ରଥମ ଯାତ୍ରୀବାହୀ ଉଡ଼ାଣ ହେବା ପରେ ଆଗକୁ ଅନ୍ୟ କମ୍ପାନୀମାନେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ନିର୍ମାଣ କରିବାକୁ ଆଗଭର ହେବେ ବୋଲି ଆଲୋଚନା ହେଲାଣି।

**ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।**

ନିକଟରେ ଅହମଦାବାଦଠାରେ ଘଟିଯାଇଥିବା ଏୟାର ଇଣ୍ଡିଆର ଉଡ଼ାଜାହାଜ ଦୁର୍ଘଟଣା ବିଷୟ ସମସ୍ତଙ୍କ ମନରେ ତାଜା ହୋଇ ରହିଛି। ବିମାନଟି କେଉଁ ସ୍ଥିତିରେ ବିପଦର ସମ୍ମୁଖୀନ ହେଲା ସେହି ବିଷୟରେ ଅଧିକ ତଥ୍ୟ ଆସିପାରି ନାହିଁ। କିନ୍ତୁ ଜଣାପଡ଼ିଥିଲା ଯେ, ସେହି ବିମାନରେ ଅଧିକ ଇନ୍ଧନ ଥିଲା। ଯେତେବେଳେ ସେଥିରେ ବୈଷୟିକ ତ୍ରୁଟିକୁ ପାଇଲଟ ଅନୁଭବ କଲେ ଓ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ସହ ଯୋଗାଯୋଗ ସମସ୍ୟା ଉପୁଜୁଥିବା ଜଣାଇଲେ, ଠିକ୍ ସେହି ସମୟରେ ବିମାନ ଜଳିଗଲା। ଖବର ଆସିଲା ସେଥିରେ ପର୍ଯ୍ୟାପ୍ତ ତୈଳ ଭରିଦିଆଯାଇଥିବାରୁ ତାହା ଅସ୍ୱାଭାବିକ ସ୍ଥିତି ସୃଷ୍ଟି କଲା। ଏପଟେ ଏହି ମର୍ମନ୍ତୁଦ ଦୁର୍ଘଟଣାର ୮ ଦିନ ପରେ ଏୟାର ଇଣ୍ଡିଆର କେତେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏକ ପାର୍ଟିରେ ନାଚୁଥିବାର ଦୃଶ୍ୟ ଏବେ ଭାଇରାଲ ହୋଇଛି। ଟାଟା କମ୍ପାନୀର ଏୟାର ଇଣ୍ଡିଆ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଏ ପ୍ରକାର ବ୍ୟବହାର ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏବର ସ୍ଥିତିରେ ଇଲେକ୍ଟ୍ରିକ୍ ଏୟାରକ୍ରାଫ୍ଟ ଆକାଶରେ ଉଡୁଥିବା ବ୍ୟକ୍ତିଙ୍କ ଚାହିଦାକୁ ସହସା ମେଣ୍ଟାଇବ ବୋଲି କହି ହେଉନାହିଁ। ଏହାସହ ଏହାର ସୁରକ୍ଷା ଓ ଦକ୍ଷତା ମଧ୍ୟ ସମ୍ପୂର୍ଣ୍ଣ ପରଖାଯାଇ ପାରିନାହିଁ। ୨୦୧୭ରେ ନିର୍ମିତ କମ୍ପାନୀର ଉତ୍ପାଦ ଏବେ ପ୍ରାରମ୍ଭିକ ଲକ୍ଷ୍ୟସ୍ଥଳରେ ପହଞ୍ଚିଲା। ପୁଣି ତା'ର ବେଗକୁ ଦେଖିଲେ ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଞ୍ଚିବା ଲାଗି ଆହୁରି ଗବେଷଣାର ଆବଶ୍ୟକତା ରହିଛି। ତେଣୁ ଏକ ମିଶନ ନେଇ ପ୍ରତ୍ୟେକ ରାଷ୍ଟ୍ର ଓ ଘରୋଇ ଏରୋସ୍ପେସ୍ କମ୍ପାନୀ ନିଜ ସ୍ତରରେ ଏ ଦିଗରେ ଉଦ୍ୟମ କଲେ ବିଦ୍ୟୁତ୍‌ଚାଳିତ ଏୟାରକ୍ରାଫ୍ଟ ଅଧିକ ବିକଶିତ ହୋଇପାରନ୍ତା। ଏରୋସ୍ପେସ୍ କମ୍ପାନୀଗୁଡ଼ିକ ଏ ଦିଗରେ ସେମାନଙ୍କ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) ବିଭାଗକୁ ଅଧିକ ତ୍ୱରାନ୍ୱିତ କରିବା ଦରକାର। ସବୁ ବଡ଼ ବିମାନ ଚଳାଚଳ କମ୍ପାନୀ କେବଳ ଲାଭ ପଛରେ ଧାଇଁଛନ୍ତି। ସ୍ପେସ୍ ମିଶନଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟଟନ ପର୍ଯ୍ୟନ୍ତ ବିପୁଳ ଅର୍ଥ ବିନିଯୋଗ କରାଯାଉଛି। ତେବେ ଏହି ଦୌଡ଼ରେ ଯାତ୍ରୀଙ୍କ ସୁରକ୍ଷା ଦିଗ ଯେଭଳି ପଛରେ ନ ପଡ଼ିଯାଉ ତାହା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ।

# ଧନୀଗୋଷ୍ଠୀଙ୍କୁ ଲାଭ



ଡ. ସନ୍ତୋଷ କୁମାର ମହାପାତ୍ର

ଟିଭି ଖୋଲିଲେ ଶୁଣିବେ ଜିଡିପି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଖବରକାଗଜରେ ବି ପଢ଼ିବେ ୨୦୪୭ରେ ଭାରତ ବିକଶିତ ରାଷ୍ଟ୍ର ହେବାକୁ ଯାଉଛି। ଆଉ କିଏ କହିଲାଣି, ଭାରତ ବିଶ୍ୱରେ ଏକ ଉଜ୍ଜ୍ୱଳ ତାରକା। ପୁନଶ୍ଚ ପ୍ରଚାର ହେଉଛି, ସରକାର ଏତେ ଯୋଜନା କଲେ ଓ ବିଭିନ୍ନ ବାବଦରେ ଏତେ ଖର୍ଚ୍ଚ କଲେ। କିନ୍ତୁ ସରକାର ଯେଉଁ ଅର୍ଥ ବ୍ୟୟ କରୁଛନ୍ତି, ତାହାକୁ ଆମ ପରି ଟିକସଦାତାଙ୍କ ଠାରୁ ଟିକସ ବାବଦରେ ବା ଋଣ କରି ସଂଗ୍ରହ କରୁଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଯୋଜନା ବାବଦରେ ଯେତିକି ଲୋକ ପାଉଛନ୍ତି, ତା'ର ବହୁଗୁଣ ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ ଦରଦାମ୍ ବୃଦ୍ଧି ଯୋଗୁଁ ହରାଇବାକୁ ପଡୁଛି। ବେକାରି ଭୟଙ୍କର ଓ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଉନି। ଜିଡିପି କ'ଣ ଲୋକ ଖାଇବେ? ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଭାରତ ପରି ଅର୍ଥ ବ୍ୟବସ୍ଥାରେ ୧୪୫ କୋଟି ଲୋକରୁ ଯଦି ଧନୀ ୨୦ କୋଟି ବହୁ ମାତ୍ରାରେ ବ୍ୟୟ ବା ଉପଭୋଗ କରିବେ, ତେବେ ଜିଡିପି ଆକାର ସ୍ୱାଭାବିକ ଭାବେ ବୃଦ୍ଧି ପାଇବ। ଋଣ କରି ବ୍ୟୟ କଲେ ଜିଡିପି ମଧ୍ୟ ବୃଦ୍ଧି ପାଇବ।

ପ୍ରଶ୍ନ ହେଉଛି ଜିଡିପି ବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ କେତେ ଉନ୍ନତି ଘଟୁଛି। ଏହା କେତେ ସମତୁଲ ଓ ସମାନୁପାତିକ ହେଉଛି। ବାସ୍ତବରେ ଜିଡିପି ବୃଦ୍ଧିର ସୁଫଳ ଧନିକ ଶ୍ରେଣୀକୁ ଯାଉଛି। ସେମାନଙ୍କ ସମ୍ପଦ ବୃଦ୍ଧି ପାଇଲା ବେଳେ ଗରିବର ଅବସ୍ଥାରେ ସେପରି ଗୁଣାତ୍ମକ ଉନ୍ନତି ଘଟୁନି। ଏହା ହୋଇନଥିଲେ ସରକାରଙ୍କୁ ୮୦ କୋଟି ଲୋକଙ୍କୁ ଖାଦ୍ୟ ସହାୟତା ଦେବାକୁ ପଡ଼ନ୍ତା ନାହିଁ। ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଏବଂ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି। ଜୁଲାଇ, ୨୦୨୪ରେ ପ୍ରକାଶିତ ଜାତିସଂଘର ବିଶ୍ୱ ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାର ସ୍ଥିତି ରିପୋର୍ଟ ଅନୁଯାୟୀ, ବିଶ୍ୱ ସ୍ତରରେ, ୩୫.୪% ଲୋକ ସୁସ୍ଥ ଖାଦ୍ୟ କିଣି ପାରୁନଥିଲାବେଳେ ଭାରତର ଏହା ମୋଟ ଜନସଂଖ୍ୟାର ଅଧାରୁ ଅଧିକ (୫୫.୬ %) ସୁସ୍ଥ ଖାଦ୍ୟ କିଣି ପାରୁନାହାନ୍ତି। ବିଶ୍ୱ ଖାଦ୍ୟ ନୀତି ରିପୋର୍ଟ ୨୦୨୪ ଅନୁସାରେ ଭାରତୀୟ ଜନସଂଖ୍ୟାର ଅତିକମ୍‌ରେ ୩୮% ଲୋକ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି। ଭାରତରେ ୨୦୨୧ରୁ ୨୦୨୩ ମଧ୍ୟରେ ୧୯.୪୬ କୋଟି ଅପପୁଷ୍ଟିର ଶିକାର ଲୋକ ଥିଲେ। ଏହା ମୋଟ ଜନସଂଖ୍ୟାର ୧୩.୭% ଥିଲା। ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୪ ରେ, ଭାରତ ୧୨୭ ଦେଶ ମଧ୍ୟରୁ ୧୦୫ତମ ସ୍ଥାନରେ ଅଛି



ଏବଂ କ୍ଷୁଧା ସ୍ତର 'ଗମ୍ଭୀର ବା ସାଙ୍ଘାତିକ' ବର୍ଗରେ ରହିଛି। ୨୦୧୪ରେ ୫୫ତମ ସ୍ଥାନରେ ଥିଲା।

ଅନେକଙ୍କ ଧାରଣା ଯେ, ଭାରତୀୟମାନେ ସୁଖଶାନ୍ତିରେ ଅଛନ୍ତି। କିନ୍ତୁ ବାସ୍ତବରେ ଏହା ସଂପୂର୍ଣ୍ଣ ଓଲଟା। ଇନ୍‌ଷ୍ଟିଚ୍ୟୁଟ ଫର୍ ଇକୋନୋମିକ୍ସ ଆଣ୍ଡ ପିସର ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୪ରେ ୧୬୩ଟି ଦେଶ ମଧ୍ୟରୁ ଭାରତ ୧୧୬ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୧୫ଟି ଦେଶ ତଳେ। ଭାରତ 'ମଧ୍ୟମ' ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି। ସେହିପରି ବିଶ୍ୱ ଖୁସି ସୂଚକାଙ୍କ ରିପୋର୍ଟ ୨୦୨୫ରେ, ଭାରତ ୧୪୭ ଦେଶ ମଧ୍ୟରୁ ୧୧୮ତମ ସ୍ଥାନରେ ଅଛି। ଭାରତ ନେପାଳ (୯୨) ଏବଂ ପାକିସ୍ତାନ (୧୦୯) ପରି ଦେଶ ତଳେ ଅଛି। ମିଳିତ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ସଦ୍ୟ ପ୍ରକାଶିତ ମାନବ ଉନ୍ନୟନ ରିପୋର୍ଟ ୨୦୨୫ରେ ପ୍ରମାଣିତ ହୋଇଛି। ୨୦୧୪ ସୂଚକାଙ୍କରେ ୧୮୮ ଦେଶ ମଧ୍ୟରେ ଭାରତ ୧୩୦ସ୍ଥାନରେ ଥିଲା। କିନ୍ତୁ ୨୦୨୫ ସୂଚକାଙ୍କରେ ଭାରତ ସେହି ୧୩୦ତମ ସ୍ଥାନରେ ରହିଛି। ଚାଇନା (୭୫ତମ), ଶ୍ରୀଲଙ୍କା (୭୮ତମ) ଏବଂ ଭୁଟାନ୍ (୧୨୭ତମ) ଆଦି ଭାରତ ଆଗରେ ଅଛନ୍ତି। ବାଂଲାଦେଶ ଭାରତ ସହିତ ସମାନ ସ୍ଥାନରେ ଅଛି। ଉଚ୍ଚ ଓ ଅତ୍ୟଧିକ ଉଚ୍ଚ ମାନବିକ ବିକାଶ ପରି ଦୁଇଟି ସୋପାନ ଏବେବି ଅଭେଦ୍ୟ ହୋଇ ରହିଛି। ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ଆୟ ବୈଷମ୍ୟ ଏତେ ଭୟଙ୍କର ଯେ, ଏହା ଯୋଗୁଁ ଭାରତରେ ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ) ମୂଲ୍ୟ ୩୦.୭% ହ୍ରାସ ପାଇଛି। ମିଳିତ ଜାତିସଂଘର ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ଭାରତ ୯ଟି କ୍ଷେତ୍ରରେ ବିଶ୍ୱର ହାରାହାରି ଲକ୍ଷ୍ୟ ହାସଲଠାରୁ ପଛରେ ଅଛି।

ବିଶ୍ୱ କ୍ରୀତଦାସ ସୂଚକାଙ୍କ ୨୦୨୩ ଅନୁସାରେ ଭାରତରେ ବିଶ୍ୱରେ ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୧ କୋଟି। ଅର୍ଥାତ୍ ପ୍ରତି ୧୧ ଜଣରେ ଜଣେ କ୍ରୀତଦାସ। ବିଶ୍ୱରେ ୧୬୦ ଦେଶ ମଧ୍ୟରୁ ୩୪ ସ୍ଥାନରେ ରହିଛି। ବିଶ୍ୱ ବ୍ୟାଙ୍କର ମାନବ ପୁଞ୍ଜି ସୂଚକାଙ୍କ ୨୦୨୪ରେ, ଭାରତ ୧୫୭ଦେଶ ମଧ୍ୟରୁ ୧୧୫ତମ ସ୍ଥାନରେ ଅଛି। ଏହି ସୂଚକାଙ୍କ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ଏବଂ ସମ୍ପୂର୍ଣ୍ଣ ଶିକ୍ଷାର ମାନଦଣ୍ଡକୁ ଭିତ୍ତି କରିବା ସହିତ ଆଜି ଜନ୍ମ ହୋଇଥିବା ଏକ ଶିଶୁର ଭବିଷ୍ୟତ ଶ୍ରମିକ ଭାବରେ ଉତ୍ପାଦକତା ମାପ କରେ। ଏହି ସୂଚକାଙ୍କରେ ଭାରତର ସ୍କୋର ୦.୪୪, ଯାହା ଏହିପରି ଆୟକାରୀ ରାଷ୍ଟ୍ର ବା ଏହାର ଅଞ୍ଚଳର ହାରାହାରିଠାରୁ କମ୍। ଏହା ସୂଚିତ କରେ ଯେ, ଭାରତରେ ଜନ୍ମିତ ଏକ ଶିଶୁ ପୂର୍ଣ୍ଣ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସହିତ ଯେତିକି ଉତ୍ପାଦନକ୍ଷମ ହୋଇପାରିବ ତା'ର ମାତ୍ର ୪୪% ହେବ।

ଚିନ୍ତାର ବିଷୟ ହେଉଛି, ଜିଡିପି ବୃଦ୍ଧିଜନିତ ଯେଉଁ ସମ୍ପଦ ସୃଷ୍ଟି ହେଉଛି, ତାହାର ମୁଖ୍ୟ ଭାଗ ଧନୀଙ୍କ ପାଖକୁ ଚାଲିଯାଉଛି। ବୈଷମ୍ୟ ବୃଦ୍ଧି ପାଉଛି। ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁଁ ଅର୍ଜନ କରିନଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ। ଆମର ଗଭୀର ଅସମାନ ବିଶ୍ୱର ଉପନିବେଶବାଦୀ ଆଧିପତ୍ୟର ଏକ ଲମ୍ବା ଇତିହାସ ରହିଛି, ଯାହା ଧନୀ ଲୋକଙ୍କୁ ବହୁଳ ଭାବରେ ଲାଭ ଦେଇଛି। ବିଶ୍ୱ ବୈଷମ୍ୟ ଡାଟା ବେସ ଅନୁଯାୟୀ, ଆୟ ଓ ସମ୍ପଦ ବୈଷମ୍ୟ ବ୍ୟାପକ ଭାବେ ବୃଦ୍ଧି ପାଉଛି। ଭାରତରେ ରାଷ୍ଟ୍ରର ସମ୍ପଦ ଧନୀଙ୍କ ହାତକୁ ଚାଲିଯାଉଛି। ୨୦୨୩ରେ ଦେଶର ଧନୀ ୧%ଙ୍କ ହାତରେ ଜାତୀୟ ସମ୍ପଦର ୪୦.୧% ଓ ଜାତୀୟ ଆୟର ୨୧.୮% ରହିଛି। ୧୦%ଙ୍କ ହାତରେ ଜାତୀୟ ସଂପଦ ୧୯୬୧ରେ ୪୪.୯%ଥିଲା ବେଳେ ୨୦୨୩ରେ ୬୪.୬%କୁ ବୃଦ୍ଧି ପାଇଛି, କିନ୍ତୁ ନିମ୍ନରେ ଥିବା ୫୦% ଜନତାଙ୍କ ସମ୍ପଦ ସେହି ସମୟରେ ୧୧.୪%ରୁ ୬.୪%କୁ ହ୍ରାସ ପାଇଛି। ସେହି ସମୟରେ ୦.୧% ଧନୀଙ୍କ ସମ୍ପଦ ୩.୨%ରୁ ୨୯%କୁ ବୃଦ୍ଧି ପାଇଲ ବେଳେ ମଧ୍ୟମ ୪୦%ଙ୍କ ସମ୍ପଦ ୪୩.୭%ରୁ ୨୯%କୁ ହ୍ରାସ ପାଇଛି। ସେହିପରି ୧୯୯୦ରେ ୧୦ ଶତାଂଶ ଲୋକଙ୍କର ଆୟ ଦେଶର ସମୁଦାୟ ଆୟର ୩୪% ଥିଲା, ଯାହା ୨୦୨୩ରେ ୫୭.୭%କୁ ବୃଦ୍ଧି ପାଇଛି। ବୈଷମ୍ୟ ବ୍ରିଟିଶ୍‌ରାଜଠାରୁ ଅଧିକ। ଡିସେମ୍ବର ୨୦୨୪ ସୁଦ୍ଧା ଭାରତୀୟ ଆରବପତି (ବିଲିଓନେୟାର)ଙ୍କ ସମ୍ପଦ ୯୦୫ ବିଲିୟନ ଡଲାର, ଯାହା ଗତବର୍ଷ ତୁଳନାରେ ୪୨% ଅଧିକ। ଏହାର ଅର୍ଥ ହେଉଛି ଦେଶର ସମ୍ପତ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏକ କ୍ଷୁଦ୍ର ସମ୍ପ୍ରଦାୟଙ୍କ ହାତରେ ଠୁଳ ହୋଇ ରହିଛି, ଠିକ୍ ଯେତେବେଳେ ଜନସଂଖ୍ୟାର ଏକ ବୃହତ୍ ଅଂଶ ସୀମିତ ସମ୍ବଳ ଯୋଗୁଁ ବଞ୍ଚିବାପାଇଁ ସଂଘର୍ଷ କରୁଛନ୍ତି।

ମୋ:୯୪୩୭୨୦୮୭୬୨

# ଅସହାୟ ମଣିଷ



ମୀରା ବେଉରା

ଏଲିଜାବେଥ ଗିଲବର୍ଟ ଆମେରିକାର ଜଣେ ଔପନାସିକ, ସ୍ତମ୍ଭକାର ଓ ଅଭିନେତ୍ରୀ, ଯିଏ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ରଚିତ EAT, PRAY, LOVE ଅର୍ଥାତ ଖାଅ, ପ୍ରାର୍ଥନା କର ଓ ଭଲପାଅ ଗ୍ରନ୍ଥଟି ସେଦିନ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରିହୋଇ ଲୋକପ୍ରିୟତା ହାସଲ କରିଥିଲା। ପ୍ରେମକୁ ନେଇ ସେ ତାଙ୍କ ଜୀବନର ଅନେକ ଘଟଣା ଏଥିରେ ବର୍ଣ୍ଣନା କରିଥିଲେ। ଗୋଟିଏ କଥା ଆଶ୍ଚର୍ଯ୍ୟ ଲାଗେ ଯେ ଆଜିର ମଣିଷ ପକ୍ଷୀ ପରି ଆକାଶରେ ଉଡିପାରୁଛି, ମୋବାଇଲ ଧରି ସମଗ୍ର ବିଶ୍ୱକୁ ଦେଖୁଛି ଏବଂ ସୁସମ୍ପର୍କ ମଧ୍ୟ ରଖିପାରୁଛି ଅଥଚ ମଣିଷ ଭଳି ମଣିଷ ମେଳରେ ରହିବା ଶିଖିପାରୁନି। ସବୁଠୁ ଅଧିକ ଆଶ୍ଚର୍ଯ୍ୟର କଥା ହେଉଛି ମଣିଷମେଳରେ ମଧ୍ୟ ମଣିଷଟିଏ ସୁରକ୍ଷିତ ନୁହେଁ। ବେଳେବେଳେ ଦେଖାଯାଉଛି ମଣିଷଟିଏ ପାଖ ମଣିଷଠାରୁ ସ୍ନେହ,ପ୍ରେମ,ଶ୍ରଦ୍ଧା, ସମ୍ମାନ ପାଇବା ପରିବର୍ତ୍ତେ ଈର୍ଷା, ଘୃଣା ଓ ନିରାଶର ଶିକାର ହୋଇ ଅସହାୟ ଅବସ୍ଥାରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିବାକୁ ମଧ୍ୟ ଭୁଲୁନାହିଁ।

ସତ କହିବାକୁ ଗଲେ ଆଜିର ମଣିଷ ଯେତିକି ଯେତିକି ଉନ୍ନତିର ଚରମ ଶିଖରରେ ପହଞ୍ଚୁଛି ସେତିକି ସେତିକି ଦୁଃଖ ଦୁର୍ଦ୍ଦଶାକୁ ଭେଟୁଛି। ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁ କ୍ଷେତ୍ରରେ ସେ ତା'ର ସଫଳତା ହାସଲ କରିପାରିନାହିଁ। ମଣିଷ ଯେମିତି ଗୋଟିଏ ଯନ୍ତ୍ର ପାଲଟି ଯାଇଛି କହିଲେ ଭୁଲ୍ ହେବନାହିଁ। ଖୁସିକୁ ଖୋଜି ଦୁଃଖ ପାଉଛି। ଖୁସିର ସଂଜ୍ଞା ତା'ର ଚେତନାରେ ଭିନ୍ନ ଏକ ରୂପ ନେଇଛି। ପ୍ରତି ମୁହୂର୍ତ୍ତରେ ପ୍ରତିଯୋଗିତା ଭିତ୍ତିରେ ଦୌଡୁଛି ଆଗକୁ। ଆଜି ଯଦିଓ ରୋଗ ପ୍ରତିଷେଧକ ଟିକା ଦ୍ୱାରା ମୃତ୍ୟୁହାର କମିଯାଇଛି, କିନ୍ତୁ ଆଉ ଗୋଟିଏ ଦିଗରେ ଆତ୍ମହତ୍ୟାଜନିତ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଯୁବ ପିଢ଼ି ଭିତରେ ପ୍ରଥମେ ପ୍ରେମ ଓ ପରେ ବିବାହ ହେଉଛି ଏବଂ ତା'ପରେ ପ୍ରତାରଣା ଓ ବିବାହ ବିଚ୍ଛେଦ ଘଟଣା ଅଧିକ ଦେଖିବାକୁ ମିଳୁଛି। ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ସେମାନେ ପଛାଉନାହାନ୍ତି। ପ୍ରତିଦିନ ଏହିଭଳି ଅନେକ ଘଟଣା ଘଟିଯାଉଛି। ଶରୀର ଯେତିକି ରୋଗମୁକ୍ତ ହେଉଛି ଜୀବନ ଆହୁରି ସେତିକି ଦୁର୍ବିଷହ ହୋଇପଡିଛି। ନିଜକୁ ସୋସିଆଲ ମିଡ଼ିଆରେ ଯେତିକି ଖୁସିଅଛି ବୋଲି ପ୍ରଦର୍ଶନ କରୁଛି ପ୍ରକୃତରେ ସେତିକି ଖୁସି ରହିପାରୁନି। ବାହାରକୁ ଖୁସି ଦେଖାଯାଉଥିବା ମଣିଷଟି ସତରେ ଅସହାୟ ହୋଇ ମୃତ୍ୟୁ ସହ ଲଢୁଛି। ଜୀବନ ଜିଇବାର କଳାକୁ ଭୁଲିବାରେ ଲାଗିଛୁ। ଫଳରେ ଯୁବପିଢ଼ି ନୈରାଶ୍ୟରେ ପୀଡ଼ିତ। ସେ ଭୁଲିଯାଉଛି ଯେ ସଂଘର୍ଷ ହିଁ ସୁସ୍ଥ ସୁନ୍ଦର ନିରାମୟ ଜୀବନର ରହସ୍ୟ। ସଂଘର୍ଷହୀନ ଜୀବନ ମୂଲ୍ୟହୀନ । ଛୋଟ ଛୋଟ ଖୁସି ଆମକୁ ଆଉ ଆନନ୍ଦ ଦେଇପାରୁନାହିଁ। ଯାହା ମିଳିଛି ସେ ପ୍ରାପ୍ୟ ବିଷୟରେ ଆମେ ଖୁସି ନ ରହି କେତେକ ଅପ୍ରାପ୍ୟ ବସ୍ତୁ ପଛରେ ଗୋଡ଼ାଇ ଗୋଡ଼ାଇ ନିଜ ହାତମୁଠାରେ ପାଉଥିବା ଖୁସିକୁ ନଷ୍ଟ କରିଦେଉଛି।

କିଏ ଜାଣିଥିଲା ଇତିହାସରେ ବାରମ୍ବାର ଫେଲ୍ ହେଉଥିବା ଛାତ୍ରଟି ଦିନେ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଇତିହାସ ରଚିବ ବୋଲି। ସାମାନ୍ୟ ଲୁଣମରା ଅଭିଯାନରୁ ଦେଶରେ ଏତେବଡ଼



ସ୍ୱରାଜ ଆଣିପାରିବ। ଜେକେ ରୋଲିଁ କେତେ ସଂଘର୍ଷ ପରେ ହ୍ୟାରିପୋର୍ଟର ପୁସ୍ତକ ଲେଖି ରାତାରାତି ଲୋକପ୍ରିୟତା ହାସଲ କରିଥିଲେ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ୍ ବାରମ୍ବାର ପରାଜୟ ହେବା ପରେ ୧୭ଥରରେ ଆମେରିକାର ରାଷ୍ଟ୍ରପତି ହୋଇଥିଲେ। ଡ. ଏ ପି ଜେ ଅବଦୁଲ କଲାମ, ଲାଲବାହାଦୁର ଶାସ୍ତ୍ରୀ, ବିଦ୍ୟୁତ ବଲ୍‌ବ ଆବିଷ୍କାର କରିଥିବା ଥୋମାସ ଏଡିଶନ ଏମାନେ ସମସ୍ତେ ଜୀବନରେ ସଫଳତା ପାଇବା ପାଇଁ ସଂଘର୍ଷ କରିନଥିଲେ। ସାମାନ୍ୟ କୀଟ ଶଅଁବାଳୁଆଟିଏ କେତେ ସଂଘର୍ଷ ପରେ ସୁନ୍ଦର ପ୍ରଜାପତି ହୁଏ। ଆଜି ପରିବାରଗୁଡ଼ିକ ଧୀରେ ଧୀରେ ଛୋଟ ହୋଇ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। ପ୍ରେମର ଅର୍ଥ କ'ଣ ବୁଝିବା ପୂର୍ବରୁ ପ୍ରେମର ସଂଜ୍ଞା ତାଙ୍କ ପାଇଁ ଘୃଣା ପାଲଟି ଯାଉଛି। କେବଳ ଭୌତିକ, ଦୈହିକ ସୁଖକୁ ସେମାନେ ପ୍ରେମରେ ବୁଝୁଛନ୍ତି। କେବଳ ଶ୍ୱାସ, ପ୍ରଶ୍ୱାସ ଓ ହୃତ୍‌କମ୍ପନକୁ ଯଦି ଜୀବନ କୁହାଯାଏ ତେବେ ଏ କେମିତିକା ଜୀବନ ଯେଉଁଠି ସ୍ନେହ ପ୍ରେମ ଶ୍ରଦ୍ଧା ଭଲପାଇବାକୁ ସହଯୋଗ ନଥାଏ।

ଆଜିର ମଣିଷ ସମାଜ ଓ ପରିବାରକୈନ୍ଦ୍ରିକ ହେବା ପରିବର୍ତ୍ତେ ବ୍ୟକ୍ତିକୈନ୍ଦ୍ରିକ ହୋଇଯାଉଛି। ସବୁଠି ଅହଙ୍କାର ଚେକା ମାଡ଼ି ବସିଛି। ସବୁକିଛି ଥାଇ ମଣିଷ ନିଃସ୍ୱ, କାଙ୍ଗାଳ ହୋଇପଡ଼ିଛି। ବୌଦ୍ଧିକ ଚେତନା ହଜିଯାଉଛି। ଏଇଠି ମଦର୍ ଟେରେସାଙ୍କ କଥା ମନେପଡୁଛି। ସେ କହୁଥିଲେ ଯଦି ଲୋକଙ୍କ ଦୋଷ ଦୁର୍ବଳତା ଦେଖିବାରେ ତୁମେ ସମୟ ନଷ୍ଟ କରିଦେବ ତେବେ ତାଙ୍କୁ ଭଲ ପାଇବା ପାଇଁ ତୁମ ପାଖରେ ସମୟ ରହିବ ନାହିଁ। ଲର୍ଡ ଚେଷ୍ଟର ଫିଲ୍ଡ ମଧ୍ୟ କହନ୍ତି, ଅନ୍ୟକୁ ଖୁସି କରିବା ଏକ ଉପହାର ଓ ଏହା ଏକ ବିରାଟ ସାମାଜିକ ଶକ୍ତି। ଏକ ଗବେଷଣାରୁ ଲବ୍ଧ ତଥ୍ୟ ଅନୁଯାୟୀ ଅନାହାରର ମୃତ୍ୟୁସଂଖ୍ୟା ଅପେକ୍ଷା ଦାମୀ ଗରିଷ୍ଠ ଖାଦ୍ୟ ଜନିତ ଦୁରାରୋଗରେ ପୀଡ଼ିତଙ୍କ ମୃତ୍ୟୁସଂଖ୍ୟା ଅଧିକ। ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ,ଅର୍ଥାଭାବ କଦାପି ମାନସିକ ଅବସାଦର କାରଣ ହୋଇପାରେନା। ପ୍ରକୃତ ଭଲ ପାଇବା, ପ୍ରେମ ଓ ଶ୍ରଦ୍ଧାର ଅଭାବ ହିଁ ଯୁବପିଢ଼ି ଭିତରେ ଅବସାଦ ଜନିତ ବ୍ୟାଧି ସୃଷ୍ଟି କରି ସେମାନଙ୍କୁ ଆତ୍ମହତ୍ୟା କରିବାକୁ ପ୍ରେରିତ କରିଥାଏ। ପ୍ରେମର ପରିଭାଷା ଆଜି ପରିବର୍ତ୍ତିତ ହୋଇଛି। ପ୍ରକୃତ ପ୍ରେମ ଯେ ଭୋଗରେ ନଥାଏ ତ୍ୟାଗରେ ଥାଏ, ଏହା ସେମାନେ ଜାଣିବା ଆବଶ୍ୟକ। ପ୍ରତ୍ୟେକ ସ୍କୁଲ କଲେଜରେ ଅଭିଜ୍ଞ ମନସ୍ତତ୍ତ୍ୱବିତଙ୍କ ଦ୍ୱାରା କାଉନସେଲିଂ ବ୍ୟବସ୍ଥା ରହିବା ଆବଶ୍ୟକ।

ପ୍ରେମ ସବୁଠାରୁ ଶକ୍ତିଶାଳୀ। ପ୍ରେମ ଏଭଳି ଏକ ମହୋଷଧି ଯାହା ପଶୁପକ୍ଷୀ, ବନ୍ୟଜନ୍ତୁ, ଉଦ୍ଭିଦ ଓ ପ୍ରାଣୀ ଜଗତ ସମସ୍ତଙ୍କୁ ଆୟତ୍ତ କରିନିଏ। ଏ ପୃଥିବୀର ସବୁଠୁ ବଡ଼ ଅସ୍ତ୍ର ହେଲା ପ୍ରେମ, ଯାହା ସମସ୍ୟାର ସମାଧାନ କରିଦିଏ। ସବୁ ତିକ୍ତତାକୁ ନିମିଷକରେ ମିଳାଇଦିଏ। ପ୍ରେମ ଚିର ଶାଶ୍ୱତ, ସତ୍ୟ, ଶିବ ଓ ସୁନ୍ଦର। ନିରଳସ ଶାଶ୍ୱତ ସ୍ୱାର୍ଥହୀନ ପ୍ରେମ ପରମାଣୁ ବୋମାଠାରୁ ମଧ୍ୟ ଆହୁରି ଶକ୍ତିଶାଳୀ।

**ରଘୁନାଥଜୀଉ ମହାବିଦ୍ୟାଳୟ**
**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ବୟସ ବଢ଼ିଲେ କେତେଜଣ ଲୋକ ଆରାମକରି ଦିନ କଟେଇଦେବାକୁ ଭାବନ୍ତି। ହେଲେ ଆଉ କେତେକେ ବୟସକୁ ଏକ ସଂଖ୍ୟା ଭାବି ଯୁବସୁଲଭ ଉତ୍ସାହରେ ନୂଆ କିଛି କରିବାର ଚେଷ୍ଟା କରନ୍ତି। ଠିକ୍ ସେମିତି ଜଣେ ମଣିଷ ହେଉଛନ୍ତି ଉତ୍ତରପ୍ରଦେଶ ମେରଠର ଜୀବନ ସିଂହ। ଚାକିରିରୁ ଅବସର ନେବା ପରେ ଏବେ ସେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସେ ୭୨ ପ୍ରକାର ୫ ଟଙ୍କିଆ ମୁଦ୍ରା ସଂଗ୍ରହକରି ରେକର୍ଡ ସୃଷ୍ଟିକରି ପାରିଛନ୍ତି। ଭିନ୍ନ ଭିନ୍ନ ପ୍ରକାରର ୫ ଟଙ୍କିଆ ମୁଦ୍ରା ଏବେ ତାଙ୍କ ପାଖରେ ଦେଖିବାକୁ ମିଳୁଛି। ସବୁଠୁ ଅଧିକ ପ୍ରକାରର ଏଭଳି ଏକ ସଂଗ୍ରହ କରିଥିବାରୁ ତାଙ୍କ ନାଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଓ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ପ୍ରଥମେ ସେ ଯେତେବେଳେ ଭିନ୍ନ ଭିନ୍ନ ୫ ଟଙ୍କିଆ ମୁଦ୍ରା ଦେଖିଥିଲେ ସେତେବେଳେ ସେସବୁ ନିଜ ପାଖରେ ରଖି ଦେଉଥିଲେ। ତା'ପରେ ଅଧିକରୁ ଅଧିକ ଏଭଳି ମୁଦ୍ରା ସଂଗ୍ରହ ଆରମ୍ଭ କଲେ। ଏବେ ତାଙ୍କ ପାଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ରମଣ ସିଂହଙ୍କ ଫଟୋ ଥିବା ୫ଟଙ୍କିଆ ମୁଦ୍ରା ବି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୭୬

- ସମଗ୍ର ଦେଶର ୪୫ ଭାଗ ଲୁହାପଥର ଓଡ଼ିଶାରେ ଗଚ୍ଛିତ ରହିଥିବା ଭାରତୀୟ ଭୂତତ୍ତ୍ୱ ସର୍ଭେ ସଂସ୍ଥା ତରଫରୁ କରାଯାଇଥିବା ଏକ ସର୍ଭେରୁ ଜଣାଯାଇଛି।
- ଆସାମର କାଚାର ଜିଲାରେ ସାମ୍ପ୍ରତିକ ବନ୍ୟା ବିପର୍ଯ୍ୟୟ ଯୋଗୁ ୨୨ ଜଣଙ୍କ ପ୍ରାଣହାନୀ।
- ସୋଭିଏତ୍ ରୁଷ ପକ୍ଷରୁ ପୃଥିବୀ କକ୍ଷକୁ ଏକ ନୂଆ ମହାକାଶ କେନ୍ଦ୍ର ସାଲ୍ୟୁଟ–୫ ଉତ୍‌କ୍ଷେପଣ କରଯାଇଛି।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 5 |
| | | | | 4 | | 3 | | |
| 9 | | | | 5 | 2 | | | |
| 5 | | 2 | | | 7 | 6 | | |
| | 8 | | | | | | | |
| 4 | 9 | | | | | | 3 | |
| 2 | | | | 8 | | | | 9 |
| | | | 6 | | | 8 | | 7 |
| | 1 | 7 | 5 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 1 | 9 | 7 | 3 | 6 | 5 |
| 7 | 5 | 1 | 3 | 6 | 4 | 9 | 8 | 2 |
| 3 | 9 | 6 | 8 | 5 | 2 | 7 | 4 | 1 |
| 8 | 7 | 5 | 2 | 1 | 9 | 6 | 3 | 4 |
| 4 | 3 | 2 | 7 | 8 | 6 | 5 | 1 | 9 |
| 6 | 1 | 9 | 4 | 3 | 5 | 2 | 7 | 8 |
| 5 | 8 | 3 | 6 | 2 | 1 | 4 | 9 | 7 |
| 9 | 6 | 7 | 5 | 4 | 8 | 1 | 2 | 3 |
| 1 | 2 | 4 | 9 | 7 | 3 | 8 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଞ୍ଜେଇ ଚାଷ ପାଇଁ ନୂଆ ଆଇନ ହେଉ

ମହାଶୟ,

ରାଜ୍ୟରେ ଭାଙ୍ଗ, ଗଞ୍ଜେଇକୁ ନିଷିଦ୍ଧ କରିବା ଠିକ୍ ନୁହେଁ। କିନ୍ତୁ ଏକଥା ସତ ଯେ, ଭାଙ୍ଗ ଓ ଗଞ୍ଜେଇର ଉତ୍ପାଦନ ଏବଂ ବିକ୍ରି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ରାଜ୍ୟ ସରକାର ଭାଙ୍ଗଚାଷ ଓ ବିକ୍ରି ପାଇଁ ଲାଇସେନ୍ସ ଦେଇଥାନ୍ତି ଓ ଏଥିରୁ ପ୍ରବଳ ରାଜସ୍ୱ ପାଆନ୍ତି। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତୀୟ ଚିକିତ୍ସା ଶାସ୍ତ୍ରର ଜନକ ଚରକ ସ୍ୱରଚିତ 'ଚରକ ସଂହିତା'ରେ ଗଞ୍ଜେଇର ଔଷଧୀୟ ଗୁଣ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଯାହା ଆଧୁନିକ ଯୁଗର ସାଂପ୍ରତିକ ବୈଜ୍ଞାନିକ ଗବେଷଣା ଦ୍ୱାରା ପ୍ରତିପାଦିତ ହୋଇଛି। ଭାରତୀୟ ସମାଜରେ ଆବାହମାନ କାଳରୁ ଭାଙ୍ଗର ବ୍ୟବହାର କରାଯାଇଆସୁଛି। ବିଶେଷକରି ହୋଲି, ଶିବରାତ୍ରି, ଦଶହରା ଓ ଶୀତଳଷଷ୍ଠୀ ଆଦି ବିଶେଷ ଧାର୍ମିକ ଅବସରରେ ଏହାର ସେବନ ସାମାଜିକ ଗ୍ରହଣୀୟତା ଲାଭ କରିଛି। ଅନ୍ତର୍ଜାତୀୟ ଭେଷଜ ପତ୍ରିକା ଲାନ୍‌ସେଟରେ ପ୍ରକାଶିତ ଏକ ସନ୍ଦର୍ଭରେ କୁହାଯାଇଛି ଯେ, ଲମ୍ବା ସମୟ ଧରି ଗଞ୍ଜେଇ ସେବନ କଲେ ମଧ୍ୟ ଶରୀର ଉପରେ ଏହାର କୌଣସି ଗୁରୁତର ପ୍ରଭାବ ପଡ଼େ ନାହିଁ। ଔଷଧୀୟ ବ୍ୟବହାର ପାଇଁ ଗଞ୍ଜେଇ ଉତ୍ପାଦନ ଏବେବି ଭାରତରେ ଆଇନସମ୍ମତ ଭାବେ ଚାଲିଛି। ଗଞ୍ଜେଇ ଚାଷ ପାଇଁ ନୂଆ ଆଇନ ପ୍ରଣୟନ କରି ସମସ୍ତଙ୍କୁ ଚାଷ କରିବାକୁ ଅନୁମତି ଦିଆଗଲେ ରାଜ୍ୟ ସରକାର ଏଥିରୁ ଯଥେଷ୍ଟ ରାଜସ୍ୱ ଆଦାୟ କରିପାରନ୍ତେ।

**– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭବିଷ୍ୟର ଅନ୍ଧକାର–ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୮ଥର ପୁରୀ ବାହାରେ ହୋଇଥିଲା ମହାପ୍ରଭୁଙ୍କ ରଥଯାତ୍ରା

ପୁରୀ,୨୩।୬
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ରଥାରୂଢ଼ ହୋଇ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ସେହିଭଳି ଦଶମୀ ତିଥିରେ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥାନ୍ତି। ତେବେ ଅତୀତରେ ବିଧର୍ମୀମାନଙ୍କ ଆକ୍ରମଣ କାରଣରୁ ୮ଥର ପୁରୀ ବାହାରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଡ଼କୁଜଙ୍ଗରେ ୫, ଚିଲିକା ଚକନାସୀରେ ଥରେ, ଚିଲିକାର ଉତ୍ତର ଦିଗରେ ଥିବା ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ନଇରୀରେ ଥରେ, ଗଡ଼ମାଣତ୍ରୀରେ ଥରେ ଏବଂ ଶ୍ରୀମନ୍ଦିର ଭିତରେ ଥରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି।

ଐତିହ୍ୟ ବିଶାରଦ ଡ. ମିଶ୍ର କହିଛନ୍ତି ଯେ, ୧୬୨୧ ମସିହାରେ ଅହମ୍ମଦ ବେଗ୍ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେହି ସମୟରେ ଗଜପତି ମହାରାଜାଙ୍କ ପରାମର୍ଶକ୍ରମେ ନଦୀ ପଥରେ ସେବକମାନେ ପାଇକମାନଙ୍କ ସହାୟତାରେ ମହାପ୍ରଭୁଙ୍କୁ ନେଇ ପ୍ରଥମେ ମାଣିକପାଟଣା ନିକଟ ଅନ୍ଧାରୀଗଡ଼ରେ ବିଜେ କରାଇଥିଲେ। ଖବର ମିଳିଲା ଯେ, ନିଶାର୍ଦ୍ଧରେ ଆକ୍ରମଣ କରିବାକୁ ଅହମ୍ମଦ ବେଗ ଖାଁ ଆଗେଇ ଆସୁଛନ୍ତି। ତେଣୁ ଶ୍ରୀବିଗ୍ରହଙ୍କୁ ସ୍ଥାନାନ୍ତର କରିବାକୁ ସମୟ ମିଳି ନ ଥିଲା। ବୋଧହୁଏ ମହାପ୍ରଭୁଙ୍କର ଏହା ଥିଲା ଇଚ୍ଛା। ଲୀଳାମୟଙ୍କ ଲୀଳାର ରହସ୍ୟ ଭେଦ କରିବା ସମ୍ଭବ ନୁହେଁ। ଶେଷରେ ବିଚାରବିମର୍ଶ କରି ମହାପ୍ରଭୁଙ୍କ ବ୍ରହ୍ମ ଗଡ଼ମାଣିତ୍ରୀକୁ ସ୍ଥାନାନ୍ତର କରାଯାଇଥିଲା। ଗଡ଼ମାଣିତ୍ରୀରେ ଭୋଇବଂଶର ଗଜପତି ପୁରୁଷୋତ୍ତମ ଦେବ ବିଜେ କରି ନବକଳେବର ଆୟୋଜନ କରିଥିଲେ। ଅବେଳରେ ସେଠାରେ ନବକଳେବର ହୋଇଥିଲା। ଏହାପରେ ଗଜପତିଙ୍କର ୧୬୨୨ ମସିହାରେ ଦେହାନ୍ତ ହୋଇଥିଲା। ତାଙ୍କ ପୁତ୍ର ଗଜପତି ନରସିଂହ ଦେବ ଶ୍ରୀକ୍ଷେତ୍ରରେ ଗୋଳମାଳ କମିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ସେଇ ଗଡ଼ରେ ଉପାସନା କରିବାର ସମସ୍ତ ବ୍ୟବସ୍ଥା କରାଇଥିଲେ। ଇତିହାସରୁ ଜଣାଯାଏ ଯେ, ସେଠାରେ ମହାପ୍ରଭୁ ହାରାହାରି ଅଢ଼େଇ ବର୍ଷ ରହିଯାଇଥିଲେ। ସେଠାରେ ରଥଯାତ୍ରା ଓ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ବିଜେ କରିଥିବା ବର୍ତ୍ତମାନର ଶ୍ରୀତୃତୀୟା ଦେବଙ୍କ ମନ୍ଦିର ସ୍ଥାନରୁ ଗଡ଼ ପୂର୍ବ ଦିଗରେ ଥିବା ଶ୍ରୀକପିଳେଶ୍ୱର ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ରଥରେ ଶ୍ରୀଗୁଣ୍ଡିଚା ଦିନ ଯାଇଥିଲେ। ଶ୍ରୀକପିଳେଶ୍ୱର ମହାଦେବଙ୍କ ଦକ୍ଷିଣ ପାର୍ଶ୍ୱକୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ନିର୍ମାଣ କରାଯାଇଥିଲା। ମହାପ୍ରଭୁ ୯ଦିନ ଯାତ୍ରା କରି ପୁଣି ସେଠାରୁ ପୂର୍ବସ୍ଥାନକୁ ଫେରି ଆସିଥିଲେ। ମହାପ୍ରଭୁ ରଥରେ ଯିବା-ଆସିବା ରାସ୍ତାଟି ହାରାହାରି ୪୦୦ ବର୍ଷ ପରେ ବି 'ବଡ଼ଦାଣ୍ଡ' ରୂପେ ଆଜି ପରିଚିତ ଅଛି। ମାତ୍ର ପରବର୍ତ୍ତୀ କାଳରେ ଆଉ ରଥଯାତ୍ରା ଅନୁଷ୍ଠିତ ନ ହେବାରୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରଟି ଭାଙ୍ଗିରୁଜି ଗଲା। ତାହା ଆଜି 'ଗୁଣ୍ଡିଚାଘର ପଦା' ଭାବେ ଚିହ୍ନିତ ହେଉଛି। ୨୦୧୫ ମସିହାରେ ଡ. ସୁରେନ୍ଦ୍ର କୁମାର ମିଶ୍ର ଦ୍ୱିତୀୟଥର ଐତିହ୍ୟ ଅନୁସନ୍ଧାନ କରିବାକୁ ଯାଇ ଅବଗତ ହୋଇଥିଲେ ଯେ, ଗଡ଼ମାଣିତ୍ରୀରେ ୨୨ ପୋଖରୀ ୨୩ ଦଣ୍ଡା ଜମି ରହିଥିଲା। ବଗିଚାରେ ବାରଟି ଦଣ୍ଡା ରୂପାନ୍ତରିତ ହୋଇଯିବା ପରେ ଏବେ ୧୧ଟି ଦଣ୍ଡା ରହିଛି। ସେହିପରି ପୋଖରୀଗୁଡ଼ିକର ଅବସ୍ଥା ଦେଖିବାକୁ ମିଳିଛି। ୨୨ଟି ପୋଖରୀ ମଧ୍ୟରୁ ୧୦ଟି ପୋଖରୀର ସ୍ଥିତି ବାରି ହୋଇପଡୁଛି। ତନ୍ମଧ୍ୟରୁ ଗୋଟିଏ ଚନ୍ଦନ ପୋଖରୀ ଆଜି ବି ରହିଛି। ଏହି ପୋଖରୀର ପୂର୍ବ-ଦକ୍ଷିଣ ଦିଗର ଅନତି ଦୂରରେ ରହିଛି 'କୁରୁମପାହାଡ଼'। ଶ୍ରୀକପିଳେଶ୍ୱର ମହାଦେବଙ୍କ ମନ୍ଦିରର ପୂର୍ବଦିଗକୁ ରହିଛି ଚନ୍ଦନ ପୋଖରୀ। ଏହି ମହାଦେବଙ୍କୁ ରଣପୁର ରାଜା ପ୍ରତିଷ୍ଠା କରାଇଥିଲେ। ସେତେବେଳେ ଓଡ଼ିଶାରେ କେଶରୀ ବଂଶ ରାଜତ୍ୱ କରୁଥିଲେ। ଗଡ଼ମାଣିତ୍ରୀ ସେକାଳରେ ରଣପୁର ରାଜ୍ୟ ଅଧୀନରେ ରହିଥିଲା। ପୁରାତନ କାଗଜାତରୁ ଜଣାପଡୁଛି ଯେ, ୧୬୨୨ ମସିହାରେ ଏହି ପୋଖରୀରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ହୋଇଥିଲା। ଚନ୍ଦନ ଯାତ୍ରାରେ ଭାଗ ନେଇଥିବା ମହାପ୍ରଭୁଙ୍କ ବିଜେ ପ୍ରତିମା ଏହି ଗଡ଼ର ଶ୍ରୀତୃତୀୟା ଦେବ (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା)ଙ୍କ ମନ୍ଦିରରେ ଉପାସିତ ହେଉଛନ୍ତି। ସ୍ମରଣଯୋଗ୍ୟ ଯେ, ମହାପ୍ରଭୁଙ୍କ ଅର୍ଚ୍ଚାବିଗ୍ରହ ଶ୍ରୀଦୋଳଗୋବିନ୍ଦ ଏକ ସ୍ୱତନ୍ତ୍ର ମନ୍ଦିର (ଶ୍ରୀଗୋବିନ୍ଦ ଜୀଉ ମନ୍ଦିର)ରେ ଏହି ଗଡ଼ରେ ଉପାସିତ ହେଉଛନ୍ତି। ଚନ୍ଦନ ପୋଖରୀ ଚନ୍ଦନ ଚକଡ଼ାର ଦକ୍ଷିଣପଟ ଦିଗକୁ ହାତୀ ଗାଧୁଆ ପୋଖରୀ ରହିଛି। ଅଦ୍ୟାବଧି ଏହି ପୋଖରୀ ଅଛି।



ଗଡ଼ମାଣତ୍ରିରେ ଭଗ୍ନାବସ୍ଥାରେ ଥିବା ମନ୍ଦିର ଏବଂ ଚନ୍ଦନ ପୋଖରୀ।

## ଦାରୁଦିଅଁଙ୍କୁ ଲାଗିହେଲା ଘଣା, ଖଳି

### ଆଜି ରାଜନଅରକୁ ଖଡ଼ିପ୍ରସାଦ ବିଜେ

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘଣାଲାଗି ନୀତି ସମ୍ପନ୍ନ ହେବା ସହ ଶୁଦ୍ଧସୁଆରଙ୍କ ଘରୁ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଖଳିମହାପ୍ରସାଦ ଲାଗି ନୀତି ସମ୍ପନ୍ନ କରିଥିଲେ। ସେହିପରି ଦତ୍ତମହାପାତ୍ରଙ୍କ ଘରୁ ଆସିଥିବା ଖଡ଼ି ମହାପ୍ରଭୁଙ୍କୁ ଲାଗି କରାଯାଇଛି।

ସ୍ନାନପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିବାବେଳେ ଅଣସର ପିଣ୍ଡିରେ ଦଇତାପତି ଓ ପତିମହାପାତ୍ର ସେମାନଙ୍କର ଗୁପ୍ତ ସେବା କରୁଛନ୍ତି। ଏହି କ୍ରମରେ ଅଣସରର ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଘଣା, ଖଳି ପ୍ରସାଦ ଏବଂ ଖଡ଼ି ପ୍ରସାଦ ଲାଗି ନୀତି କରାଯାଇଛି। ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର, ଖଳି ପ୍ରସାଦ ଓ ଖଡ଼ିପ୍ରସାଦ ଲାଗି ହୋଇଛି। ଘଣାଲାଗି ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ସହ ଖଳିପ୍ରସାଦ ଶୁଦ୍ଧସୁଆରଙ୍କ ଘରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଖଳିକୁ ଶୁଦ୍ଧସୁଆରମାନେ ନିଜ ବାସଭବନରେ ଶୁଦ୍ଧପୂତ ଭାବେ ପ୍ରସ୍ତୁତ କରିଥାନ୍ତି। ଖଳିହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳୀ ବାଜିବା ପରେ ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲା। ଶୁଦ୍ଧସୁଆର ଖଳିପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ସେମାନେ ଏହି ଦିବ୍ୟ ପ୍ରଲେପକୁ ରୁପାପିଙ୍ଗଣରେ ରଖି ଶ୍ରୀଅଙ୍ଗରେ ଲାଗି କରିଥିଲେ। ଦଇତାପତି ଓ ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀରେ ମହାପ୍ରଭୁଙ୍କୁ ରକ୍ତବସ୍ତ୍ର ଆବରଣ କରିଥିଲେ। ସେହିପରି ପ୍ରଥମ ଭୋଗମଣ୍ଡପ ପରେ ଘଣ୍ଟ, ଛତା, କାହାଳୀ, ବୈଜୟନ୍ତୀ ବାଜା ମଧ୍ୟରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ ହୋଇଥିଲା। ପରେ ଖଡ଼ିଲାଗି ନୀତି ସମ୍ପନ୍ନ ହୋଇଥିଲା। ଚତୁର୍ଦ୍ଦଶୀ ଅବସରରେ ଶ୍ରୀମନ୍ଦିରରୁ ଖଡ଼ିପ୍ରସାଦକୁ ଦଇତାପତି ଓ ପତିମହାପାତ୍ରମାନେ ରାଜନହରକୁ ବିଜେ କରାଇବାର ପରମ୍ପରା ରହିଛି।


ଶୁଦ୍ଧସୁଆରଙ୍କ ଗୃହରୁ ଶ୍ରୀମନ୍ଦିରକୁ ଖଳିପ୍ରସାଦ ବିଜେ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଇକୋ ସେନ୍ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ ବିପଦ ସାଜିବ

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ରାଜ୍ୟର ବିଭିନ୍ନ ଇକୋ ସେନ୍ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ କରାଯାଇ ବାଣିଜ୍ୟ ପାଇଁ ଉପଯୋଗ କରାଯିବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରହିଛି। ରାଜ୍ୟର ପରିବେଶ-ସମ୍ବେଦନଶୀଳ ଅଞ୍ଚଳ (ଇଏସ୍‌ଜେଡ୍), ରାଷ୍ଟ୍ରୀୟ ଉଦ୍ୟାନ, ବାଘ ଆଶ୍ରୟସ୍ଥଳ, ଉପକୂଳ ଅଞ୍ଚଳ ଓ ରାମସାର୍ ଆର୍ଦ୍ରଭୂମି ମଧ୍ୟରେ ପର୍ଯ୍ୟଟନ ବିକାଶ ପାଇଁ ପରିବେଶ ସମ୍ବନ୍ଧୀୟ ନିୟମ ବ୍ୟବସ୍ଥା ନମନୀୟ ହେବ ବୋଲି ଆଶା କରାଯାଉଛି। ତେବେ ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଇକୋ ସେନ୍ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ ହେଲେ ଏହା ପରିବେଶ, ବନ୍ୟଜୀବଜନ୍ତୁ ଏବଂ ମନୁଷ୍ୟଙ୍କ ପାଇଁ ବିପଦ ସାଜିବ ବୋଲି ଆଶଙ୍କା କରିଛନ୍ତି।

**କ'ଣ କୁହନ୍ତି ଏମାନେ...**

### ଅପରିଣାମଦର୍ଶିତାର ପ୍ରମାଣ ହେବ

ପ୍ରତି କଥାରେ ବିକାଶ ନାମରେ ଜଙ୍ଗଲକୁ ଧ୍ୱଂସ କରିବା ଅପରିଣାମଦର୍ଶିତାର ପ୍ରମାଣ ହେବ। ବର୍ତ୍ତମାନ ସମୟରେ ଜଙ୍ଗଲଜମିକୁ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟବହାର କରିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି, ପ୍ରଦୂଷଣ ସମସ୍ୟା ଆଦି ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟର ଜଳବାୟୁକୁ ଠିକ୍ ବାଟରେ ନେବା ପାଇଁ ହେଲେ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ କରି ରଖିବାକୁ ପଡିବ। ଏଥିସହ ବୃକ୍ଷରୋପଣ ମାଧମରେ ସବୁଜିମା ବୃଦ୍ଧି କରିବା ଆବଶ୍ୟକ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ଜୀବଜନ୍ତୁଙ୍କ ପ୍ରତି ଅନ୍ୟାୟ ହେବ

ଏବେ ଜୀବଜନ୍ତୁ ସଙ୍କଟରେ ଅଛନ୍ତି। ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରିଡର ନାହିଁ। ଫଳରେ ଅନେକ ସମୟରେ ସେମାନେ ଜନବସତିମୁହାଁ ହେଉଛନ୍ତି। ଏଭଳିସ୍ଥଳେ ଇକୋ ସେନ୍ସିଟିଭ୍ ଜୋନ୍‌ରେ ଭିତ୍ତିଭୂମି ନିର୍ମାଣ କରିବାକୁ ଚିନ୍ତା କରିବା ଦୁଃଖ ଦାୟକ। ରାଜସ୍ୱ ବୃଦ୍ଧି ଏବଂ ଲୋକଙ୍କ ବିଳାଶବ୍ୟସନ ପାଇଁ ରାଜ୍ୟ ସରକାର ଏଭଳି କରିବାକୁ ସ୍ଥିର କରୁଛନ୍ତି। ମାତ୍ର କେବଳ ମଣିଷଙ୍କ ପାଇଁ ଚିନ୍ତା କଲେ ହେବନାହିଁ, ଜୀବଜନ୍ତୁଙ୍କର ମଧ ବଞ୍ଚିବାର ଅଧିକାର ରହିଛି। ତେଣୁ ଜୀବଜନ୍ତୁଙ୍କ ପ୍ରତି ଅନ୍ୟାୟ ନ କରିବା ଦରକାର।

**- ସଂଯୁକ୍ତା ବାସା,**
ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷିକା

### ବଡ଼ ନିର୍ମାଣ କରିବା ଆଦୌ ସହଜ କଥା ନୁହେଁ

ରାଜ୍ୟରେ ଥିବା ସମସ୍ତ ଅଭୟାରଣ୍ୟକୁ ଇକୋ ସେନ୍ସିଟିଭ୍ ଜୋନ୍ ଭାବେ ପରିଗଣନା କରାଯାଇନାହିଁ। ଯେଉଁ କେତୋଟି ଇକୋ ସେନ୍ସିଟିଭ୍ ଜୋନ୍ ରହିଛି, ତା' ମଧ୍ୟରେ କୌଣସି ବ୍ୟବସାୟ ବାଣିଜ୍ୟ କଲେ କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ନିର୍ମାଣ କରିବାକୁ ହେଲେ ପରିବେଶ ମଞ୍ଜୁରୀ ଆବଶ୍ୟକ। ତେବେ ରାଜ୍ୟ ସରକାର ଚାହିଁଲେ ଜଙ୍ଗଲଜମିର କିସମ ପରିବର୍ତ୍ତନ କରି ସ୍ଥାନୀୟ ଅଞ୍ଚଳର ସାମୂହିକ ସ୍ୱାର୍ଥ, ଯେପରିକି ଅଙ୍ଗନୱାଡି, ପ୍ରାଇମେରୀ ସ୍କୁଲ, ପ୍ରାଇମେରୀ ହସ୍ପିଟାଲ ଆଦି ନିର୍ମାଣ କରିପାରିବେ। କିନ୍ତୁ ଅନ୍ୟକିଛି ବଡ ନିର୍ମାଣ କରିବା ଆଦୌ ସହଜ କଥା ନୁହେଁ।

**- ବିଜୟ କେତନ ପଟ୍ଟନାୟକ,** ପୂର୍ବତନ ପିସିସିଏଫ୍

### ପରିବେଶ, ଜୀବଜନ୍ତୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ

ଇକୋ ସେନ୍ସିଟିଭ୍ ଜୋନ୍‌ରେ ଉନ୍ନତି କରିବାକୁ ହେଲେ ପ୍ରଥମେ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିବା ଦରକାର। ଭିତ୍ତିଭୂମି ନିର୍ମାଣ ସମୟରେ ଟେକ୍ନୋଲୋଜି ଏବଂ ପ୍ରକୃତିର ସୁରକ୍ଷା ଉଭୟ ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ସେହିପରି କିଛି ନିର୍ମାଣ ପୂର୍ବରୁ ସରକାର ଶହେଥର ଚିନ୍ତା କରିବା ଦରକାର। ପରିବେଶବିତ୍ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ତର୍ଜମା କରାଯିବା ସହିତ ନିର୍ମାଣ ଫଳରେ ଜୀବଜନ୍ତୁଙ୍କ ଉପରେ ଏହାର କିଭଳି ପ୍ରଭାବ ପକାଇବ ତାହାର ତର୍ଜମା କରାଯିବା ଆବଶ୍ୟକ। ତେବେ ଆମ ପାଇଁ ପରିବେଶ ସୁରକ୍ଷା ଏବଂ ଜୀବଜନ୍ତୁଙ୍କ ଜୀବନ ପ୍ରାଥମିକତା ହେବା ଦରକାର।

**- ସତ୍ୟବ୍ରତ ସାମଲ,**
ପ୍ରତିଷ୍ଠାତା, ସାତ୍ୱିକ୍ ସୋଲ୍ ଫାଉଣ୍ଡେଶନ

# ନାବାଳିକା ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

ଫୁଲବାଣୀ,୨୩।୬ (ରାକେଶ କୁମାର ରାଉତ)

ନାବାଳିକା ଅସଦାଚରଣ ମାମଲାର ଶୁଣାଣି କରି ଫୁଲବାଣୀ ପୋସ୍କୋ କୋର୍ଟ ଅଭିଯୁକ୍ତକୁ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୬ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ଖଜୁରିପଡା ଥାନା ଅଞ୍ଚଳର ରୋହିତ ଦିଗାଲ। ସୂଚନା ଅନୁଯାୟୀ, ଗତ ବର୍ଷ ଫେବୃଆରୀ ମାସରେ ନାବାଳିକା ଜଣକ ସ୍କୁଲରୁ ଫେରୁଥିବା ସମୟରେ ଅଭିଯୁକ୍ତ ତାଙ୍କୁ ରାସ୍ତା କଡର ଏକ ବୁଦା ମୂଳକୁ ଡାକି ନେଇଥିଲା। ସେଠାରେ ସେ ନାବାଳିକା ସହ ଅସଦାଚରଣ କରିଥିଲା। ପରିବାର ପକ୍ଷରୁ ଏ ନେଇ ଖଜୁରିପଡ଼ା ଥାନାରେ ଏତଲା ପରେ ପୋଲିସ ୨୪/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା।

# 'ବିମାନ ନ ଉଡ଼ାଇ ଜୋତା ସିଲେଇ କର'

### ଜାତିକୁ ନେଇ ପାଇଲଟ୍‌ଙ୍କୁ ଅପମାନିତ କଲେ ବରିଷ୍ଠ ଅଧିକାରୀ

ନୂଆଦିଲ୍ଲୀ,୨୩।୬

କାର୍ଯ୍ୟସ୍ଥଳରେ ଇଣ୍ଡିଗୋ ବିମାନର ଜଣେ ଟ୍ରେନି ପାଇଲଟଙ୍କ ଜାତିକୁ ନେଇ ୩ ବରିଷ୍ଠ ଅଧିକାରୀ ତାଙ୍କୁ ଅପମାନିତ କରିଥିବା ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗ କ୍ରମେ ଇଣ୍ଡିଗୋର ୩ ଅଫିସର ତାପସ ଦେ, ମନୀଷ ସାହନି ଏବଂ କ୍ୟାପ୍‌ଟେନ୍ ରାହୁଲ ପାଟିଲଙ୍କ ନାଁରେ ଅନୁସୂଚିତ ଜାତି/ଜନଜାତି (ଅତ୍ୟାଚାରର ପ୍ରତିକାର) ଆଇନ ବଳରେ ମାମଲା ରୁଜୁ ହୋଇଛି। 'ତୁମେ ବିମାନ ଉଡ଼ାଇବାକୁ ଯୋଗ୍ୟ ନୁହଁ, ଯାଇ ଜୋତା ସିଲେଇ କର' ବୋଲି ବରିଷ୍ଠମାନେ ଅନୁସୂଚିତ ଜାତିର ଟ୍ରେନି ପାଇଲଟ୍‌ଙ୍କୁ କହିଥିଲେ। ତେବେ ଅଭିଯୋଗ ଭିତ୍ତିହୀନ ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି। କୌଣସି ପ୍ରକାର ପାତରଅନ୍ତର, ପକ୍ଷପାତ କିମ୍ବା ହଇରାଣ ହରକତ କରିବାକୁ ଇଣ୍ଡିଗୋ ବରଦାସ୍ତ କରେନାହିଁ ବୋଲି କହିଛି।

# ୨୪ ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଶିକ୍ଷକ ଗିରଫ

ଶିମ୍‌ଲା, ୨୩।୬

ହିମାଞ୍ଚଳ ପ୍ରଦେଶର ସିର୍‌ମୌର ଜିଲାର ଏକ ସରକାରୀ ସ୍କୁଲରେ ୨୪ ଜଣ ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ସୋମବାର ଜଣେ ଶିକ୍ଷକଙ୍କୁ ଗିରଫ କରାଯାଇଛି। ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର କେତେଜଣ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଶିକ୍ଷକଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଘଟଣାକୁ ନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୭୫ ଏବଂ ପୋକ୍‌ସୋ ଆଇନ ଅନ୍ତର୍ଗତ ବିଭିନ୍ନ ପ୍ରାସଙ୍ଗିକ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି।

# ଦେଶର ରାଜନୀତିର ମୋଡ଼ ପରିବର୍ତ୍ତନ କରିଥିଲେ ଶ୍ୟାମାପ୍ରସାଦ: ମନମୋହନ


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)

ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତ୍ତନ କରିଥିଲେ। ତାଙ୍କ ଦୃଢ଼ତା ଏବଂ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ ତମ ବଳିଦାନ ଦିବସରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନମୋହନ କହିଛନ୍ତି, ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳି ସ୍ଥିତିରେ ପହଞ୍ଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢ଼େଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ। ୧୯୫୧ରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତ୍ତୀ ସମୟରେ ଭାଜପା ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି। ଏବେ ସାରା ଦୁନିଆ ଭାଜପାର ବିଶ୍ୱରୂପ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲକ୍ଷପତି ଦିଦି ଭାବେ ପୁରସ୍କୃତ ହେଲେ ବଣ୍ଡା ମହିଳା


ସମାରୀ ଜିଗିଡିଙ୍କ ସହ ଜନପ୍ରତିନିଧି।

ମାଲକାନଗିରି, ୨୩।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଜଣେ ବଣ୍ଡା ମହିଳା ଲକ୍ଷପତି ଦିଦି ପୁରସ୍କାର ପାଇ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଓ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବନେଶ୍ୱରଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡା ଗ୍ରାମର ଆଦିମ ବଣ୍ଡା ଜନଜାତି ମହିଳା ସମାରୀ ଜିଗିଡିଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ସମାରୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ବିକ୍ରି କରିବା, ଧାନ ଓ ପରିବା ବିକ୍ରିକରି ବାର୍ଷିକ ୨ ଲକ୍ଷ ୮୦ ହଜାର ଟଙ୍କା ଆୟ କରୁଥିବାରୁ ତାଙ୍କୁ ଲକ୍ଷପତି ଦିଦି ଭାବେ ଭୁବନେଶ୍ୱରସ୍ଥିତ ଜନତା ମଇଦାନ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରସ୍କୃତ ସହ ସମ୍ମାନିତ କରିଥିଲେ। ଏହି ଖବର ପାଇ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ସାନୀ ଓ କଦମଗୁଡା ସରପଞ୍ଚ ସୂର୍ଯ୍ୟ ନାରାୟଣ ଜିଗିଡିଙ୍କ ସହିତ ବଣ୍ଡା ମହିଳା ଓ ପୁରଷମାନଙ୍କ ସହିତ ଜିଲାର ସମସ୍ତ ଆଦିବାସୀ ସମାଜ ଓ ବଣ୍ଡାସମାଜ ସମାରୀ ଜିଗିଡିଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ସହ ଅନ୍ୟ ମହିଳାମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି।


## ଭାରତୀୟ ରିଜର୍ଭ ବ୍ୟାଙ୍କ୍

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ ରେ ଥିବା ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଅଗଷ୍ଟ 01, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**





## ସଂକ୍ଷେପରେ

### ଅଗ୍ନିକାଣ୍ଡ: ୨ଗାଈ ମୃତ, ୪ ଗୁରୁତର

**କୃଷ୍ଣପ୍ରସାଦ,୨୩।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ଗ୍ରାମର ଅଭିମନ୍ୟୁ ସାହୁଙ୍କ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ଗାଈ ମୃତ ଓ ୪ ଗୋରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମାଲୁଦ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ କିଛି ପୋଡ଼ି ନଷ୍ଟ ହୋଇଯାଇଥିଲା। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଦୁଃଖ ପ୍ରକାଶ କରିବା ସହ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଗୋ ପାଳକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ବିଧାୟିକାଙ୍କ ନିର୍ଦ୍ଦେଶକ୍ରମେ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, କୃଷ୍ଣପ୍ରସାଦ ଅତିରିକ୍ତ ତହସିଲଦାର ବିକାଶ କୁମାର ସେଠୀ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା. ସୁଦତ୍ତା ପଟ୍ଟନାୟକ, ଅତିରିକ୍ତ ଚିକିତ୍ସକ ଡା.ଗୁରୁ ପ୍ରସନ୍ନ ସାହୁ, ରାଜସ୍ୱ ନିରୀକ୍ଷକ ଅରୁଣ ବେହେରା, ମୋହନ ସ୍ୱାଇଁ, ଅମିନ ଜଗଦୀଶ ପ୍ରସାଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କ୍ଷତିଗ୍ରସ୍ତ ଗୋପାଳକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏହି ଅଗ୍ନିକାଣ୍ଡରେ ନିକଟରେ ଥିବା କବିରାଜ ସାହୁ ଏବଂ ତ୍ରିନାଥ ସାହୁଙ୍କ ଗୁହାଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

### ଦେଶୀମଦ ଜବତ, ୫ ଗିରଫ

**ବେଗୁନିଆ,୨୩।୬(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବେଗୁନିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବେଗୁନିଆ ଥାନା ଅନ୍ତର୍ଗତ ନାରାୟଣୀପଡ଼ା ଗ୍ରାମର ପ୍ରଦୀପ ନାୟକ, ହଳଦିଆ ଗ୍ରାମର ସୁକାନ୍ତ ପରିଡା, ରାଉତପଡ଼ା ଗ୍ରାମର ହେମନ୍ତ ନାୟକ, ପ୍ରମୋଦ ନାୟକ ଏବଂ ସାହାଡ଼ାପୁଟ ଗ୍ରାମର ସୁଦର୍ଶନ ନାୟକଙ୍କଠାରୁ ୯୩ଲିଟର ରନ୍ଧା ଦେଶୀ ମଦ ଜବତ ହୋଇଥିବା ବେଳେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧି, ପୁରୁଷୋତ୍ତମପୁର ପାଇକରାୟ, ବିଦ୍ୟୁତ୍ ପ୍ରଭା ସାହୁ, ଚିନ୍ମୟୀ ସେଠୀ, ସନ୍ତୋଷ ବରାଡ଼ ପ୍ରମୁଖ ସାମିଲ ଥିଲେ।

### ବାଇକ୍ ଚୋରି ଘଟଣାରେ ୩ ଗିରଫ

**ବାଲିପାଟଣା,୨୩।୬(ଅଭିମନ୍ୟୁ ନାୟକ):** ବାଇକ ଚୋରି ଘଟଣାରେ ବାଲପାଟଣା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ତରଡ଼ପଡ଼ା ଗାଁର ଗଙ୍ଗାଧର ସାହୁ, ଭାଇ ବିଦ୍ୟାଧର ସାହୁ ଓ ବନମାଳୀପୁରର କବାଡ଼ିଆ ସୁଶାନ୍ତ ବେହେରା। ଏନେଇ ଥାନାରେ ଏକ ମାମଲା (ନଂ. ୨୬୯/୨୫) ରୁଜୁ ହୋଇଥିଲା। ସୂଚନାଯୋଗ୍ୟ, ତରଡ଼ପଡ଼ା ଗାଁରେ ଏକ ବାହାଘର ଭୋଜିଚାଲିଥିବାବେଳେ ଏହାର ସୁଯୋଗରେ ନେଇ ଚୋରି କରିଥିଲେ। ପିପିଲି ଅଞ୍ଚଳର ରାଜ କିଶୋର ପ୍ରଧାନଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତାକୁ ଗୁରୁତ୍ୱ

**ଡାଇରିଆ ନିରାକରଣ ବୈଠକ**

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

ବର୍ଷାଋତୁ ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗର ନିରାକରଣ, ପ୍ରତିଷେଧ ଓ ପରିଚାଳନା ନିମନ୍ତେ ସମସ୍ତ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ଉଦ୍ଦେଶ୍ୟରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡାଇରିଆ ମୁକ୍ତ ଅଭିଯାନ ବୈଠକ ଗତ ଶିନବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଓ ଆଣ୍ଡ ପିଏଚ୍ଓ) ଡା. ସୁବାସ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ଡାକ୍ତର, ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ସଜାଗ ଓ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏ ଦିଗରେ ଗ୍ରାମାଞ୍ଚଳସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ କହିଥିଲେ। ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଡାଇରିଆ ସଚେତନ ସଂକ୍ରାନ୍ତୀୟ ପୋଷ୍ଟରକୁ



ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦେବ, ସିଡିଓ ଆଣ୍ଡ ପିଏଚ୍ଓ ଡା. ସୁବାସ ଚନ୍ଦ୍ର ରାୟ ଏବଂ ଅନ୍ୟମାନେ।

ଅତିଥିମାନେ ଉନ୍ମୋଚନ କରିଥିଲେ। ସିଡିଓ ଆଣ୍ଡ ପିଏଚ୍ଓ ଡା. ରାୟ କହିଥିଲେ, ଡାଇରିଆ ରୋଗୀଙ୍କ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଇରିଆ ୱାର୍ଡ କରାଯାଇଛି। ସମସ୍ତ ସିଏଚ୍ସି, ପିଏଚ୍ସି ସ୍ତରରେ ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମାଞ୍ଚଳ ସ୍ତରରେ ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟକର୍ମୀମାନେ ସ୍ଥାନୀୟ ମହିଳା ଗୋଷ୍ଠୀ, ସ୍ୱେଚ୍ଛାସେବୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ସତର୍କ ଓ ସଚେତନ ରହିଲେ ଡାଇରିଆ ରୋଗର ନିରାକରଣ କରାଯାଇପାରିବ। ପାଣିକୁ ଫୁଟାଇ ଥଣ୍ଡା ଯାଇଥିବା ପାଣି କିମ୍ବା ୧ଲିଟର ପାଣିରେ ଗୋଟିଏ ହାଲୋଜେନ ବଟିକା ପକାଇ ଅଧଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରିପାରିବେ। ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନରେ ଭଲ ଭାବେ ହାତ ଧୁଅନ୍ତୁ। କାହାର ଝାଡା, ବାନ୍ତି ଲକ୍ଷଣ ଦେଖାଗଲେ ତୁରନ୍ତ ଓଆର୍ଏସ୍, ଦ୍ରବଣ ପିଆନ୍ତୁ ଓ ନିକଟସ୍ଥ ଡାକ୍ତରଖାନା ନିଅନ୍ତୁ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବାକୁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡା.ଜୀବନ୍ତ ଆଚାର୍ଯ୍ୟ, ଡିପିଏଚ୍ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୬୪ ଅଭିଯୋଗରୁ ୨୬ ସାମୂହିକ



ବିଧାୟକ ପ୍ରଦୀପ ସାହୁ, ଏସ୍ପି ସାଗରିକା ନାଥ ଏବଂ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

**ବୋଲଗଡ଼,୨୩।୬(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ଏସ୍ପି ସାଗରିକା ନାଥ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ କିଶୋର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ୍ ୧୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୩୮ଟି ବ୍ୟକ୍ତିଗତ ଏବଂ ୨୬ଟି ଗ୍ରାମ୍ୟ ବା ସାମୂହିକ ଅଭିଯୋଗ ରହିଥିଲା। ଆବାସ ଯୋଜନା, ରାଶନ କାର୍ଡ ଓ ବିଭିନ୍ନ ଭତ୍ତା ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଜାଗା ଜବରଦଖଲ ଏବଂ ପାନୀୟଜଳ ସମ୍ପର୍କିତ ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗ୍ରହଣ କରିବା ପରେ ତର୍ଜମା କରି ଅଧିକାରୀମାନେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କେତେଜଣ ମହିଳା ହିତାଧିକାରୀଙ୍କୁ ବିଧାୟକ ଏବଂ ଏସ୍ପି ନୂତନ ରାଶନ କାର୍ଡ ବଣ୍ଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ବିଡିଓ ସୁମନ ସୁଧା କୁଣ୍ଡୁ, ତହସିଲଦାର ବିଜୟ ସେଠୀଙ୍କ ସମେତ ଜିଲା ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ୧୯ଟି ପଞ୍ଚାୟତ ଅଞ୍ଚଳ ଲୋକମାନଙ୍କ ଅଭିଯୋଗ ପଞ୍ଜୀକରଣ ଓ ଶୁଣାଣି କରିବାରେ ବ୍ଲକ ଉପାଧ୍ୟକ୍ଷ, ଜିଲାପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟମାନେ ସହଯୋଗ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ଜନସଚେତନତା ଷ୍ଟଲ ଖୋଲିଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ପିଠା ଏବଂ ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରାଯାଇଥିଲା। ଏବିଡିଓ ଡ. ରତିରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ପୋଲିସମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଚିଲିକା ସ୍ୱଚ୍ଛତା ସମ୍ପର୍କିତ କର୍ମଶାଳା

**ବାଲୁଗାଁ,୨୩।୬(ସଂଗ୍ରାମ ପାଇକରାୟ)**

ଫ୍ରେଣ୍ଡସ୍ ଅଫ୍ ନେଚର କ୍ଲବ ଭୁବନେଶ୍ୱର ପକ୍ଷରୁରବିବାର ବରକୁଳ ପାନ୍ଥନିବାସଠାରେ ଚିଲିକା ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ମନୋଜ କୁମାର ବିଶ୍ୱାଳ, ବିରଞ୍ଚି ନାରାୟଣ ଷେଣ୍ଢଙ୍କ ସମେତ ୨୫ଜଣ ସଦସ୍ୟ, ମା'କାଳିଜାଈ ମୋଟର ଡଙ୍ଗା ଶ୍ରମିକ ସଂଘର ସମ୍ପାଦକ ବିଭୂତି ବେହେରା ଏବଂ ମା'କାଳିଜାଈ ମୋଟର ବୋଟ ଓନର୍ସ ଆସୋସିଏଶନର ସମ୍ପାଦକ କଳାଚାନ୍ଦ ଦାସ ଯୋଗଦେଇ ଚିଲିକା ହ୍ରଦର ସ୍ୱଚ୍ଛତା ଅଭିଯାନ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ଜୁଲାଇ ୧୫ ଏବଂ ୧୬ ତାରିଖରେ କାଳିଜାଈ ମନ୍ଦିର ସଂଲଗ୍ନ ଚିଲିକା କୂଳକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯିବ ବୋଲି ନିଷ୍ପତ୍ତି ହୋଇଛି।


କର୍ମଶାଳାରେ ଉପସ୍ଥିତ ଫ୍ରେଣ୍ଡସ୍ ଅଫ୍ ନେଚର କ୍ଲବର ସଦସ୍ୟ ଏବଂ ଅନ୍ୟମାନେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍ଯାପିତ

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ):** ନବୀନାବରସ୍ଥିତ ରଘୁନାଥ ଦେବ ପୀଠରେ ମହାବୀର ଯୁବକ ସଂଘ ଦ୍ୱାରା ଦ୍ୱାଦଶ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍ଯାପିତ ହୋଇଯାଇଛି। ଗତ ୨୦ତାରିଖରୁ ଆରମ୍ଭ ହୋଇ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତିରେ ସମ୍ପନ୍ନ ହୋଇଛି। ତିନିଦିନ ଧରି ଯଜ୍ଞରେ ପ୍ରତ୍ୟହ ସୂର୍ଯ୍ୟ ପୂଜା, ଗୋପୂଜା, ହୋମ, ନାମ ଯଜ୍ଞ, ଗୀତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ନାମ ସଂକୀର୍ତ୍ତନ, ମନ୍ତ୍ରୋଚାରଣରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କର୍ତ୍ତାଭାବେ ଲଳିତ କୁମାର କର ଏବଂ ତାଙ୍କ ସ୍ତ୍ରୀ ସତ୍ୟଭାମା ଯଜ୍ଞ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ଭାବେ ସଚ୍ଚିଦାନନ୍ଦ ଖାଡଙ୍ଗା, ପଦ୍ମ ଚରଣ ଦାଶ, ରାମଚନ୍ଦ୍ର ଦୀକ୍ଷିତ ଯଜ୍ଞ କାର୍ଯ୍ୟକ୍ରମ ସମାପନ କରିଥିଲେ। ଅନୁଷ୍ଠାନର ବୁବୁ ନାୟକ, ଶରତ ପୃଷ୍ଟି, ଲଳିତ ମୋହନ ମହାପାତ୍ର, କାଉନସିଲର ସୁଶାନ୍ତ ଜେନା, ଗୋଲକ ହାତୀ, ଗୋବର୍ଦ୍ଧନ ବାରିକ, ବାସୁଦେବ ପ୍ରଧାନ, ପରେଶ କର, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ଧଇନ ବେହେରା, ଗଣେଶ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମଦ ଜବତ, ୨ ଗିରଫ

**ବେଗୁନିଆ,୨୩।୬(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଥାନା ପୋଲିସ ପକ୍ଷରୁ ରବିବାର ରାତିରେ ଚୋରା ନିଶାଦ୍ରବ୍ୟ କାରବାର ଉପରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୧୩ ଲିଟର ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ନେଇ ଦୁଇ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ମୁଗମଣ୍ଡା ଗ୍ରାମର ସୁରେଶ ସାମନ୍ତରାୟଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୭ ଲିଟର ଆସ୍କାଫର୍ଟି ମଦ ଜବତ କରାଯାଇଛି। ସେହିପରି ଆଉ ଏକ ମାମଲାରେ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଓଗାଳପୁର ଗ୍ରାମର ବାପୁନି ଦଳେଇଙ୍କୁ ଗିରଫ କରାଯାଇଛି। ବାପୁନିଙ୍କ ନିକଟରୁ ୬ ଲିଟର ବିଦେଶୀ ମଦ ଜବତ କରାଯାଇଛି।

# ବାଇକ୍ ପଛକୁ ଧକ୍କାଦେଲା ଟ୍ରକ୍, ମହିଳା ମୃତ

**ବେଗୁନିଆ/ବୋଲଗଡ଼,୨୩।୬(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର/ଦେବବ୍ରତ ହୋତା)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ଅନ୍ତର୍ଗତ ଟିକାତାଳ ତାରିଣୀ ଛକ ନିକଟରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ପଛକୁ ଟ୍ରକ୍ ଧକ୍କାଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳା ଗ୍ରାମର ପ୍ରଭାସିନୀ ଆଚାର୍ଯ୍ୟ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୮୧/୨୫) ରୁଜୁକରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଏଥିସହ ଟ୍ରକ୍ ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଶାନ୍ତନୁ ଏବଂ ତାଙ୍କ ସ୍ତ୍ରୀ ପ୍ରଭାସିନୀ ଏକ ବାଇକ୍ (ଓଡି୦୨ ଏସ୍ ୩୪୫୧)ରେ ରାଜସୁନାଖଳା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଟିକାତାଳ ତାରିଣୀ ଛକ ନିକଟରେ ଏକ ଟ୍ରକ୍ (ଏମପି ୦୯ ଏଚ୍ଏଚ୍ ୮୪୮୯) ଦ୍ରୁତଗତିରେ ଆସି ସେମାନଙ୍କ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ସେମାନେ ବାଇକ୍ରୁ ଛିଟିକି ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରଭାସିନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଠିକା କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓଡ଼ିଶା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜଟଣୀ,୨୩।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଅରଗୁଳସ୍ଥିତ ଫାଗୁଆ ଗବେଷଣା କେନ୍ଦ୍ରରେ କାର୍ଯ୍ୟରତ ଠିକା କର୍ମଚାରୀ ବିଭିନ୍ନ ଦାବି ପୂରଣ ପାଇଁ ୨୧ଦିନ ହେବ ଧାରଣାରେ ବସିଥିବା ବେଳେ ସୋମବାର ପ୍ରତ୍ୟାହୃତ ହୋଇଛି। ସୂଚନାଥାଉ କି, ଗତ ୧୫ତାରିଖରେ ବରଅରାସ୍ଥିତ ମହାବୀରଙ୍କ ମନ୍ଦିର ପରିସରରେ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓଡ଼ିଶା ପକ୍ଷରୁ ଫାଗୁଆ ଗବେଷଣା କେନ୍ଦ୍ରର ଠିକା କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଆଲୋଚନା କରାଯାଇଥିଲା। ଏହି ଠିକା କର୍ମଚାରୀଙ୍କ ଦାବି ପୂରଣ ନ ହେଲେ ୨୩ ତାରିଖରେ ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଫାଗୁଆ ଗବେଷଣା କେନ୍ଦ୍ର ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହିକ୍ରମରେ ସୋମବାର ନବ ନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓଡ଼ିଶାର ରାଜ୍ୟ ସଂଯୋଜକ ଏମ୍.ଡି. ମନୱର ଅଲ୍ଲିଙ୍କ ନେତୃତ୍ୱରେ ଅରଗୁଳ ରେଲୱେ ଷ୍ଟେଶନଠାରୁ ଏକ ରାଲି ବାହାରି ଫାଗୁଆ ଗବେଷଣା କେନ୍ଦ୍ରଠାରେ ପହଞ୍ଚିଥିଲା। ବିକ୍ଷୋଭ ପ୍ରଦର୍ଶନ ସହ ୮ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଦରେ ଅଟଳ ରହିଥିଲେ। ଫାଗୁଆ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପହଞ୍ଚି ଧାରଣାକାରୀ, ଏମ୍.ଡି. ମନୱର ଅଲ୍ଲୀ ଏବଂ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କ ସହ ଆଲୋଚନା କରିଥିଲେ। ଠିକା କର୍ମଚାରୀଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ବୋଲି ଏମ୍.ଡି. ମନୱର ଅଲ୍ଲୀ ସୂଚନା ଦେଇଛନ୍ତି।

# ଧଳାପଥରରେ ବୁଣାକାର ଦକ୍ଷତା ବିକାଶ ତାଲିମ


ତାଲିମ ଶିବିର ଉଦ୍‌ଘାଟନୀ ଦିବସରେ ଅତିଥି ଏବଂ ଅନ୍ୟମାନେ।

**ବୋଲଗଡ଼,୨୩।୬(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ଧଳାପଥରଠାରେ ଏକ ୬ମାସିଆ ବୁଣାକାର ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପରଦା ପ୍ରସ୍ତୁତି କଳାରେ ଦକ୍ଷତା ଥିବା ଏହି ଗାଁର ଅଧିକାଂଶ ବୁଣାକାର ପରିବାର ଉପଯୁକ୍ତ ପାରିଶ୍ରମିକ ଅଭାବରୁ ଏହି ବୃତ୍ତିରୁ ଦୂରେଇ ଯାଉଥିବା ବେଳେ ଉନ୍ନତ କଳା କୌଶଳ ଓ ଆଧୁନିକ ଶୈଳୀରେ ବୁଣାବୁଣି କରି ବ୍ୟବସାୟିକ ଉତ୍ଥାନ ଉଦ୍ଦେଶ୍ୟରେ ରାଜ ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ହସ୍ତତନ୍ତ ବିକାଶ ଯୋଜନା ମାଧ୍ୟମରେ ଏହି ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧାସ୍ଥିତ ସହକାରୀ ଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ତାଲିମ ଶିବିରକୁ ହାଣ୍ଡିକ୍ରାଫ୍ଟ ବିଭାଗର ଆସିଷ୍ଟାଣ୍ଡ ଡାଇରେକ୍ଟର(ଟେକ୍ସଟାଇଲ) ଜୟପ୍ରକାଶ ନାରାୟଣ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ତନ୍ତୁବାୟ ସହଯୋଗ ସମିତି ସହଯୋଗରେ ଅନୁଷ୍ଠିତ ଟ୍ରେନିଂ ପ୍ରୋଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ୨୦ଜଣ ବୁଣାକାର ତାଲିମ ନେବେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତି ସଭାପତି ବ୍ରଜବନ୍ଧୁ ରାଉତ ଓ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ପରଦା କାରିଗର ତଥା ଟ୍ରେନର ସୁରେଶ ରାଉତ, ରମାକାନ୍ତ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ। ୱେଭିଂ ସୁପ୍ରରଭାଇଜର ବିଶ୍ୱରୂପା ରାଉତରାୟ, ବୈଷୟିକ ସହାୟିକା ଲକ୍ଷ୍ମୀ ପ୍ରିୟା ଦାସ, ସୁଜାତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ତାଲିମ ପରେ ବୁଣାକାରଙ୍କ ଦକ୍ଷତା ବୃଦ୍ଧି ସହ ସମସ୍ତ ବ୍ୟବସାୟିକ ସହାୟତା ଯୋଗାଇବା ନେଇ ବିଶ୍ୱାଳ ପ୍ରତିଶ୍ରୁତି ଦେଇଛନ୍ତି।

# ମାର୍ଶଲଆର୍ଟ ପାଇଁ ଶୃଙ୍ଖଳାଜ୍ଞାନ ଜରୁରୀ

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

ଅପ ଏ ୱିନ କରାଟେ ଏକାଡେମୀ ପକ୍ଷରୁ ସ୍ଥାନୀୟ ଗୀତା ଭବନ ପରିସରରେ ଦ୍ୱାଦଶତମ କରାଟେ ବେଲ୍ଟଗ୍ରେଡିଂ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ସମ୍ପର୍କରେ କହିଥିଲେ। ମାର୍ଶଲ ଆର୍ଟରେ ଶୃଙ୍ଖଳାଜ୍ଞାନ, ଧୈର୍ଯ୍ୟ, କଠିନ ପରିଶ୍ରମ କରିବାକୁ କହିଥିଲେ। ଅତିଥିଭାବେ ରାଜ୍ୟ ପ୍ରାଶନିକ ପ୍ରଶିକ୍ଷଣ କେନ୍ଦ୍ରର ଉପନିର୍ଦ୍ଦେଶକ ସୋମ୍ୟକାନ୍ତ ସୋମ୍ୟଦର୍ଶୀ ଏବଂ ମୁଖ୍ୟ ବକ୍ତାଭାବେ ବରିଷ୍ଠ ଅଧିବକ୍ତା ଶକ୍ତି ଶଙ୍କର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଅତିଥିମାନେ କରାଟେ ପ୍ରଶିକ୍ଷଣ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୫ଜଣ ପ୍ରଶିକ୍ଷାର୍ଥୀ ଦିପ୍ସା ଦେବାନ୍ସି ପ୍ରଧାନ, ପ୍ରୀତମଜିତ୍ ମଙ୍ଗରାଜ, ଆଦ୍ୱିକ୍ ନରେନ୍ଦ୍ର, କେ. ନୀତିନ ଦାସ ମହାପାତ୍ର,

**୫ଜଣ ପାଇଲେ ବ୍ଲାକବେଲ୍ଟ, ପ୍ରମାଣପତ୍ର**

ଅନିକେତ ପ୍ରଧାନଙ୍କୁ ବ୍ଲାକ ବେଲ୍ଟ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅପ ଏ ୱିନର ନିର୍ଦ୍ଦେଶିକା ମୂର୍ଚ୍ଛନା ସୁବୁଦ୍ଧି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏକାଡେମୀ ପକ୍ଷରୁ ଗତ ବର୍ଷଠାରୁ ଟଙ୍ଗ-ଲି-ମୁଡ, ମାର୍ଶଲ ଆର୍ଟକୁ ସାମିଲ କରାଯାଇଛି। ଏହି ମାର୍ଶଲ ଆର୍ଟରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆସନ୍ତା ନଭେମ୍ବରରେ କାମ୍ବୋଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ପରୀକ୍ଷା ନିୟନ୍ତ୍ରକ ତଥା କରାଟେ ଏକ୍ସପର୍ଟ ରାନା ଦେ, ଅଜିତ କୁମାର ପଲ, ଭୁବନେଶ୍ୱରର ଲଲାଟେନ୍ଦୁ ପରିଜା ଏବଂ ବଳରାମ ନାୟକ ଉପସ୍ଥିତ ଥିଲେ।



ଏସ୍ପିଙ୍କ ଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ୫ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ। ସୋମବାର ସଙ୍ଗଠନର ଏକାଧିକ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୫ଦଫା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋପାଳପୁର ଗଣବଳାତ୍କାର ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ହରିଚନ୍ଦନପୁର ସମେତ ସମ୍ପ୍ରତି ରାଜ୍ୟରେ ବଢ଼ିଚାଲିଥିବା ବଳାତ୍କାର, ହତ୍ୟା, ନିର୍ଯାତନା ଭଳି ଘଟଣାରେ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯାଉ। ମଦ, ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଉ। ସୋସିଆଲ ମିଡିଆ, ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ଅଶ୍ଳୀଳତା, ଅପରାଧମୂଳକ କାର୍ଯ୍ୟକ୍ରମର ପ୍ରସାର ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ନାରୀ ସୁରକ୍ଷାକୁ ସୁନିଶ୍ଚିତ ସହ ପୋଲିସ ପ୍ରଶାସନକୁ ଅଧିକ କ୍ରିୟାଶୀଳ, ସମ୍ବେଦନଶୀଳ ହେବାକୁ ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଙ୍ଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ନେତୃତ୍ୱରେ ଜିଲା ସଭାପତି ଜ୍ୟୋତ୍ସ୍ନା ରାଉତରାୟ, ଜିଲା ସାଧାରଣ ସମ୍ପାଦିକା ସଂଘମିତ୍ରା ମହାପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର ମହିଳା ସଶକ୍ତୀକରଣର ଡିଣ୍ଡିମ ପିଟୁଥିବା ବେଳେ ସେପଟେ ଦିନକୁ ଦିନ ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର ଭଳି ଘଟଣା ବଢ଼ିଚାଲିଛି। କିଛିଦିନ ତଳେ ତାଳଚେର ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଜଣେ ଝିଅକୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଗୋପାଳପୁର ବେଳାଭୂମି ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ଜାତୀୟ ସ୍ତରରେ ଓଡ଼ିଶା ଛବିକୁ ମଳିନ କରିଛି। ଏହାର ପ୍ରତିକାର ସ୍ୱରୂପ ରାଜ୍ୟରେ ମଦ, ମାଦକ ଦ୍ରବ୍ୟ କାରବାର ସମ୍ପୂର୍ଣ୍ଣ ବନ୍ଦ, ଅପରାଧପ୍ରବଣ ଚଳଚ୍ଚିତ୍ର, ଧାରାବାହିକ, ଉତ୍ତେଜନାପୂର୍ଣ୍ଣ ବିଜ୍ଞାପନ ପ୍ରସାରଣ ଯୋଗୁ ସମାଜରେ ନକାରାତ୍ମକ ଭାବ, କଳୁଷିତ ବାତାବରଣ ସୃଷ୍ଟି ହେଉଛି। ଏହାର ପ୍ରଭାବ ଯୁବପିଢ଼ିଙ୍କ ଉପରେ ପଡୁଛି। ଉପରୋକ୍ତ ୫ଦଫା ଦାବି କାର୍ଯ୍ୟକାରୀ ସହ ପୀଡିତାଙ୍କୁ ଆଇନଗତ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ। ଅପରାଧ ଦମନରେ ପୋଲିସର ବିଫଳତା, ଅପରାଧୀଙ୍କୁ ସୁରକ୍ଷା ଦେବା ମଧ୍ୟ ଆପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ସରକାର କଠୋର ପଦକ୍ଷେପ ନେବାକୁ ସଙ୍ଗଠନ ଦାବି କରିଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।

## ସଂକ୍ଷେପରେ

# ଅଭିଯୁକ୍ତ ବୃଦ୍ଧଙ୍କୁ ୩ ବର୍ଷ ଜେଲଦଣ୍ଡ

### ନାବାଳିକା ଅସଦାଚରଣ ମାମଲା

ଭୁବନେଶ୍ୱର,୨୩।୬
(ସତ୍ୟଜିତ୍ ରାଉତ)

ନାବାଳିକା ଅସଦାଚରଣ ମାମଲାରେ ଜଣେ ବୃଦ୍ଧଙ୍କୁ ଭୁବନେଶ୍ୱରସ୍ଥିତ ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପାଣ୍ଡରା ଅଞ୍ଚଳରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ (୬୧)। ତାଙ୍କୁ ୩ବର୍ଷ ଜେଲଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୯ ବର୍ଷୀୟା ନାବାଳିକାଙ୍କୁ ପୂର୍ଣ୍ଣଚନ୍ଦ୍ର ବିଭିନ୍ନ ସମୟରେ ଚକୋଲେଟ, ବିସ୍କୁଟ, ମିକ୍ସଚର ଓ ଟଙ୍କା ଦେଇ ତାଙ୍କ ଗୋଶାଳାକୁ ନେଇ ଅସଦାଚରଣ କରୁଥିଲେ। ପୀଡିତାଙ୍କ ମା’ ୨୦୧୮ ଅଗଷ୍ଟ ୧୦ରେ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ.୩୮୪/୨୦୧୮) ରୁଜୁ କରି ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। କୋର୍ଟ ୧୩ ଜଣଙ୍କ ସାକ୍ଷ୍ୟ ଓ ୬୫ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି।

# ୫ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)
ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ। ସୋମବାର ସଙ୍ଗଠନର ଏକାଧିକ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୫ଦଫା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋପାଳପୁର ଗଣବଳାତ୍କାର ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ରାଜ୍ୟରେ ବଢ଼ିଚାଲିଥିବା ବଳାତ୍କାର, ହତ୍ୟା, ନିର୍ଯାତନା ଘଟଣାରେ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯାଉ। ମଦ, ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଉ। ସୋସିଆଲ ମିଡିଆ, ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ଅଶ୍ଳୀଳତା, ଅପରାଧମୂଳକ କାର୍ଯ୍ୟକ୍ରମ ପ୍ରସାର ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ନାରୀ ସୁରକ୍ଷାକୁ ସୁନିଶ୍ଚିତ ସହ ପୋଲିସ ପ୍ରଶାସନକୁ ଅଧିକ କ୍ରିୟାଶୀଳ, ସମ୍ବେଦନଶୀଳ ହେବାକୁ ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ୫ ବିଷୟରେ ୫ବର୍ଷିଆ ପାଠ୍ୟକ୍ରମ ଆରମ୍ଭ ହେବ

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ନୂତନ ଭାବେ ୫ ବିଷୟରେ ପାଠ୍ୟକ୍ରମ ଆରମ୍ଭ ହେବ। ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ କମ୍ପ୍ୟୁଟିଂ, ମ୍ୟାଥ୍‌ମେଟିକ୍ସ ୱିଥ୍ ଡାଟା ସାଇନ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ କମ୍ପୁଟେଶନାଲ ଫାଇନାନ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମଏସ୍‌ସି ପାଠ୍ୟକ୍ରମ ଆରମ୍ଭ ହେବ। ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଏହି ସୂଚନା ଦେଇଛନ୍ତି। ଏଥିସହ ସେ ଗଣିତକୁ ପ୍ରୟୋଗ କରି ମାନବ ସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

### ନୂତନ ଗ୍ରନ୍ଥାଗାର କୋଠାର ଭିତ୍ତିପ୍ରସ୍ତର ସ୍ଥାପନ



ବିଜ୍ଞାନ ଓ କାରିଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଲେ, ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରାଯିବ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ ହେବ। ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା ତୁଲାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଗଣିତ କ୍ଷେତ୍ରରେ ଅଧିକରୁ ଅଧିକ ପ୍ରୟୋଗାତ୍ମକ ଗବେଷଣା କରାଯିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରଠାରେ ୧୦୦ ଏକର ଜାଗାରେ ସାଇନ୍ସ ସିଟି ପ୍ରତିଷ୍ଠା ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ଆସନ୍ତା ୫ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗ ହସ୍ପିଟାଲରେ ରୋଟାରୀ ଶାନ୍ତିସ୍ତୂପ ସ୍ଥାପନ



ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ବିଶ୍ୱଶାନ୍ତି ଓ ସମନ୍ୱୟ ପ୍ରତି ନିଜର ଅତୁଟ ସମର୍ପଣକୁ ପ୍ରତିପାଦିତ କରିବା ଲକ୍ଷ୍ୟରେ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ ପକ୍ଷରୁ କଳିଙ୍ଗ ହସ୍ପିଟାଲରେ ଏକ ଶାନ୍ତିସ୍ତୂପ ସ୍ଥାପନ କରାଯାଇଛି। ଏହି ଶାନ୍ତିସ୍ତୂପ ରୋଟାରୀର ଅତୁଟ ଦୃଷ୍ଟିକୋଣ ‘ଲେଟ୍ ପିସ୍ ପ୍ରିଭେଲ ଅନ୍ ଆର୍ଥ’କୁ ଶକ୍ତିଶାଳୀ ଭାବେ ସ୍ମରଣ କରାଉଛି। ଏନେଇ ରୋଟାରୀ ଜିଲା ଗଭର୍ନର ଯଜ୍ଞାଶିଷ ମହାପାତ୍ର କହିଛନ୍ତି, ଶାନ୍ତିର ଅର୍ଥ କେବଳ ଯୁଦ୍ଧ ନ ଥିବା ଅବସ୍ଥା ନୁହେଁ, ବରଂ ଏହା ହେଉଛି ନ୍ୟାୟ, ସମତା ଓ ଦୟାର ଉପସ୍ଥିତି। ଶାନ୍ତିସ୍ତୂପ ମାଧ୍ୟମରେ ଆମେ ସମସ୍ତ ଜନମାନସକୁ ନିଜ ଭୂମିକା ବିଷୟରେ ଚିନ୍ତା କରିବାକୁ ପ୍ରେରିତ କରିବାକୁ ଚାହୁଁଛୁ। କାର୍ଯ୍ୟକ୍ରମରେ ହସ୍ପିଟାଲ ଅଧ୍ୟକ୍ଷ ଡା. ଶୀତକଣ୍ଠ ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସନ୍ତୋଷ କୁମାର ଡୋରା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଶୂନ ଦୁର୍ଘଟଣା ଦିବସ ଅବସରରେ ସୋମବାର ବିଏମ୍‌ସି ପକ୍ଷରୁ ସଚେତନତା ବାର୍ତ୍ତା ନେଇ ବାହାରିଥିବା ବାଇକ୍ ରାଲି।

# ୩ ସ୍ଥାନରୁ ଚୋରି: ଥାନାରେ ଅଭିଯୋଗ

ବାରଙ୍ଗ,୨୩।୬(ଲିଙ୍ଗରାଜ ରାଉତ)

ଘରେ କେହି ନ ଥିବା ସୁଯୋଗରେ ପଞ୍ଚୁପାଳ ଗ୍ରାମର ୩ଟି ସ୍ଥାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଗ୍ରାମର ପରିକ୍ଷିତ ବେହେରାଙ୍କ ଘରର ତାଲା ଭାଙ୍ଗି ସୁନା ଚେନ, ମୁଦି, ସୁନା ଶଙ୍ଖା ଆଦି ଅଳଙ୍କାର ସହ ୧୫ରୁ ୨୦ ହଜାର ଟଙ୍କା ଚୋରି କରିଥିବା ସେ ସୋମବାର ଅଭିଯୋଗରେ ଦର୍ଶାଇଛନ୍ତି। ସବୁଦିନ ଭଳି ସେ ରବିବାର ରାତିରେ ଘର ବନ୍ଦକରି ପାଖରେ ଥିବା ଅନ୍ୟ ଏକ ଘରକୁ ଶୋଇବାକୁ ଯାଇଥିଲେ। ସୋମବାର ସକାଳେ ଘର ପାଖକୁ ଆସିବା ପରେ ଘର ତାଲା ଭଙ୍ଗାଯାଇଥିବା ସହ ଅଗଣାରେ ଏକ ଗାମୁଛା ପଡ଼ିଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ପଶିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଅନ୍ୟପଟେ ଏହି ଗ୍ରାମର ବିକଳ ବିଷୋୟୀ, ମିଟୁ ବିଷୋୟୀଙ୍କ କୁକୁଡ଼ା ଫାର୍ମରୁ କିଛି ନିତ୍ୟବ୍ୟବହୃତ ସାମଗ୍ରୀ ଚୋରି ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

# ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୨୩।୬(ସୁନିତ୍ ମିଶ୍ର)

ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଡ଼ଭାଇଜରି ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଛି। ଭାଜପା କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ତେଣୁ ରାଜ୍ୟରେ ଦେଖାଦେଇଥିବା ଏଭଳି ପରିସ୍ଥିତିକୁ ନେଇ ବିଜୁ ମହିଳା ଜନତା ଦଳ ଜୁଲାଇ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଅରୁଣ କୁମାର ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି, ଭାଜପା ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ବର୍ତ୍ତମାନ ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି। ଆମେରିକା ରାଷ୍ଟ୍ରପତିଙ୍କ ତରଫରୁ ନିକଟରେ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜରିରେ ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟକୁ ଯିବାକୁ ସେମାନଙ୍କ ନାଗରିକମାନଙ୍କୁ ବାରଣ କରାଯାଇଛି। ଏହି ରାଜ୍ୟଗୁଡିକରେ ଅଧିକ ସଂଖ୍ୟାରେ ମହିଳାମାନେ ବଳାତ୍କାରର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଓଡ଼ିଶା ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ଓ ବର୍ଷ ପୂର୍ତ୍ତିରେ ନିଜ ସଫଳତାର ଡିଣ୍ଡିମ ପିଟୁଥିବା ରାଜ୍ୟ ଭାଜପା ସରକାରଙ୍କ ମୁହଁରେ ଏହା କାଳି ବୋଳି ଦେଇଛି। ଏହାଦ୍ୱାରା ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି। ରାଜ୍ୟର ମନ୍ତ୍ରୀମାନେ ଟ୍ରମ୍ପଙ୍କ କଥାକୁ ପ୍ରତିବାଦ କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଏହାର ସଫେଇ ଦେବାର ଆବଶ୍ୟକତା ରହିଛି। ଟ୍ରମ୍ପଙ୍କ କଥାକୁ ଭାଜପା ସର୍ବଦା ଗୁରୁତ୍ୱ ଦେଇ ଆସୁଥିବାବେଳେ

# ଜ୍ଞାନ ପ୍ରକାଶର ୯ମ ବାର୍ଷିକ ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, ୨୩। ୬ (ସୌମ୍ୟରଞ୍ଜନ ରାଉତ)

ଶିକ୍ଷାଭିତ୍ତିକ ପତ୍ରିକା ଜ୍ଞାନ ପ୍ରକାଶର ୯ମ ବାର୍ଷିକ ଉତ୍ସବ ଓ ଜାତୀୟ ସମ୍ମିଳନୀ ସୂଚନା ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ଜ୍ଞାନଚାନ୍ଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏନ୍‌ସିଆରଟିର ପ୍ରଫେସର ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥିଭାବେ ଶିକ୍ଷା ବିଭାଗ ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ଦାସ, ୱାଇସିଡିଏ ସିଇଓ ରାଜେନ୍ଦ୍ର ମେହେର, ଆକାଉଣ୍ଟ ଅଫିସର ନୀତିଶ ସିହ୍ନା, ହାସ୍ୟ କବି ଜ୍ଞାନ ହୋତା, ଜ୍ଞାନ ପ୍ରକାଶର ରାଜ୍ୟ ମୁଖ୍ୟ ତଥା ସହ ସମ୍ପାଦିକା ଅମ୍ବିକା ସ୍ୱାଇଁ, ସମ୍ପାଦକ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜ୍ଞାନ ପ୍ରକାଶ ୯ମ ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବା ସହ ମୟୂରଭଞ୍ଜର ନୃତ୍ୟଶ୍ରୀ କରଞ୍ଜିଆ, ଭୁବନେଶ୍ୱରର ନୃତ୍ୟ ଧ୍ୱଜା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଛଉ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ପ୍ରତିଭାମାନଙ୍କୁ ଜ୍ଞାନ ପ୍ରକାଶ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା।

# ଚିଲିକା ସ୍ୱଚ୍ଛତା ସମ୍ପର୍କିତ କର୍ମଶାଳା



ଫ୍ରେଣ୍ଡସ୍ ଅଫ୍ ନେଚର କ୍ଲବ ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ଚିଲିକା ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ କର୍ମଶାଳା।

ବାଲୁଗାଁ,୨୩।୬
(ସଂଗ୍ରାମ ପାଇକରାୟ)

ଫ୍ରେଣ୍ଡସ୍ ଅଫ୍ ନେଚର କ୍ଲବ ଭୁବନେଶ୍ୱର ପକ୍ଷରୁ ରବିବାର ବରକୁଲ ପାନ୍ଥନିବାସଠାରେ ଚିଲିକା ସ୍ୱଚ୍ଛତା ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ମନୋଜ କୁମାର ବିଶ୍ୱାଳ, ବିରଞ୍ଚି ନାରାୟଣ ଷେଣ୍ଢଙ୍କ ସମେତ ୨୫ଜଣ ସଦସ୍ୟ, ମା’କାଳିଜାଈ ମୋଟର ଡଙ୍ଗା ଶ୍ରମିକ ସଂଘର ସମ୍ପାଦକ ବିଭୂତି ବେହେରା ଏବଂ ମା’କାଳିଜାଈ ମୋଟର ବୋଟ ଓନର୍ସ ଆସୋସିଏଶନର ସମ୍ପାଦକ କଳାଚାନ୍ଦ ଦାସ ଯୋଗଦେଇ ଚିଲିକା ହ୍ରଦର ସ୍ୱଚ୍ଛତା ଅଭିଯାନ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ଜୁଲାଇ ୧୫ ଏବଂ ୧୬ ତାରିଖରେ କାଳିଜାଈ ମନ୍ଦିର ସଂଲଗ୍ନ ଚିଲିକା କୂଳକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ପେନ୍‌ସନ୍ ସଂକ୍ରାନ୍ତ ବିଲ୍ ପ୍ରତ୍ୟାହାର ପାଇଁ ବିଭିନ୍ନ ସଂଘର ଦାବି

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭୁବନେଶ୍ୱର, ୨୩।୬ (ସୌମ୍ୟରଞ୍ଜନ ରାଉତ)

ସର୍ବଭାରତୀୟ ରାଜ୍ୟ ପେନ୍‌ସନର୍ସ ଫେଡ଼େରେଶନ, ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଓ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଗତ ମାର୍ଚ୍ଚରେ ଲୋକ ସଭାର ଅର୍ଥବିଲ୍‌ର ଅଂଶ ଭାବରେ ପାରିତ ହୋଇଥିବା ପେନ୍‌ସନ୍ ସଂକ୍ରାନ୍ତ ବିଲ୍‌କୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ ସୋମବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିଷ୍ଟାଣ୍ଟ କଲେକ୍ଟର୍ ବିଶ୍ୱଜିତ୍ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ରସରକାରଙ୍କ ପେନ୍‌ସନ ସଂକ୍ରାନ୍ତ ବିଲ୍ ସର୍ବୋଚ୍ଚ ନ୍ୟାୟାଳୟ ନିୟମକୁ ଉଲ୍ଲଂଘନ କରୁଛି। ପୂର୍ବ ବେତନ କମିଶନରଙ୍କ ନିଷ୍ପତ୍ତି ଅନୁସାରେ କାର୍ଯ୍ୟକାରୀ ହେଉଥିବା ପେନ୍‌ସନ୍ ସଂକ୍ରାନ୍ତ ନିୟମକୁ ୭ମ ବେତନ କମିଶନଙ୍କ ନିଷ୍ପତ୍ତି ଅନୁସାରେ କର୍ଯ୍ୟକାରୀ କରାଯାଉ ବୋଲି ଦାବି ହୋଇଛି। ଦାବିପତ୍ର ପ୍ରଦାନବେଳେ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଚନ୍ଦ୍ର ପଣ୍ଡା, ଉପସଭାପତି ଲକ୍ଷ୍ମୀ ପ୍ରସାଦ ସାମନ୍ତରାୟ, ସଂଗଠନ ସମ୍ପାଦକ ନୀଳ ମୋହନ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ, ବାଲେଶ୍ୱର ଉପସଭାପତି ସୁଦର୍ଶନ ଦାସ ଓ ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, କୋଷାଧ୍ୟକ୍ଷ ରଧାମୋହନ ମହାପାତ୍ର, ଜନକଲ୍ୟାଣ ସମ୍ପାଦକ ବିମଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ପ୍ରଦାନ ଅବସରରେ ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ।

## ଫଟୋରେ ଖବର




ଓଏସ୍‌ଏପି, ଆଇଆର୍‌ବି, ଏସ୍‌ଏସ୍‌ବିରେ ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପିଲାମାନେ କାର୍ଯ୍ୟରେ ଯୋଗଦେବାକୁ ଦାବି କରି ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଭୁବନେଶ୍ୱର ଏସ୍‌ଓଏସ୍ ଭିଲେଜରେ ସୋମବାର ଏସ୍‌ଓଏସ୍ ଦିବସ ପାଳନ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସେଲ୍‌କୋ ଫାଉଣ୍ଡେଶନର ରାଜ୍ୟ ମୁଖ୍ୟ ସତ୍ୟପ୍ରିୟ ସାହୁ, ଶିଶୁ କଲ୍ୟାଣ କମିଟି(ସିଡବ୍ଲ୍ୟୁସି)ର ଅଧ୍ୟକ୍ଷା ବାଗ୍ମିଶ୍ରୀ ଦାସ ଏବଂ ସିଡବ୍ଲ୍ୟୁସି ସଦସ୍ୟା କଳାଶ୍ରୀ ପଟ୍ଟନାୟକ ଯୋଗ ଦେଇ ପିଲାମାନଙ୍କ ମଧ୍ୟରେ ଉତ୍ସାହ ଭରିଥିଲେ।

## କେବୁଲ ଚୋରି ଅଭିଯୋଗରେ ଜଣେ ଗିରଫ

ଚୌଦ୍ୱାର, (ଆଶୁତୋଷ ଦାସ): ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ଓ ଟେଲିଫୋନ୍ କେବୁଲ ଚୋରି କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ୍ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କପାଳେଶ୍ୱର ନୂଆସାହିର ସଂଗ୍ରାମ ସାମଲ (୨୭)। ତାଙ୍କ ନିକଟରୁ ଚୋରି ବିଦ୍ୟୁତ୍ ଓ ଟଲିଫୋନ୍ କେବୁଲ ସହିତ ବିଦ୍ୟୁତ୍ ଓ ଫୋନ୍ ଲାଇନ୍‌ରେ ବ୍ୟବହୃତ କିଛି ପିତ୍ତଳ ଯନ୍ତ୍ରପାତି ଓ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୬୫/୨୫)ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କଟକ ସଦର,୨୩।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ା ଗ୍ରାମ ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତାପ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ ରଥ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ରଥ ଗୋପୀନାଥ ଠାକୁର ଘରୁ ବାହାରି କଦମ୍ବେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ ନୂତନ କମିଟି ଚୟନ କରାଯାଇଥିଲା। ଆବାହକ ଡ. ଅଜୟ କୁମାର ପତି, ସଂଯୋଜକ ସଞ୍ଜୟ କୁମାର ପତି, ସଭାପତି ଭାବରେ ଦେବୀପ୍ରସାଦ ପତି, ଉପ ସଭାପତି ଗିରିଜା ଶଙ୍କର ପତି, ସାଧାରଣ ସମ୍ପାଦକ ଲକ୍ଷ୍ମୀ ଧର ପତି, ଯୁଗ୍ମ ସମ୍ପାଦକ ସଚ୍ଚିକାନ୍ତ ବେଉରା, ସହ ସମ୍ପାଦକ ଦିଲ୍ଲୀପ ବେହେରା, କୋଷାଧକ୍ଷ ଶ୍ରୀ ବିରଜା ନନ୍ଦନ ପତି ମନୋନୀତ ହୋଇଥିଲେ।

## 'ଭାଜପା ଦଳୀୟ ସଭ୍ୟ ଭାବେ କାର୍ଯ୍ୟକ୍ରମରେ ଯୋଗଦେବା ନିନ୍ଦନୀୟ'

କଟକ,୨୩।୬(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି କମିଶନର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଘଟଣାକୁ ନିନ୍ଦା କରିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ସୋମବାର ଦୋଳମୁଣ୍ଡାଇଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଦେବାଶିଷ ଖବରଦାତାଙ୍କ ପ୍ରଶ୍ନରେ ପ୍ରତିକ୍ରିୟା ଦେଇ କହିଛନ୍ତି, କଟକରେ ଡାଇରିଆ ସ୍ଥିତି ସଙ୍ଗୀନ ହୋଇଯାଇଛି। ସଂକ୍ରମଣ ବ୍ୟାପୁଥିବାବେଳେ ଏଥିପ୍ରତି ସିଏମ୍‌ସି କମିଶନର ଓ ମେୟର ଯତ୍ନବାନ ହୋଇ କାମ କରିବା କଥା। ହେଲେ ସମ୍ମସି କମିଶନର ଭାଜପା ସଦସ୍ୟ ଭାବେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଯୋଗ ଦିବସ ପାଳନ କରିବାରେ ବ୍ୟସ୍ତ ରହିଛନ୍ତି। ସେଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ସିଏମ୍‌ସି କେଉଁ ପ୍ରକାରର ଚାଲିଛି। ତାଙ୍କ ଚାକିରି ଯେତେ ଦିନ ଥାଉ ନାଁ କାହିଁକି, ସେ ଦଳୀୟ ସଭ୍ୟ ନୁହନ୍ତି ବରଂ ଜଣେ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ବୋଲି କମିଶନର ମନେ ରଖିବା ଉଚିତ୍। ସୂଚନାଥାଉକି, ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଯୋଗ ଦିବସ ପାଳନ କରୁଥିବା ଓ ଦଳୀୟ ସଭ୍ୟଙ୍କ ସହ ତଳେ ଫଟୋ ଉତ୍ତୋଳନ କରିଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

## ୧୦ ୱାର୍ଡ ସଭ୍ୟାସଭ୍ୟଙ୍କ ଇସ୍ତଫା ଗୃହୀତ

**ପରମହଂସ ଗ୍ରାମପଞ୍ଚାୟତ**

କଟକ ସଦର,୨୩।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମପଞ୍ଚାୟତ ନାଏବ ସରପଞ୍ଚଙ୍କ ସମେତ ୧୦ ୱାର୍ଡ ସଭ୍ୟାସଭ୍ୟ ଇସ୍ତଫା ଦେଇଥିଲେ। ସରପଞ୍ଚ ତ୍ରିଲୋଚନ ପାତ୍ର ତାକୁ ଗ୍ରହଣ କରିବା ପରେ ଉକ୍ତ ପଞ୍ଚାୟତର ୧୦ ୱାର୍ଡ ସଭ୍ୟ ପଦବୀ ଖାଲି ପଡିଲା। ପୁନଃ ନିର୍ବାଚନ ପାଇଁ କଟକ ସଦର ଉପଜିଲାପାଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଜଣାଇବେ। ଯେହେତୁ ଚଳିତ ଅବଧି ପଞ୍ଚାୟତର କାର୍ଯ୍ୟକାଳ ୧୯ ମାସ ରହିଛି। ତେଣୁ ୱାର୍ଡ ସଭ୍ୟ ନିର୍ବାଚନ କରାଯିବ। ମେ ୨୧ରେ ଇସ୍ତଫା ଦେଇଥିବା ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ମାତ୍ର ଦୁଇ ତୃତୀୟାଂଶ ସଭ୍ୟ ଆସି ନ ଥିବାରୁ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା। ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ ଅନୁଯାୟୀ ଆଉ ୧ ବର୍ଷ ଭିତରେ ଅନାସ୍ଥା ସରପଞ୍ଚଙ୍କ ବିରୋଧରେ ଆସି ପାରିବନାହିଁ।

# ସୁରୁଖୁରୁରେ ଯାତ୍ରା ଶେଷ କରିବା ଉପରେ ଗୁରୁତ୍ୱ

## ଦୋଳମୁଣ୍ଡାଇ ରଥଯାତ୍ରା ପ୍ରସ୍ତୁତି ବୈଠକ



ଦୋଳମୁଣ୍ଡାଇ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

କଟକ,୨୩।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦୋଳମୁଣ୍ଡାଇ ରଥଯାତ୍ରା ନିମନ୍ତେ ମହାତାବ ରୋଡସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ହୋଟେଲଠାରେ ଶ୍ରୀଶ୍ରୀ ପତିତପାବନ ଜିଉ ମନ୍ଦିର ପରିଚାଳନା କମିଟି ଓ ହରିପୁର ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଯୋଗଦେଇ କହିଛନ୍ତି, ଦୋଳମୁଣ୍ଡାଇଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଶେଷ କରିବା ଦିଗରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ପୂଜା କମିଟି ସଭାପତି ରାମକୃଷ୍ଣ ହାତୀ, ସମ୍ପାଦକ ବିକ୍ରମ ଛାଟୋଇ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ରଞ୍ଜନ କୁମାର ବିଶ୍ୱାଳ, ସିଏମ୍‌ସି ସ୍ୱାସ୍ଥ୍ୟ କମିଟି ଅଧକ୍ଷା ତଥା କର୍ପୋରେଟର ଦୀପ୍ତିମୟୀ ମୂଳିଆ ଯୋଗଦେଇଥିଲେ। ବୈଠକରେ ପୋଲିସ ପ୍ରଶାସନ, ଜିଲା ପ୍ରଶାସନ ଓ ସିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ରାସ୍ତାଘାଟ, ଡ୍ରେନ୍, ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିମଳ, କେବୁଲ, ଆଇନଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇ ଏହି ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ କାର୍ଯ୍ୟ କରିବା ଦିଗରେ ସ୍ଥିର କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସୁମିତ୍ରା ବସ୍ତିଆ, ପଦ୍ମିନୀ ସାହୁ, ଏସିପି ଜୋନ-୬ ଅଶୋକ କୁମାର ଗିରି, ଟ୍ରାଫିକ ଏସିପି ଜୟନ୍ତ କୁମାର ଡୋରା, ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ୨୫ ଦିଗଭାଗ ସର୍ବାଧିକାରୀ ସୁରେଶ ଚନ୍ଦ୍ର ସାହୁ, ୨୨ ଦିଗଭାଗ କାର୍ଯ୍ୟକାରୀ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ, ୨୫ ଦିଗଭାଗ ସର୍ବ ମହନ୍ତ ରବୀନ୍ଦ୍ର ବସ୍ତିଆ, ଗ୍ରାମ ଅଧିକାରୀ ହରେକୃଷ୍ଣ ପ୍ରଧାନ, ପ୍ରଦୀପ ସିହ୍ନା, କ୍ଷୀରୋଦ ମହାରଣା, ବିଜୟ କୁମାର ନାୟକ, ବ୍ରଜ କିଶୋର ପ୍ରଧାନ, ମହନ୍ତ ସନାତନ ସ୍ୱାଇଁ, ବାସୁଦେବ ବେହେରା, ସ୍ମୃତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଆଇନଜୀବୀ ଲିଙ୍ଗରାଜ ହାତୀ ପରିଚାଳନା କରିଥିଲେ। ବାଉରୀ ବନ୍ଧୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଚଳିତବର୍ଷ ପ୍ରଥମଥର ଗଢ଼ିବ ୩ ରଥ



ଶେଷ ସ୍ପର୍ଶ ଅପେକ୍ଷାରେ ତିନି ରଥ।

ଚୌଦ୍ୱାର,୨୩।୬(ଆଶୁତୋଷ ଦାସ)

ଚାରିଆଡେ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଯୋରସୋରରେ ଚାଲିଛି। ତେବେ ଚୌଦ୍ୱାରରେ ଚଳିତବର୍ଷ ପ୍ରଥମ ଥର ପାଇଁ ମହାପ୍ରଭୁଙ୍କ ୩ରଥ ନିର୍ମାଣ ଲାଗି କାରିଗରମାନେ ରାତିଦିନ କାମରେ ଲାଗିଥିବା ଦେଖିବାକୁ ମିଳିଛି। ଚୌଦ୍ୱାର ୩ କୋଣିଆସ୍ଥିତ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପାଇଁ ୩ଟି ରଥ ନିର୍ମାଣ କରି ଘୋଷଯାତ୍ରା କରିବା ପାଇଁ କମିଟି କର୍ମକର୍ତ୍ତାମାନେ ଅଣ୍ଟା ଭିଡିଛନ୍ତି। ଆଜକୁ ୪୭ ବର୍ଷ ଧରି ଏହି ଜଗନ୍ନାଥ ମନ୍ଦିରର ରଥ ଯାତ୍ରାରେ ଗୋଟିଏ ରଥରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ୩ଟି ରଥ ନିର୍ମାଣ କରାଯାଉଛି। ୧୨ଜଣ ମୁଖ୍ୟ କାରିଗର ସହିତ ୮ଜଣ ସହାୟକ ଅହୋରାତ୍ର ରଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଲାଗିପଡିଛନ୍ତି। ଚଳିତବର୍ଷ ପ୍ରାୟ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଘୋଷଯାତ୍ରାରେ ଖର୍ଚ୍ଚ କରାଯିବା ପାଇଁ ଯୋଜନା ରହିଥିବା କମିଟି କର୍ମକର୍ତ୍ତା ଅକ୍ଷୟ କୁମାର ସାହୁ, ମଙ୍ଗରାଜ ବେହେରା,ବିମଳ କୁମାର ବେଉରା, ହରିହର ସାହୁ ଓ ଦିଲୀପ କୁମାର ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ୩ ରଥରେ ମହାପ୍ରଭୁଙ୍କ ଯାତ୍ରା ଦେଖିବା ପାଇଁ ଚୌଦ୍ୱାର ଓ ଆଖପାଖ ଗ୍ରାମବାସୀ ଉତ୍କଣ୍ଠାର ସହିତ ଅପେକ୍ଷାରେ ରହିଛନ୍ତି। ସେହିପରି କେଦାରେଶ୍ୱର ଚାରବାଟିଆ ଶ୍ର ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ରଥ ନିର୍ମାଣରେ ପରିବର୍ତ୍ତନ ହୋଇଥିବା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁଭେନ୍ଦୁ ସାମଲ କହିଛନ୍ତି। ପୂର୍ବରୁ ରଥରେ ୮ଟି ଚକା ଲାଗିଥିବା ବେଳେ ଏବର୍ଷ ୧୨ଚକା ସହିତ ରଥର ଉଚ୍ଚତା ମଧ ବୃଦ୍ଧି ପାଇଛି। ଅସନ୍ତା ୨୬ ତାରିଖ ନେତ୍ରୋତ୍ସବଠାରୁ ମହାପ୍ରଭୁଙ୍କ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପ୍ରାୟ ସବୁ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଦେବୋତ୍ତର ଆୟୁକ୍ତଙ୍କ ଦ୍ୱାରା ଅନୁମୋଦିତ, ଆଇନ ବିଭାଗ, ଓଡିଶା ସାରକାରଙ୍କ ଦ୍ୱାରା ପରିଚାଳିତ ଏକମାତ୍ର ଜଗନ୍ଥ ମନ୍ଦିର ଚଳିତ ବର୍ଷ ଘୋଷଯାତ୍ରାରେ ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବା ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନୁରୁପ ଭାବେ ଗୁପ୍ତେଶ୍ୱର ସାହି, ବିଲ୍ଟୁ ବଜାର ରଥ ନୁତନ ରଙ୍ଗରୁପରେ ଗଢା ଯାଇଥିବା ଅଜିତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ଡ୍ରିମ୍‌ସରେ ବିଶ୍ୱ ଅଲିମ୍ପିକ୍ ଦିବସ




ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ବିଶ୍ୱ ଅଲିମ୍ପିକ୍ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

କଟକ,୨୩।୬(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଅଲିମ୍ପିକ୍ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଭବନ ନିକଟରୁ ଅଲମ୍ପିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ସହ ଏଥିପ୍ରତି ଆଗ୍ରହ ସୃଷ୍ଟି ପାଇଁ ଏକ ସଚେନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଅଲମ୍ପିକ କ୍ରୀଡ଼ାରେ ଭାରତୀୟ କ୍ରୀଡାବିତ୍‌ଙ୍କ ସଫଳତା ଆମକୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ମୁଖ୍ୟ ସଂଯୋଜନାରେ ବ୍ୟାଡ୍‌ମିଣ୍ଟନ, ମ୍ୟୁଜିକ୍ ଚେୟାର, ଟଗ୍ ଅଫ ୱାର ଓ ଲେମ୍ବୁ ଦୋଡ଼ ଆଦି ପ୍ରତିଯୋଗିତା କରାଯାଇଲ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଆଧୁନିକ ଅଲମ୍ପିକ୍‌ର ଜନ୍ମଦିବସକୁ ସ୍ମରଣୀୟ କରିବା ଲାଗି ପ୍ରତିବର୍ଷ ଏହି ଉତ୍ସବ ପାଳିତ ହେଉଥିବା କହିଥିଲେ। କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରଂହଣ କରିଥିଲେ।

## ସତ୍‌ସଙ୍ଗ ବିହାରର ପ୍ରତିଷ୍ଠା ଦିବସ



କଟକ,୨୩।୬(କାର୍ତ୍ତିକ ସାହୁ)

କଟକ ସତସଙ୍ଗ ବିହାରର ୫୦ତମ ପ୍ରତିଷ୍ଠା ଦିବସ ଓ ଶ୍ରୀଶ୍ରୀ ବଡ଼ଦା'ଙ୍କ କଟକ ଶୁଭ ଆଗମନ ଉତ୍ସବ ବକ୍ସିବଜାରସ୍ଥିତ ସତସଙ୍ଗବିହାରଠାରେ ସୋମବାର ପାଳିତ ହୋଇଯାଇଛି। ସହପ୍ରତିଋତିକ ଅମରନାଥ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତସଙ୍ଗରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ରଘୁନାଥ ବିଶ୍ୱାଳ ଯୋଗଦେଇଥିଲେ। ଦେଓଘର ସତସଙ୍ଗ ଆଶ୍ରମର ସମ୍ପାଦକ ପ୍ରତିଋତିକ ଡ. ବିନାୟକ ମହାପାତ୍ର, ଶ୍ରୀଧର ସୁନ୍ଦର ମିଶ୍ର ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟ ଜୀବନ ଏବଂ ଶ୍ରୀ ଶ୍ରୀ ବଡଦା'ଙ୍କ ଶୁଭ କଟକ ଆଗମନ ବିଷୟରେ ଆଲୋଚନା କରିଥିଲେ। ସତସଙ୍ଗ ବିହାରର ପରିଚାଳକ ସହପ୍ରତିଋତିକ ଇଂ. ସନାତନ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରକାଶ ଚନ୍ଦ୍ର ଶତପଥି ଶ୍ରୀ ଶ୍ରୀ ବଡ଼ଦା'ଙ୍କ ୫୦ ବର୍ଷ ତଳର ଆଗମନୀ ବିବରଣୀ ପାଠ କରିଥିଲେ। ପୂର୍ବାହ୍ଣରେ ଶ୍ରୀ ଶ୍ରୀ ବଡଦା'ଙ୍କ ପ୍ରତିକୃତି ସହ ନଗର ପରିକ୍ରମା କରାଯାଇଥିଲା। ସଙ୍ଗୀତାଞ୍ଜଳି, କୀର୍ତ୍ତନ ଓ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଡା. ନଗେନ୍ଦ୍ରନାଥ ସ୍ୱାଇଁ, ଉମ୍ବରୁଧର ଦାସ, ଗୁରୁଚରଣ ପରିଡ଼ା. ରାଜକିଶୋର ପ୍ରଧାନ, ପ୍ରମୋଦ କୁମାର ଶତପଥି, ରତ୍ନାକର ପ୍ରଧାନ, ପ୍ରମୋଦ କୁମାର ଦାସ, ବିଭୁତି ଭୂଷଣ ପତି, ଜିତେନ୍ଦ୍ର କୁମାର ପତି, ଗୌତମ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## 'ଶବ୍ଦାର୍ଥ ଜ୍ଞାନର ପରିଚୟ ଦେଇଛି ଅଭିଧାନ'

### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ 'ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା'




'ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା'ରେ ଉପସ୍ଥିତ ଅତିଥି।

କଟକ,୨୩।୬ (କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟ ସମାଲୋଚକ ଡ. ନଟବର ଶତପଥୀ 'ଓଡ଼ିଆ ଅଭିଧାନର ଯାତ୍ରାପଥ' ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରି କହିଲେ, ଭାଷାର ଅବବୋଧ ପାଇଁ ବ୍ୟାକରଣ ପରି ଅଭିଧାନ ଏକ ନିୟମାକ ଶାସ୍ତ୍ର। ଉନବିଂଶ ଶତାବ୍ଦୀରୁ ବିଭିନ୍ନ ଭାଷାବିତ୍‌ଙ୍କ ଦ୍ୱାରା ଏହା ପ୍ରଣୟନ କରାଯାଇ ଓଡ଼ିଆ ଭାଷାର ବ୍ୟାପ୍ତି ଓ ବିସ୍ତୃତି ସମ୍ପର୍କରେ ଶବ୍ଦାର୍ଥଜ୍ଞାନର ପରିଚୟ ପ୍ରଦାନ କରିଛି। ଏଥିସହ ଏହାର ପ୍ରାସଙ୍ଗିକତା ଉପଲବ୍ଧି ଓ ପ୍ରୟୋଗସିଦ୍ଧତା ଓଡ଼ିଆ ସାହିତ୍ୟକୁ ନୂତନ ଦିଶା ଦେଇଆସିଛି। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାହିତ୍ୟ ଆଲୋଚନାର ସମ୍ପାଦକ ସରୋଜିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସଙ୍ଗଠନ ସମ୍ପାଦକ ଡାକ୍ତର ସୁନାମଣି ରାଉତ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସମେତ ମନୋରଞ୍ଜନ ମିଶ୍ର, ଉମାଶଙ୍କର ମିଶ୍ର, ଡାକ୍ତର ମନୋରଞ୍ଜନ ବେହୁରା, ନଳିନୀକାନ୍ତ ପଣ୍ଡା ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟ ନିର୍ବାହିକା କମିଟି ସଦସ୍ୟ ରାଧାଶ୍ୟାମ ରାଉଳଙ୍କ ସମେତ ଡା. ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ

ଚୌଦ୍ୱାର,୨୩।୬(ଆଶୁତୋଷ ଦାସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଆରୋଗ୍ୟ କାମନା କରି ଚୌଦ୍ୱାର ସହର ତଥା ପଞ୍ଚାୟତସ୍ତରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ୮ନଂ. ୱାର୍ଡସ୍ଥିତ ନାରାୟଣ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ସମେତ ବିଜୁ ମହିଳା ଜନତା ଦଳ, ବିଜୁ ଯୁବ ଓ ଛାତ୍ର ଜନତା ଦଳ, କାଉନସିଲର ବୃନ୍ଦ ଉପସ୍ଥିତ ରହି ନବୀନଙ୍କ ଆଶୁ ଆରୋଗ୍ୟ କରି ଦୀପଦାନ କରିଥିଲେ। ସେହିପରି ବାଣିପଦା ପଞ୍ଚାୟତ ହନୁମାନ ମନ୍ଦିରରେ ପଞ୍ଚାୟତବାସୀଙ୍କ ପକ୍ଷରୁ ସମୁହ ଦୀପଦାନ କରାଯାଇଛି। ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ନେତୃତ୍ୱରେ ଜିଲା ପରିଷଦ ସଦସ୍ୟା ଜୋସ୍ନାରାଣୀ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ସରପଞ୍ଚ, ସମିତିସଭ୍ୟ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଇମାମନଗର ମୌଜାକୁ ଟାଙ୍ଗୀ-ଚୌଦ୍ୱାର ତହସିଲରେ ସାମିଲ କର

ମଙ୍ଗୁଳି-ଜଗତପୁର,୨୩।୬(ମାନସ ସାମଲ)

ଜଗତପୁର ଥାନା ଅଧୀନ ଇମାମନଗର ମୌଜାକୁ ଚୌଦ୍ୱାର-କଟକ ପରିଷଦ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ତହସିଲରେ ସାମିଲ କରିବାକୁ ଦାବି କରାଯାଇଛି। ଏହିକ୍ରମରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଦାବିପତ୍ର ଉଲ୍ଲେଖ ରହିଛି, ଜଗତପୁର ଅଞ୍ଚଳରେ ସମୁଦାୟ ୪ଟି ରାଜସ୍ୱ ମୌଜା ନିମପୁର, ତରୋଳ, ଖଏରା ଓ ଇମାମନଗର ରହିଛି। ସେଥି ମଧ୍ୟରୁ ନିମପୁର, ତରୋଳ, ଓ ଖଏରା ମୌଜା ଜଗତପୁରସ୍ଥିତ ଟାଙ୍ଗୀ-ଚୌଦ୍ୱାର ତହସିଲରେ ସାମିଲ ଥିବାବେଳେ ଇମାମନଗର ମୌଜା ୨୦କି.ମି. ଦୂର ସାଲେପୁର ତହସିଲରେ ସାମିଲ ରହିଛି। ଫଳରେ ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟରେ ଇମାମନଗର ମୌଜାବାସୀ ସାଲେପୁର ଯାଇ ଯାତାୟାତରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଦୂରତା ଦୃଷ୍ଟିରୁ ଇମାମନଗର ମୌଜାଠାରୁ ସାଲେପୁର ତହସିଲ କାର୍ଯ୍ୟାଳୟ ୨୦ କିମି ଦୂର ଥିବାବେଳେ ଜଗତପୁରସ୍ଥିତ ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ମାତ୍ର ୨ କିମି ଦୂର ରହିଛି। ଲୋକଙ୍କ ସୁବିଧା ଦୃଷ୍ଟିରୁ ଇମାମ ନଗର ମୌଜାକୁ ସାଲେପୁର ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟରୁ ଅନ୍ତର କରି ଜଗତପୁରସ୍ଥିତ ଟାଙ୍ଗୀ ଚୌଦ୍ୱାର ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟରେ ସାମିଲ କରିବାକୁ ଦାବ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ମାନସ ପରିଡ଼ା, ବରିଷ୍ଠ ମୁରବୀ ଶିବ ଚରଣ ପ୍ରଧାନ, ପ୍ରମୋଦ ମହାନ୍ତି, କିଶୋର ନାୟକ, କବି ବ୍ରଜବନ୍ଧୁ ପୃଷ୍ଟି, ଗୋଲେଖ ଚନ୍ଦ୍ର ରାଉତ, ବିଳାସ ବିଶ୍ୱାଳ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ତୀର୍ଥାନନ୍ଦ ପଣ୍ଡା, ମାନସ ନାୟକ, ଅଶୋକ ମିଶ୍ର, ଦୁର୍ଯ୍ୟୋଧନ ପ୍ରଧାନ, ଆବାସ ମଲ୍ଲିକ, ସୌମ୍ୟରଞ୍ଜନ ପଣ୍ଡା, ରବୀନ୍ଦ୍ର ପଣ୍ଡା, ସୁମତି ହେମ୍ବ୍ରମ, ଜୟ ନାରାୟଣ ତ୍ରୀପାଠୀ, ଅଶୋକ ବିଶ୍ୱାଳ ଓ ଋଷି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଫଟୋ ରେଖା**



ଗ୍ରୀଷ୍ମାବକାଶ ପରେ ଖୋଲିଲା ସ୍କୁଲ୍: ସୋମବାର ରେଭେନ୍‌ଶା କଲିଜିଏଟ୍ ସ୍କୁଲ୍‌ର କ୍ଲାସ୍ ସରିବା ପରେ ଛାତ୍ରୀଛାତ୍ରମାନେ ଫେରୁଛନ୍ତି।




ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ମହିଳାମାନଙ୍କ ଉପରେ ଆକ୍ରମଣ ଓ ବଳାତ୍କାରୀମାନଙ୍କୁ କଠୋର ଦଣ୍ଡ ଦେବା ଦାବି ନେଇ ସୋମବାର ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

## ସ୍କୁଲ୍‌ରେ ରଙ୍ଗ ବୋଲି ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ୍ ମସୁଧା ଘଟଣା

■ଛାନ୍‌ଭିନ୍ କରିବେ ଜିଲାପାଳ

କୋଣାର୍କ,୨୩।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ଅବଦାନ ପଞ୍ଚାୟତ ଅନୁଦାନ, କାକଟପୁର ପଞ୍ଚାୟତ ସମିତି ଅନୁଦାନ ଓ ପୁରୀ ଜିଲା ସମଗ୍ର ଶିକ୍ଷା ଆର୍ଥିକ ଅନୁଦାନରେ ୫ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତାରେ କୋଟାଙ୍ଗ ଗ୍ରାମର ନୀଳକଣ୍ଠେଶର ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ବିଦ୍ୟା ନିକେତନ ଶ୍ରେଣୀ ଗୃହ ମରାମତି ସହ ରଙ୍ଗ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ମାତ୍ର କାକଟପୁର ବ୍ଲକ ପ୍ରଶାସନ ଓ ଅବଦାନ ପଞ୍ଚାୟତର କେତେଜଣ ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ଗୁପ୍ତ ବୁଝାମଣା ହୋଇ ମରାମତି କାର୍ଯ୍ୟ କରା ନ ଯାଇ ଶ୍ରେଣୀଗୃହ ଗୁଡ଼ିକରେ ନାମକୁ ମାତ୍ର ରଙ୍ଗ ବୋଲି ଲକ୍ଷାଧିକ ଟଙ୍କା ହରିଲୁଟ କରିବା ପାଇଁ ମସୁଧା ଚଳାଇଥିବା ନେଇ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ଏହି ଅନିୟମିତତା ଘଟଣାର ଛାନ୍‌ଭିନ କରି ସତ୍ୟତା ଉନ୍ମୋଚନ କରିବା ପାଇଁ ସୋମବାର ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ନୀଳକଣ୍ଠେଶ୍ୱର ସ୍କୁଲ୍ ଓ ଶ୍ରୀଜଗନ୍ନାଥ ବିଦ୍ୟା ନିକେତନର ଶ୍ରେଣୀ ଗୃହ ମରାମତି ଅଭାବରୁ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ କେଉଁ କେଉଁ କାର୍ଯ୍ୟ ପାଇଁ ଏଷ୍ଟିମେଣ୍ଟ ପ୍ରସ୍ତୁତ କରାଯାଇଥିଲା ଓ କେଉଁ ଅନୁଯାୟୀ କି କି କାର୍ଯ୍ୟ ହୋଇଛି ଏବଂ କାର୍ଯ୍ୟର ମାନ କ'ଣ ରହିଛି ତାହାର ବିଧିବଦ୍ଧ ତଦନ୍ତ ହେବ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ତଦନ୍ତ ପାଇଁ ନିବେଦନ କରିବା ପରେ ଜନଶୁଣାଣି ପୋର୍ଟାଲର କେସ୍ ନଂ- ସିଏମ୍‌ଓ-୨୦୨୫୧୨୪୩୩୦୯ ଅନୁଯାୟୀ ପୁରୀ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଭାଗ୍ୟଧର ଧଳ କହିଛନ୍ତି, ଉଭୟ ବିଦ୍ୟାଳୟରେ ହୋଇଥିବା କାମ ଅନୁଯାୟୀ ଏଷ୍ଟିମେଟ କରାଯାଇ ବିଲ୍ କରାଯିବ ବୋଲି ପ୍ରକାଶ କରିଛନ୍ତି।




୨୩।୬।୨୦୨୫

| | |
|---|---|
| ୧,୦୦,୫୦୮ ଟଙ୍କା | |
| ସୁନା | ୧.୯୫୦ ଗ୍ରାମ୍ |
| ରୁପା | ୨.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଶରଧାବାଲି ପବିତ୍ରତା ବଜାୟ ରଖାଯାଉ: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ଶରଧାବାଲିର ପବିତ୍ରତା ଓ ସାଂସ୍କୃତିକ ଗୁରୁତ୍ୱ ବଜାୟ ରଖିବାକୁ ପୁରୀ ପୌରସଂସ୍ଥାକୁ ଅନୁରୋଧ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଚିଠି ଲେଖିଛନ୍ତି। ଡ. ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ସହ ସମ୍ପୃକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ପବିତ୍ର ଶରଧାବାଲିର ଅନେକ ଗୁରୁତ୍ୱ ରହିଛି। ଶରଧାବାଲିର ସାଂସ୍କୃତିକ ତଥା ଆଧାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରା ନ ଯାଉ ବରଂ ଏହାର ସୁରକ୍ଷା ତଥା ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଗଲେ ଶ୍ରୀମନ୍ଦିର ପରମ୍ପରା ତଥା ଐତିହ୍ୟ ବୃଦ୍ଧିମନ୍ତ ହେବ। ଭକ୍ତଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଶରଧାବାଲିକୁ କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟ ସକାଶେ ସଂରକ୍ଷିତ ରଖିବାକୁ ମୁଖ୍ୟ ପ୍ରଶାସକ ପାଢ଼ୀ ପରାମର୍ଶ ଦେଇଛନ୍ତି।

### ଚଢ଼ାଉର ଦିନକ ପରେ ପୁଣି ମଦ ବିକ୍ରି

ଯୋଗେଶ୍ୱରପୁର,୨୩।୬(ରଶ୍ମିରଞ୍ଜନ ସାହୁ)

ଚଢ଼ାଉର ଦିନକ ପରେ ମଧ ସେମିତି ମଦ ବେପାର ଚାଲିଥିବା ଜଣାପଡ଼ିଛି। ନୟାହାଟ ଫାଣ୍ଡି ଅଧୀନ ଦେଓ୍ୱଳୀ ପଞ୍ଚାୟତର ବାଲିଦଣ୍ଡା ଛକସ୍ଥିତ ଏକ ପାନ ଦୋକାନରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ ହେବା ସହ ଏକ ମାମଲା ରୁଜୁ କରାଯାଇ ଦୋକାନୀଙ୍କୁ ଜାମିନରେ ଛଡ଼ାଯାଇଥିଲା। ତେବେ ବଳିଦଣ୍ଡା ଛକରେ ୩ ଜଣ ଚୋରା ମଦ ବିକ୍ରି କରୁଥିବାବେଳେ ଅନ୍ୟ ଜଣେ ଦୋକାନୀ ନୟାହାଟ-ନାଗପୁର ରାସ୍ତାପାର୍ଶ୍ୱରେ ପାନଦୋକନ କରି ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସନ୍ଧ୍ୟାହେଲେ ସେଠାରେ ମଦ୍ୟପ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆତଙ୍କ ସୃଷ୍ଟି କରୁଛନ୍ତି, ଫଳରେ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେଠାରୁ ଚୋରାମଦ ବନ୍ଦ କରିବାକୁ ମହିଳା ସଙ୍ଗଠନ ଦାବି କରୁଛି। ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ନ ଦେଲେ ମହିଳାମାନେ ନୟାହାଟ ଓ ନାଗପୁର ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।




ଏଆଇଏସ୍‌ଏଫ୍‌ର ଛାତ୍ରୀଛାତ୍ରମାନେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଏଆଇଏସ୍‌ଏଫ୍ ପକ୍ଷରୁ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ନିମାପଡ଼ା,୨୩।୬(ବିଚିତ୍ରାନନ୍ଦ ସାହୁ)

ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପୁରୀ ଜିଲା କମିଟି ପକ୍ଷରୁ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପ୍ରାୟ ୧୦୦ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ ଛାତ୍ରୀଛାତ୍ରଙ୍କୁ ସରକାରୀ ବସ୍, ମୋ ବସ୍‌ରେ ଯାତାୟାତ ପାଇଁ ବସ୍ ଭଡ଼ା ସମ୍ପୂର୍ଣ୍ଣ ଛାଡ଼, ଘରୋଇ ବସ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ୭୦ପ୍ରତିଶତ ରିହାତି ଦେବା ନେଇ ଦାବି କରିଥିଲେ। ସଂଘର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ସଂଘମିତ୍ରା ଜେନା, ନିମାପଡ଼ା ଶାଖା ସଭାପତି ପପୁ ରାଉତ, ସମ୍ପାଦକ ଶଙ୍କର ପ୍ରଧାନ, ଛାତ୍ରନେତା ପ୍ରେମ୍ ରଞ୍ଜନ ସେଠୀ, ସ୍ୱରୂପ କୁମାର ବେଉରା, ସତ୍ୟଜିତ ମାହାରୀ, ସୋନାଲି ପ୍ରଧାନ, ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସଂଘ ନିମାପଡ଼ା ଶାଖା ଓ ପୁରୀ ଜିଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିମାପଡ଼ା ବିଡିଓ ଅଭିଜିତ୍ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଛି। ଯଦି ସରକାର ଏହି ଦାବିରେ ଯଥାଶୀଘ୍ର ସୁବିଚାର ନ କରନ୍ତି ତେବେ ଏଆଇଏସ୍‌ଏଫ୍ ପକ୍ଷରୁ ରାଜ୍ୟବ୍ୟାପ ଛାତ୍ର ଓ ଗଣ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଭାନେତ୍ରୀ ଜେନା ଆନ୍ଦୋଳନ ସ୍ଥଳରେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲା।

## ୪ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା/ବଳଙ୍ଗା,୨୩।୬
(ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ)

ନିମାପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୯ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୪ଟିଆର୍‌ଡି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ବଳଙ୍ଗା-ବନମାଳୀପୁର ରାସ୍ତାର ଏକମୋକୋଣା ଛକରୁ ବସନ୍ତମାଳ ଛକ ରାସ୍ତା, ୩ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟରେ ବଳାଙ୍ଗାରୁ ଗୋପୀନାଥପୁର ୨ କି.ମି. ୬୭୦ ମିଟର ରାସ୍ତା, ୪ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନୂଆରକରି ଛକଠାରୁ ଅନ୍ତୁଆର ଗ୍ରାମ ରାସ୍ତା, ୫ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା ପାଟପୁର ଛକଠାରୁ ଅରିଷଣ୍ଡ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଭିନ୍ନ ସ୍ଥାନରେ ଆୟୋଜିତ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ମିନଲତା ମହାନ୍ତି, ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ନାୟକ, ସରପଞ୍ଚ ମଧୁସ୍ମିତା ସାହୁ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନ୍‌ସିଲର ନିରଞ୍ଜନ ନାୟକ, ବଳଙ୍ଗା ମଣ୍ଡଳ ସଭାପତି ତଥା ବରିଷ୍ଠ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଯୁବନେତା ବ୍ରଜେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନ୍‌ଗୋ, ପୁରୀ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ପ୍ରସନ୍ନ ଦାସ, ପ୍ରଭାକର ନାୟକ, ସରୋଜ ସାହୁ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।



ଏକମୋକୋଣା-ବସନ୍ତମାଳ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

## ୩ ଶିଶୁ ଶ୍ରମିକ ଉଦ୍ଧାର

ଅସ୍ତରଙ୍ଗ,୨୩।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବଜାର ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ୟାରେଜ, ଗୁପଚୁପ ଦୋକାନ, ବାଦାମ ବ୍ୟବସାୟୀଙ୍କ ପାଖରୁ ଜିଲା ଶ୍ରମ ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ମାଲିକମାନେ ତୁରନ୍ତ ତାଙ୍କ ଘରେ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସହ ନୋଟିସେ ମଧ ଦିଆଯାଇଛି ବୋଲି ଜିଲା ଶ୍ରମ ବିଭାଗ ସହକାରୀ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ କହିଛନ୍ତି। ଅସ୍ତରଙ୍ଗ ତହସିଲ ଅଫିସ ସାମ୍ନାରେ ଏକ ଗାଡ଼ି ଗ୍ୟାରେଜ୍‌ରେ ବିହାରର ଜଣେ ନାବାଳକ କାମ କରୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ବାଦାମ ବ୍ୟବସାୟୀଙ୍କ ନିକଟରୁ ଉତ୍ତର ପ୍ରଦେଶର ଜଣେ ନାବାଳକକୁ ଉଦ୍ଧାର କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଆଳଙ୍ଗପୁର ଅଞ୍ଚଳରୁ ବିହାରର ଜଣେ ନାବାଳକ ଗୁପଚୁପ ବିକ୍ରି କରୁଥିବା ବେଳେ ଜିଲା ଶ୍ରମ ବିଭାଗ ଉଦ୍ଧାର କରିଥିଲା। ୩ ଶିଶୁ ଶ୍ରମିକ କାମ କରୁଥିବା ମାଲିକଙ୍କୁ ଅସ୍ତରଙ୍ଗ ପୋଲିସ ଉପସ୍ଥିତିରେ କାରଣ ଦର୍ଶାଅ ନୋଟିସ ଦେବା ସହ ଉକ୍ତ ୩ ନାବାଳକଙ୍କୁ ତୁରନ୍ତ ତାଙ୍କ ଘରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଢ଼ାଉ ସମୟରେ ଜିଲା ଶ୍ରମ ବିଭାଗର ଆଶିଷ କୁମାର ମାଝୀ, ଜିଲା ଶିଶୁ ସୁରକ୍ଷା ସହାୟକ ସୂର୍ଯ୍ୟକାନ୍ତ ପଣ୍ଡା, ପରାମର୍ଶଦାତା ଭବାନୀ ଶଙ୍କର ପଲାଇଙ୍କ ସମେତ ଅସ୍ତରଙ୍ଗ ଥାନା ପୋଲିସ ଉପସ୍ଥିତ ଥିଲେ। ଏହି ଚଢ଼ାଉ ଅସ୍ତରଙ୍ଗ ବଜାର ସମେତ ଅନ୍ୟ ଅଞ୍ଚଳରେ ଜାରିରହିବ ବୋଲି ଜିଲା ସହକାରୀ ଶ୍ରମ ଅଧିକାରୀ କହିଛନ୍ତି।

## ଦୋକାନରୁ ଚୋରି

ଯୋଗେଶ୍ୱରପୁର,୨୩।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତ ଜହ୍ନିମାଳିଆ ଛକରେ ଥିବା ଏକ ଦୋକାନରୁ ଚୋରି ହୋଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏନେଇ ଗୋପ ଥାନାରେ ଏକ ମକଦ୍ଦମା ରୁଜୁ ହୋଇଛି। ପ୍ରକାଶ ଯେ, ପବିତ୍ର ନାୟକଙ୍କ ଗୁଆ ମସଲା ଦୋକାନରୁ ରବିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଦୋକାନ ପଛ ଇଟାକାନ୍ଥ ଭାଙ୍ଗି ଭିତରେ ପଶିଥିଲେ। ପରେ ସେଠାରୁ ତେଲ, ସାବୁନ, ବିସ୍କୁଟ, ଅମୂଲ, ଡାଲି ଇତ୍ୟାଦି ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ଚୋରିକରି ନେଇଥିବା ପବିତ୍ର ଅଭିଯୋଗରେ ଦର୍ଶାଇଛନ୍ତି।

## ରଥଖଳାରୁ...

### ରଥ ପ୍ରଭାରେ ରଙ୍ଗକାର୍ଯ୍ୟ ଆରମ୍ଭ



କଳସୀ ଉପରେ ଲାଗୁଥିବା ରଥ ଅଁଳାକୁ ରଙ୍ଗ କରାଯାଉଛି।

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ରଥଖଳାରେ ତିନିରଥର ପାର୍ଶ୍ୱ ଦୁଆରବେଢ଼ା ରଥ ଉପରକୁ ଉଠିବା ସହ ଚନ୍ଦ୍ରଶାଳୀରେ ଧ୍ୱଜବତା ଲାଗିହୋଇ ମୁଣ୍ଡଣିବତା ଫିଟିଙ୍ଗ୍ ସରିଥିବା ବେଳେ ସୋମବାର ପ୍ରଭାରେ ରୂପ ଖୋଦେଇ ଶେଷ ହୋଇଛି। ରୂପକାର ସେବକମାନେ ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣକରି ଚିତ୍ରକର ସେବକମାନଙ୍କୁ ରଙ୍ଗ ଚିତ୍ର କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ପରେ ପ୍ରଭାରେ ରଙ୍ଗକାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଭାଗୁଡ଼ିକରେ ଧଳା ପ୍ରାଇମର ବୋଳାସରିଛି। ପ୍ରାଇମର ଶୁଖିଲା ପରେ ପ୍ରଭାରେ ରଙ୍ଗଚିତ୍ର ଅଙ୍କାଯିବ। ତାଳଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗଚିତ୍ର ଓ ପ୍ରଭା ମଝିଭାଗରେ ପଦ୍ମ କଢ଼ି ଆଙ୍କିବା ସହ ଦୁଇପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର ଅଙ୍କନ କରାଯିବ। ଦର୍ପଦଳନ ରଥ ପ୍ରଭାରେ ପଦ୍ମ କଢ଼ି ସହ ପ୍ରଭା ଦୁଇପଟେ ଗଙ୍ଗା, ଯମୁନାଙ୍କ ଚିତ୍ର ଏବଂ ନନ୍ଦିଘୋଷ ରଥ ପ୍ରଭାରେ ପଦ୍ମ କଢ଼ି ସହ ଦୁଇପାର୍ଶ୍ୱରେ ଇନ୍ଦ୍ର ଏବଂ ବ୍ରହ୍ମାଙ୍କ ଚିତ୍ର ଅଙ୍କନ ହେବ। ଚିତ୍ରକର ସେବକମାନେ ସିଂହାସନ ବେଦି ତିନିପାର୍ଶ୍ୱରେ ଗାଇପଲ୍ଲ ଚିତ୍ର ଅଙ୍କନ ଶେଷ କରିଛନ୍ତି। ନନ୍ଦିଘୋଷ ରଥର ଚକ, ଦଣ୍ଡା, ଗୁଜ, ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାମ ଶେଷକରି ତାଳଧ୍ୱଜ ଓ ଦର୍ପଦଳନ ରଥର ବାହ୍ୟଅଂଶରେ ରଙ୍ଗକାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି। ଘୋଡ଼ା, ସାରଥିଙ୍କ ରଙ୍ଗକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜି ସେବକମାନେ ତିନିରଥର ୧୨ଟି ଚନ୍ଦ୍ରଶାଳୀ, ୧୨ଟି ଅଁଳାଶ୍ରୀ, କନା କାର୍ଯ୍ୟ ଶେଷ କରିବା ସହ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚକା ଅପସରା କାର୍ଯ୍ୟ ସାରି କନକମୁଣ୍ଡି ପାଇଁ ଚାନ୍ଦୁଆ ସହ ଉଡ଼ା ଚାନ୍ଦୁଆ ଏବଂ ସାରଥି ପୋଷାକ ତିଆରି ଆରମ୍ଭ କରିଛନ୍ତି। ସେହିପରି କୋଠ ସୁଆଁସିଆ ସେବକମାନେ ରାତ୍ରକାଳରେ ତିନିରଥ ଦୁଆରବେଢ଼ାରେ କନାପକା କାର୍ଯ୍ୟ ଆରମ୍ଭ କରିବେ। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଳସ କଣ୍ଟା, ଶୁଆ କଣ୍ଟା ଯୋଗାଇସାରିବା ପରେ ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣରେ ବ୍ୟସ୍ତ ଅଛନ୍ତି।

## ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଦାବି



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସଦସ୍ୟ।

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ପେନ୍‌ସନ୍ ଭାଲିଡେଶନ ରୁଲ୍ସ ପ୍ରତ୍ୟାହାର ଦାବିରେ ସୋମବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୧.୧.୨୬ରୁ ୮ମ ବେତନ କମିଶନ ସୁପାରିଶ କାର୍ଯ୍ୟକାରୀ ହେଲେ ଏହି ତାରିଖ ପୂର୍ବରୁ ଅବସର ନେଇଥିବା ଶିକ୍ଷକ କର୍ମଚାରୀଙ୍କ ପ୍ରତି ପେନ୍‌ସନ୍ ଭାଲିଡେଶନ ରୁଲ୍ସ ଲାଗୁ ହେବନାହିଁ। ଏଭଳି ରୁଲ୍ସ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଓ ପ୍ରଚଳିତ ପେନ୍‌ସନ୍ ନିୟମକୁ ଉଲ୍ଲଙ୍ଘନ କରୁଛି। ପେନ୍‌ସନ୍ ଭୋଗୀମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବାକୁ ଥିବାରୁ ପେନ୍‌ସନ୍ ଭାଲିଡେଶନ ରୁଲ୍ସକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି। ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। ପ୍ୟାରୀମୋହନ ପଟ୍ଟନାୟକ, ମିନତୀ ହୋତା, ସୁରେନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ବ୍ରହ୍ମାନନ୍ଦ ଦାସ, ମନୋଜ ସାମନ୍ତରାୟ, ଚନ୍ଦ୍ରଶେଖର ମିଶ୍ର, ସନ୍ତୋଷ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ମିଶ୍ର, ଆଶାଲତା ପ୍ରଧାନ, ବାଇଧର ଜେନା, ବିଜୟ ପରିଡ଼ା, ଅଞ୍ଜଳି ରଥ, ବିଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ରନାଥ ଦାଶ, ଦୁର୍ଗାବତୀ ପ୍ରଧାନ, ରମେଶ ଚନ୍ଦ୍ର ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ଗଭର୍ନରଙ୍କ ବାର୍ଷିକ କ୍ଲବ ପରିଦର୍ଶନ




ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ଗଭର୍ନରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

୧୯୬୯ ମସିହାରେ ପ୍ରତିଷ୍ଠିତ ପୁରୀ ରୋଟାରୀ କ୍ଲବରେ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ଗଭର୍ନର ବା ପ୍ରାନ୍ତପାଳଙ୍କ ବାର୍ଷିକ କ୍ଲବ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବର ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ହୋଟେଲ ହଲିଡେ ରିସର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ଶୈଳେଶ କୁମାର ବେହେରା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ଯୋଗଦେଇ କ୍ଲବ ପକ୍ଷରୁ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଗ୍ରହଣ କରାଯାଉଥିବା ନିୟମିତ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମଗୁଡ଼ିକର ଉଚ୍ଚପ୍ରଶଂସା କରିଥିଲେ। ସମାଜ ପାଇଁ ଉତ୍ସର୍ଗୀକୃତ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଓ ସାମାଜିକ କର୍ମୀ ବ୍ରଜବନ୍ଧୁ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ମୁଖପତ୍ର 'ନୀଳଚକ୍ର'ର ସ୍ୱତନ୍ତ୍ର ବିଶେଷାଙ୍କକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଶେଷରେ ରତିକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ସଭାପର୍ବକୁ ପ୍ରାକ୍ତନ ସଭାପତି ଜୟ ଦାସଗୁପ୍ତା ସଂଯୋଜନା କରିଥିଲେ। କ୍ଲବର ପ୍ରାକ୍ତନ ସଭାପତି ଦେବୀପ୍ରସନ୍ନ ନନ୍ଦ, ନାରାୟଣ ଦାଶ, ବଦ୍ରୀନାରାୟଣ ପାତ୍ର, ଅଜୟ କୁମାର ସାହା ଏବଂ କମଳେନ୍ଦୁ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମାଜର ଆଲୋକବର୍ତ୍ତିକା ସାହିତ୍ୟ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଟ୍ରଷ୍ଟର ସପ୍ତମ ବାର୍ଷିକ ସାରସ୍ୱତ ସମାରୋହ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଭାପତି ବିଜୟଲକ୍ଷ୍ମୀ ଦାଶ ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ସଭା ହୋଇଥିଲା। ପ୍ରଶାସନିକ ଅଧିକାରୀ ଡ. ଲିଙ୍ଗରାଜ ରଥ ଉଦ୍‌ଘାଟକ ଏବଂ ଐତିହ୍ୟ ଗବେଷକ ଡ. କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର ସ୍ୱତନ୍ତ୍ର ଅତିଥି, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ସୌଭାଗ୍ୟ କୁମାର ସାହୁ ମୁଖ୍ୟବକ୍ତା, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ, ଅମରନାଥ ପାତ୍ର ଏବଂ ବାଣୀଶ୍ରୀ ସୁବୁଦ୍ଧି ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। କବିମାନେ ସମାଜର ମାର୍ଗଦର୍ଶକ ଓ ପଥ ପ୍ରଦର୍ଶକ। ସମାଜର ସୁଖଦୁଃଖ, ହସକାନ୍ଦ, ସଫଳତା ଓ ବିଫଳତା କବିତାରେ ପ୍ରତିଫଳିତ ହୋଇଥାଏ। ସାହିତ୍ୟ ହେଉଛି ସମାଜର ଆଲୋକବର୍ତ୍ତିକା ବୋଲି ଅତିଥିମାନେ କହିଥିଲେ। ପୁରୁଷୋତ୍ତମ ନନ୍ଦ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ଅନୁରାଗ' ଏବଂ ସୁବାସ ଚନ୍ଦ୍ର ମିଶ୍ରଙ୍କ ରଚିତ ପୁସ୍ତକ 'ବିଭାଜନର ବ୍ୟଥା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାଶୀନାଥ ଖୁଣ୍ଟିଆ, ରଶ୍ମିତା ନାୟକ, ଦେବଦତ୍ତ ପ୍ରଧାନ ଏବଂ ଡ. ସୁଦୀପ୍ତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ କବିତା ପାଠ ହୋଇଥିଲା। ଆଶାଲତା ଦେବୀ, ରେଣୁକା ମିଶ୍ର, ମଞ୍ଜୁଶ୍ରୀ ମିଶ୍ର, ସହଦେବ ସାହୁ, ଯୋଗେନ୍ଦ୍ରନାଥ ସାହୁ, ପୁଲକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ଟ୍ରଷ୍ଟର ସପ୍ତମ ବାର୍ଷିକ ସାରସ୍ୱତ ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ସଂକ୍ଷେପରେ

### ୩ ଗିରଫ, ଦୁଇ ଖଣ୍ଡା ଜବତ

**ଜମି ଦଖଲକୁ କେନ୍ଦ୍ର କରି ହଣାକଟା ଘଟଣା**



ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ଜମି ଦଖଲକୁ କେନ୍ଦ୍ରକରି ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ଗାଁ ଭୁଦାନ ମୌଜାରେ ହୋଇଥିବା ହଣକଟା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଅଞ୍ଚଳର ବାବୁଆ ଦାସ (୨୨), ଭାଗିରଥୀ ଦାସ (୨୪) ଓ ସତ୍ୟଜିତ ନାୟକ ଓରଫ ସୁନୀଲ (୨୬)। ଅଭିଯୁକ୍ତଙ୍କ ନିକଟରୁ ଦୁଇ ଖଣ୍ଡା ଓ ଗୋଟିଏ ଆଲୁମିନିୟମ ପାଇପ ଜବତ ହୋଇଛି। ସେମାନଙ୍କୁ ସୋମବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।
ସୂଚନା ଅନୁଯାୟୀ, ଶନିବାର ସକାଳେ ମନୋରଞ୍ଜନ ବେହେରାଙ୍କ ଜମିକୁ ଅଭିଯୁକ୍ତମାନେ ଜେସିବି ଲଗାଇ ସଫା କରିବା ସହ ଜବରଦଖଲ କରୁଥିଲେ। ସୌମ୍ୟରଞ୍ଜନ ଏନେଇ ସୂଚନା ପାଇବା ପରେ ତାଙ୍କ ଭଣଜା ଏବଂ ଅନ୍ୟମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ବିରୋଧ କରିବାରୁ ୧୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଖଣ୍ଡା, ଲୁହା ରଡ୍ ଏବଂ ପାଇପ୍‌ରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ପୂର୍ବରୁ ବହୁ ଅପରାଧ ମାମଲାରେ ଜଡିତ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ଜମି ହଡ଼ପ କରିବାରେ ସକ୍ରିୟ ଥିବା ଏକ ଅପରାଧୀ ଗୋଷ୍ଠୀର ସଦସ୍ୟ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଛି।

### ଶରଧାବାଳିର ପବିତ୍ରତା ବଜାୟ ରଖାଯାଉ: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ଶରଧାବାଳିର ପବିତ୍ରତା ଓ ସାଂସ୍କୃତିକ ଗୁରୁତ୍ୱ ବଜାୟ ରଖିବାକୁ ପୁରୀ ପୌରସଂସ୍ଥାକୁ ଅନୁରୋଧ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଚିଠି ଲେଖିଛନ୍ତି। ଡ. ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ସହ ସମ୍ପୃକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ପବିତ୍ର ଶରଧାବାଳିର ଅନେକ ଗୁରୁତ୍ୱ ରହିଛି। ଶରଧାବାଳିର ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରା ନ ଯାଉ ଏବଂ ଏହାର ସୁରକ୍ଷା ତଥା ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଗଲେ ଶ୍ରୀମନ୍ଦିର ପରମ୍ପରା ତଥା ଐତିହ୍ୟ ବୁଦ୍ଧିମନ୍ତ ହେବ। ଭକ୍ତଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଶରଧାବାଳିକୁ କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟ ସକାଶେ ସଂରକ୍ଷିତ ରଖିବାକୁ ମୁଖ୍ୟ ପ୍ରଶାସକ ପାଢ଼ୀ ପରାମର୍ଶ ଦେଇଛନ୍ତି।

# ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ଦେଶର ପ୍ରକୃତ ନାୟକ: ରାଜ୍ୟପାଳ

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ଚିକିତ୍ସକମାନେ ନବସୃଜନ, ସଚ୍ଚୋଟତା ଏବଂ କରୁଣାର ସହ ମାନବ ସମାଜର ସେବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାନ୍ତୁ। ଚିକିତ୍ସକମାନେ ରୋଗୀଙ୍କ ଯତ୍ନ ପ୍ରତି ପ୍ରତିବଦ୍ଧତା ଓ ଦକ୍ଷତା ଅଗଣିତ ଜୀବନକୁ ପ୍ରଭାବିତ କରିବା ସହିତ ଜନସାଧାରଣଙ୍କ ବିଶ୍ୱାସକୁ ପ୍ରେରଣା ଯୋଗାଏ। ସ୍ୱାସ୍ଥ୍ୟ ସେବା ବୃତ୍ତିଧାରୀମାନେ ହେଉଛନ୍ତି ଦେଶର ପ୍ରକୃତ ନାୟକ, ଯେଉଁମାନେ ଅନ୍ୟମାନଙ୍କୁ ସୁସ୍ଥ କରିବା ପାଇଁ ନିଜ ଜୀବନ ଉତ୍ସର୍ଗ କରନ୍ତି। ନିଜ ଜୀବନକୁ ବିପଦରେ ପକାଇ ମଧ୍ୟ ଅନ୍ୟକୁ ସୁସ୍ଥ କରିବା ପାଇଁ ଦିନରାତି କାମ କରନ୍ତି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି।



ଭୁବନେଶ୍ୱରସ୍ଥିତ ଟାଇମ୍ସ ହେଲ୍ଥ ଆଇକନ୍ସ- ୨୦୨୫ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଚିକିତ୍ସକମାନେ ଚିକିତ୍ସା ବ୍ୟତୀତ ବିଭିନ୍ନ ରୋଗର ନିରାକରଣ, ଟୀକାକରଣ ଅଭିଯାନ, ଗଣ ଔଷଧ ସେବନ, ମାତୃ ଯତ୍ନ, ସ୍ୱାସ୍ଥ୍ୟ ଶିକ୍ଷା ଇତ୍ୟାଦି ସଚେତନତା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପଦକ୍ଷେପ ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳ କହିଛନ୍ତି। ସମାରୋହରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, ଏମ୍ସ ଭୁବନେଶ୍ୱରର ଡିନ ଡ. ପ୍ରଶାନ୍ତ ରାଘବ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ବାଇସ୍ବର ଗ୍ରୁପ ଏଡିଟର ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ଶ୍ରୀ ଦଶାବତାର ନୃତ୍ୟଶାଳା ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ନୃତ୍ୟ ବର୍ଣ୍ଣାଳୀ ଡ୍ୟାନ୍ସ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଭାରତର ଅଖଣ୍ଡତା ପାଇଁ ଜୀବନ ଉତ୍ସର୍ଗ କରିଥିଲେ ଶ୍ୟାମାପ୍ରସାଦ

**ଶ୍ରଦ୍ଧାଞ୍ଜଳି ଦେଲେ ବାଚସ୍ପତି, ମନ୍ତ୍ରୀ, ଅଧିକାରୀ**

ଭୁବନେଶ୍ୱର,୨୩।୬(ସୌମ୍ୟରଞ୍ଜନ ରାଉତ)

ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନେତା ନ ଥିଲେ, ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଓ ସଂସ୍କାରକ ଥିଲେ, ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ, ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ସତ୍‌ସଙ୍ଗବିହାର ସମ୍ମୁଖ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କଠାରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ବୃକ୍ଷରୋପଣ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ଅଶୋକ ମହାନ୍ତି,



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଗୋଲକ ମହାପାତ୍ର, ସୁଦୀପ୍ତ ରାୟ, ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଧାନ ଟାର୍ଗେଟ ନ ଆସିବାରୁ ଚାଷୀଙ୍କ ଅସନ୍ତୋଷ

ବାଲିପାଟଣା,୨୩।୬(ଅଭିମନ୍ୟୁ ନାୟକ)

ଆବଶ୍ୟକ ଅନୁସାରେ ଧାନ ଟାର୍ଗେଟ ନ ଆସିବାରୁ ଚାଷୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଭଔଁରାନିଜିଗଡ଼ ସେବା ସମବାୟ ସମିତି ଧାନ ମଣ୍ଡିର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ବ୍ଲକ ପରିସରରେ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଭଔଁରାନିଜିଗଡ଼ ସେବା ସମବାୟ ସମିତି ଧାନ ମଣ୍ଡିର ଚାଷୀଙ୍କ ପାଇଁ ଚଳିତ ବର୍ଷ ୯୪୪୨ କ୍ୱିଣ୍ଟାଲ ୨୪ କି.ଗ୍ରା. ଧାନ କ୍ରୟ ଟାର୍ଗେଟ ଥିଲା। କିନ୍ତୁ ଟାର୍ଗେଟକୁ ୮୬୮୮ କ୍ୱିଣ୍ଟାଲ କରାଯାଇଛି। ଏହା ଦ୍ୱାରା ୭୫୪ କ୍ୱିଣ୍ଟାଲ ଧାନ ଚାଷୀ ବିକ୍ରି କରିପାରିବେ ନାହିଁ। ସ୍ଥାନୀୟ ଧାନ ବେପାରୀ ମଧ୍ୟ ଧାନ କିଣିବାକୁ ଅମଙ୍ଗ ହେଉଛନ୍ତି। ଫଳରେ ଚାଷୀ କ୍ଷତି ସହିବା ଏକପ୍ରକାର ସ୍ପଷ୍ଟ ହୋଇଛି ଏ ନେଇ ଅସନ୍ତୁଷ୍ଟ ଚାଷୀ ବାଲିପାଟଣା ବ୍ଲକ ପରିସରରେ ପହଞ୍ଚି ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଯୋଗାଣ ସହାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଟାର୍ଗେଟ ବଢ଼ାଯାଇ ଚାଷୀ ସମସ୍ୟାକୁ ଦୂର କରିବାକୁ ଉପସ୍ଥିତ ଚାଷୀମାନେ ଦାବି କରିଛନ୍ତି। ଯୋଗାଣ ନିରୀକ୍ଷକ କହିଛନ୍ତି, ଚଳିତ ବର୍ଷ ରବି ଧାନ ଅମଳ ପ୍ରାୟ ୫ ଗୁଣ ବଢ଼ିଛି, ଟାର୍ଗେଟ ଦିଆଯାଇଥିଲା ଯାହା ତାହାକୁ ମଧ୍ୟ ଜିଲାସ୍ତରରେ କମାଇ ଦିଆଯାଇଛି।

## ବାଇକ୍ ଚୋରି ଘଟଣାରେ ୩ କୋର୍ଟଚାଲାଣ

ବାଲିପାଟଣା,୨୩।୬(ଅଭିମନ୍ୟୁ ନାୟକ)

ବାଇକ ଚୋରି ଘଟଣାରେ ବାଲପାଟଣା ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ତରଡ଼ପଡ଼ା ଗାଁର ଗଙ୍ଗାଧର ସାହୁ, ଭାଇ ବିଦ୍ୟାଧର ସାହୁ ଓ ବନମାଳୀପୁରର କବାଡ଼ିଆ ସୁଶାନ୍ତ ବେହେରା। ଏନେଇ ଥାନାରେ ଏକ ମାମଲା (ନଂ. ୨୬୯/୨୫) ରୁଜୁ ହୋଇଥିଲା। ସୂଚନାଯୋଗ୍ୟ, ତରଡ଼ପଡ଼ା ଗାଁରେ ଏକ ବାହାଘର ଭୋଜି ଚାଲିଥିବାବେଳେ ଏହାର ସୁଯୋଗରେ ନେଇ ଚୋରି କରିଥିଲେ। ପିପିଲି ଅଞ୍ଚଳର ରାଜ କିଶୋର ପ୍ରଧାନଙ୍କ ଅଭିଯୋଗକ୍ରମେ ବାଲିପାଟଣା ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ୩ ରେଳ କର୍ମଚାରୀ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ କରିବା ଅବସରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ଅନ୍ୟ ଅଧିକାରୀ।

ଭୁବନେଶ୍ୱର,୨୩।୬ (ଅନୁରାଧା ମହାରଣା)

ଟ୍ରେନ ପରିଚାଳନା ସଂକ୍ରାନ୍ତ ନିରାପତ୍ତା ଏବଂ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ୩ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀପୁର ଷ୍ଟେସନ ମ୍ୟାନେଜର ଉତ୍ତମ କୁମାର, ସୀମାଞ୍ଚଳମ୍ ନର୍ଥ ଷ୍ଟେଶନଠାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ୍ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମନୋଜ କୁମାର ହାଁସଦା। ସେମାନଙ୍କ ନିୟମିତ କର୍ତ୍ତବ୍ୟପରାୟଣତା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଏହି କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କ ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ, ଟେକ୍ନିସିଆନ ଏବଂ ଷ୍ଟେଶନ ଅପରେଟରଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ।

# ସାଇକଳା ସଂସଦର ରଜ ମହୋତ୍ସବ




ପୁରୁଣା ଭୁବନେଶ୍ୱର,୨୩।୬(ସୁବାସ ଚନ୍ଦ୍ର ପ୍ରଧାନ)

ଭଞ୍ଜ କଳା ମଣ୍ଡପରେ ରବିବାର ସନ୍ଧ୍ୟାରେ ସାଇ କଳା ସଂସଦ ପକ୍ଷରୁ ରଜ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପିଠା, ମିଠା, ରଜପାନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିଲା। ପରେ କଳାକାରମାନଙ୍କ ଦାରା ଓଡ଼ିଶୀ, ବିହୁ, ସମ୍ବଲପୁରୀ ଓ ମରାଠୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ନୃତ୍ୟାଙ୍ଗନା ଗୁରୁ ରୂପଶ୍ରୀ ମହାପାତ୍ର ଏବଂ ଗୁରୁ ମୀରା ଦାସଙ୍କୁ ଖାଣ୍ଟି ଓଡ଼ିଆଣୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସେହିଭଳି ଶ୍ରୀନିବାସ ଘଟୁଆରିଙ୍କୁ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସମ୍ମାନିତ ଅତିଥିଭାବେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଗୁରୁ ପୁଷ୍ପାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ।

**ମୀରା ଦାସ, ରୂପଶ୍ରୀ ମହାପାତ୍ରଙ୍କୁ ଖାଣ୍ଟି ଓଡ଼ିଆଣୀ ସମ୍ମାନ**

## ଡ୍ରିମ୍ସରେ ବିଶ୍ୱ ଅଲିମ୍ପିକ୍ ଦିବସ

କଟକ,୨୩।୬(କାର୍ତ୍ତିକ ସାହୁ)

ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଅଲିମ୍ପିକ୍ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଭବନ ନିକଟରୁ ଅଲମ୍ପିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ସହ ଏଥିପ୍ରତି ଆଗ୍ରହ ସୃଷ୍ଟି ପାଇଁ ଏକ ସଚେତନା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଅଲମ୍ପିକ କ୍ରୀଡ଼ାରେ ଭାରତୀୟ କ୍ରୀଡାବିତ୍‌ଙ୍କ ସଫଳତା ଆମକୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ମୁଖ୍ୟ ସଂଯୋଜନାରେ ବ୍ୟାଡ୍‌ମିଣ୍ଟନ, ମ୍ୟୁଜିକ୍ ଚେୟାର, ଟଗ୍ ଅଫ ୱାର ଓ ଲେମ୍ବୁ ଦୋଡ଼ ଆଦି ପ୍ରତିଯୋଗିତା କରାଯାଇଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଆଧୁନିକ ଅଲମ୍ପିକ୍‌ର ଜନ୍ମଦିବସକୁ ସ୍ମରଣୀୟ କରିବା ଲାଗି ଉତ୍ସବ ପାଳିତ ହେଉଥିବା କହିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର_୨୫_କେଏଭିଏସିଏଚ୍_ଏଚ୍‌ୟୁଏନ୍_୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍‌ୟୁଏନ୍ ରୁଟ୍ (୧୦୪୦ ଆର୍‌କେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)

# ପଞ୍ଚାୟତରେ ବିଏମ୍‌ସିର ରାସ୍ତା ନିର୍ମାଣକୁ ନେଇ ବିବାଦ



ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ. ୫୮ ଅନ୍ତର୍ଗତ ବ୍ରହ୍ମେଶ୍ୱର ପାଟଣାର ଏକ ଲେନ୍‌ରେ ରାସ୍ତା ନିର୍ମାଣ ହେଉଛି। ଏଥିପାଇଁ ବିଏମ୍‌ସି ପକ୍ଷରୁ କଣ୍ଟ୍ରାକ୍ଟର ଦୀପ୍ତିରେଖା ବେହେରାଙ୍କୁ ମୋଟ ୩୦ଲକ୍ଷ ୮୬ହଜାର ୬୧୩ଟଙ୍କାର କାର୍ଯ୍ୟାଦେଶ(ୱାର୍କ ଅର୍ଡର) ଦିଆଯାଇଛି। ସମ୍ପୃକ୍ତ ରାସ୍ତାରେ କାମ ଚାଲିଥିବାବେଳେ ଏହାକୁ ନେଇ କେତେଜଣ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳଟି ବାସୁଆଘାଇ ପଞ୍ଚାୟତରେ ଆସୁଥିବାବେଳେ ବିଏମ୍‌ସି ସେଠାରେ କାହିଁକି କାମ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ସ୍ଥାନୀୟ କର୍ପୋରେଟର ଏବଂ ୱାର୍କ ଅର୍ଡର ପାଇଥିବା କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ବୁଝାମଣା ହୋଇ ବିଏମ୍‌ସି ଟଙ୍କା ହରିଲୁଟ୍ ହେଉଛି ବୋଲି ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ବାସିନ୍ଦା ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ କରିଛନ୍ତି। ଏଥିସହ ବିଏମ୍‌ସି କମିଶନର, ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର ଡିଭିଜନ୍-୩ଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ବାସିନ୍ଦା ଉଗ୍ରସେନ ବିଶ୍ୱାଳଙ୍କ ଘରଠାରୁ ପର୍ଶୁରାମ ରାୟଙ୍କ ଘର ବାସୁଆଘାଇ ପଞ୍ଚାୟତରେ ଆସୁଛି। ମାତ୍ର ବିଏମ୍‌ସି ସେଠାରେ ରାସ୍ତାକାମ ନାମରେ ଦୀର୍ଘଦିନ ହେବ ଖୋଳାଖୋଳି ଜାରି ରଖିଛି। ଫଳରେ ସ୍ଥାନୀୟ ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ସେହିପରି ଗୋଟିଏ ଲେନ୍‌ରେ କାମ ପାଇଁ ବିଏମ୍‌ସିରୁ ୱାର୍କଅର୍ଡର ମିଳିଥିବାବେଳେ, ସମ୍ପୃକ୍ତ କଣ୍ଟ୍ରାକ୍ଟର ଅନ୍ୟ ଲେନ୍‌ରେ କାମ ଜାରି ରଖିଛନ୍ତି। ଏଥିସହ ଏପ୍ରିଲ୍ ୧୧ରୁ ଜୁନ୍ ୯ ମଧ୍ୟରେ କାମ ସାରିବା ପାଇଁ ୱାର୍କଅର୍ଡରରେ ନିର୍ଦ୍ଦେଶ ରହିଥିବାବେଳେ ଏହାର ଖୋଲାଖୋଲି ଉଲ୍ଲଂଘନ କରି ଏବେ ବି କାମ କରାଯାଉଥିବା ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଘଟଣା ସମ୍ପର୍କରେ ସ୍ଥାନୀୟ କର୍ପୋରେଟର ନମିତା ମହାପାତ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ମହାନଗର ନିଗମ ତା'ର ପରିସୀମାକୁ ଲାଗି ରହିଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତି କରିପାରିବ। ସେହିକ୍ରମରେ ୫୮ନମ୍ବର ୱାର୍ଡକୁ ଲାଗି ରହିଥିବା ବାସୁଆଘାଇ ପଞ୍ଚାୟତରେ ରାସ୍ତା କାମ ଚାଲିଛି। ଦୀର୍ଘଦିନ ହେବ ସେଠାରେ ରାସ୍ତା ଖରାପ ହୋଇ ପଡ଼ିଥିବାରୁ ଲୋକଙ୍କ ସୁବିଧା ପାଇଁ ଏବେ କାମ ହେଉଛି। ମାତ୍ର କିଛିଲୋକ ଏହାକୁ ବିରୋଧ କରି କାମରେ ପ୍ରତିବନ୍ଧକ ସାଜୁଛନ୍ତି। ଫଳରେ ନିର୍ଦ୍ଧାରିତ ସମୟରେ କାମ ସରିପାରୁ ନାହିଁ। ସେହିପରି ଅଭିଯୋଗ କରୁଥିବା ବ୍ୟକ୍ତିମାନେ ବିଏମ୍‌ସିରୁ ମିଳୁଥିବା ବିଭିନ୍ନ ସୁବିଧା ଉପଭୋଗ କରୁଛନ୍ତି। ବିଏମ୍‌ସି ପକ୍ଷରୁ ସେ ଅଞ୍ଚଳକୁ ଅଳିଆ ଗାଡ଼ି ପ୍ରତିଦିନ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଛି। ସେଠାରେ ଜଳୁଥିବା ଷ୍ଟ୍ରିଟ୍ ଲାଇଟ୍‌ର ବିଲ୍ ମଧ୍ୟ ବିଏମ୍‌ସି ଭରୁଛି। ତେଣୁ ଅଯଥାରେ କାମରେ ବାଧା ନ ଦେଇ ସହଯୋଗ କରିବା ଦରକାର ବୋଲି କର୍ପୋରେଟର କହିଛନ୍ତି।

**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
BID IDENTIFICATION NO : BGR R&B/05/2025-26
No.4209//Dtd.18.06.2025

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि-पत्र**

इस कार्यालय से प्रकाशित ई-निविदा आमंत्रण सूचना संख्या- RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:-

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई-निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई-निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0/-
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई-निविदा आमंत्रण सूचना संख्या -**
**07RI/2024-25/EE/RWD/DALTONGANJ**

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक-23.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/DALTONGANJ /24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई-निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई-निविदा प्रकोष्ठ का दूरभाष सं0 -06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଲା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 54,53,586.68, EMD : ₹ 1,09,100/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26

## ସଂକ୍ଷେପରେ

### କୂଅରେ ପଡ଼ି ଯୁବକ ମୃତ

ବାଙ୍କୀ , ୨୩।୬ (ଶୁଭେନ୍ଦୁ ମହାପାତ୍ର):
ବାଙ୍କୀ , ୨୩।୬ (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ଢଁସର ପଞ୍ଚାୟତ ହାତୀମରା ସାହିରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବାଟି ବେହେରାଙ୍କ ପୁତ୍ର ବବୁଲ୍ ବେହେରା (୨୪)।

ସୂଚନାଯୋଗ୍ୟ ବବୁଲ୍ ଘର ନିକଟରେ ଥିବା କୂଅରୁ ପାଣି କାଢୁଥିବା ବେଳେ ଗୋଡ଼ ଖସିଯିବାରୁ ଭିତରକୁ ଖସିପଡିଥିଲେ। ଏନେଇ ପରିବାର ଲୋକେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବବୁଲ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ବାଙ୍କୀ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଏନେଇ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ଆମ୍ବୁଲାନ୍ସ ସହ ବାଇକ୍ ଧକ୍କା: ଥାନାଧିକାରୀ ଗୁରୁତର

ମାଣିଆବନ୍ଧ, ୨୩।୬ (ଅଖିଳ କୁମାର ସାହୁ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ବୁଦ୍ଧ ବିହାର ନିକଟରେ ସୋମବାର ରାତିରେ ଏକ ଆମ୍ବୁଲାନ୍ସ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ବାଇକ ଚାଳକ ଓ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମାଣିଆବନ୍ଧ ଥାନାଧିକାରୀ ପ୍ରିୟରଞ୍ଜନ ନାୟକ ଓ ସିଗ୍‌ନାଲ ପରିଚାଳକ ପ୍ରଭାକର ସେଠୀ। ପ୍ରକାଶ ଯେ ପ୍ରିୟରଞ୍ଜନ ଓ ପ୍ରଭାକର ପୋଲିସ ପାଟ୍ରୋଲିଂ କରି ବାଇକ୍‌ରେ ବଡ଼ମ୍ବା ପଟୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ଏକ ଆମ୍ବୁଲାନ୍ସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ଆଠଗଡ ଡିଏସପି ବିଶ୍ୱଜିତ ମହାନ୍ତି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରୁଛନ୍ତି ।

### ନିରଞ୍ଜନ ରଥଙ୍କ ପରଲୋକରେ ଶୋକ

ବାଙ୍କୀ,୨୩।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ଶ୍ରୀଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦ ତରଫରୁ ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକରେ ସୋମବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ରୋଟାରିଆନ ଗୌରାଙ୍ଗ ଚରଣ ରାଉତ ସଭାପତିତ୍ୱ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଶିକ୍ଷାବିତ୍ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସ୍ୱର୍ଗତ ରଥଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳର ଜଣେ ନେତୃସ୍ଥାନୀୟ ତଥା ଆଧ୍ୟାତ୍ମିକ ବ୍ୟକ୍ତିଙ୍କୁ ହରାଇଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୁଧାକର ବଡଜେନା, ଦୁଷ୍ମନ୍ତ ବଳ, ଓମ୍ ପ୍ରକାଶ ସାହୁ, ଅଭିଷେକ ବଡଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଅନୁମୋଦନକୁ ୪ ବର୍ଷ ବିତିଲା: ନିର୍ମାଣ ହେଉନି ଅଙ୍ଗନୱାଡି ଗୃହ

**୨୦୨୫ ଫେବୃଆରୀ ୩ରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା**

ସାଲେପୁର,୨୩।୬(ଅରବିନ୍ଦ ଭୂୟାଁ)

ରାଜ୍ୟ ସରକାର କୁନିପିଲାଙ୍କ ପାଠପଢ଼ା ପାଇଁ ଅଙ୍ଗନୱାଡି ଉପରେ ଗୁରୁତ୍ୱ ଦେଉଥିବାବେଳେ ବ୍ଲକର ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏପରିକି ପୂର୍ବ ନିର୍ଦ୍ଦେଶକୁ ପାଳନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ କୁନିପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଲେପୁର ବ୍ଲକରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଜିଲାପାଳ ୪ ବର୍ଷ ହେବ ଅନୁମୋଦନ କରିବା ପରେ ମଧ୍ୟ ଅଦ୍ୟାବଧି ଏହା ନିର୍ମାଣ ହୋଇପାରି ନ ଥିବାରୁ କୋମଳମତି ଶିଶୁମାନେ ମନ୍ଦିର ବେଢ଼ା, ଅଙ୍ଗନୱାଡି ଦିଦିଙ୍କ ଘରେ ପଢ଼ିବାକୁ ବାଧ ହେଉଛନ୍ତି। ଏନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଅବତନ ଷଡ଼ଙ୍ଗୀ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ସାଲେପୁର ବ୍ଲକ ସଉରୀ ପଞ୍ଚାୟତ ଅନ୍ତର୍ଗତ ଓଷଦ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୨୦୨୧ ଜାନୁଆରୀ ୧୨ରେ ଜିଲାପାଳ(ଚିଠି ନଂ.୧୬୪) ଅନୁମୋଦନ କରିଥିଲେ। ମାତ୍ର ଏନେଇ କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ୨୦୨୫ ଫେବୃଆରୀ ୩ରେ ସାଲେପୁର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସାମାଜିକ କର୍ମୀ ଷଡ଼ଙ୍ଗୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଓଷଦ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ସେ ଦାବି କରିଛନ୍ତି।

## ୨୫୯ ଅଭିଯୋଗରୁ ୩୫ ସମାଧାନ



ଜଣେ ଦିବ୍ୟାଙ୍ଗଙ୍କୁ ଜିଲାପାଳ ହୁଇଲ୍ ଚେୟାର ପ୍ରଦାନ କରୁଛନ୍ତି ।

**ଜିଲାପାଳଙ୍କ ଜନଶୁଣାଣି ଶିବିର**

ବଡ଼ମ୍ବା, ୨୩।୬(ମାୟାଧର ମଲ୍ଲିକ):

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ୨୫୯ ଗୋଟି ଅଭିଯୋଗ ଆସିଥିଲା। ଏଥିରେ ୨୫୨ ଗୋଟି ବ୍ୟକ୍ତିଗତ ଓ ୭ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ମାତ୍ର ୩୫ ଗୋଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଛି। ସମାଧାନ କରାଯାଇଥିବା ଅଭିଯୋଗ ମଧ୍ୟରେ ୨ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣେ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଗ୍ରାମାଞ୍ଚଳ ପୋଲିସ ଅଧୀକ୍ଷକ ପ୍ରତୀକ ସିଂ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଆଠଗଡ଼ ଡିଏଫଓ ଯଜ୍ଞଦତ୍ତ ପତି, ଜିଲାମୁଖ୍ୟ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ହୋତା, ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି, ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଡିଓ ଚିତ୍ତରଞ୍ଜନ ଦାସ, ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଜିଲାଠୁ ଆରମ୍ଭ କରି ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଶୁଣାଣି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିପିଇଓ ସଞ୍ଜୟ କୁମାର ସାହୁ, ଜୁନିୟର ଆସିଷ୍ଟାଣ୍ଟ ମନୋଜ କୁମାର ସାହୁ ଓ ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ନବୀନଙ୍କ ଆରୋଗ୍ୟ ପାଇଁ ସାମୂହିକ ଦୀପଦାନ



ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାଲେପୁରର ଚାଟେଶ୍ୱର ମହାଦେବ ମନ୍ଦିରରେ ସମୂହ ଦୀପଦାନ କରାଯାଉଛି ।

ସାଲେପୁର,୨୩।୬(ଅରବିନ୍ଦ ଭୂୟାଁ):

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ସାଲେପୁର ଅଞ୍ଚଳର ବିଭିନ୍ନ ମନ୍ଦିର ପରିସରରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ନବୀନପ୍ରେମୀ ଯୋଗଦେଇ ମା'ସାହେଶ୍ୱରୀ ଓ ବାବା ଚାଟେଶ୍ୱର ମହାଦେବଙ୍କ ନିକଟରେ ସାମୂହିକ ଦୀପଦାନ କରିଥିଲେ। ସାଲେପୁର ବ୍ଲକ୍ ୪୩ନଂ ଜୋନ୍ ବିଜୁ ଜନତା ଦଳ ପକ୍ଷରୁ ପ୍ରସିଦ୍ଧ ପୀଠ ଚାଟେଶ୍ୱର ମହାଦେବଙ୍କ ମନ୍ଦିରରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିଲୀପ କୁମାର ଦାଶ, ଗୋପୀନାଥପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ସତ୍ୟଭାମାପୁର ସରପଞ୍ଚ ସୁଧାଂଶୁବାଳା ଜେନା, ଶିଶୁଆ ସରପଞ୍ଚ ପ୍ରତିନିଧି ସଞ୍ଜୀବ ସାହୁ, ପ୍ରଶାନ୍ତ ମିଶ୍ର, ସମିତିସଭ୍ୟ ମାନସ କୁମାର ଦାଶ, ସରୋଜ ମହାନ୍ତି, ବିକ୍ରମ ସାମଲ, ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ପରିଡ଼ା, ପ୍ରଦୀପ ସାମଲଙ୍କ ସମେତ ବହୁ ଶୁଭେଚ୍ଛୁ ଓ ଦଳୀୟ ସମର୍ଥକ ଯୋଗଦେଇଥିଲେ।

ସେହିପରି ସାଲେପୁର ୪୬ନଂ ଜୋନ୍ ବିଜୁ ଜନତା ଦଳ ପକ୍ଷରୁ ସାଲେପୁର ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଚନ୍ଦ୍ରଶେଖର ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଥିଲା। ଏଥିରେ ବାଲିସାହି ସରପଞ୍ଚ ପବିତ୍ର ସାମଲ, ଗୁଲରେଜ ଅଲ୍ଲୀ, ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ଅଶ୍ୱିନୀ କୁମାର ଦାସ, ଡମ୍ବରୁଧର ମଲ୍ଲିକ, ମିହିର କୁମାର ଜେନା, ଜୟରାମ ବେହେରା, ରାଜେଶ ମହାନ୍ତି, ଗୁଲା ପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରିଥିଲେ।

## ହୋମ୍‌ଗାର୍ଡ ପରୀକ୍ଷାଦେଲେ ୧୩ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

ସାଲେପୁର,୨୩।୬(ଅରବିନ୍ଦ ଭୂୟାଁ):

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋମଗାର୍ଡ ନିଯୁକ୍ତି ନିମନ୍ତେ ରବିବାର ଏକ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ଆଇଆଇସି. ଅନୀତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି. ଯୁଗଳ କିଶୋର ଦାସ, ମାହାଙ୍ଗା ଓ ନେମାଳ ଆଇଆଇସି ପ୍ରମୁଖ ପରୀକ୍ଷାକେନ୍ଦ୍ରରେ ଉପସ୍ଥିତ ଥିଲେ। ଏହି ପରୀକ୍ଷାରେ ସାଲେପୁର ବ୍ଲକ୍‌ର ୭୨୨ଙ୍କ ସମେତ ୧୩ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଶାନ୍ତିଶୃଙ୍ଖଳାର ସହ ଏହି ପରୀକ୍ଷା ଦେଇଥିଲେ।

## ଗୋଟିଏ ରାତିରେ ୩ ଘରୁ ସିରିଜ ଚୋରି

**ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ନେଇଗଲେ ଦୁର୍ବୃତ୍ତ**

ବାଙ୍କୀ, ୨୩।୬ (ଶୁଭେନ୍ଦୁ ମହାପାତ୍ର):



ବୈଦେଶ୍ୱର ଥାନା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଖଳିପଲ୍ଲୀ ଗ୍ରାମରୁ ରବିବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ଦୁର୍ବୃତ୍ତମାନେ ୩ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନାଅଳଙ୍କାର ଚୋରିକରି ନେଇଛନ୍ତି। ସେମାନେ ଗ୍ରାମର କୁଳମଣି ଜେନା, ସୁର ଜେନାଙ୍କ ଘରେ କଳାକନା ବୁଲାଇ ଦେଇଥିବାବେଳେ ଶବର ନାୟକଙ୍କ ଘରୁ ନଗଦ ୪ଲକ୍ଷ ଟଙ୍କା ଓ ସୁନାଗହଣା ଚୋରିକରି ନେଇଛନ୍ତି। ୩ ଜଣଙ୍କ ଘରୁ ଚୋରିକରିବା ପରେ ୪ର୍ଥ ଘରକୁ ଚୋରି କରିବାକୁ ଯାଇ ଦୁର୍ବୃତ୍ତମାନେ ବିଫଳ ହୋଇଛନ୍ତି। ଖବର ପାଇ ବୈଦେଶ୍ୱର ଥାନା ପୋଲିସ ଖଳିପଲ୍ଲୀ ଗାଁରେ ପହଞ୍ଚି ତଦନ୍ତ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା କହିଛନ୍ତି।

## ସପ୍ତାହରେ ୧୦ ମିନିଟ୍ ଭାଗବତ ପଢ଼




ଶ୍ରୀ ଭାଗବତ ଅଭିଯାନର ଶୁଭାରମ୍ଭ ଅବସରରେ ଭାଗବତ ପୁସ୍ତକ ବଣ୍ଟନ କରାଯାଉଛି ।

ବାଙ୍କୀ,୨୩।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାସ୍ଥିତ ଶ୍ରୀଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ସୋମବାର ଶ୍ରୀ ଭାଗବତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ତାଡିସରୁ ମିଶନ୍ ଏହାର ଆୟୋଜନ କରିଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ତାଡିସରୁ ମିଶନର ବରିଷ୍ଠ ସଦସ୍ୟ ମନୋଜ କୁମାର ରାୟ ଯୋଗଦେଇଥିଲେ। ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ସପ୍ତାହରେ ୧୦ମିନିଟ ଭାଗବତର ଗୋଟିଏ ଅଧ୍ୟାୟ ପଢିବା ସହ ୫ମିନିଟ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଚିଟଉ ଲେଖି ନିଜର ସମସ୍ୟା ସମ୍ପର୍କରେ ପ୍ରଭୁଙ୍କୁ ଜଣାଇଲେ ସୁଫଳ ମିଳିବ ବୋଲି ସେ କହିଥିଲେ। ଏହି ଅବସରରେ ସଂସ୍କୃତି ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବା ସହ ସମସ୍ତଙ୍କୁ ଶ୍ରୀ ଭାଗବତ ପୁସ୍ତକ ବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି କନ୍ଧମାଳ ଜିଲାର ତାଡିସରୁ ପାହାଡ଼ ଉପରେ ଗ୍ରହଣ କରିଥିବା ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ଦେବା ସହ ଭଜନ ଗାନ କରିଥିଲେ। ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ଶ୍ରୀ ଭାଗବତ ଅଭିଯାନ ସାରା ରାଜ୍ୟରେ ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ତାଡିସରୁ ମିଶନର ସଭାପତି ମନୋଜ ମଞ୍ଜରୀ ଦେଓ ଶ୍ରୀ ଭାଗବତର ଏକ ଅଧ୍ୟାୟ ପାଠକରି ଶୁଣାଇଥିଲେ। ପରେ ସମସ୍ତେ ଭାଗବତ ପାଠ କରିବା ସହିତ ଶ୍ରୀ ଚିଟଉ ଲେଖି ପ୍ରଭୁ ସୁବୁଦ୍ଧେଶ୍ୱରଠାରେ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିବା ବୋଝେଇ ଗାଡ଼ିରୁ ମଦ ଜବତ

ବାଙ୍କୀ, ୨୩।୬( ଶୁଭେନ୍ଦୁ ମହାପାତ୍ର)

ନିଶା କାରବାର ପାଇଁ ମାଫିଆମାନେ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ଏବେ ପରିବା ବୋଝେଇ ଗାଡ଼ିକୁ ଆୟୁଧ କରିଥିବା ଜଣାପଡ଼ିଛି। ବାଙ୍କୀ ଥାନା ଅଞ୍ଚଳରେ ଏହି ଘଟଣା ଦେଖିବାକୁ ମିଳିଛି। ସୋମବାର ଏକ ପରିବା ବୋଝେଇ ଗାଡ଼ି(ନଂ. ଓଡି ୦୫ ଏ.ୱାଇ ୬୩୬୧)ରେ ଚୋରା ମଦ ଚାଲାଣ ହେଉଥିବା ଖବର ପାଇ ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଜାତମୁଣ୍ଡିଆଠାରେ ଚଢ଼ାଉ କରଯାଇଥିଲା। ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାବେଳେ ପରିବା ଟ୍ରେ ତଳୁ ବିପୁଳ ପରିମାଣର ଚୋରାମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଚାଳକଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

ଅପରପକ୍ଷେ ଚୋରା ନିଶା କାରବାର ରୋକିବା ପାଇଁ ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର ଉପଖଣ୍ଡରେ ଥିବା ସମସ୍ତ ମଦ ବ୍ୟବସାୟୀଙ୍କୁ କାର୍ଯ୍ୟାଳୟକୁ ଡାକି ସରକାରୀ ମଦ ଦୋକାନରୁ ବାହାରକୁ ମଦ ଚାଲାଣ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ, ବୈଦେଶ୍ୱର ଥାନା ଆଇଆଇସି ସଞ୍ଜୟ କୁମାର ଜେନା ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର_୨୫_କେଏଭିଏସିଏଚ୍_ଏଚ୍ୟୁଏନ୍_୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍ୟୁଏନ୍ ରୁଟ୍ (୧୦୪୦ ଆରକେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)

**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
**BID IDENTIFICATION NO : BGR R&B/05/2025-26**
**No.4209//Dtd.18.06.2025**

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि–पत्र**

इस कार्यालय से प्रकाशित ई–निविदा आमंत्रण सूचना संख्या– RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:–

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई–निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई–निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्तें यथावत् रहेगें।

ह0/–
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

## ରାସ୍ତା ନିର୍ମାଣରେ ବାଧକ ସାଜିଛନ୍ତି ଜବରଦଖଲକାରୀ

**ବିଡିଓ, ତହସିଲଦାର ଥାନାରେ ଅଭିଯୋଗ କଲେ ଗ୍ରାମବାସୀ**

ବାଙ୍କୀ , ୨୩।୬( ଶୁଭେନ୍ଦୁ ମହାପାତ୍ର )

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାବର ଗ୍ରାମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ସରକାରୀ ଜମିରେ ରାସ୍ତା ନିର୍ମାଣ ଚାଲିଛି। ମାତ୍ର ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ଏଥିରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଘୋଡ଼ାବର୍ ଗ୍ରାମର ମୌଜା ନଂ. ୫୪୫, କିସମ ଅନାବାଦୀ, ପୁରୁଣା ପତିତ, ପ୍ଲଟ ନମ୍ବର ୧୬୯୭ରେ ୨୭ ଡିସିମିଲ ଜାଗାରେ ସମ୍ପୃକ୍ତ ବ୍ୟକ୍ତିମାନେ ଜାଣିଶୁଣି ଜୋରଜବରଦସ୍ତି ରାସ୍ତା ଉପରେ ବାଡ ଦେଇ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଦୈନିକ ଗାଆଁରେ ଥିବା ଶୁଆକଟା ପୋଖରୀକୁ ଗାଧୋଇବା ପାଇଁ ଯାଇଥାନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସେଠାକୁଯିବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସରକାରୀ ଜମିରେ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଆସିବା ପରେ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ସମ୍ପୃକ୍ତ ବ୍ୟକ୍ତି ରାସ୍ତା ଅବରୋଧ ହଟାଉ ନଥିବାରୁ କାମ ବାଧାପ୍ରାପ୍ତ ହେଉଛି। ଏନେଇ ଗ୍ରାମବାସୀ ବାଧ ହୋଇ ବିଡିଓ ଏବଂ ତହସିଲଦାରଙ୍କୁ ଭେଟି ଅଭିଯୋଗପତ୍ର ଦାଖଲ କରିଛନ୍ତି। ତୁରନ୍ତ ଅବରୋଧ ହଟାଇବା ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ବାଙ୍କୀ ଥାନା ଅଧିକାରୀଙ୍କୁ ମଧ୍ୟ ଅଭିଯୋଗପତ୍ର ଦିଆଯାଇଛି। ଏହାସତ୍ତ୍ୱେ ରାସ୍ତା ଅବରୋଧରେ ସମ୍ପୃକ୍ତ ବ୍ୟକ୍ତିମାନେ ଧମକ ଦେଉଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଘୋଡ଼ାବର ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ହୃଷିକେଶ ସାହୁ, ତ୍ରିଲୋଚନ ସାହୁ, ଶରତ ଚନ୍ଦ୍ର ସାହୁ, ଶଙ୍କର ସାହୁ, ଅତୁଲ୍ୟ ସୁବୁଦ୍ଧି, କୁଳମଣି ସାହୁ ଜୟନ୍ତ କୁମାର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई–निविदा आमंत्रण सूचना संख्या –**
**07RI/2024–25/EE/RWD/DALTONGANJ**

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक–23.06.2025

1. कार्य का नाम :

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/DALTONGANJ/24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई–निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଳା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।
**ଆନୁମାନିକ ମୂଲ୍ୟ :** ₹ 54,53,586.68, **EMD :** ₹ 1,09,100/-, ଶେଷ ହେବା ଅବଧି : 06 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26

**ସଂକ୍ଷେପରେ**

## ଧାନ ଟାର୍ଗେଟ ନ ଆସିବାରୁ ଚାଷୀଙ୍କ ଅସନ୍ତୋଷ

ବାଲିପାଟଣା,୨୩।୬(ଅଭିମନ୍ୟୁ ନାୟକ)

ଆବଶ୍ୟକ ଅନୁସାରେ ଧାନ ଟାର୍ଗେଟ ନ ଆସିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଭୈରୀଗିଜିରିଗଡ଼ ସେବା ସମବାୟ ସମିତି ଧାନ ମଣ୍ଡିର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀମାନେ ବ୍ଲକ ପରିସରରେ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଭୈରୀଗିଜିରିଗଡ଼ ସେବା ସମବାୟ ସମିତି ଧାନ ମଣ୍ଡିର ଚାଷୀଙ୍କ ପାଇଁ ଚଳିତ ବର୍ଷ ୯୪୪୨ କ୍ୱିଣ୍ଟାଲ ୨୪ କି.ଗ୍ରା. ଧାନ କ୍ରୟ ଟାର୍ଗେଟ ଥିଲା। କିନ୍ତୁ ଟାର୍ଗେଟକୁ ୮୭୮୮ କ୍ୱିଣ୍ଟାଲ କରାଯାଇଛି। ଏହା ଦ୍ୱାରା ୭୫୪ କ୍ୱିଣ୍ଟାଲ ଧାନ ଚାଷୀ ବିକ୍ରି କରିପାରିବେ ନାହିଁ। ସ୍ଥାନୀୟ ଧାନ ବେପାରୀ ମଧ୍ୟ ଧାନ କିଣିବାକୁ ଅମଙ୍ଗ ହେଉଛନ୍ତି। ଫଳରେ ଚାଷୀ ସନ୍ଧିହା ଏକପ୍ରକାର ସ୍ପଷ୍ଟ ହୋଇଛି ଏ ନେଇ ଅସନ୍ତୁଷ୍ଟ ଚାଷୀ ବାଲିପାଟଣା ବ୍ଲକ ପରିସରରେ ପହଞ୍ଚି ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଯୋଗାଣ ସହାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଟାର୍ଗେଟ ବଢ଼ାଇ ଚାଷୀ ସମସ୍ୟାକୁ ଦୂର କରିବାକୁ ଉପସ୍ଥିତ ଚାଷୀମାନେ ଦାବି କରିଛନ୍ତି। ଯୋଗାଣ ନିରୀକ୍ଷକ କହିଛନ୍ତି, ଚଳିତ ବର୍ଷ ରବି ଧାନ ଅମଳ ପ୍ରାୟ ୫ ଗୁଣ ବଢ଼ିଛି, ଟାର୍ଗେଟ ଦିଆଯାଇଥିଲା ଯାହା ତାହାକୁ ମଧ୍ୟ ଜିଲାସ୍ତରରେ କମାଇ ଦିଆଯାଇଛି। ଏଥିପାଇଁ ସମସ୍ୟା ଉପୁଜିଛି।

# ମଙ୍ଗଳଜିତ୍ ଡ୍ୟାମ୍‌ରେ ନାହିଁ ଗେଟ୍

## ଲଗାଣ ବର୍ଷାରେ ଚାଷଜମି ବୁଡ଼ିବା ଆଶଙ୍କା

ଟାଙ୍ଗୀ,୨୩।୬(ରଘୁନାଥ ସାହୁ)



ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀରେ ଥିବା ମଙ୍ଗଳଜିତ ଡ୍ୟାମରେ ଗେଟ୍ ନାହିଁ। ଫଳରେ ଅସରାଏ ବର୍ଷାରେ ପାଣି ମାଡ଼ିଯାଇ ଧାନଚାଷ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲଗାଣ ବର୍ଷା ହେଲେ ଅଞ୍ଚଳର ସମସ୍ତ ଚାଷଜମି ବୁଡ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ସୂଚନାଥାଉ କି, ବ୍ୟାରେଜର ଉଭୟ ପାର୍ଶ୍ୱରେ ଦୁଇଟି ଲେଖାଏଁ ୪ଟି ନାଳ ରହିଛି। ଏଥିରେ ଗେଟ୍ ନାହିଁ। ଉପର ମୁଣ୍ଡରୁ ଆସୁଥିବା ପାଣିକୁ ଅଟକାଇ ରଖିବା ପାଇଁ କୌଣସି ବ୍ୟବସ୍ଥା ହୋଇପାରୁନାହିଁ। ତେଣୁ ସମସ୍ତ ଜଳ ଚାଷୀଙ୍କ କାର୍ଯ୍ୟରେ ନ ଆସି ଅପଚୟ ହେଉଛି। ଏନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାବତ୍ ଗେଟ ଲାଗି ପାରିଲା ନାହିଁ। ସମୟରେ ବିଭାଗ ପକ୍ଷରୁ ନାଳ ସଫା କାର୍ଯ୍ୟ କରାଯାଉଛି। ନାଳ ଦୀର୍ଘ ମାସ ଧରି ଶୁଖିଲା ପଡ଼ିଥିଲା। ସେହି ସମୟରେ ନାଳ ସଫା କରାଗଲା ନାହିଁ। ଏବେ ନାଳର ମଙ୍ଗଳଜିତ ନାଳରେ ପାଣି ଯାଉଛି। ଏହି କଂକ୍ରିଟ ୱାଲ ଉପରେ ମାଡ଼ିଥିବା ଗଛଲତା ସଫା କରାଯାଉଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ସରପଞ୍ଚ କିଶୋର କୁମାର ବେହେରା କୁହନ୍ତି, ବର୍ଷାଦିନେ ନାଳ ସଫା ସମ୍ପର୍କରେ ଚାଷୀଙ୍କଠାରୁ ଅଭିଯୋଗ ପାଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିଥିବା ବେଳେ ପାଣି ପଞ୍ଚାୟତ ମାଧ୍ୟମରେ କେତେଜଣ ମହିଳା ଶ୍ରମିକଙ୍କ ଦ୍ୱାରା ନାଳର ଉଭୟ ପାର୍ଶ୍ୱ ସଫା କରାଯାଉଛି। ଏଥିପାଇଁ କୌଣସି ଅର୍ଥ ମଞ୍ଜୁର ହୋଇନାହିଁ ବୋଲି ଯନ୍ତ୍ରୀ କହିଥିଲେ। ଅନ୍ୟପଟେ ଏହି ସମସ୍ୟା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର କୁହନ୍ତି, ଜଳସେଚନ ବିଭାଗର ମେକାନିକାଲ ବିଭାଗକୁ ଗେଟ ତିଆରି କରିବା ପାଇଁ ରିକ୍ୟୁଜିଶନ କରିଛୁ। ୭ଦିନ ମଧ୍ୟରେ ଗେଟ୍ ଲାଗିଯିବ।

## ସ୍ୱାସ୍ଥ୍ୟସେବା ବୃତ୍ତିଧାରୀମାନେ ଦେଶର ପ୍ରକୃତ ନାୟକ: ରାଜ୍ୟପାଳ

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ଚିକିତ୍ସକମାନେ ନବସୃଜନ, ସଚ୍ଚୋଟତା ଏବଂ କରୁଣାର ସହ ମାନବ ସମାଜର ସେବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାନ୍ତୁ। ଚିକିତ୍ସକମାନେ ରୋଗୀଙ୍କ ଯତ୍ନ ପ୍ରତି ପ୍ରତିବଦ୍ଧତା ଓ ଦକ୍ଷତା ଅଗଣିତ ଜୀବନକୁ ପ୍ରଭାବିତ କରିବା ସହିତ ଜନସାଧାରଣଙ୍କ ବିଶ୍ୱାସକୁ ପ୍ରେରଣା ଯୋଗାଏ। ସ୍ୱାସ୍ଥ୍ୟ ସେବା ବୃତ୍ତିଧାରୀମାନେ ହେଉଛନ୍ତି ଦେଶର ପ୍ରକୃତ ନାୟକ, ଯେଉଁମାନେ ଅନ୍ୟମାନଙ୍କୁ ସୁସ୍ଥ କରିବା ପାଇଁ ନିଜ ଜୀବନ ଉତ୍ସର୍ଗ କରନ୍ତି। ନିଜ ଜୀବନକୁ ବିପଦରେ ପକାଇ ମଧ୍ୟ ଅନ୍ୟକୁ ସୁସ୍ଥ କରିବା ପାଇଁ ଦିନରାତି କାମ କରନ୍ତି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି।

ଭୁବନେଶ୍ୱରସ୍ଥିତ ଟାଇମ୍ସ ହେଲ୍‌ଥ ଆଇକନ୍ସ- ୨୦୨୫ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଚିକିତ୍ସକମାନେ ଚିକିତ୍ସା ବ୍ୟତୀତ ବିଭିନ୍ନ ରୋଗର ନିରାକରଣ, ଟୀକାକରଣ ଅଭିଯାନ, ଗଣ ଔଷଧ ସେବନ, ମାତୃ ଯତ୍ନ, ସ୍ୱାସ୍ଥ୍ୟ ଶିକ୍ଷା ଇତ୍ୟାଦି ସଚେତନତା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପଦକ୍ଷେପ ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳ କହିଛନ୍ତି। ସମାରୋହରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, ଏମ୍ସ ଭୁବନେଶ୍ୱରର ଡିନ ଡ. ପ୍ରଶାନ୍ତ ରାଘବ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ବାଇଟ୍ସର ଗ୍ରୁପ ଏଡିଟର ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ସାଇ କଳା ସଂସଦ ପକ୍ଷରୁ ଭଞ୍ଜ କଳା ମଣ୍ଡପରେ ଆୟୋଜିତ ରଜ ମହୋତ୍ସବରେ ଅତିଥିଙ୍କ ଗହଣରେ ପିଲାମାନେ।

## ସାଇକଳା ସଂସଦର ରଜ ମହୋତ୍ସବ

### ମୀରା ଦାସ, ରୂପଶ୍ରୀ ମହାପାତ୍ରଙ୍କୁ ଖାଣ୍ଟି ଓଡ଼ିଆଣୀ ସମ୍ମାନ

ପୁରୁଣା ଭୁବନେଶ୍ୱର,୨୩।୬(ସୁବାସ ଚନ୍ଦ୍ର ପ୍ରଧାନ)

ଭଞ୍ଜ କଳା ମଣ୍ଡପରେ ରବିବାର ସନ୍ଧ୍ୟାରେ ସାଇ କଳା ସଂସଦ ପକ୍ଷରୁ ରଜ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପିଠା, ମିଠା, ରଜପାନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିଲା। ପରେ କଳାକାରମାନଙ୍କ ଦାରା ଓଡ଼ିଶୀ, ବିହୁ, ସମ୍ବଲପୁରୀ ଓ ମରାଠୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ନୃତ୍ୟାଙ୍ଗନା ଗୁରୁ ରୂପଶ୍ରୀ ମହାପାତ୍ର ଏବଂ ଗୁରୁ ମୀରା ଦାସଙ୍କୁ ଖାଣ୍ଟି ଓଡ଼ିଆଣୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସେହିଭଳି ଶ୍ରୀନିବାସ ଘଟୁଆରିଙ୍କୁ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସମ୍ମାନିତ ଅତିଥିଭାବେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୁଷ୍ପାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ।

## ଭାରତର ଅଖଣ୍ଡତା ପାଇଁ ଜୀବନ ଉତ୍ସର୍ଗ କରିଥିଲେ ଶ୍ୟାମାପ୍ରସାଦ

### ଶ୍ରଦ୍ଧାଞ୍ଜଳି ଦେଲେ ବାଚସ୍ପତି, ନେତାମନ୍ତ୍ରୀ, ଅଧିକାରୀ

ଭୁବନେଶ୍ୱର,୨୩।୬(ସୌମ୍ୟରଞ୍ଜନ ରାଉତ)

ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନେତା ନ ଥିଲେ, ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଓ ସଂସ୍କାରକ ଥିଲେ, ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଐତିହ୍ୟ ଆମକୁ ମନେ ପକାଇ ଦିଏ ଯେ, ଜାତୀୟ ଏକତା, ସାଂସ୍କୃତିକ ଗର୍ବ ଏବଂ ନିର୍ଭୀକ ନେତୃତ୍ୱ ଏକ ରାଷ୍ଟ୍ରର ପ୍ରଗତି ପାଇଁ ଅତ୍ୟାବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୋମବାର ସତ୍‌ସଙ୍ଗବିହାର ସମ୍ମୁଖ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କଠାରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ବୃକ୍ଷରୋପଣ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ଅଶୋକ ମହାନ୍ତି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଗୋଲକ ମହାପାତ୍ର, ସୁଦୀପ୍ତ ରାୟ, ସୂଚନା ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ୫ ବିଷୟରେ ୫ବର୍ଷିଆ ପାଠ୍ୟକ୍ରମ ଆରମ୍ଭ ହେବ

### ନୂତନ ଗ୍ରନ୍ଥାଗାର କୋଠାର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ନୂତନ ଭାବେ ୫ ବିଷୟରେ ପାଠ୍ୟକ୍ରମ ଆରମ୍ଭ ହେବ। ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍ସ, ମ୍ୟାଥ୍‌ମେଟିକ୍ସ ଫ୍ରିଥ୍ କମ୍ପ୍ୟୁଟିଂ, ମ୍ୟାଥ୍‌ମେଟିକ୍ସ ୱିଥ୍ ଡାଟା ସାଇନ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ କମ୍ପ୍ୟୁଟେଶନାଲ ଫାଇନାନ୍ସ, ମ୍ୟାଥ୍‌ମେଟିକ୍ସ ୱିଥ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମଏସ୍‌ସି ପାଠ୍ୟକ୍ରମ ଆରମ୍ଭ ହେବ। ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଏହି ସୂଚନା ଦେଇଛନ୍ତି। ଏଥିସହ ସେ ଗଣିତକୁ ପ୍ରୟୋଗ କରି ମାନବ ସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଲେ, ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରାଯିବ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ ହେବ। ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା ତୁଲାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଗଣିତ କ୍ଷେତ୍ରରେ ଅଧିକରୁ ଅଧିକ ପ୍ରୟୋଗାତ୍ମକ ଗବେଷଣା କରାଯିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଏହାବ୍ୟତୀତ ଭୁବନେଶ୍ୱରଠାରେ ୧୦୦ ଏକର ଜାଗାରେ ସାଇନ୍ସ ସିଟି ପ୍ରତିଷ୍ଠା ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ଆସନ୍ତା ୫ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରେନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ବିତର୍କ ବଳୟ' ଲୋକାର୍ପିତ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ପୀଠରେ ଅନବସର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଐତିହ୍ୟରେ ଅନବସର ଓ ଶ୍ରୀଅଲାରନାଥ' ଶୀର୍ଷକ ଆଲୋଚନାଚକ୍ର ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ 'ବିତର୍କ ବଳୟ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବ୍ରହ୍ମଗିରି ତହସିଲଦାର ତଥା ଅଲାରନାଥ ମନ୍ଦିର ଟ୍ରଷ୍ଟି ଶଶୀଭୂଷଣ ମିଶ୍ର ମୁଖ୍ୟ ଅତିଥି, ପ୍ରଭାଂଶୁ ସାମନ୍ତରାୟ ବିଶିଷ୍ଟ ଅତିଥି, ଶିଶୁ ସାହିତ୍ୟକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କୋଣାର୍କ ଐତିହ୍ୟ ପରିଷଦ ସମ୍ପାଦକ ସଞ୍ଜୟ ବରାଳ, ଓଡ଼ିଶା ଐତିହ୍ୟ ପରିଷଦ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ନୀଳମଣି ସୁଆର, ଶ୍ରୀ ସାହିତ୍ୟ ସମ୍ପାଦକ କୃଷ୍ଣ ନାୟକ, ଅତିବଡ଼ୀ ସମିତିର ପ୍ରଶାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଦୀର୍ଘ ୩୧ ବର୍ଷ ତଳେ ସମାଜ ଖବରକାଗଜରେ ଶ୍ରୀମନ୍ଦିର ନିର୍ମାଣ ଓ ଶ୍ରୀବିଗ୍ରହଙ୍କ ସ୍ୱରୂପକୁ ନେଇ ୧ ବର୍ଷ ଧରି ବିତର୍କ ହୋଇଥିଲା। ବହୁ ଜ୍ଞାନୀଗୁଣୀ ଲେଖକ ନିଜସ୍ୱ ମତ ଦେଇ ଆଲେଖ୍ୟ ଲେଖିଥିଲେ। ତାହା ଥିଲା ଓଡ଼ିଶାର ଜାତୀୟ ସାଂସ୍କୃତିକ ସମ୍ପଦ। ତାହାକୁ ଉପସ୍ଥାପନ କରିବା ସହିତ ଡ. ମିଶ୍ର ବର୍ତ୍ତମାନ ଦୃଶ୍ୟମାନ ଶ୍ରୀମନ୍ଦିର କିପରି ମହାପ୍ରଭୁଙ୍କ ଅଷ୍ଟମ ମନ୍ଦିର ଓ ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କ ସମ୍ବନ୍ଧରେ ଶାସ୍ତ୍ରୀୟ ସିଦ୍ଧାନ୍ତ ଦେଇଛନ୍ତି, ତାହା ଉଲ୍ଲେଖ କରିଥିଲେ।

## ୩ ଗିରଫ, ଦୁଇ ଖଣ୍ଡା ଜବତ

### ଜମି ଦଖଲକୁ କେନ୍ଦ୍ରକରି ହଣାକଟା ଘଟଣା

**ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ):** ଜମି ଦଖଲକୁ କେନ୍ଦ୍ରକରି ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ଗାଁ ଭୁଦାନ ମୌଜାରେ ହୋଇଥିବା ହଣକଟା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଅଞ୍ଚଳର ବାବୁଆ ଦାସ (୨୨), ଭାଗିରଥୀ ଦାସ (୨୪) ଓ ସତ୍ୟଜିତ ନାୟକ ଓରଫ ସୁନୀଲ (୨୬)। ଅଭିଯୁକ୍ତଙ୍କ ନିକଟରୁ ଦୁଇ ଖଣ୍ଡା ଓ ଗୋଟିଏ ଆଲୁମିନିୟମ ପାଇପ ଜବତ ହୋଇଛି। ସେମାନଙ୍କୁ ସୋମବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ମନୋରଞ୍ଜନ ବେହେରାଙ୍କ ଜମିକୁ ଅଭିଯୁକ୍ତମାନେ ଜେସିବି ଲଗାଇ ସଫା କରିବା ସହ ଜବରଦଖଲ କରୁଥିଲେ। ସୌମ୍ୟରଞ୍ଜନ ଏନେଇ ସୂଚନା ପାଇବା ପରେ ତାଙ୍କ ଭଣଜା ଏବଂ ଅନ୍ୟମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ବିରୋଧ କରିବାରୁ ୧୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଖଣ୍ଡା, ଲୁହା ରଡ୍ ଏବଂ ପାଇପ୍‌ରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ପୂର୍ବରୁ ବହୁ ଆପରାଧିକ ମାମଲାରେ ଜଡ଼ିତ ଅଛନ୍ତି।

## ଅଭିଯୁକ୍ତ ବୃଦ୍ଧଙ୍କୁ ୩ ବର୍ଷ ଜେଲଦଣ୍ଡ

### ନାବାଳିକା ଅସଦାଚରଣ ମାମଲା

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ନାବାଳିକା ଅସଦାଚରଣ ମାମଲାରେ ଜଣେ ବୃଦ୍ଧଙ୍କୁ ଭୁବନେଶ୍ୱରସ୍ଥିତ ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପାଣ୍ଡରା ଅଞ୍ଚଳରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ (୬୧)। ତାଙ୍କୁ ୩ବର୍ଷ ଜେଲଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୯ ବର୍ଷୀୟା ନାବାଳିକାଙ୍କୁ ପୂର୍ଣ୍ଣଚନ୍ଦ୍ର ବିଭିନ୍ନ ସମୟରେ ଚକୋଲେଟ, ବିସ୍କୁଟ, ମିକ୍ସଚର ଓ ଟଙ୍କା ଦେଇ ତାଙ୍କ ଗୋଶାଳାକୁ ନେଇ ଅସଦାଚରଣ କରୁଥିଲେ। ପୀଡ଼ିତାଙ୍କ ମା' ୨୦୧୮ ଅଗଷ୍ଟ ୧୦ରେ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ.୩୮୪/୨୦୧୮) ରୁଜୁ କରି ତଦନ୍ତ କରିବା ସହ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। କୋର୍ଟ ୧୩ ଜଣଙ୍କ ସାକ୍ଷ୍ୟ ଓ ୬୫ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର_୨୫_କେଏଭିସିଏଚ୍_ଏଚ୍ୟୁଏନ୍_୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍ୟୁଏନ୍ ରୁଟ୍ (୧୦୪୦ ଆରକେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)

## ଉଦ୍ୟୋଗୀ ହେବାର ସ୍ୱପ୍ନ ସାକାର କରିଛନ୍ତି ସୁନିତା



ଖୋର୍ଦ୍ଧା,୨୩।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମଲ୍ଲୀପୁର ଗ୍ରାମର ସୁନିତା ବିଦ୍ୟାଧର। ପ୍ରଥମେ ସେ ବ୍ରଏଲର ଫାର୍ମ କରିଥିଲେ। ପ୍ରାୟ ଏକ ହଜାର ବ୍ରଏଲର ରଖି ବେପାର ଆରମ୍ଭ କରିଥିଲେ। ଅଧିକ ଆୟ ପ୍ରଦାନ, କମ୍ ମୃତ୍ୟୁହାର ପରିବେଶ ନିୟନ୍ତ୍ରିତ ଗୃହରେ କୁକୁଡ଼ା ପାଳନ କରିବା ତାଙ୍କର ଏକ ସ୍ୱପ୍ନ ଥିଲା। ସମୟକ୍ରମେ ଆପିକଲ ପ୍ରଯୋଜିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ପରିବେଶ ନିୟନ୍ତ୍ରିତ ଗୃହରେ ଉଦ୍ୟୋଗଭିତ୍ତିକ ବ୍ରଏଲର କୁକୁଡ଼ା ପାଳନ ବିଷୟରେ ଅବଗତ ହୋଇଥିଲେ। ଏହି ଯୋଜନାରେ ଏକ କୁକୁଡ଼ା ଫାର୍ମ ପ୍ରତିଷ୍ଠା ପାଇଁ ଇଚ୍ଛୁକ ଥିଲେ ମଧ୍ୟ ଏଥିନିମନ୍ତେ ଆବଶ୍ୟକ ପୁଞ୍ଜି ତାଙ୍କ ପାଇଁ ବାଧକ ସୃଷ୍ଟି କରିଥିଲା। ଏଥିପାଇଁ ୭୦ ଲକ୍ଷ ଟଙ୍କାର ପୁଞ୍ଜି ଆବଶ୍ୟକ ଥିଲା। ତାଙ୍କର ଆତ୍ମବିଶ୍ୱାସ, ପରିବାରର ସାହାଯ୍ୟ ଓ ବ୍ୟାଙ୍କ ସହାୟତା ତାଙ୍କୁ ନିଜ ସ୍ୱପ୍ନ ସାକାର କରିବା ପାଇଁ ବାଟ କଢ଼ାଇଥିଲା। ଫଳରେ ସେ କୁକୁଡ଼ା ପାଳନ ଫାର୍ମ ପ୍ରତିଷ୍ଠା କରିଥିଲେ।

ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ବିଭାଗର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ସେ ଜାଣିବାକୁ ପାଇଥିଲେ ଯେ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦ ଲକ୍ଷ ପର୍ଯ୍ୟନ୍ତ ସବସିଡି ସରକାର ପ୍ରଦାନ କରୁଛନ୍ତି। ଯାହା ତାଙ୍କର ପୁଞ୍ଜିଗତ ସମସ୍ୟାକୁ ଦୂର କରପାରିବ। ଏହାପରେ ସେ ଗୋ-ସୁଗମ ପୋର୍ଟାଲରେ ୬୭,୪୦,୦୦୦ ଟଙ୍କାର ଏକ କୁକୁଡ଼ା ଫାର୍ମ ପ୍ରକଳ୍ପ ପାଇଁ ଆବେଦନ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ କମିଟିର ଅନୁମୋଦନକ୍ରମେ ୨୦ମେ' ୨୦୨୩ରେ ସେ ଏଥିନିମନ୍ତେ କାର୍ଯ୍ୟାଦେଶ ପାଇଥିଲେ। ଆଇଡିବିଆଇ ବ୍ୟାଙ୍କ ଜୟଦେବ ବିହାର ଶାଖାର ଆର୍ଥିକ ସହାୟତା, ନିଜ ପୁଞ୍ଜି ଓ ବିଭାଗୀୟ ଅଧିକାରୀଙ୍କ ଦିଗଦର୍ଶନ ବଳରେ ସେ ଜୁନ ୨୦୨୪ରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ। ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ଓ ଆନୁଷଙ୍ଗିକ ଯାଞ୍ଚ ପରେ ସେପ୍ଟେମ୍ବର ୨୦୨୪ରେ ୨୦,୯୬,୯୭୨ ଟଙ୍କାର ସବସିଡି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା। ତେବେ ଏବେ ସୁନିତା ତାଙ୍କର ୯ହଜାର ସଂଖ୍ୟା ବିଶିଷ୍ଟ ପରିବେଶ ନିୟନ୍ତ୍ରିତ କୁକୁଡ଼ା ଫାର୍ମକୁ ସଫଳତାର ସହ ପରିଚାଳନା କରୁଛନ୍ତି। ସେ ଇଣ୍ଡିଆନ ବ୍ରଏଲର ନାମକ ଏକ ସଂସ୍ଥା ସହ ଅନୁବନ୍ଧିତ ହୋଇ ବ୍ୟାଚ ପ୍ରତି ୮୪ଶହଟି କୁକୁଡ଼ା ବିକ୍ରି କରୁଛନ୍ତି। ଏଥିସହ ତିନି ଜଣ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

**GOVERNMENT OF ODISHA** No.B-224
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
**BID IDENTIFICATION NO : BGR R&B/05/2025-26**
**No.4209//Dtd.18.06.2025**

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि-पत्र**

इस कार्यालय से प्रकाशित ई-निविदा आमंत्रण सूचना संख्या- RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:-

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई-निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई-निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0/-
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई-निविदा आमंत्रण सूचना संख्या -**
**07RI/2024-25/EE/RWD/DALTONGANJ**
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक-23.06.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या /पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई-निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई-निविदा प्रकोष्ठ का दूरभाष सं0 -06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଳା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 54,53,586.68, EMD : ₹ 1,09,100/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26

## ସଂକ୍ଷେପରେ

### ସାର୍ଟିଫିକେଟ ପାଇଁ ଟଙ୍କା ନେଲେ ଅଧ୍ୟାପକ ଭିଡିଓ ଭାଇରାଲ୍

କୋଣାର୍କ,୨୩।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଭଗବତୀ ମହାବିଦ୍ୟାଳୟର ଯୁକ୍ତ୨ ସାର୍ଟିଫିକେଟ ପାଇଁ ଅଧ୍ୟାପକ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ କରୁଥିବା ଭିଡିଓ ଭାଇରାଲ୍ ହେଉଛି। ଭିଡିଓରେ ଛାତ୍ର ଜଣକ ରସିଦ ନ ଥାଇ ଟଙ୍କା କେମିତି ଦେବେ ବୋଲି ପଚାରିଥିଲେ। ଖାଇବା ଓ ଯିବା ଆସିବା, ସାର୍ଟିଫିକେଟ ମେଣ୍ଟେନାନ୍ସ ବାବଦକୁ ଟଙ୍କା ଦେବାକୁ ପଡ଼ିବ ବୋଲି ଅଧ୍ୟାପକ କହିଥିଲେ। ଏହାପରେ ଛାତ୍ରଜଣକ ଅଧ୍ୟାପକଙ୍କୁ ୫୦ ଟଙ୍କା ଦେଇଥିଲେ। ଏହି ଘଟଣା ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

### ୧୫ଦିନ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ

କଣାସ,୨୩।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଞ୍ଚଳରେ ବର୍ଷସାରା ପାନୀୟଜଳ ସମସ୍ୟା ଲାଗି ରହୁଥିବାରୁ ଜିଲା ଓ ବ୍ଲକ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡ଼େ। ରୌଦ୍ରତାପ ସମୟରେ ଏହା ଉତ୍କଟ ରୂପ ଧାରଣ କରେ। ପାନୀୟଜଳ ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ଦୟା, ରାଜୁଆ, ମଲାଗୁଣି ନଦୀରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେଗୁଡ଼ିକ ଠିକ ଭାବେ କାମ କରୁ ନ ଥିବାରୁ ପାନୀୟ ଜଳ ପାଇଁ ବ୍ଲକବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜୁଆନଦୀର ଗଡ଼ବଡ଼ପୁଟ ନିକଟରେ ନିର୍ମାଣ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପ ଆଜକୁ ୧୫ଦିନ ହେଲା ଅଚଳ ହୋଇପଡ଼ିଥିବାରୁ ଗଡ଼ବଡ଼ପୁଟ, ବେହେଷ୍ଟା, ବୀରକିଶୋରପୁର, ବାରଦା ଗ୍ରାମବାସୀ ପାଇପ୍ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ଏ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ପଚାରି ବୁଝିବା ପରେ ସମସ୍ୟା ସମାଧାନ କରାଯିବ।

### ଗୋଲାପ ଦେଇ ସ୍ମୃତି ସାଉଣ୍ଟିଲେ

ଅସ୍ତରଙ୍ଗ,୨୩।୬(ମମତା ଜେନା)

କାକଟପୁର ବ୍ଲକ ଅଧୀନ ବାଲିଦୋକାନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୯୦(୯୧) ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ବଟେଶ୍ୱରଙ୍କ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁ ଚରଣ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଦିବଂଗତ ଛାତ୍ରୀଛାତ୍ର ଓ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିବା ପର୍ଯ୍ୟଟକ, ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତେ ଗୋଲାପ ଫୁଲ ଦେଇ ନିଜ ଭିତରେ ଖୁସି ବାଣ୍ଟିବା ସହିତ ସ୍ମୃତି ସାଉଣ୍ଟିଥିଲେ। ତପନ କୁମାର ମୁଦୁଲି, ଶିବ ପ୍ରକାଶ ମହାନ୍ତି, ବିଷ୍ଣୁ ବେହେରା, ଦୁଃଶାସନ ବାଘଙ୍କ ସମେତ ମାମିନା, ଅନୁପମା, ମାନସ, ଶର୍ମିଷ୍ଠା, ସଞ୍ଜୟ, ବିଶ୍ୱଜିତ୍, ଲିଙ୍ଗରାଜ, ମଳୟ, ନିରଞ୍ଜନ, ଲକ୍ଷ୍ମୀପ୍ରିୟା, ଗୀତାଞ୍ଜଳି, ଆରତି, ରାଜରାଣୀ, ବନାନୀ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତାବର୍ଷ ଏହି ବନ୍ଧୁମିଳନ ଉତ୍ସବ ଆହୁରି ସରସ ସୁନ୍ଦର କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

# ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣିଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୨୩।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାରେ ପ୍ରଥମଥର ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ, ଆମ ସରକାର ସାଧାରଣ ଲୋକଙ୍କ ସରକାର। ଲୋକଙ୍କ ସରକାର ଏବେ ଲୋକଙ୍କ ନିକଟରେ ପହଞ୍ଚିଛି। ଆଜି ନିମାପଡ଼ା ପୌରବାସୀଙ୍କ ପାଇଁ ଏକ ଆନନ୍ଦ ଓ ଅବିସ୍ମରଣୀୟ ଦିନ। ଏହି ଶିବିରରେ ବିଭିନ୍ନ ୱାର୍ଡରେ ରାସ୍ତାଘାଟ, ଡ୍ରେନେଜ, ପାନୀୟ ଜଳ ସମସ୍ୟା, ମନ୍ଦିର, ଖେଳପଡ଼ିଆର ଉନ୍ନତୀକରଣ ସମ୍ପର୍କରେ ଅଭିଯୋଗ ହୋଇଥିଲା।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିବିରରେ ପୌରବାସୀଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

୬୦୦ରୁ ଊର୍ଦ୍ଧ୍ୱ ପୌରବାସୀଙ୍କ ବିଭିନ୍ନ ଅଭାବ, ଅସୁବିଧା, ସମସ୍ୟାର ଶୁଣାଣିକରି ତ୍ୱରିତ ସମାଧାନ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ନିମାପଡ଼ାର ସାମଗ୍ରିକ ବିକାଶ, ବିକଶିତ ନିମାପଡ଼ା ଗଠନରେ ସମସ୍ତ ପୌରବାସୀ ସାମିଲ ହୋଇ ବିକାଶ ରଥର ସାରଥି ହେବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସଦ୍‌ଭାବନାପୂର୍ଣ୍ଣ ସମ୍ପର୍କ ଗଢ଼ିତୋଳିବା ଆମ ସରକାରଙ୍କ ମୂଳମନ୍ତ୍ର ଓ ଏହି ଶିବିର ଏକ ମାଧ୍ୟମ ସଦୃଶ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଶିବିରରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, କାଉନ୍‌ସିଲର ନିରଞ୍ଜନ ନାୟକଙ୍କ ସମେତ ବହୁ କାଉନ୍‌ସିଲର, ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

# ସୁରେନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ବିତର୍କ ବଳୟ' ଲୋକାର୍ପିତ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ପୀଠରେ ଅନବସର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଐତିହ୍ୟରେ ଅନବସର ଓ ଶ୍ରୀଅଲାରନାଥ' ଶୀର୍ଷକ ଆଲୋଚନାଚକ୍ର ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ 'ବିତର୍କ ବଳୟ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବ୍ରହ୍ମଗିରି ତହସିଲଦାର ତଥା ଅଲାରନାଥ ମନ୍ଦିର ଟ୍ରଷ୍ଟି ଶଶୀଭୂଷଣ ମିଶ୍ର ମୁଖ୍ୟ ଅତିଥି, ପ୍ରଭାଂଶୁ ସାମନ୍ତରାୟ ବିଶିଷ୍ଟ ଅତିଥି, ଶିଶୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କୋଣାର୍କ ଐତିହ୍ୟ ପରିଷଦ ସମ୍ପାଦକ ସଞ୍ଜୟ ବରାଳ, ଓଡ଼ିଶା ଐତିହ୍ୟ ପରିଷଦ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ନୀଳମଣି ସୁଆର, ଶ୍ରୀ ସାହିତ୍ୟ ସମ୍ପାଦକ କୃଷ୍ଣ ନାୟକ, ଅତିବଡ଼ୀ ସମିତିର ପ୍ରଶାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଦୀର୍ଘ ୩୧ ବର୍ଷ ତଳେ ସମାଜ ଖବରକାଗଜରେ ଶ୍ରୀମନ୍ଦିର ନିର୍ମାଣ ଓ ଶ୍ରୀବିଗ୍ରହଙ୍କ ସ୍ୱରୂପକୁ ନେଇ ୧ ବର୍ଷ ଧରି ବିତର୍କ ହୋଇଥିଲା। ବହୁ ଜ୍ଞାନୀଗୁଣୀ ଲେଖକ ନିଜସ୍ୱ ମତ ଦେଇ ଆଲେଖ୍ୟ ଲେଖିଥିଲେ। ତାହା ଥିଲା ଓଡ଼ିଶାର ଜାତୀୟ ସାଂସ୍କୃତିକ ସମ୍ପଦ। ତାହାକୁ ଉପସ୍ଥାପନ କରିବା ସହିତ ଡ. ମିଶ୍ର ବର୍ତ୍ତମାନ ଦୃଶ୍ୟମାନ ଶ୍ରୀମନ୍ଦିର କିପରି ମହାପ୍ରଭୁଙ୍କ ଅଷ୍ଟମ ମନ୍ଦିର ଓ ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କ ସମ୍ବନ୍ଧରେ ଶାସ୍ତ୍ରୀୟ ସିଦ୍ଧାନ୍ତ ଦେଇଛନ୍ତି, ତାହା ଉଲ୍ଲେଖ କରିଥିଲେ। ଆଲେଖଗୁଡ଼ିକର ମତ ୩୧ ବର୍ଷ ପରେ ଗବେଷଣା ଫଳରେ କି କି ପରିବର୍ତ୍ତନ ହୋଇଛି ତାହା ସୂଚେଇ ଦେଇଛନ୍ତି, ଯାହାକି ଗବେଷକ ଓ ପାଠକଙ୍କ ଅଧ୍ୟୟନ ପାଇଁ ସୁଲଭ ହୋଇପାରିବ। ସମାଜ କର୍ତ୍ତୃପକ୍ଷଙ୍କୁ ଡ. ମିଶ୍ର କୃତଜ୍ଞତା ଜଣାଇଥିଲେ। କଟକ ଦିବ୍ୟଦୂତ ପ୍ରକାଶନୀର ପ୍ରଭାଂଶୁ ସାମନ୍ତରାୟ ପଦକ୍ଷେପ ନେଇ ନ ଥିଲେ ଆମର ସାଂସ୍କୃତିକ ସମ୍ପଦ କାଳଗର୍ଭରେ ହଜିଯାଇଥାନ୍ତା ବୋଲି ଅତିଥିମାନେ ମତ ଦେଇଥିଲେ।



ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ 'ବିତର୍କ ବଳୟ' ପୁସ୍ତକ ଲୋକାର୍ପଣ କରାଯାଉଛି ।

### ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସାକ୍ଷୀଗୋପାଳ,୨୩।୬(ଭରତ ରାଉତ)

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସହଯୋଗରେ ଜନକଲ୍ୟାଣ ଔଷଧାଳୟ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ମହାବୀର କଲୋନୀରେ ଅବସ୍ଥିତ ଜନକଲ୍ୟାଣ ଔଷଧାଳୟ ପରିସରରେ ରବିବାର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଭାରତ ବିକାଶ ପରିଷଦ, ପୂର୍ବାଞ୍ଚଳ ପୃଷ୍ଠପୋଷକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ମେଡିସିନ ଓ ଡାଇବେଟିସ ବିଶେଷଜ୍ଞ ଡାକ୍ତର ସସ୍ମିତ ସ୍ୱାଇଁ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମନ୍ମଥ କୁମାର ଦାଶ ଏବଂ ଭେଷଜ ବିଶେଷଜ୍ଞ ଡାକ୍ତର ସ୍ୱପ୍ନା ଦାସ ଉପସ୍ଥିତ ରହି ଶତାଧିକ ରୋଗୀଙ୍କୁ ଚିକିତ୍ସା ସହ ପରାମର୍ଶ ଦେଇଥିଲେ । ଏଠାରେ ଚକ୍ଷୁ ପରୀକ୍ଷା ସହ ମାଗଣାରେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା ମଧ୍ୟ କରାଯାଇଥିଲା। ସେହିପରି ସତ୍ୟବାଦୀ ବ୍ଲକ ଅଧୀନ ମଧୁବନ ପଞ୍ଚାୟତର ସିଂଘାକୁଦା ଗ୍ରାମର କେତେଜଣ ଲୋକଙ୍କ ଘରେ କିଛିଦିନ ତଳେ ନିଆଁ ଲାଗିଯାଇଥିବା ଖବର ପାଇ ରବିବାର ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସାହାଯ୍ୟର ହାତ ବଢ଼ାଇଛି। ଅଗ୍ନି ବିପନ୍ନ ଲୋକଙ୍କୁ କିଛି ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ଏବଂ ସ୍ତ୍ରୀ ଲୋକଙ୍କୁ ଲୁଗା ଓ ପୁରୁଷ ଲୋକଙ୍କୁ ଲୁଙ୍ଗି, ଗାମୁଛା ଆଦି ବଣ୍ଟାଯାଇଛି। ଏହି କାର୍ଯ୍ୟରେ ଭାରତ ବିକାଶ ପରିଷଦର ପୂର୍ବତନ ସଭାପତି ସତ୍ୟବାଦୀ ଦାଶ, ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ନୀହାର ରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଜୟଶ୍ରୀ ମହାପାତ୍ର, ସଚିବ ବିଜୟ ପରିଡ଼ା, ସମ୍ପର୍କ ସଚିବ ନବଘନ ଶତପଥୀ, ସେବା ସଚିବ ବିଭୁପ୍ରସାଦ ମହାପାତ୍ର, ସଂସ୍କାର ସଚିବ ସୁନୀଲ ବେହେରା, ପର୍ଯ୍ୟାବରଣ ସଚିବ ଦେବରାଜ ନାୟକ, ମହିଳା ସହଭାଗିତା ସଚିବ ରିତା ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

# ବିଏସ୍‌ଇ ଉପନିୟନ୍ତ୍ରକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

କୋଣାର୍କ,୨୩।୬(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗାସ୍ଥିତ ଗ୍ରୀନ୍ ଗାର୍ଡେନ ପରିସରରେ ଗୋପ ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଘ ପକ୍ଷରୁ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଉପ-ନିୟନ୍ତ୍ରକ ସୁଶୀଳ କୁମାର ବ୍ରହ୍ମା, ପୁରୀ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭବମ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ଗୋପ ବ୍ଲକ ସାଧନ କେନ୍ଦ୍ର ସଂଯୋଜିକା ପୁଷ୍ପମିତ୍ରା ମିଶ୍ର ଓ ଅବସରପ୍ରାପ୍ତ ସିଆର୍‌ସିସି ଜଗନ୍ନାଥ ମଲ୍ଲିକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ରୂପେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସମେତ ଏବିଇଓ ବିନୋଦିନୀ ମହାପାତ୍ର, ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପାତ୍ର ଓ ଏ.କେ. ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଯୋଗଦେଇଥିଲେ। ଗୋପ ମଣ୍ଡଳ ଶିକ୍ଷାଧିକାରୀ କର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ତଥା ବିଏସ୍‌ଇ ଉପ-ନିୟନ୍ତ୍ରକ ସୁଶୀଳ କୁମାର ବ୍ରହ୍ମାଙ୍କ ଆଦର୍ଶ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କୁ ପ୍ରଶଂସା ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭବମ ପ୍ରଧାନ ଗୋପ ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟଧାରାର ପ୍ରଶଂସା କରିବା ସହ ପୂର୍ବପରି ଚଳିତ ଶିକ୍ଷାବର୍ଷରେ ମଧ୍ୟ ଗୋପ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପୁରୀ ଜିଲାରେ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ସଂଯୋଜନା କରିଥିଲେ। ଏଥିରେ ସିଆର୍‌ସିସି ଲିଙ୍ଗରାଜ ସ୍ୱାଇଁ, ପ୍ରଶାନ୍ତ ବରାଳ, ଦୀପକ ସେନାପତି, ସ୍ମୃତିରେଖା ବରାଳ, ଦେବାଶିଷ ପ୍ରଧାନ, ପ୍ରଭାକର ମଲ୍ଲିକ, ତ୍ରିଲୋଚନ ଜେ, କିଶୋର ମାଝୀ, ସନ୍ତୋଷ ପ୍ରଧାନ, ସୁଚରିତା ପାତ୍ର, ସମରେନ୍ଦ୍ର ସାମନ୍ତରାୟ, ଅନ୍ନପୂର୍ଣ୍ଣା ବେହେରା, ତ୍ରିଲୋଚନ ସାହୁ, ହାଡ଼ିବନ୍ଧୁ ମଙ୍ଗରାଜ ଓ ଗିରିଜା ଭୂଷଣ ସେଠୀ ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଗୁଣଗାନ କରିଥିଲେ।

# କଲଭର୍ଟ ନିର୍ମାଣକୁ ବିରୋଧ : ବିଡିଓଙ୍କ ନିକଟରେ ଅଭିଯୋଗ

ଗୋପ,୨୩।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ଦେଉଳୀ ପଞ୍ଚାୟତ ଅଧୀନ କୋଲର ଗ୍ରାମରେ କଲଭର୍ଟ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। କଲଭର୍ଟ ନିର୍ମାଣ ନ କରିବା ଲାଗି ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଜଣେ ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ସରକାରୀ ତହବିଲ୍‌ରୁ ୫ ଲକ୍ଷ ଟଙ୍କା କଲଭର୍ଟ ନିର୍ମାଣ ଲାଗି ମଞ୍ଜୁର ହୋଇଥିବାରୁ ଏଥିରେ ଗ୍ରାମବାସୀ ଉପକୃତ ହେବେ ନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। କାକଟପୁର ବିଧାୟକଙ୍କ ପାଣ୍ଠିରୁ ଏହି କଲଭର୍ଟ ନିର୍ମାଣ ଲାଗି ୪ ଲକ୍ଷ ୭୧ ହଜାର ୬୫୩ ଟଙ୍କା ମଞ୍ଜୁର କରାଯାଇଛି। ହେଲେ ଏହି କାର୍ଯ୍ୟ କରା ନ ଯିବାକୁ ଗ୍ରାମର ରବୀନ୍ଦ୍ର ମହାନ୍ତି, ଯଜ୍ଞେଶ୍ୱର ମହାରଣା, ଦିଲୀପ ଦାସ, ସମୀର ଦାସ, ଅଶୋକ ମହାରଣାଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସାକ୍ଷର ଥିବା ଏକ ଅଭିଯୋଗ ପତ୍ର ବିଡିଓଙ୍କୁ ଭେଟି ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ଯେହେତୁ ଏହା ବିଧାୟକ ପାଣ୍ଠି ଅର୍ଥ ତେବେ ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ।

### ରଥ କଟକଣା ସ୍ୱାଗତଯୋଗ୍ୟ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତ )

ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ଓ ପହଣ୍ଡି ବିଜେ ନୀତି କିଭଳି ଶୃଙ୍ଖଳିତ ହେବ ସେନେଇ ଦଇତାପତି ସେବକଙ୍କ ସହ ଆଲୋଚନା ହୋଇଛି। ରଥ ଉପରକୁ କେହି ସେବାୟତ ମୋବାଇଲ ନ ନେବା ଉଚିତ୍। ପ୍ରଶାସନ ଏନେଇ ଯେଉଁ କଟକଣା ଜାରି କରିଛି ତାହା ସ୍ୱାଗତଯୋଗ୍ୟ। ସେହିପରି ଗତବର୍ଷ ପହଣ୍ଡୀରେ ବିଭ୍ରାଟ ଘଟିଥିଲା ତାହାକୁ ନେଇ ପ୍ରଶାସନିକ କମିଟି ଗଠନ ହୋଇଥିଲା। କମିଟି ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯାଉଛି ବୋଲି ଗଜପତି ମହାରାଜା କହିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି ପି ଏସ୍‌ଆର୍ ୨୫ କେଏଭିସିଏଚ୍ ଏଚ୍ୟୁଏନ୍ ୦୮, ତାରିଖ: ୧୯।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ସିଏସ୍‌ଟିଇ/ୱାର୍କସ୍/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର, ଆଦ୍ରା, ରାଞ୍ଚି ଓ ଚକ୍ରଧରପୁର ମଣ୍ଡଳ ସେକ୍ସନରେ ସମ୍ବନ୍ଧିତ କାର୍ଯ୍ୟ ସମେତ ଏଚ୍ୟୁଏନ୍ ରୁଟ୍ (୧୦୪୦ ଆର୍‌କେଏମ୍)ରେ କବଚର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୨୫୭,୬୨,୩୯,୪୯୪ । **ଅମାନତ ରାଶି:** ₹୧,୦୦,୦୦,୦୦୦ । **ସମାପ୍ତି ତାରିଖ ଓ ସମୟ:** ତା୨୮।୦୭।୨୦୨୫ରିଖ ୧୬.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି । (PR-303)

# ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ଉପରେ ଗୁରୁତ୍ୱ

କଣାସ,୨୩।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ନିକଟସ୍ଥ ଜନ ମଙ୍ଗଳ କ୍ଲବ ପରିସରରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ବିଚାର ମଞ୍ଚ ପକ୍ଷରୁ ପ୍ରଥମ ବୈଠକ ଶିକ୍ଷାବିତ୍ ରାମଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀମାନଙ୍କର ଧାନର ଅଭାବୀ ବିକ୍ରି, ନଦୀ ଜଳ ପ୍ରଦୂଷଣ, ବନ୍ୟା ଜଳ ନିଷ୍କାସନ, ମରୁଡ଼ି ଜଳସେଚନ ଏବଂ ପ୍ରାକୃତିକ ଦୁର୍ବିପାକରେ ଚାଷୀମାନଙ୍କୁ ଆର୍ଥିକ, ମାନସିକସ୍ତରରେ ସୁଦୃଢ଼ କରିବାପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। କୃଷିଜାତ ଦ୍ରବ୍ୟର ଭ୍ୟାଲୁଆଡିଶନ୍ ଦ୍ୱାରା ଅଧିକ ଲାଭରେ ଉତ୍ତମ ଜିନିଷ ବିକ୍ରି କରିବାର ମାଧ୍ୟମ ପ୍ରୟାସ କରାଯିବ। ପ୍ରାକୃତିକ ଉପାୟରେ ଉନ୍ନତମାନର ଧାନ, ପନିପରିବା ଚାଷ କରି ବିଶ୍ୱ ଦରବାରରେ ପ୍ରଶଂସିତ ହେବାର ଚେଷ୍ଟା କରାଯିବ। ସଂଗଠିତ ଏକତ୍ରୀକରଣ ହୋଇ ଉତ୍କଳ ଗୌରବ ମଧୁସୂଦନ ବିଚାର ମଞ୍ଚ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ବିଚାର ମଞ୍ଚ ମାଧ୍ୟମରେ ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତୀକରଣ କରିବା ସହିତ ସର୍ବଭାରତୀୟସ୍ତରରେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଅଭିଳାଷ ନେଇ କାର୍ଯ୍ୟ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଅତିଥି ଭାବେ ସୁକାନ୍ତ କିଶୋର ସାମନ୍ତରାୟ, ଜଗତ କିଶୋର ସାମଲ, ଦେବଦତ୍ତ ପରିଡ଼ା, ସୌମେନ୍ଦ୍ର ଜେନା, ଅଦ୍ୱୈତ କୁମାର ପାତ୍ର, ବାଇମୁନି ଚନ୍ଦ୍ର, ଶ୍ରୀବତ୍ସ ବାରିକ, ଦେବବ୍ରତ ରାଉତ, ସଞ୍ଜୟ ରାଉତ, ନବକୁମାର ପ୍ରଧାନ, ହରେକୃଷ୍ଣ ପଟେଲ, ସ୍ନେହଲତା ସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ସୁରକ୍ଷିତ, ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ପାଇଁ ମକ୍‌ଡ୍ରିଲ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ସମ୍ପନ୍ନ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ୍‌ଡ୍ରିଲ୍ ସୋମବାର ଟାଉନ ଥାନା ପରିସର ସମନ୍ୱିତ ନିୟନ୍ତ୍ରଣ କକ୍ଷ ଓ କଣ୍ଟ୍ରୋଲ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ସମୟରେ କୌଣସି ଘଟଣା କିମ୍ବା ଦୁର୍ଘଟଣା ଘଟିଲେ କିପରି ସଫଳ ମୁକାବିଲା ତ୍ୱରାନ୍ୱିତ ଭାବେ କରାଯାଇପାରିବ ତାହାର କୌଶଳ ପ୍ରଦର୍ଶନ ସହ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଥିଲେ, ଚଳିତ ରଥଯାତ୍ରାକୁ ଅଘଟଣମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଅଧିକ ଜନଗହଳି ହେବା ଆଶା କରାଯାଉଛି। ତେଣୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହି ମକ୍‌ଡ୍ରିଲ ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲଭାବେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ବେହେରା କହିଥିଲେ। ଶ୍ରଦ୍ଧାଳୁମାନେ ସୁଖଦ ଅନୁଭୂତି ନେଇ ଫେରନ୍ତୁ ବୋଲି ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଏନ୍‌ଡିଆର୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନବୀନ ଏସ୍. ରାଣା ଏବଂ ସିଡିଏମ୍‌ଓ ଡା. ଅକ୍ଷୟ ଶତପଥୀ କହିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଓସ୍‌ଡମା ଡିଜିଏମ୍ ସୁନୀଲ କୁମାର ସାହୁ ମକ୍‌ଡ୍ରିଲ ପରିଚାଳନା କରିଥିଲେ। ମୁଣ୍ଡଳୀ ଏନ୍‌ଡିଆରଏଫ୍ ଥାର୍ଡ ବାଟାଲିୟନ, ଓଡ୍ରାଫ୍, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ବିଭାଗର କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ମକ୍‌ଡ୍ରିଲ ପରିଚାଳନା କରିଥିଲେ। ଜିଲା ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ ଏବଂ ଅନ୍ୟମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଆହତଙ୍କୁ ଉଦ୍ଧାର ନେଇ ମକ୍‌ଡ୍ରିଲ କରାଯାଉଛି ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION : BALANGIR**
No.B-224
Email - eepwd.bgr@rediffmail.com, eepwd.bgr@gmail.com
Ph. No. 06652-232374
**e-Procurement Notice**
BID IDENTIFICATION NO : BGR R&B/05/2025-26
No.4209//Dtd.18.06.2025

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from **B** Class Contractors registered with the State Governments and contractors of equivalent Grade/Class registered with Central Government/ MES/Railways for execution of Road/Building/Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work : 02 Nos.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.25.06.25, 10.00 A.M. to Dt.10.07.25 up to 05.00 P.M.
7. Date of opening Bid : Dt.11.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd./- Superintending Engineer
Balangir (R&B) Division
OIPR-34028/11/0028/2526

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, देवघर**

पत्रांक 498/ देवघर, दिनांक 21/06/2025

**शुद्धि-पत्र**

इस कार्यालय से प्रकाशित ई–निविदा आमंत्रण सूचना संख्या– RDD/SD/DEOGHAR/ 11/RE1/2025-26 (3rd Call) तथा PR No. 355634 (25-26), dtd. 21.06.2025 में आंशिक संशोधन निम्नरूपेण किया जाता है:–

| क्र0 | विवरणी | पूर्व में प्रकाशित तिथि/समय | संशोधित तिथि/समय |
|---|---|---|---|
| 1 | वेबसाइट में निविदा प्रकाशन की तिथि | 23.06.2025 | 25.06.2025 समय 11:00 बजे पूर्वाह्न |
| 2 | ई–निविदा प्राप्ति की तिथि एवं समय | दिनांक 24.06.2025 से दिनांक 02.07.2025 को अपराह्न 05:00 बजे तक | दिनांक 25.06.2025 से दिनांक 15.07.2025 को अपराह्न 05:00 बजे तक |
| 3 | ई–निविदा खोलने की तिथि एवं समय | 04.07.2025 अपराह्न 2:00 बजे | 17.07.2025 अपराह्न 2:00 बजे |

निविदा की शेष नियम एवं शर्त्ते यथावत् रहेगें।

ह0/–
कार्यपालक अभियंता
ग्रामीण विकास विशेष प्रमंडल, देवघर।
PR 355776 Rural Development(25-26)#D

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

**अल्पकालीन पुर्न ई–निविदा आमंत्रण सूचना संख्या –**
**07RI/2024–25/EE/RWD/DALTONGANJ**
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक–23.06.2025

1. कार्य का नाम :

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/DALTONGANJ/24/2024-25 | नौडीहा में पिपल पेड़ से सोनबरसा होते हुए तेतरियाडीह चौक तक पथ निर्माण कार्य।, 2.85कि0मी0 | 300.739 | तीन करोड़ तिहतर लाख नौ सौ रू0 मात्र | 12 माह | द्वितीय |

2. बेवसाईट में निविदा प्रकाशन की तिथि : 26.06.2025
3. ई–निविदा प्राप्ति की अंतिम तिथि एवं समय : 10.07.2025 up to 5.00 PM
4. निविदा खोलने की तिथि एवं समय 12.07.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 355759 Rural Development(25-26)#D

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2025-26, ତା.18.06.2025ରିଖ

**କାର୍ଯ୍ୟର ନାମ :** 'ସରଲା ୟାର୍ଡ ଠାରେ କ୍ରସ୍‌ଓଭର (Crossover) ପଏଣ୍ଟ 127A ଏବଂ 127B ରେ ତ୍ରୁଟିପୂର୍ଣ୍ଣ (Defective) ୟାର୍ଡ ଲେଆଉଟ୍‌ର ସଂଶୋଧନ' କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 54,53,586.68, EMD : ₹ 1,09,100/-, ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-269/Q/25-26

## ସଂକ୍ଷେପରେ

### ଚଳିତ ଶିକ୍ଷାବର୍ଷରୁ ୫ ନିଯୁକ୍ତିଭିତ୍ତିକ ଯୁକ୍ତ ପାଠ୍ୟକ୍ରମ

ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)

ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ସରକାର ରାଜ୍ୟରେ ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷରୁ ଶିଳ୍ପଭିତ୍ତିକ ଆପ୍ରେଣ୍ଟିଶିପ୍ ଏମ୍ବେଡେଡ୍ ଡିଗ୍ରୀ ପ୍ରୋଗ୍ରାମ୍ସ(ଏଇଡିପି) ୨୨ ମହାବିଦ୍ୟାଳୟ ଓ ୨ ବିଶ୍ୱବିଦ୍ୟାଳୟରେ ଆରମ୍ଭ କରାଯାଇଛି। ଯୁକ୍ତ (ଯୁକ୍ତ୩) ଛାତ୍ରୀଛାତ୍ରମାନେ ନାମଲେଖାବେଳେ ୬ ପାଠ୍ୟକ୍ରମକୁ ଚୟନ କରିପାରିବେ। ଏହି ପାଠ୍ୟକ୍ରମଗୁଡ଼ିକ ରାଜ୍ୟର ଯୁବତୀଯୁବକଙ୍କ ଔଦ୍ୟୋଗିକ ଦକ୍ଷତା ଏବଂ ବୈଷୟିକ ଅଭିଜ୍ଞତା ପ୍ରଦାନ କରି ଚାକିରି ଯୋଗ୍ୟତା ବୃଦ୍ଧି କରିପାରିବେ। ଏହି ପାଠ୍ୟକମଗୁଡିକ ହେଲା, ବି.କମ – ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଆଣ୍ଡ୍ କମର୍ସ, ବି.କମ୍ – ବ୍ୟାଙ୍କିଙ୍ଗ୍, ଫାଇନାନ୍ସିଆଲ ସର୍ଭିସ ଆଣ୍ଡ୍ ଇନ୍ସ୍ୟୁରାନ୍ସ, ବି.କମ୍–ରିଟେଲ ଅପରେସନ୍ସ ମ୍ୟାନେଜମେଣ୍ଟ, ବି.କମ୍–ଏଚ୍ଆର୍ ଅପରେଶନ, ବି.କମ୍–ଇ–କମର୍ସ ଅପରେଶନ ଓ ବିଏ/ବିଏସ୍ସି – ଫୁଡ୍ ସାଇନ୍ସ ଏବଂ ହସ୍ପିଟାଲିଟି ଅପରେଶନ। ଏହି ପାଠ୍ୟକ୍ରମଗୁଡିକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ। ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ପିଲାମାନେ ନିଜର ଅଭିଜ୍ଞତା ପ୍ରଦର୍ଶନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

### ଭକ୍ତଙ୍କୁ ମିଳିବ ଜୈବିକ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ପ୍ରଥମକରି ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ କୋଠଭୋଗରେ ଜୈବିକ ଚାଉଳ, ଅମୃତ ଅନ୍ନ ଲାଗିହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଜୈବିକ ଚାଉଳ ଭୋଗ ସମ୍ପର୍କରେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, କିଛିଦିନ ତଳେ ଭୁବନେଶ୍ୱରରେ ଏ ନେଇ ଆଲୋଚନା ହେବା ପରେ ପରୀକ୍ଷାମୂଳକ ଭାବେ କୋଠ ଭୋଗରେ ବ୍ୟବହାର କରାଯାଇଥିଲା। ଦୁଇଦିନ ତଳେ କୋରାପୁଟର ପ୍ରଗତି ସଂସ୍ଥା ୬ ପ୍ରକାର ଜୈବିକ ଚାଉଳ ସାମ୍ପୁଲ ଆଣିଥିଲେ। ବାସୁଭୋଗ, କଳାଜିରା, ମଲ୍ଲି, ବାସନ୍ତୀ ଚୁଡ଼ି, ହଳଦୀ ଚୁଡ଼ି, ବିରୋଧାନ ସାମ୍ପୁଲ ପରୀକ୍ଷଣ ପରେ କଳାଜିରାକୁ କୋଠ ଭୋଗରେ ଲାଗୁ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜୈବିକ ବିରି ମଧ୍ୟ ବ୍ୟବହାର କରାଯିବ। ଭକ୍ତଙ୍କୁ ମହାପ୍ରସାଦ ଦେବା ନିମନ୍ତେ ମଧ୍ୟ କୁହାଯାଇଛି। ସେହି ଅନୁସାରେ ସଂସ୍ଥା ଚାଉଳ ଯୋଗାଇବ। ସେହିପରି ଜୈବିକ ପ୍ରଣାଳୀରେ ପ୍ରସ୍ତୁତ ବିରି, ମୁଗ, ଅଦା, କଖାରୁ, କନ୍ଦମୂଳ ଆଦି ମଧ୍ୟ ଯୋଗାଇ ଦିଆଯିବ। ଭୋଗମଣ୍ଡପରେ ନିର୍ଦ୍ଦିଷ୍ଟ ପରିମାଣରେ ଅନ୍ନ ମହାପ୍ରସାଦ ରନ୍ଧାହେବ। ଭକ୍ତ ସୁଲଭ ଦରରେ ଏହି ମହାପ୍ରସାଦ ପାଇବେ। ସ୍ୱତନ୍ତ୍ର ଭାବେ ବ୍ୟାନର ଲଗାଯାଇ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। ଦର ସମାନ ରହିବ। ପ୍ରଥମଥର ପାଇଁ ଜୈବିକ ଚାଉଳ ଆଡ଼ପ ମଣ୍ଡପରେ ବ୍ୟବହାର କରାଯିବ। ମହାପ୍ରସାଦର ଗରିମା ଓ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଦିନ କୋଠ ଭୋଗରେ ପ୍ରାୟ ୮୦ କିଲୋ ଚାଉଳ ମହାପ୍ରସାଦ ଏବଂ ପିଠା ଆଦି ପାଇଁ ବ୍ୟବହାର ହୋଇଥାଏ। ଭକ୍ତ ଯଦି ଶୋଷଣ ହେବେ, ତେବେ ସେମାନେ ତାଙ୍କୁ ଯୋଗାଯୋଗ କରିବାକୁ ମହାସୁଆର କହିଛନ୍ତି। ରଥଯାତ୍ରା ପରେ ଗୁଣ୍ଡିଚା ମନ୍ଦିର ରୋଷଶାଳାର ନିର୍ମାଣ କାର୍ଯ୍ୟ କରାଯିବ।

# ବାର୍‌ହା ରାନ୍ଧି ଖାଇ ବନ ବିଭାଗକୁ ଚ୍ୟାଲେଞ୍ଜ

## ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ୍‌ଙ୍କୁ ଅଭିଯୋଗ, ଗିରଫ ଦାବି

ଭୁବନେଶ୍ୱର, ୨୩।୬ (ବନ୍ଦନା ସେଠୀ)

ବନ୍ୟଜୀବକୁ ଶିକାର କରି ରାନ୍ଧି ଖାଇବା ଓ ଏହାର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିବାକୁ ଲୋକେ ପଛାଉନାହାନ୍ତି। ଏପରିକି ଭିଡିଓ କରି ଖୁଲମ୍‌ଖୁଲା ପୋଲିସ ଓ ବନବିଭାଗକୁ ଟ୍ୟାଗ୍‌କରି ଚ୍ୟାଲେଞ୍ଜ ମଧ୍ୟ କରିଛନ୍ତି। ବିକ୍ରମ ନାୟକ ନାମକ ଜଣେ ଯୁବକ ବାର୍‌ହା ମାଂସ ଖାଇ ବାହାଦୁରୀ ମାରିବା ସହ ଇନ୍‌ଷ୍ଟାଗ୍ରାମ୍‌ରେ ତାହାର ଭିଡିଓ ପୋଷ୍ଟ କରିଛନ୍ତି। ଭିଡିଓକୁ ଦେଖିବା ପରେ କେତେଜଣ ପ୍ରାଣୀପ୍ରେମୀ ଏହା ଅପରାଧ ଏବଂ ତାଙ୍କ ନାମରେ କେସ୍






ସୋସିଆଲ ମିଡ଼ିଆରେ ପୋଷ୍ଟ ହୋଇଥିବା ଭିଡିଓର ଏକ ଅଂଶ।

ହୋଇପାରେ ବୋଲି କମେଣ୍ଟ ଦେଇଥିଲେ। ଏହାପରେ ବିକ୍ରମ ପୁନର୍ବାର ଏକ ଭିଡିଓ କରି ପଞ୍ଚାୟତର ଲୋକମାନେ ଭୋଜି କରି ଏହି ମାଂସ ଖାଉଥିବା ଭିଡ଼ିଓ ପୋଷ୍ଟ କରିଛନ୍ତି। ଏପରିକି ବନବିଭାଗ ଏବଂ ପୋଲିସ ସେମାନଙ୍କର କ'ଣ କରିବ ବୋଲି ମଧ୍ୟ ଫୁଟାଣି ମାରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ିଥିବା ରିଲ୍ (ଭିଡ଼ିଓ)କୁ ପ୍ରମାଣ ଭାବେ ନେଇ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ୍‌ଙ୍କୁ ଅଭିଯୋଗ କରିଛନ୍ତି। ଏଥିସହ ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନଙ୍କୁ ଇ–ମେଲ୍ ଜରିଆରେ ସମସ୍ତ ପ୍ରମାଣ ଦେବା ସହିତ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ଆଡିଶନାଲ୍ ଡାଇରେକ୍ଟରଙ୍କୁ ମଧ୍ୟ ମେଲ୍ କରିଛନ୍ତି।

ସୂଚନାଯୋଗ୍ୟ, ବାର୍‌ହା ବା ୱାଇଲ୍ଡ ବୋର୍ ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ସିଡ୍ୟୁଲ– ୨ ବନ୍ୟପ୍ରାଣୀ। ତେଣୁ ବାର୍‌ହା ଶିକାର କଲେ ୩ରୁ ୭ ବର୍ଷ ଯାଏ ଜେଲ କିମ୍ବା ୧ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ତେବେ ବାରମ୍ବାର ବନ୍ୟପ୍ରାଣୀଙ୍କୁ ଅତ୍ୟାଚାର କରିବା ସହ ଶିକାର କରାଯାଉଥିବାବେଳେ ବନ ବିଭାଗ ପକ୍ଷରୁ ସେଭଳି କିଛି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନେକ ସମୟରେ ଅଭିଯୋଗ ହେଲେ କେତେକ କ୍ଷେତ୍ରରେ ଅପରାଧୀଙ୍କୁ ଗିରଫ କରାଯାଉଛି। ଫଳରେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଛି ବୋଲି ପ୍ରାଣୀପ୍ରେମିମାନେ ମତ ରଖିଛନ୍ତି।

ପୁରୀ: ରଥ ପଟଳି ବାଉଁଶ ସହ ଦୁଆରବେଢ଼ା ଡମଣି ଲଗାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)



# ଟ୍ରେନ୍, ଷ୍ଟେଶନରେ ଚୋରି, ଲୁଟ ରୋକିବାକୁ ଡିଜିପିଙ୍କ ନିର୍ଦ୍ଦେଶ

## ରେଳପଥ ସୁରକ୍ଷା କମିଟି ବୈଠକ

### ସବୁ ଷ୍ଟେଶନରେ ସିସିଟିଭି ଲଗାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ସୋମବାର ରେଳପଥ ସୁରକ୍ଷା କମିଟିର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ବୈଠକରେ ରେଳପଥ ସମ୍ପର୍କିତ ବିଭିନ୍ନ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଟ୍ରେନରେ ନିଶା ଦ୍ରବ୍ୟ ଚୋରା ଚାଲାଣ ସମ୍ପର୍କରେ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହାସହ ସିସିଟିଭି ନ ଥିବା ଷ୍ଟେଶନରେ ସିସିଟିଭି ଲଗାଯିବା ଏବଂ ଏହାର ସମୟ ଅବଧି ବଢ଼ାଇବାକୁ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ବିଭିନ୍ନ ମାଓବାଦୀ ପ୍ରଭାବିତ ଜିଲା ମଧ୍ୟଦେଇ ରେଳ ଲାଇନ ଯାଇଥିବା ବେଳେ ମାଓବାଦୀମାନେ ଏହାକୁ ଟାର୍ଗେଟ କରିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆର୍‌ପିଏଫ୍ ଓ ଜିଆର୍‌ପି ସମନ୍ୱୟ ରଖି ପଦକ୍ଷେପ ନେବାକୁ ଡିଜିପି କହିଛନ୍ତି। ଚଳନ୍ତା ଟ୍ରେନ ଉପରକୁ ଢେଲା ପଥର ଫିଙ୍ଗୁଥିବା ଅସାମାଜିକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବା ଓ ଜିଆର୍‌ପିର ପୋଲିସ ଅଧିକାରୀଙ୍କୁ ସାଇବର ଅପରାଧ ମୁକାବିଲା ସଂକ୍ରାନ୍ତରେ ସାଇବର ବିଶେଷଜ୍ଞଙ୍କ ଦ୍ୱାରା ତାଲିମ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଟ୍ରେନ ଏବଂ ଷ୍ଟେଶନଗୁଡିକରେ ପକେଟ ମାର, ଚୋରି, ଲୁଟ କରୁଥିବା ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କ ଫଟୋ ରେଳ ଷ୍ଟେଶନ ଓ ରେଲ୍‌ୱେ ଥାନା ସମ୍ମୁଖ ଓ ସର୍ବସାଧାରଣ ସ୍ଥାନରେ ଲଗାଇ ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ବିଭିନ୍ନ ଜିଲାରୁ ପ୍ରଥମଥର ସ୍ୱତନ୍ତ୍ର ଟ୍ରେନ ପୁରୀ ଯିବାକୁ ଥିବାବେଳେ ଷ୍ଟେଶନଗୁଡିକରେ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି। ଟ୍ରେନରେ ମାନବ ଚାଲାଣ ରୋକିବାକୁ ମିଳିତ କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ରେଲୱେ ଓ ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା, ପୂର୍ବତଟ ରେଳପଥ ଆଇଜି ଆଲୋକ ଭୋରା, ଦକ୍ଷିଣ ପୂର୍ବ ରେଳପଥ ଆଇଜି ସଞ୍ଜୟ ମିଶ୍ର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ଆଇଜି ମୁନଓ୍ୱାର ଖୁର୍ଷିଦ, ଖୋର୍ଦ୍ଧା ଡିଭିଜନ ରେଳ ଉପପ୍ରବନ୍ଧକ ପ୍ରଦୀପ ବେହେରା, ଦିଲୀପ ରଞ୍ଜନ ପାଲ, କେନ୍ଦ୍ରୀୟ ଗୋଇନ୍ଦା ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, କଟକ ରେଳପଥ ଏସ୍‌ପି ବିବେକାନନ୍ଦ ଶର୍ମା, ରାଉରକେଲା ରେଳପଥ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ବରିଷ୍ଠ ରେଲ୍‌ୱେ ସୁରକ୍ଷା ଅଧୀକ୍ଷକ ମିଥୁନ ସୋନି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମତ ଦେଇଥିଲେ।



ରେଳପଥ ସୁରକ୍ଷା କମିଟିର ରାଜ୍ୟସ୍ତରୀୟ ବୈଠକରେ ଡିଜିପିଙ୍କ ସହ ଅନ୍ୟ ଅଧିକାରୀମାନେ।

# ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ଫେରାଇ ଆଣିବାକୁ ନିବେଦନ

ଟାଙ୍ଗୀ,୨୩।୬ (ରଘୁନାଥ ସାହୁ)

ଦୁବାଇର ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ପଞ୍ଚାୟତ ଦୀକ୍ଷିତପଡ଼ା ଗ୍ରାମର ଗଜେନ୍ଦ୍ର ବେହେରା(୩୨)। ସୂଚନା ମୁତାବକ, ଦେଢ଼ ବର୍ଷ ହେବ ଗଜେନ୍ଦ୍ର ଦୁବାଇର ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ସକାଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ଥିବା ତାଙ୍କ ସାଙ୍ଗ ଗଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ନେଇ ଟେଲିଫୋନ ମାଧ୍ୟମରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଗଜେନ୍ଦ୍ରଙ୍କ ମୃତଦେହ ଓଡ଼ିଶାକୁ ଫେରାଇ ଆଣିବାକୁ ଟାଙ୍ଗୀ ତହସିଲଦାର, ଭୁବନେଶ୍ୱର ଏମ୍‌ପି ଏବଂ ଖୋର୍ଦ୍ଧା ବିଧାୟକଙ୍କୁ ପରିବାରଲୋକେ ନିବେଦନ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରମେଶ



@ ହରପ୍ରିୟା



@ ରାଜେନ୍ଦ୍ର



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଥଯାତ୍ରାରେ ଶିଶୁଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ସେବା

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ସୋମବାର ୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏହା ସହିତ ଚାଇଲ୍ଡ ହେଲ୍ପଲାଇନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ସମସ୍ତ ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ଥିତି ଉପରେ ନିରନ୍ତର ନଜର ରଖିବେ ଏବଂ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବେ। ପୂର୍ବବର୍ଷ ଭଳି ଶିଶୁସୁଲଭ ପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯିବା ସହ ଅନ୍‌ଲାଇନ ଉପସ୍ଥାପନା ନିମନ୍ତେ ନିଷ୍ପତ୍ତି ହୋଇଛି। ତୁରନ୍ତ ସେବା ପ୍ରଦାନ ସହିତ ଶିଶୁଙ୍କ ସୁରକ୍ଷା ପାଇଁ ଥିବା ସବୁ ପ୍ରତିବନ୍ଧକ ଦୂରେଇଦେବାକୁ ଯୋଜନା କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ୟୁନିସେଫ୍‌ର ପରାମର୍ଶଦାତା ଚକ୍ରଧର ସାହୁ, ଘାସିରାମ ପଣ୍ଡା, ଶିଶୁ ମଙ୍ଗଳ କମିଟିର ସଦସ୍ୟ ବୁଦ୍ଧି ସୁନ୍ଦର ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା କମଳା ମହାରଣା, ହରେକୃଷ୍ଣ ସାହୁ, ବିଜୟ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଦିନିଆ ରଥଯାତ୍ରାକୁ ନେଇ ଭକ୍ତ, ସେବାୟତଙ୍କ ଅସନ୍ତୋଷ

ପୁରୀ,୨୩।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ କୁଠାରାଘାତ କରାଯାଇ ଦିଲ୍ଲୀରେ ଆୟୋଜିତ ହୋଇଯାଇଛି ଅଦିନିଆ ରଥଯାତ୍ରା। କିଛିଦିନ ତଳେ ବିଭିନ୍ନ ଦେଶରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଗଜପତି ମହାରାଜାଙ୍କ ପକ୍ଷରୁ ଇସ୍କନ ସଂସ୍ଥାକୁ ଚିଠି ଲେଖାଯାଇଥିଲା। ଅଦିନିଆ ରଥଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ରବିବାର ଦିଲ୍ଲୀର କମଳାନଗରରେ ଗୀତା ଭବନ ଓ ପଞ୍ଚାୟତି ଭବନ ଟ୍ରଷ୍ଟ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଥିବାବେଳେ ସେଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସାମିଲ ହୋଇଥିଲେ, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। କମଳାନଗର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଦୀନବନ୍ଧୁ ଗୋସ୍ୱାମୀ କହିଛନ୍ତି ଯେ, ଏଠାରେ ଗତ ୨୦ ବର୍ଷରୁ ଅଧିକ ସମୟ ହେଲା ରଥଯାତ୍ରା କରାଯାଉଛି। ରବିବାର ସମସ୍ତଙ୍କ ଛୁଟି ଥାଏ। ତେଣୁ ରବିବାର ରଥଯାତ୍ରା କରାଯାଇଥାଏ। ତେବେ ଯେଉଁ ତିଥିରେ ଗୋଟିଏ ଦିନରେ ରଥଯାତ୍ରା କରାଯିବା କଥା କୁହାଯାଉଛି, ସେନେଇ ବିଚାର କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସେବାୟତ ଲୋକନାଥ ମହାସୁଆର କହିଛନ୍ତି, ଇସ୍କନ ବର୍ଷକୁ ଅନେକ ଥର ଅଦିନିଆ ରଥଯାତ୍ରା କରୁଛି। ସେହିପରି ଏବେ ଦିଲ୍ଲୀରେ ରଥଯାତ୍ରା ହୋଇଛି। ମହାପ୍ରଭୁଙ୍କ ଘୋଷଯାତ୍ରା ପରେ ଏହାକୁ ବିରୋଧ କରାଯାଇ ଜନଆନ୍ଦୋଳନ ସୃଷ୍ଟି ହେବ। ଅଦିନିଆ ରଥଯାତ୍ରାକୁ ବନ୍ଦ କରାଯାଉ ବୋଲି ଲୋକନାଥଙ୍କ ସମେତ ପୁରୀର ଅନେକ ସେବାୟତ ଏବଂ ଭକ୍ତ ଦାବି କରିଛନ୍ତି। ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଅଦିନିଆ ରଥଯାତ୍ରା ହେଉଥିବା ନଜରକୁ ଆସିଲେ ସମ୍ପୃକ୍ତ ସଂସ୍ଥା ସହ ଓଡ଼ିଶା ସରକାର ଆଲୋଚନା କରୁଛନ୍ତି। ଯେପରି ମହାପ୍ରଭୁଙ୍କ ନୀତିରେ ବିଭ୍ରାଟ ନ ହେବ ସେଥିପାଇଁ ଆଇନର ବ୍ୟବସ୍ଥା କରାଯିବ। ଦିଲ୍ଲୀରେ ହେଉଥିବା ଅଦିନିଆ ରଥଯାତ୍ରାକୁ ନେଇ ଅନୁଷ୍ଠାନ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ଯେଉଁମାନେ ଅଦିନିଆ ରଥଯାତ୍ରା ଜାରି ରଖିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପଛେଇବେ ନାହିଁ ବୋଲି ଆଇନମନ୍ତ୍ରୀ କହିଛନ୍ତି। ତେବେ ଏନେଇ ସରକାର କଠୋର ଆଇନ ପ୍ରଣୟନ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।



ଦିଲ୍ଲୀରେ ଅନୁଷ୍ଠିତ ରଥଯାତ୍ରା।

**ମୁମ୍ବାଇ ଶୁଟିଂ ସେଟ୍‌ରେ ନିଆଁ**

ମୁମ୍ବାଇର ଗୋରେଗାଓଁ ଇଷ୍ଟ ଫିଲ୍ମ ସିଟିରେ ସୋମବାର ସକାଳେ ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ଅନୁପମା'ର ଶୁଟିଂ ଚାଲିଥିବାବେଳେ ଶୁଟିଂ ସେଟ୍‌ରେ ନିଆଁ ଲାଗିଯାଇଥିଲା। ମରାଠୀ ବିଗ୍ ବସ୍ ସେଟ୍ ପଛପଟେ ଥିବା ଟେଣ୍ଟରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଏହାକୁ ଆୟତ୍ତ କରିଛନ୍ତି। ଏଥିରେ କେହି ଆହତ ହୋଇନାହାନ୍ତି।

# ଇରାନ ଆଣବିକ ସ୍ଥଳ, ଜେଲରେ ଇସ୍ରାଏଲ୍‌ର ଆକ୍ରମଣ

## ଜେରୁଜେଲମ୍‌ରେ ତେହରାନ୍‌ର ମିଶାଇଲ ମାଡ଼

ତେଲ୍ ଆଭିଭ୍/ତେହରାନ, ୨୩।୬

ଇରାନର ୩ଟି ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକା ଜୋର୍‌ଦାର ଆକ୍ରମଣ କରିବାର ଦିନକ ପରେ ସୋମବାର ଇସ୍ରାଏଲ୍ ପୁନର୍ବାର ତେହରାନ୍‌ର ଆଣବିକ ସ୍ଥଳକୁ ଟାର୍ଗେଟ କରିଛି। ଆମେରିକା ରବିବାର ଇରାନର ୩ ଆଣବିକ ସ୍ଥଳ ଉପରେ ଶକ୍ତିଶାଳୀ ବଙ୍କର ବଷ୍ଟର ବୋମାମାଡ଼ କରିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଆକ୍ରମଣ ପରେ ତେହରାନ୍ ସୋମବାର ଇସ୍ରାଏଲ୍ ଉପରେ ପ୍ରବଳ ମିଶାଇଲ୍ ମାଡ଼ କରିଥିଲା। ଜେରୁଜେଲମ୍‌ରେ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ଉତ୍ତର ଇସ୍ରାଏଲ୍‌ରେ ସାଇରନ୍ ବାଜିଥିଲା। ଦକ୍ଷିଣ ଭାଗରେ ଥିବା ଆଶ୍‌ଡୋଡ୍‌ରେ ମଧ୍ୟ ମିଶାଇଲ ମାଡ଼ ହୋଇଥିବା ଇରାନ ସେନା ସ୍ପଷ୍ଟ କରିଛି। ଫଳରେ ଉତ୍ତେଜନା ବଢ଼ିବା ସହ ଇସ୍ରାଏଲୀ ଡିଫେନ୍ସ ଫୋର୍ସ ଏହାର ଜବାବ ଦେବାକୁ ଯାଇ ଫରଦୋ ନ୍ୟୁକ୍ଲିୟର ସାଇଟ୍ ଉପରେ ସାନି ଆକ୍ରମଣ କରିବା ସହ ତେହରାନରେ ଥିବା ଇରାନ ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ଏବଂ ଜେଲ ଉପରେ ଆକ୍ରମଣ କରିଛି। ଅଣୁଅସ୍ତ୍ର ସ୍ତର ପାଖାପାଖି ୟୁରାନିୟମ୍‌କୁ ଏନ୍‌ରିଚ୍‌ମେଣ୍ଟ କରିବା କ୍ଷମତା ଫର୍‌ଦୋ ନ୍ୟୁକ୍ଲିୟର ଫାସିଲିଟିର ରହିଛି। ଏହା ଭୂପୃଷ୍ଠଠାରୁ ୮୦ରୁ ୯୦ ମିଟର ତଳେ ରହିଥିବାରୁ ଏହାକୁ ଭେଦ କରିବା ପାଇଁ ଆବଶ୍ୟକ ଅସ୍ତ୍ର କେବଳ ଆମେରିକା ପାଖରେ ରହିଛି। ଆମେରିକାର 'ଅପରେଶନ ମିଡ୍‌ନାଇଟ୍ ହାମର'ର ପ୍ରଭାବ ସମ୍ପର୍କରେ ଏହାର ପ୍ରତିରକ୍ଷା ଅଧିକାରୀମାନେ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରି ନ ଥିବାବେଳେ ବୋମାମାଡ଼ ଯୋଗୁ ଫର୍‌ଦୋ ଭୂତଳ ଅଞ୍ଚଳର ଉଲ୍ଲେଖନୀୟ କ୍ଷତି ହୋଇଥାଇପାରେ ବୋଲି ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ୩ ଆଣବିକ ସ୍ଥଳକୁ ଟାର୍ଗେଟ କରିବା ପାଇଁ ଆମେରିକା ୩୦,୦୦୦ ପାଉଣ୍ଡ ବଙ୍କର-ବଷ୍ଟର ବୋମା ବ୍ୟବହାର କରିଥିଲା। ତେବେ ଏହା ପୂର୍ବରୁ ତେହରାନ ଉକ୍ତ ସ୍ଥଳରୁ ଆଣବିକ ସାମଗ୍ରୀ ଅନ୍ୟତ୍ର ନେଇଯାଇଥିଲା ବୋଲି କେତେଜଣ ଇରାନୀୟ ଅଧିକାରୀ ଏବଂ ସେଠାର ଆଣବିକ ଶକ୍ତି ସଂଗଠନ ମୁଖପାତ୍ର ବେହରୋଜ କମଲଭାଣ୍ଡି କହିଛନ୍ତି। ଆଣବିକ ଉପକରଣ ଏବଂ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଇସ୍ରାଏଲ୍ ସ୍ୱତନ୍ତ୍ର ପଦକ୍ଷେପ ଆପଣାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଆରାଘଚି ପୂର୍ବରୁ ସୂଚନା ଦେଇଥିବା ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଏହାର ଗଭର୍ନର ବୋର୍ଡକୁ ସୋମବାର କହିଛନ୍ତି।

ଇରାନର ଆକ୍ରମଣ ପରେ ଇସ୍ରାଏଲୀ ସେନା ତେହରାନରେ ଥିବା ଦୁର୍ଦ୍ଧର୍ଷ ଏଭିନ୍ ଜେଲ ଉପରେ ଆକ୍ରମଣ କରିବା ସହ ରିଭଲ୍ୟୁଶନାରି ଗାର୍ଡ୍ସର ସୁରକ୍ଷା ମୁଖ୍ୟାଳୟକୁ ଟାର୍ଗେଟ କରିଛି। ଆକ୍ରମଣ ପାଇଁ ଇରାନର ଏକଚ୍ଛତ୍ରବାଦୀ ଶାସକ ଦଣ୍ଡିତ ହେବେ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଇରାନ ସୋମବାରର ଆକ୍ରମଣକୁ ଅପରେଶନ ଟ୍ରୁ ପୋମିଜ୍-୩ ବୋଲି କହିଛି। ଏହା ଇସ୍ରାଏଲ୍‌ର ହାଇଫା ଏବଂ ତେଲ୍ ଆଭିଭ୍‌କୁ ଟାର୍ଗେଟ କରିଥିବା ଇରାନ ସରକାରଙ୍କ ଟେଲିଭିଜନରେ ପ୍ରସାରିତ ଖବରରୁ ଜଣାପଡ଼ିଛି।



ତେହରାନ୍‌ର ଏଭିନ୍ ଜେଲ ଉପରେ ଇସ୍ରାଏଲୀ ସେନା ବୋମାମାଡ଼ କରିଛି।

## ସଂକ୍ଷେପରେ

### ଇରାନରେ ଆକ୍ରମଣ ପାଇଁ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରିଥିବା ଖବରକୁ କେନ୍ଦ୍ରର ଖଣ୍ଡନ

ନୂଆଦିଲ୍ଲୀ, ୨୩।୬

ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପାଇଁ ଆମେରିକାର ଯୁଦ୍ଧବିମାନ ଭାରତୀୟ ବାୟୁସୀମା ବ୍ୟବହାର କରିଥିଲା ବୋଲି କେତେକ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଥିଲା। ଏହା ମିଛ ଖବର କହି କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)ର ସତ୍ୟତା ଯାଞ୍ଚ ବିଭାଗ ଅନୁଧ୍ୟାନ କରିବା ପରେ ଆମେରିକା ଭାରତୀୟ ବାୟୁସୀମା ବ୍ୟବହାର କରି ନ ଥିବା କହିଛି। ଆମେରିକୀୟ ଯୁଦ୍ଧବିମାନ କେଉଁ ରୁଟ୍ ବ୍ୟବହାର କରିଥିଲା, ସେନେଇ ଏହାର ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ ମୁଖ୍ୟ ଜେନେରାଲ ଡାନ୍ କେଇନ୍ ଗଣମାଧ୍ୟମକୁ ଜଣାଇଛନ୍ତି।

### ୩ ବିଧାୟକଙ୍କୁ ବହିଷ୍କାର କଲା ଏସ୍‌ପି

ଲକ୍ଷ୍ନୌ, ୨୩।୬

ସମାଜବାଦୀ ପାର୍ଟି (ଏସ୍‌ପି) ସୋମବାର ନିଜର ୩ ବିଧାୟକଙ୍କୁ ବହିଷ୍କାର କରିଛି। ଦଳର ମୂଳ ନୀତିକୁ ଉଲ୍ଲଂଘନ କରି ସାମ୍ପ୍ରଦାୟିକ ଏବଂ ବିଭାଜନକାରୀ ରାଜନୀତିକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ଏସ୍‌ପି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଗୋସାଇଗଞ୍ଜ ବିଧାୟକ ଅଭୟ ସିଂ, ଗୌରୀଗଞ୍ଜ ବିଧାୟକ ରାକେଶ ପ୍ରତାପ ସିଂ ଏବଂ ଉନ୍‌ଚହର ବିଧାୟକ ମନୋଜ କୁମାର ପାଣ୍ଡେ ଏସ୍‌ପିରୁ ବହିଷ୍କୃତ ହୋଇଛନ୍ତି। ଗତ କିଛି ଦିନ ଧରି ଏହି ୩ ବିଧାୟକ କେନ୍ଦ୍ରର କୃଷକ ବିରୋଧୀ, ମହିଳା ବିରୋଧୀ, ଯୁବ ବିରୋଧୀ ନୀତିକୁ ସମର୍ଥନ କରିଆସୁଥିଲେ ବୋଲି ଏସ୍‌ପି ପକ୍ଷରୁ ଏକ୍ସ'ରେ କୁହାଯାଇଛି।

### କମ୍ ମାର୍କ ଆଣିଥିବାରୁ ଝିଅକୁ ପିଟି ମାରିଦେଲେ



ଧୋଣ୍ଡିରାମ ଓ ସାଧନା

ସାଙ୍ଗଲି, ୨୩।୬

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ର ମକ୍‌ଟେଷ୍ଟରେ କମ୍ ନମ୍ବର ଆଣିଥିବାରୁ ମହାରାଷ୍ଟ୍ରର ସାଙ୍ଗଲି ଜିଲାରେ ଜଣେ ଶିକ୍ଷକ ଧୋଣ୍ଡିରାମ ଭୌଁସ୍‌ଲେ ନିଜ ଝିଅ ସାଧନା ଭୌଁସ୍‌ଲେ (୧୭)ଙ୍କୁ ଏକ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ବାପାଙ୍କ ମାଡ଼ରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସାଧନାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ଘଟଣାକୁ ନେଇ ସାଧନାଙ୍କ ମା' ନିଜ ସ୍ୱାମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଧୋଣ୍ଡିରାମଙ୍କୁ ଗିରଫ କରିଛି।

### ଦୋହା ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ମସ୍କଟ ଫେରିଲା

ନୂଆଦିଲ୍ଲୀ, ୨୩।୬

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିବା ସହ କାତାର ଏହାର ବାୟୁସୀମାକୁ ସାମୟିକ ବନ୍ଦ ଘୋଷଣା କରିବା ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଏବଂ ଇଣ୍ଡିଗୋ ପକ୍ଷରୁ ଟ୍ରାଭେଲ୍ ଆଡଭାଇଜରି ଜାରି କରାଯାଇ ବିଳମ୍ବ, ଉଡ଼ାଣରେ ପ୍ରତିବନ୍ଧକ ଏବଂ ବିମାନ ବାତିଲ ହେବା ନେଇ ଯାତ୍ରୀମାନଙ୍କୁ ସତର୍କ କରିଦିଆଯାଇଛି। କୋଚିରୁ ସୋମବାର ଦୋହା ଯାଉଥିବା ଏୟାରଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଦିଗ ବଦଳାଇ ଓମାନ୍‌ର ମସ୍କଟ୍ ଯାଇଛି। ସେହିପରି କନ୍ନୁରରୁ ଯାଉଥିବା ଅନ୍ୟ ଏକ ବିମାନ ଫେରିଆସିଛି। ଏବେ କୌଣସି ବିମାନ କାତାର ଯିବ ନାହିଁ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

### ଘରେ ରହିବାକୁ କାତାରରେ ଥିବା ଭାରତୀୟଙ୍କୁ ପରାମର୍ଶ

ଦୋହା, ୨୩।୬

କାତାରରେ ଥିବା ଆମେରିକାର ସାମରିକ ଘାଟିରେ ଇରାନର ଆକ୍ରମଣ ପରେ ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ଥିବା ୭.୫୦ ଲକ୍ଷ ଭାରତୀୟଙ୍କ ପାଇଁ ଆଡ୍‌ଭାଇଜରି ଜାରି କରାଯାଇଛି। ସତର୍କତାର ସହ ଘରେ ରହିବାକୁ କାତାରରେ ଥିବା ଭାରତୀୟଙ୍କୁ ପରାମର୍ଶ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି।



ଇରାନର ଆକ୍ରମଣ ଭୟରେ ତେଲ୍ ଆଭିଭ୍‌ରେ ଥିବା ଏକ ଭୂତଳ ପାର୍କିଂ ସ୍ଥଳରେ ଲୋକେ ଆଶ୍ରୟ ନେଇଛନ୍ତି।

## ବନ୍ଦେ ଭାରତ ଟ୍ରେନ୍‌ରେ ଯାତ୍ରୀଙ୍କୁ ମାଡ଼

### ଭାଜପା ବିଧାୟକଙ୍କ ସହ ଆସନ ବଦଳାଇବାକୁ ମନା କରିଥିଲେ

ଝାନ୍ସି, ୨୩।୬

ନୂଆଦିଲ୍ଲୀରୁ ଭୋପାଳ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ଯାତ୍ରୀଙ୍କୁ ମାଡ଼ ମରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି)ର ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀ-ଭୋପାଳ ବନ୍ଦେ ଭାରତ ଟ୍ରେନ୍‌ରେ ସିଟ୍ ବଦଳାଇବା ଏବଂ ଆପତ୍ତିଜନକ ଭାବେ ବସିବାକୁ ନେଇ ବିବାଦ ଦେଖାଦେଇଥିଲା। ଝାନ୍ସିର ବବିନାରୁ ବିଧାୟକ ରାଜୀବ ସିଂଙ୍କ ସହ ସିଟ୍ ବଦଳାଇବାକୁ ନେଇ ରାଜପ୍ରକାଶ ନାମକ ଜଣେ ଯାତ୍ରୀ ମନା କରିଥିଲେ। ଫଳରେ ରାଜୀବଙ୍କ ସମର୍ଥକମାନେ ରାଜପ୍ରକାଶଙ୍କୁ ମାଡ଼ ମାରିଥିଲେ। ଏହାର ଏକ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ସୋମବାର ଭାଜପା ରାଜୀବଙ୍କୁ କାରଣ ଦର୍ଶାଇ ନୋଟିସ୍ ଜାରି କରିଛି। ତେବେ ରାଜପ୍ରକାଶ ପ୍ରଥମେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭଦ୍ର ବ୍ୟବହାର କରିଥିଲେ ବୋଲି ରାଜୀବ କହିଛନ୍ତି। ଘଟଣାକୁ ନେଇ ଝାନ୍ସିସ୍ଥିତ ଜିଆର୍‌ପି ତଦନ୍ତ ଜାରି ରଖିଛି।

### ଡ୍ରଗ୍ସ ମାମଲାରେ ତେଲୁଗୁ ଅଭିନେତା ଶ୍ରୀକାନ୍ତ ଗିରଫ

ଚେନ୍ନାଇ, ୨୩।୬

ଡ୍ରଗ୍ସ କାରବାର ମାମଲାରେ ଗ୍ରେଟର ଚେନ୍ନାଇ ପୋଲିସ ସୋମବାର ତାମିଲ ଚଳଚ୍ଚିତ୍ର ଅଭିନେତା ଶ୍ରୀକାନ୍ତଙ୍କୁ ଗିରଫ କରିଛି। ୧୧ ଗ୍ରାମ କୋକେନ ସହ ଘାନା ନାଗରିକ ଜନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ବୟାନ ଆଧାରରେ ପୋଲିସ ଶ୍ରୀକାନ୍ତଙ୍କୁ ଜେରା ପାଇଁ ନେଇଥିଲା। ଜନ୍‌ଙ୍କଠାରୁ ଶ୍ରୀକାନ୍ତ ଡ୍ରଗ୍ସ ସଂଗ୍ରହ କରୁଥିବା ସୂଚନା ମିଳିଛି।

## ପଞ୍ଜାବ, ଗୁଜରାଟରେ ଆପ୍‌କୁ ୨ ଆସନ

### ବିଧାନସଭା ଉପନିର୍ବାଚନ

### କେରଳରେ କଂଗ୍ରେସ, ପଶ୍ଚିମବଙ୍ଗରେ ଟିଏମ୍‌ସି ବିଜୟୀ

ନୂଆଦିଲ୍ଲୀ, ୨୩।୬(ପି.ଟି.)

ଗତ ୧୯ ତାରିଖରେ ୪ ରାଜ୍ୟର ୫ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁଜରାଟର ବିସାବଦ ଏବଂ ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ବିଜୟୀ ହୋଇଛି। ସେହିପରି କେରଳର ନିଲାମ୍ବୁର ଆସନକୁ ବାମ ସାମ୍ମୁଖ୍ୟଠାରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଛଡ଼ାଇଆଣିଛି। ଗୁଜରାଟର ଶାସକ ଭାଜପା କଡି ଆସନକୁ ବଜାୟ ରଖିଥିବାବେଳେ ପଶ୍ଚିମବଙ୍ଗ ନଦିଆ ଜିଲାର କାଳିଗଞ୍ଜ ଆସନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଯାଇଛି। ବିବାସଦ ଆସନରେ ଗୁଜରାଟ ଆପ୍‌ର ପୂର୍ବତନ ସଭାପତି ଗୋପାଳ ଇଟାଲିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କିରୀଟ ପଟେଲଙ୍କୁ ୧୭,୫୫୪ ଖଣ୍ଡ ଭୋଟରେ ପରାଜିତ କରିଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ପଞ୍ଜାବର ଲୁଧିଆନା ପଶ୍ଚିମ ଆସନରେ ଆପ୍ ପ୍ରାର୍ଥୀ ସଞ୍ଜୀବ ଆରୋରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଭରତଭୂଷଣ ଆଶୁଙ୍କୁ ୧୦,୬୩୭ ଭୋଟରେ ପରାଜିତ କରିଛନ୍ତି। କଡ଼ି ଆସନରେ ଭାଜପା ପ୍ରାର୍ଥୀ ରାଜେନ୍ଦ୍ର ଚାଭଡ଼ା କଂଗ୍ରେସର ରମେଶ ଚାଭଡ଼ାଙ୍କଠାରୁ ୩୯,୪୫୨ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। କେରଳର ନିଲାମ୍ବୁର ଆସନରେ ୟୁଡିଏଫ୍ ପ୍ରାର୍ଥୀ ଆର୍ଯ୍ୟଦନ ସୌକତ୍ ସିପିଆଇଏମ୍‌ର ଏମ୍. ସ୍ୱରାଜଙ୍କଠାରୁ ୧୧,୦୭୭ ଖଣ୍ଡ ଅଧିକ ଭୋଟ ପାଇ ଜିତିଥିବାବେଳେ ପିନାରାୟୀ ବିଜୟନଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ପଶ୍ଚିମବଙ୍ଗର କାଳୀଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଆଶିଷ ଘୋଷଙ୍କଠାରୁ ୫୦,୦୪୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।



ପଶ୍ଚିମବଙ୍ଗର କାଳୀଗଞ୍ଜ ଆସନରେ ବିଜୟୀ ହେବା ପରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ଲୋକଙ୍କ ଗହଣରେ ବିଜୟ ସଙ୍କେତ ଦେଉଛନ୍ତି।

## ବିଜୟ ଉତ୍ସବ ବେଳେ ବୋମା ଫୁଟି ନାବାଳିକା ମୃତ

କୋଲକାତା, ୨୩।୬(ପି.ଟି.)

ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ କାଳୀଗଞ୍ଜରେ ତୃଣମୂଳ କଂଗ୍ରେସର ବିଜୟ ଉତ୍ସବ ରାଲିରେ ବୋମା ଫୁଟି ଜଣେ ୧୩ ବର୍ଷୀୟା ବାଳିକାଙ୍କ ମୃତ୍ୟୁ ଘଟିଛି। କାଳୀଗଞ୍ଜ ଆସନ ପାଇଁ ଉପନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ଅଲିଫା ଅହମଦ ବିଜୟୀ ହୋଇଥିଲେ। ଫଳାଫଳ ଘୋଷଣା ପୂର୍ବରୁ ସୋମବାର ଅପରାହ୍ଣରେ ଶାସକ ଦଳ ପକ୍ଷରୁ ଉତ୍ସବ ପାଳନ ହୋଇଥିଲା। ରାଲି ଯାଉଥିବାବେଳେ ବରୋଚାନ୍ଦଗରଠାରେ ବିସ୍ଫୋରଣ ଘଟିବାରୁ ୧୩ ବର୍ଷୀୟା ତମନ୍ନା ଖାତୁନ୍ ଗୁରୁତର ହୋଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ବୋମା ଫିଙ୍ଗିବା ଅଭିଯୋଗରେ ଅଖତର ଶେଖ୍ ନାମକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।



ଅଭିଯୁକ୍ତ ଟିଏମ୍‌ସି କର୍ମୀ ବୋଲି ସନ୍ଦେହ କରାଯାଉଛି। ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ତ୍ରିପୁରା ଭାରତର ତୃତୀୟ ପୂର୍ଣ୍ଣ ସାକ୍ଷର ରାଜ୍ୟ

ଅଗରତାଲା, ୨୩।୬

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରାକୁ ସୋମବାର ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ମିଳିଛି। ମିଜୋରାମ ଏବଂ ଗୋଆ ପରେ ତ୍ରିପୁରା ଦେଶର ତୃତୀୟ ପୂର୍ଣ୍ଣ ସାକ୍ଷର ରାଜ୍ୟ ହୋଇପାରିଛି। ସୋମବାର ଅଗରତାଲାର ରବୀନ୍ଦ୍ର ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କ ଉପସ୍ଥିତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଛି। ୟୁନେସ୍କୋ ଅନୁଯାୟୀ, ଯେଉଁ ରାଜ୍ୟଗୁଡ଼ିକର ସାକ୍ଷରତା ହାର ୯୫% ଅତିକ୍ରମ କରିବ, ସେଗୁଡ଼ିକୁ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ଘୋଷଣା କରାଯିବ। ତ୍ରିପୁରାର ସାକ୍ଷରତା ହାର ୯୫.୬%ରେ ପହଞ୍ଚିଥିବାରୁ ଏହାକୁ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ଘୋଷଣା କରାଯାଇଛି ବୋଲି ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବୟସ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶିକା ପ୍ରୀତି ମୀନା କହିଛନ୍ତି। ୨୦୩୦ ସୁଦ୍ଧା ଭାରତକୁ ପୂର୍ଣ୍ଣ ସାକ୍ଷର କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସେହିପରି ଏହି ଉପଲବ୍ଧି ତ୍ରିପୁରା ପାଇଁ ଏକ ଐତିହାସିକ ଏବଂ ଗର୍ବର ମୁହୂର୍ତ୍ତ ବୋଲି ମୁଖ୍ୟମନ୍ତ୍ରୀ ମାଣିକ କହିଛନ୍ତି।

## ରାଷ୍ଟ୍ରପତିଙ୍କ ଭାଷଣ ସଂକଳନ ଉନ୍ମୋଚିତ

ନୂଆଦିଲ୍ଲୀ, ୨୩।୬

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଦ୍ୱିତୀୟ ବର୍ଷରେ ଦେଇଥିବା ୫୧ଟି ଭାଷଣର ଏକ ସଂକଳନକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ଉନ୍ମୋଚନ କରିଛନ୍ତି। ଏହା ବିକଶିତ ଭାରତ ସ୍ୱପ୍ନର ଏକ 'କର୍ମଗ୍ରନ୍ଥ' ହେବ ବୋଲି ସେ କହିଛନ୍ତି। ପୁସ୍ତକର ନାମ 'ୱିଙ୍ଗ୍‌ସ ଟୁ ଆୱାର ହୋପ୍ସ-ଭଲ୍ୟୁମ୍ ୨' ରଖାଯାଇଥିବାବେଳେ ହିନ୍ଦୀ ସଂସ୍କରଣର ନାମ 'ଆଶାଓଁ କୀ ଉଡାନ- ଖଣ୍ଡ ୨' ରହିଛି। ଏଥିସହିତ ଏହାର ଇ-ଭର୍ସନକୁ ମଧ୍ୟ ରାଜନାଥ ରାଷ୍ଟ୍ରପତି ଭବନ ପରିସରରେ ଅନୁଷ୍ଠିତ ଉତ୍ସବରେ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ ଉପସ୍ଥିତ ଥିଲେ।

## ଏକକ ମା'ଙ୍କ ପିଲାର ଓବିସି ସାର୍ଟିଫିକେଟ ପାଇଁ ନିୟମ ବଦଳିବା ଗୁରୁତ୍ୱପୂର୍ଣ୍ଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୬ (ପି.ଟି.)

ନିର୍ଦ୍ଦିଷ୍ଟ ବର୍ଗର ଏକକ ମା'ଙ୍କ ପିଲାଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସାର୍ଟିଫିକେଟ ଇସ୍ୟୁ ପାଇଁ ନିୟମାବଳୀରେ ସଂଶୋଧନ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ ଗାଇଡ୍‌ଲାଇନ ଆଣିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି, ଯାହା ଦ୍ୱାରା ପିତୃତ୍ୱ ପକ୍ଷର କାଗଜାତ ବିନା ଏକକ ମା'ଙ୍କ ପିଲା ସାର୍ଟିଫିକେଟ ପାଇପାରିବେ ବୋଲି ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୨କୁ ଧାର୍ଯ୍ୟ ହୋଇଛି। ଦିଲ୍ଲୀର ଜଣେ ମହିଳା କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଜାନୁଆରୀ ୩୧ରେ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଥିଲେ। ସତ୍ୟପାଠ ଦାଖଲ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ଓକିଲ ଜଣାଇଥିଲେ। ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

## ଦିଲ୍‌ଜିତ ଦୋସାଞ୍ଜୀଙ୍କ ଉପରେ ପାଠ୍ୟକ୍ରମ

### ଭାରତରେ ରିଲିଜ ହେବନି 'ସରଦାର ଜୀ ୩'

ଟରଣ୍ଟୋ/ମୁମ୍ବାଇ

କାନାଡାର ଟରଣ୍ଟୋ ମେଟ୍ରୋପଲିଟାନ ୟୁନିଭର୍ସିଟି (ଟିଏମ୍‌ୟୁ)ପକ୍ଷରୁ ପଞ୍ଜାବୀ ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଜୀଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପାଠ୍ୟକ୍ରମର ଘୋଷଣା କରାଯାଇଛି। ପପ୍ ସଂସ୍କୃତି ଉପରେ ଦିଲ୍‌ଜିତଙ୍କ ବୈଶ୍ୱିକ ପ୍ରଭାବକୁ ଅନୁସନ୍ଧାନ କରିବାକୁ ଥିବା ଏହି ପାଠ୍ୟକ୍ରମ ୨୦୨୬ ଶେଷ ଭାଗରେ ଆରମ୍ଭ ହେବ ବୋଲି ଟିଏମ୍‌ୟୁ କହିଛି। ରବିବାର ରାତିରେ ଏହି ଖବରକୁ ଦିଲ୍‌ଜିତ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଥିଲେ। ବିଲବୋର୍ଡ କାନାଡାର ରିପୋର୍ଟ ଅନୁଯାୟୀ, ଏହି ପାଠ୍ୟକ୍ରମ ଟିଏମ୍‌ୟୁର କ୍ରିଏଟିଭ୍ ସ୍କୁଲରେ ଉପଲବ୍ଧ ହେବ। ଏହାସହ କାନାଡାରେ କୌଣସି ପଞ୍ଜାବୀ କଳାକାରଙ୍କ ଉପରେ କେନ୍ଦ୍ରିତ ଏହା ପ୍ରଥମ ପାଠ୍ୟକ୍ରମ ହେବ। ଏହି ପାଠ୍ୟକ୍ରମରେ ସଙ୍ଗୀତ କ୍ଷେତ୍ରରେ ଦିଲଜିତଙ୍କ କାର୍ଯ୍ୟ ସହ ସାଂସ୍କୃତିକ, ପ୍ରବାସୀ ପ୍ରାସଙ୍ଗିକତା ତଥା ବୈଶ୍ୱିକ ସ୍ତରରେ ତାଙ୍କର ବଢୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରାଯିବ। ଅନ୍ୟପକ୍ଷେ ରବିବାର ଦିଲଜିତ ନିଜର ପଞ୍ଜାବୀ ଫିଲ୍ମ 'ସରଦାର ଜୀ ୩'ର ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଆସନ୍ତା ୨୭ରୁ ଏହି ଫିଲ୍ମ ବିଦେଶରେ ରିଲିଜ୍ ହେବ ବୋଲି ଦିଲ୍‌ଜିତ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ପାକିସ୍ତାନୀ କଳାକାରଙ୍କ ଉପରେ କଟକଣା ଲାଗିଛି। 'ସରଦାର ଜୀ ୩' ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀ ହନିଆ ଆମିର ଅଭିନୟ କରିଥିବାରୁ ଏହାକୁ ଭାରତରେ ରିଲିଜ୍ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଟ୍ରେଲରରେ ହାନିଆଙ୍କ ସହ ଦିଲ୍‌ଜିତ ରୋମାନ୍ସ କରୁଥିବାର ନଜରକୁ ଆସିଥିବାରୁ ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଦିଲ୍‌ଜିତଙ୍କୁ ଟ୍ରୋଲ୍ କରିଛନ୍ତି। ସେହିପରି ଏହି ଫିଲ୍ମରେ ପାକିସ୍ତାନୀ ଅଭିନେତ୍ରୀଙ୍କୁ କାଷ୍ଟ କରିଥିବାରୁ ଆଗାମୀ ଦିନରେ ଦିଲ୍‌ଜିତ ଏବଂ 'ସରଦାର ଜୀ ୩' ଫିଲ୍ମ ନିର୍ମାତାଙ୍କ କୌଣସି ମଧ୍ୟ ଫିଲ୍ମ କିମ୍ବା ପ୍ରୋଜେକ୍ଟକୁ ଭାରତରେ ରିଲିଜ୍ ନ କରିବାକୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୋମବାର ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଏଫ୍‌ଡବ୍ଲ୍ୟୁଆଇସିଇ)ର ଅଧ୍ୟକ୍ଷ ବି. ଏନ୍. ତିୱାରୀ କହିଛନ୍ତି।



# ‘ଏନ୍‌ଆଇଏ’, ‘ଆଇବି’ର ତଦନ୍ତ

**ଭୁବନେଶ୍ୱରରେ ଆଫଗାନ୍ ନାଗରିକ ଗିରଫ ଘଟଣା**

ଭୁବନେଶ୍ୱର,୨୩।୬ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଏୟାରପୋର୍ଟ ଥାନା ପୋଲିସ ଦ୍ୱାରା ଆଫଗାନିସ୍ତାନ ନାଗରିକ ଗିରଫ ଘଟଣାକୁ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତ୍ୱର ସହ ନେଇଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଓ ଗୋଇନ୍ଦା ବ୍ୟୁରୋ(ଆଇବି) ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ ମହମ୍ମଦ ୟୁସୁଫ ଓରଫ ୟାହା ଖାନ୍ (୫୪)ଙ୍କୁ ମଧ୍ୟ ରିମାଣ୍ଡରେ ଆଣି ଖୋଳତାଡ଼ କରିବାକୁ କମିଶନରେଟ୍ ପୋଲିସ ଯୋଜନା କରୁଛି। ୟୁସୁଫ ୬ବର୍ଷ ହେବ ଲୁଚି ରହିଥିବା ବେଳେ ଏହା ପଛରେ ଥିବା ତାଙ୍କ ଉଦ୍ଦେଶ୍ୟ ବିଷୟରେ ଜାଣିବାକୁ ଛାନଭିନ୍ କରାଯାଉଛି। ସୋମବାର ‘ଏନ୍‌ଆଇଏ’ର ଦୁଇଜଣିଆ ଟିମ୍ ଏୟାରପୋର୍ଟ ଥାନାକୁ ଯାଇ ପୋଲିସକୁ ପଚରାଉଚରା କରିବା ସହ ଗିରଫ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ କରିଛନ୍ତି। ସେପଟେ ଆଇବିର ଦୁଇ ବରିଷ୍ଠ ଅଧିକାରୀ ୟୁସୁଫ ରହୁଥିବା କଟକ ପେଟିନ୍ ସାହିରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ଆଇବି ଟିମ୍ ଘର ମାଲିକଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଛନ୍ତି। ୟୁସୁଫ୍ କିଭଳି ଏବଂ କାହା ସହାୟତାରେ ଭାରତୀୟ ପାସ୍‌ପୋର୍ଟ ହାତେଇବା ସହ ଆଧାରକାର୍ଡ ଓ ଭୋଟର ପରିଚୟ ପତ୍ର କରିଥିଲେ ତାହା ଜାଣିବାକୁ ପ୍ରୟାସ ଚାଲିଛି। କୌଣସି ଆତଙ୍କବାଦୀ ସଂଗଠନ ପାଇଁ ୟୁସୁଫ୍ ସ୍ଲିପର୍ ସେଲ୍ ଭାବେ କାମ କରୁଥିଲେ ବୋଲି ସନ୍ଦେହ କରାଯାଇ ତଦନ୍ତ ହେଉଛି।

ସୂଚନାଯୋଗ୍ୟ, କାବୁଲର ୟୁସୁଫ୍ ଶୁକ୍ରବାର ଭୁବନେଶ୍ୱର ଏୟାରପୋର୍ଟରୁ




ଗିରଫ ହୋଇଥିଲେ। ୟୁସୁଫ ୨୦୧୭ରେ ଆଫ୍‌ଗାନିସ୍ତାନ ପାସପୋର୍ଟ ଜରିଆରେ କୋଲକାତା ଆସିଥିଲେ। ହେଲେ ୨୦୧୮ ଜାନୁଆରୀରେ ତାଙ୍କ ଭିଜାର ଅବଧି ଶେଷ ହୋଇଯାଇଥିଲା। ସେ ଆଫଗାନିସ୍ତାନ ଆଉ ଯାଇ ନ ଥିଲେ। ୬ବର୍ଷ ହେବ ଇମିଗ୍ରେଶନ ଅଧିକାରୀମାନେ ତାଙ୍କୁ ଖୋଜାଖୋଜି ଚଳାଇଥିଲେ। ପରେ ସେ କଟକ ଚାଲିଆସି ତାଙ୍କ ସମ୍ପ୍ରଦାୟର ଲୋକଙ୍କ ସହ ରହିଥିଲେ। ଏହାପରେ ସେ ପ୍ରମାଣ ପତ୍ର, ପରିଚୟ ପତ୍ର ଓ ବ୍ୟାଙ୍କ ଖାତା ଆଦି କରି ନେଇଥିଲେ। ସେ ମୋତି ଖାନ୍‌ଙ୍କ ପୁଅ ୟାହା ଖାନ୍ ଭାବେ ନିଜକୁ ପରିଚିତ କରାଇଥିଲେ। ଭାରତୀୟ ପାସ୍‌ପୋର୍ଟ ହାତେଇ ୨୦ତାରିଖରେ ସେ ଦୁବାଇ ଯାଉଥିଲେ। ଇମିଗ୍ରେଶନ ଅଧିକାରୀମାନେ ତାଙ୍କ ଉପରେ ସନ୍ଦେହ କରି ଯାଞ୍ଚ କରିବାରୁ ପ୍ରକୃତ ସତ ଜଣାପଡ଼ିଥିଲା।

# ୨ ଦଳିତଙ୍କୁ ଅଧା ଲଣ୍ଡାକରି ଆଣ୍ଠୁରେ ଚଲେଇବା ଘଟଣାରେ ୯ ଅଟକ

**ଗୋଚାଲାଣଙ୍କୁ ନେଇ କଙ୍ଗାରୁ କୋର୍ଟ**

ଧରାକୋଟ,୨୩।୬
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ଗୋଚାଲାଣ ଅଭିଯୋଗରେ ୨ଜଣ ଦଳିତ ବ୍ୟକ୍ତିଙ୍କୁ ଅଧାଲଣ୍ଡା କରି ଆଣ୍ଠୁରେ ଚଲାଇବା ସହ ନିର୍ଯାତନା ଦେବା ଘଟଣାରେ ପୋଲିସ ମାମଲା(ନଂ.୨୪୦/୨୫) ରୁଜୁ କରି ୯ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୋରକ୍ଷକ ନାମରେ ବେଆଇନ ଭାବେ ଅର୍ଥ ଆଦାୟ କରି କେତେଜଣ ଆଇନକୁ ହାତକୁ ନେଇଛନ୍ତି। ଏଥିରେ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ଅପରପକ୍ଷରେ ପୀଡ଼ିତ ୨ଜଣଙ୍କୁ ମେଡିକାଲରେ ଚିକିତ୍ସିତ କରାଯିବା ପରେ ସୁରକ୍ଷିତଭାବେ ସେମାନଙ୍କୁ ସିଙ୍ଗିପୁର ଗ୍ରାମରେ ଛଡ଼ାଯାଇଛି। ଘଟଣାର ତଦନ୍ତ ଦାୟିତ୍ୱ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ନେଇଛନ୍ତି ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଝିଅକୁ ଯୌତୁକ ଦେବା ପାଇଁ ସମ୍ପୃକ୍ତ ୨ଜଣ ଦଳିତ ବ୍ୟକ୍ତି ରବିବାର ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଦୁଇ କି.ମି. ଦୂର ଜାହାଡା ପର୍ଯ୍ୟନ୍ତ ଆଣିଥିଲେ। କଙ୍ଗାରୁ କୋର୍ଟ ବସାଇ ଉଭୟଙ୍କୁ ଜାହାଡ଼ା ଗାଁଦାଣ୍ଡରେ ୨କିଲୋମିଟର ଆଣ୍ଠୁରେ ଚଲାଇଥିଲେ। ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ କରିଥିଲେ। ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲ୍‌ରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଗୋରକ୍ଷକ ନାମରେ ଅମାନବୀୟ ଅତ୍ୟାଚାର କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

# ଛୁରି ଦେଖାଇ ବଳାତ୍କାର, ନଗ୍ନ ଭିଡିଓ ରେକର୍ଡ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୬(ସତ୍ୟଜିତ୍ ରାଉତ)

ଛୁରି ଦେଖାଇ ଯୁବତୀଙ୍କୁ ବଳାତ୍କାର କରିବା ସହ ନଗ୍ନ ଭିଡିଓ ରେକର୍ଡ କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମଦନପୁରରେ ରହୁଥିବା ଝାଡ଼ଖଣ୍ଡର ଅମିତ ପ୍ରଧାନ (୨୩)। ତାଙ୍କଠାରୁ ଏକ ମୋବାଇଲ ଜବତ ହୋଇଛି। ଅମିତଙ୍କୁ କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଏତଲା ଅନୁଯାୟୀ, ଶହୀଦନଗରସ୍ଥିତ ଏକ ଘରୋଇ କମ୍ପାନୀରେ ପୀଡ଼ିତା ଜଣକ ଚଳିତବର୍ଷ ଫେବ୍ରୁଆରୀରେ ସପୋର୍ଟ ଏକ୍‌ଜିକ୍ୟୁଟିଭ୍ ଭାବରେ ଯୋଗ ଦେଇଥିଲେ। ସେଠାରେ ସହକର୍ମୀ ଥିବା ଅଭିଯୁକ୍ତ ଅମିତଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଶନିବାର ପୀଡ଼ିତାଙ୍କୁ ଅମିତ ମଦନପୁରସ୍ଥିତ ଭଡ଼ାଘରକୁ ଡାକିଥିଲେ। ସେଠାରେ ଯୁବତୀ ଜଣକ ପହଞ୍ଚିବା ପରେ ଅମିତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ପୀଡ଼ିତା ବିରୋଧ କରିବାରୁ ଅମିତ ତାଙ୍କୁ ଛୁରି ଦେଖାଇ ଭୟଭୀତ କରିବା ସହ ବଳାତ୍କାର କରିଥିଲେ। ଏଥିସହ ତାଙ୍କ ମୋବାଇଲରେ ପୀଡ଼ିତାଙ୍କ ନଗ୍ନ ଭିଡିଓ ରେକର୍ଡ କରିଥିଲେ। ଏନେଇ ପୀଡ଼ିତା ଶହୀଦନଗର ଥାନାରେ ଏତଲା ଦେଇଥିଲେ। ଘଟଣାଟି ଇନ୍‌ଭୋଭ୍ୟାଲି ଥାନା ଅଞ୍ଚଳରେ ଘଟିଥିବାରୁ ସହୀଦନଗର ଥାନା ଏହାକୁ ଜିରୋ ଏଫ୍‌ଆଇଆର୍ ଭାବେ ଗ୍ରହଣ କରିଥିଲା। ପରେ ଏହାକୁ ଇନ୍‌ଫୋଭ୍ୟାଲି ଥାନାକୁ ସ୍ଥାନାନ୍ତର କରାଯିବା ପରେ ମାମଲା (ନଂ.୧୬୬/୨୦୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।

# ୭ ଲକ୍ଷରୁ ଊର୍ଦ୍ଧ୍ୱ ଗହଣା ଲୁଟ

ଛେଣ୍ଡିପଦା,୨୩।୬(ଅଜିତ୍ ଧଳ)

ଅନୁଗୋଳଜିଲା ଛେଣ୍ଡିପଦା ଥାନା ପୋଡ଼ାପଡ଼ା ଗାଁରେ ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକ ଶୋଇଥିବାବେଳେ ଗଡରେଜ୍ ଖୋଲି ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ରଞ୍ଜନ କୁମାର ଗଡ଼ନାୟକଙ୍କ ପରିବାର ଲୋକେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘର ପଛପଟ ଗ୍ରିଲ୍ ଖୋଲି ଘର ଭିତରକୁ ପଶିଥିଲେ। ରଞ୍ଜନଙ୍କ ପୁଅ ବୋହୂ ଶୋଇବା ଘରର ଗଡରେଜ୍ ଖୋଲି ବୋହୂଙ୍କର ଥିବା ପ୍ରାୟ ୭ ଲକ୍ଷ ଟଙ୍କାର ସୁନାଗହଣା ଓ ଲାପ୍‌ଟପ୍ ଲୁଟି ନେଇ ଫେରାର ହୋଇଯାଇଥିଲେ।

# ୨ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

**ଜେଲରେ ଥିବା ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ନେବ ଆଜି**

ବ୍ରହ୍ମପୁର,୨୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ନିଜଆଡୁ ମାମଲା ରୁଜୁ କରିଛି। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ନିଜଆଡୁ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କଠାରୁ ରିପୋର୍ଟ ତଲବ କରିଛି।

ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଉପସ୍ଥିତିରେ ଯେଭଳି ଅମାନୁଷିକ ଭାବେ ଗଣବଳାତ୍କାର କରାଯାଇଥିଲା ତାହାକୁ ସବୁ ବର୍ଗର ଲୋକେ ନିନ୍ଦା କରିଛନ୍ତି। କ୍ରାଇମବ୍ରାଞ୍ଚ ଉକ୍ତ ମାମଲା ହାତକୁ ନେବା ପରେ ପ୍ରଥମେ ପୋଲିସ ଜବତ କରିଥିବା ସାମଗ୍ରୀଗୁଡିକୁ ନିଜ ଜିମାରେ ନେଇ କୋର୍ଟରେ ଦାଖଲ କରିଥିଲା। ସେହିପରି ଅନ୍ୟ କେତେକ ଆପତ୍ତିଜନକ ସାମଗ୍ରୀ ଜିମାକୁ ନେଇ କେମିକାଲ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଛି। କ୍ରାଇମ୍‌ବ୍ରାଞ୍ଚ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ୬ ଅଭିଯୁକ୍ତ ଓ ପରେ ବାଳ ସୁଧାର ଗୃହରେ ଥିବା ୪ ଜଣଙ୍କ ଟିଆଇ ପରେଡ୍ କରିଥିଲା। ଜେଲରେ ଥିବା ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନିକିଆ ରିମାଣ୍ଡରେ ନେବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୋମବାର ବ୍ରହ୍ମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ଆବେଦନ କରିଥିଲା। ମାଜିଷ୍ଟ୍ରେଟ ତାହାକୁ ମଞ୍ଜୁର କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ କଲେଜ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଏକ ନିରୋଳା ସ୍ଥାନରେ ବସିଥିବା ବେଳେ ୧୦ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଛାତ୍ରୀଙ୍କୁ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରିଥିଲେ। ରାତି ସାଢ଼େ ୧୦ଟାରେ ପୀଡ଼ିତା ଛାତ୍ରୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ୪ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଧରିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୨୩।୬(ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ଅତିରିକ୍ତ ଜିଲା ଆଡହକ୍ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ସୋମବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ କିଶୋରନଗର ଥାନା ତୁରୁଡ଼ାର ପ୍ରଜାରଞ୍ଜନ ରାଉଳଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୧ ଅଗଷ୍ଟ ୯ରେ ଅନୁଗୋଳ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ଘରେ ଏକାକି ଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରଜାରଞ୍ଜନ ତାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ହଜାର ଏବଂ ଘରେ ଥିବା ୨ ଲକ୍ଷ ଟଙ୍କା ନେଇଯିବା ସହ ନାବାଳିକାଙ୍କୁ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ପ୍ରଜାରଞ୍ଜନଙ୍କୁ ଗିରଫ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଆଡହକ୍ ଏବଂ ସେସନ ଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ ବିଚାରପତି ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହିତ ପୀଡ଼ିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଆଡିଶିନାଲ ପି.ପି. ପ୍ରଦୀପ କୁମାର ଭୂତିଆ ମାମଲା ପରିଚାଳନା କରିଥିଲେ।

# ଲୁହାପଥର ବୋଝେଇ ଟ୍ରେଲର, ଟ୍ରକ୍ ଜବତ

ଯୋଡ଼ା,୨୩।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କାନପୁର ଡ୍ୟାମ୍ ଅଞ୍ଚଳ ପାର୍ବତୀପୁର୍ ଓ ଦଡୁଆଁରୁ ସୋମବାର ଅପରାହ୍ନରେ ଚୋରା ଲୁହାପଥର ବୋଝେଇ ଟ୍ରେଲର ଓ ଟ୍ରକ୍‌କୁ ଖଣି ବିଭାଗ ଜବତ କରିଛି। ଜବତ ୨ ଗାଡ଼ି ଝାଡ଼ଖଣ୍ଡ ଅଞ୍ଚଳର ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଯାଞ୍ଚ କଡ଼ାକଡ଼ି ହେଉ ନ ଥିବାରୁ ବାହାର ରାଜ୍ୟର ଗାଡ଼ିରେ ଖଣିଜ ଚୋରାଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଖଣିଜ ଚୋରା ବ୍ୟବସାୟୀ ପାର୍ବତୀପୁର ଅଞ୍ଚଳରୁ ଟ୍ରେଲର, ଟ୍ରକ୍ (ନଂ.ଜେଏଚ୍ ୦୫ ଡିଭି ୩୧୯୧ ଓ ଅନ୍ୟ ଏକ ନମ୍ବରବିହୀନ ୧୬ ଚକିଆ)ଯୋଗେ ଲୁହାପଥର ଚୋରାଚାଲାଣ କରୁଥିଲେ। ସେହି ସମୟରେ ଟ୍ରେଲରଟି ଡ୍ୟାମ୍ ନିକଟ ରାସ୍ତାରେ ଫସି ଯାଇଥିଲା। ଖବର ପାଇ ଖଣି ବିଭାଗ ପହଞ୍ଚି ୨ ଗାଡ଼ିକୁ ଜବତ କରିଛି। ଖଣିଜ ଚୋରା ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ପ୍ରାୟ ୪୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଖଣିଜ ଉକ୍ତ ଗାଡ଼ିଦ୍ୱୟରେ ବୋଝେଇ ହୋଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ରାଜ୍ୟ ପରିବହନ ବିଭାଗର ବଡ଼ବିଲ ଓ କେନ୍ଦୁଝର କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ କଡ଼ାକଡ଼ି ହେଉନାହିଁ। ଫଳରେ ଝାଡ଼ଖଣ୍ଡ ପଞ୍ଜୀକୃତ ନମ୍ବର ଗାଡ଼ି ଯୋଡ଼ା ଅଞ୍ଚଳରେ ଅବାଧରେ ପ୍ରବେଶ କରି ଖଣିଜ ଚୋରାଚାଲାଣରେ ନିୟୋଜିତ ହେଉଛି। ଗାଡ଼ି ରାସ୍ତାରେ ଦବି ନ ଥିଲେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ


ରାସ୍ତାରେ ଫସିଥିବା ଲୁହାପଥର ବୋଝେଇ ଗାଡ଼ି।

ଟଙ୍କାର ଲୁହାପଥର ରାଜ୍ୟ ବାହାରକୁ ଅନାୟସରେ ଚାଲିଯାଇଥାଆନ୍ତା ବୋଲି ଆଲୋଚନା ହେଉଛି।

# ଯୌତୁକ ନିର୍ଯାତନା: ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ

**■ଶ୍ୱଶୁର ଘର ଲୋକ ଫେରାର**
**■ମୃତଦେହ ରାତିରୁ ବ୍ୟବଚ୍ଛେଦ ନ ହୋଇ ପଡ଼ି ରହିଛି**

ମହାକାଳପଡ଼ା, ୨୩।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ବଡ଼ମଠ ଗାଁର ଜଣେ ୫ ମାସର ଗର୍ଭବତୀ ବଧୂଙ୍କୁ ଯୌତୁକ ଲାଗି ହତ୍ୟା କରାଯାଇଥିବା ରବିବାର ରାତିରେ ବାପା ଅଭିଯୋଗ କରିଛନ୍ତି। ଶ୍ୱଶୁର ଘର ଲୋକ ଫେରାର ହୋଇଯାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ନ ହୋଇ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟରେ ସୋମବାର ରହିଛି।

ସୂଚନାଯୋଗ୍ୟ, ବଡ଼ମଠ ଗାଁର ତ୍ରିଲୋଚନ ଭୂୟାଁଙ୍କ ପୁଅ ଚଗଲି (୨୫) ମହାକାଳପଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିକନ୍ଧା ଗାଁର ଗୟାଧର ପ୍ରଧାନଙ୍କ ଝିଅ ନମିତାଙ୍କୁ ଦେଢ଼ବର୍ଷ ତଳେ ବୈଦିକ ରୀତି ମତେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ଦିଆଯାଇଥିଲା।


ନମିତାଙ୍କ ଫାଇଲ ଫଟୋ।

ପରେ ବୋହୂଙ୍କୁ ଅଧିକ ଯୌତୁକ ପାଇଁ ଶାଶୁ ଅଞ୍ଜନା, ନଣନ୍ଦ ସୋନି, ସ୍ୱାମୀ ଚଗଲି, ଶ୍ୱଶୁର ତ୍ରିଲୋଚନ ମାନସିକ, ଶାରୀରିକ ନିର୍ଯାତନା ଦେଉଥିଲେ। ରବିବାର ନମିତା ଫୋନରେ ବୋଉଙ୍କୁ ଅଧିକ ଯୌତୁକ ଦିଅ ନଚେତ ଶାଶୁ ଘର ଲୋକେ ମାରିଦେବାକୁ ଧମକ ଦେଇଛନ୍ତି ବୋଲି କହିଥିଲେ। ଏହାର କିଛି ସମୟ ପରେ ଜ୍ୱାଇଁ ଚଗଲି ଫୋନ କରି ଶାଶୁଙ୍କୁ କହିଥିଲେ, ତୁମ ଝିଅ ଦେହ ଭଲ ନାହିଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦେଖିବାକୁ ଆସ। ପରେ ବାପ ଘର ଲୋକ ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ଝିଅଙ୍କୁ ମୃତ ଘୋଷଣା କରିଥିଲେ। ଝିଅ ୫ ମାସର ଗର୍ଭବତୀ ଥିଲେ। ଝିଅକୁ ନିର୍ଯାତନା ଦେବା ସହ ପରିବାରର ସମସ୍ତେ ହତ୍ୟା କରିଥିବା ନେଇ ବାପା ଗୟାଧର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥିବା ଶାଶୁ ଘର ଲୋକ ସମସ୍ତେ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ଫଳରେ ପୋଲିସ ପକ୍ଷରୁ ଘରେ ଅନ୍ୟ ଏକ ତାଲା ଝୁଲାଇ ତଦନ୍ତ ଆରମ୍ଭ କରିଛି। ଏ ନେଇ ପୋଲିସ ନଂ. ୧୮୩/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ପୋଲିସ ମୃତଦେହ ଜବତ କରିଥିଲେ ହେଁ ବ୍ୟବଚ୍ଛେଦ ହୋଇ ନାହିଁ। ଗୟାଧର କହିଛନ୍ତି, ହତ୍ୟା କରିଥିବା ଶାଶୁ ଘର ଲୋକେ ଯେ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହୋଇପାରିବ ନାହିଁ।

# ହୋଟେଲରୁ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ମା’**

ପାରାଦୀପ, ୨୩।୬(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ହୋଟେଲର ଶିଢ଼ି ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଲକ୍‌ପଡା ବସ୍ତିର ଚନ୍ଦନ ମାଲ(୨୭)। ଏନେଇ ମା’ ବାସନ୍ତୀ ଥାନାରେ ଅଭିଯୋଗ କରିଛନ୍ତି।

ବାସନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ରାକେଶ କୁମାର ପଟ୍ଟନାୟକ ଓ ନନି ମହାପାତ୍ରଙ୍କ ମାଲିକାନାରେ ଥିବା ହୋଟେଲରେ ଚନ୍ଦନ ୭ ବର୍ଷ ହେବ କାମ କରୁଥିଲେ। ସୋମବାର ସକାଳେ ଚନ୍ଦନଙ୍କ ଘରକୁ ମାଲିକ ନନି କଲ୍ କରି ହୋଟେଲରେ ପହଞ୍ଚିବା ପାଇଁ କହିଥିଲେ। ଏହାପରେ ବାପା



ହୋଟେଲ ଆଗରେ ଚନ୍ଦନଙ୍କ ସମ୍ପର୍କୀୟଙ୍କ ଗହଳି।

ବାପି ମାଲ ହୋଟେଲରେ ପହଞ୍ଚିବାବେଳକୁ ପୁଅକୁ ପଙ୍ଖାରେ ଝୁଲୁଥିବା ଦେଖି ଅଚେତ ହୋଇଯାଇଥିଲେ। ଅପରପକ୍ଷେ ଚନ୍ଦନଙ୍କୁ ଠିକ୍ ସମୟରେ ହୋଟେଲ ମାଲିକ ଦରମା ଦେଉ ନ ଥିଲେ। ଏହି କାରଣକୁ ନେଇ ତାଙ୍କୁ ଉଭୟ ମାଲିକ ହତ୍ୟା କରିଛନ୍ତି ବୋଲି ବାସନ୍ତୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ହୋଟେଲ ମାଲିକାଣୀ ନନି କୁହନ୍ତି, ରବିବାର ରାତିରେ ଲକ୍‌ପଡା ବସ୍ତିରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଚନ୍ଦନ ଘରକୁ ଯାଇ ବିଳମ୍ବିତ ରାତିରେ ହୋଟେଲକୁ ଫେରି ଗଣ୍ଡଗୋଳ ସମ୍ପର୍କରେ ଜଣାଇଥିଲେ। ସୋମବାର ସକାଳେ ଥାନାକୁ ଯିବାକୁ ପରାମର୍ଶ ଦେଇଥିଲି। କିନ୍ତୁ ସେ ରାତିରେ ହୋଟେଲ ଶିଢ଼ି ଘର ପଙ୍ଖାରେ ଝୁଲି ପଡ଼ିଥିଲେ। ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

# ମଦ ଦୋକାନ କର୍ମଚାରୀଙ୍କୁ ଗୁଳିମାଡ଼

**■ ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ଆତଙ୍କରାଜ**
**■ ୮ଲକ୍ଷ ଲୁଟ୍ ଉଦ୍ୟମ ପଣ୍ଡ**

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
କୁଳିଅଣା(ଆଦିକନ୍ଦ ସାହୁ) ୨୩।୬

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ବାଇଗଣବାଡ଼ିଆ-କୁଚେଇ ନିକଟ ଜଗନ୍ନାଥପୁରଠାରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ମଦ ଦୋକାନ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ କୁଳିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ(୩୦)। ତାଙ୍କ ମୁଣ୍ଡ ଓ ଜଂଘରେ ଗୁଳି ବାଜିଥିବା ବେଳେ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ପହଞ୍ଚି ତନାଘନା ଚଳାଇଥିବାବେଳେ ଦୁର୍ବୃତ୍ତଙ୍କ ପତ୍ତା ମିଳି ପାରିନାହିଁ। ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସୂଚନାଯୋଗ୍ୟ, ଶିବାନନ୍ଦ କୁଳିଅଣାସ୍ଥିତ ଏକ ବିଦେଶୀ ମଦ ଦୋକାନରେ ରହି କାର୍ଯ୍ୟ କରୁଥିଲେ। ସୋମବାର ପୂର୍ବାହ୍ନ ୧୧ଟା ୩୦ ସମୟରେ ଦୋକାନରୁ ୮ଲକ୍ଷ ଟଙ୍କା ଧରି ବାଇକ୍ ଯୋଗେ ବାରିପଦା ଆସୁଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ୪ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜଗନ୍ନାଥପୁର ପାଖରେ ଶିବାନନ୍ଦଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଶିବାନନ୍ଦ ଭୟଭୀତ ହୋଇ ବାଇକ୍ ଅଟକାଇବା ପରେ ୨ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଭର୍ତ୍ତି ବ୍ୟାଗ୍ ନେବା ପାଇଁ ଉଦ୍ୟମ କରିଥିଲେ। ଶିବାନନ୍ଦ ନିଜକୁ ସୁରକ୍ଷା ଦେବାକୁ ଉଦ୍ୟମ ଜାରି ରଖିଥିବାବେଳେ ଦୁର୍ବୃତ୍ତମାନେ ୫ ରାଉଣ୍ଡ ଗୁଳି ଫୁଟାଇଥିଲେ। ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ଓ ଅନ୍ୟ ଏକ ତାଙ୍କ ଜଂଘରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ୍ ନେଇ ନ ପାରି ସେଠାରୁ ଚମ୍ପଟ ମାରିଥିଲେ। କୁଳିଅଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳିର ଖୋକା ଜବତ କରି ତଦନ୍ତ ଜାରି ରଖିଛି। ଘଟଣା ପରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ, କିରାଣି

ରାୟଗଡ଼ା/ବିଷମକଟକ ୨୩।୬(ଆଶିଷ ରଞ୍ଜନ ପଣ୍ଡା/ ପ୍ରସନ୍ନ କୁମାର ପଣ୍ଡା)

ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ଜଣଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ରାୟଗଡା ଜିଲା ବିଷମକଟକ ବ୍ଲକ ସିଡିପିଓ ଓ କିରାଣି। ଭିଜିଲାନ୍ସ କର୍ତ୍ତୃପକ୍ଷ ସିଡିପିଓ ସୁଶୀଳା ଶବରଙ୍କ ନିକଟରୁ ନଗଦ ୮୦ହଜାର ଲାଞ୍ଚ ଟଙ୍କା ଜବତ କରିଛନ୍ତି। ସିଡିପିଓ ସୁଶୀଳାଙ୍କ ସହ ତାଙ୍କ ସହଯୋଗୀ ତଥା ବିଭାଗୀୟ କିରାଣି ରାମଚନ୍ଦ୍ର ପାତ୍ରଙ୍କୁ ସୋମବାର ରାୟଗଡ଼ା ଭିଜିଲାନ୍ସ ଗିରଫ କରି କାର୍ଯ୍ୟାଳୟକୁ ଆଣି ପଚରାଉଚରା ଜାରି ରଖିଛି।

ବିଷମକଟକ ବ୍ଲକ୍ ଅଧୀନ କୁର୍ଲି ପଞ୍ଚାୟତର ହୁଟେଶି ଗ୍ରାମରେ ଅଙ୍ଗନୱାଡ଼ି


ବିଷମକଟକ ବ୍ଲକ ସିଡିପିଓ ସୁଶୀଳା ଶବରଙ୍କୁ ଭିଜିଲାନ୍ସ ଅଧିକାରୀ ଗିରଫ କରି ନେଉଛନ୍ତି।

କର୍ମୀ ନିଯୁକ୍ତି ପାଇଁ ୩ଜଣ ମହିଳା ଆବେଦନ କରିଥିଲେ। ହୁଟେଶି ଗ୍ରାମର ଜଣେ ଡଙ୍ଗରିଆ ମହିଳା ସୀତା ୱାଡ଼କା ମଧ୍ୟ ଆବେଦନ କରିଥିଲେ। ସୀତାଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଁ ତାଙ୍କ ସ୍ୱାମୀ ଲାଲୁ ସିକକା ସିଡିପିଓଙ୍କ ସହ ଆଲୋଚନା କରିଥିଲେ। ଲକ୍ଷେ ଟଙ୍କା ଦେଲେ ସୀତାଙ୍କୁ ନିଯୁକ୍ତି ମିଳିବ ବୋଲି ସିଡିପିଓ ଏବଂ ଲାଲୁଙ୍କ ମଧ୍ୟ ଡିଲ୍ ହୋଇଥିଲା। ଏହାପରେ ଲାଲୁ ଅନଲାଇନ୍ ଯୋଗେ ପ୍ରଥମେ ୨୦ ହଜାର ଟଙ୍କା ସୁଶୀଳାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ସୋମବାର ବିଷମକଟକ ବ୍ଲକ କୁମାରଢ଼ାମୁଣି ଛକଠାରେ ସିଡିପିଓ ସୁଶୀଳା ବଳକା ୮୦ ହଜାର ଟଙ୍କା ଲାଲୁଙ୍କଠାରୁ ନେବାବେଳେ ପୂର୍ବରୁ ସୂଚନା ପାଇ ଯୋଜନାବଦ୍ଧ ଭାବେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଏବଂ କିରାଣି ରାମଚନ୍ଦ୍ରଙ୍କୁ କାବୁ କରିଥିଲା। ଏହି ଚଢ଼ାଉରେ ଜୟପୁର ଭିଜିଲାନ୍ସ ଟିମ୍‌ର ୨ଜଣ ଡିଏସ୍‌ପି ସଦାନନ୍ଦ ପାଣି ଓ ଅଭୟ ପ୍ରଧାନ, ରାୟଗଡ଼ା ଭିଜିଲାନ୍ସ ଇନସ୍ପେକ୍ଟର ତରୁଲତା ବେହେରା ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଅଧିକ ତଦନ୍ତ ପାଇଁ ସୁଶୀଳା ଓ କିରାଣି ରାମଚନ୍ଦ୍ରଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

# ତାଳଚେର ମେଡିକାଲ କଲେଜରେ ଖୁବ୍‌ଶୀଘ୍ର ନାମଲେଖା

## ଭିତ୍ତିଭୂମି ପରଖିଲା ଜାତୀୟ ମେଡିକାଲ ପରିଷଦର ସ୍ୱତନ୍ତ୍ର ଟିମ୍



ଅନୁଗୋଳରେ ଭିତ୍ତିଭୂମି ପରଖୁଛି ଜାତୀୟ ମେଡିକାଲ ପରିଷଦର ସ୍ୱତନ୍ତ୍ର ଟିମ୍।

**ଅନୁଗୋଳ,୨୩।୬(ଜ୍ୟୋତିରଞ୍ଜନ ସାହୁ)** ଅନୁଗୋଳ ଜିଲ୍ଲା ତାଳଚେର ପବିତ୍ରମୋହନ ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ଭାବେ ବ୍ୟବହୃତ ଅନୁଗୋଳ ମେଡିକାଲରେ ସୋମବାର ଭିତ୍ତିଭୂମି ପରଖିଛି ଜାତୀୟ ମେଡିକାଲ ପରିଷଦର ସ୍ୱତନ୍ତ୍ର ଟିମ୍। ଅନୁଗୋଳ ମେଡିକାଲର ଟ୍ରମା ସେଣ୍ଟରରେ ଏକ ୩ ଜଣିଆ ଟିମ୍ ପୂର୍ବାହ୍ନରେ ପହଞ୍ଚି ଟିକିନିଖି ଯାଞ୍ଚ କରିଥିଲା। ଏହି ଟିମ୍ ଡାକ୍ତରଙ୍କ ବିଭିନ୍ନ ଚାମ୍ବର ବୁଲି ଦେଖିଥିଲା। ମେଡିକାଲରେ ରୋଗୀମାନଙ୍କୁ କିପରି ସେବା ଯୋଗାଇ ଦିଆଯାଉଛି, ବ୍ୟବହାର ପ୍ରଦର୍ଶନ କରାଯାଉଛି ତାହା ବୁଝିବା ସହ ଓଟି, ଲିଫ୍ଟ ଆଦି ବ୍ୟବସ୍ଥା ଦେଖିଥିଲା। ମୁଖ୍ୟ ଚିକିତ୍ସାଳୟରେ ଥିବା ମାତୃ ବିଭାଗ ଓ୍ୱାର୍ଡ ପରିଦର୍ଶନ କରିଥିଲା। ଏ ସମ୍ପର୍କରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜର ଡିନ୍ ପ୍ରଫେସର କୀର୍ତ୍ତିରେଖା ମହାପାତ୍ର କହିଛନ୍ତି, କେନ୍ଦ୍ରୀୟ ଟିମ୍ ଆସି ଟ୍ରମା ସେଣ୍ଟର ବୁଲି ଦେଖିଛି। ପ୍ରଫେସରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛି। ଟିମ୍ ବହୁତ ଖୁସି ଅଛି। ଖୁବ୍‌ଶୀଘ୍ର କଲେଜରେ ନାମ ଲେଖା ପାଇଁ ଅନୁମତି ମିଳିବ ବୋଲି ଆଶା ରହିଛି।

# ଡ୍ୟୁଟି ପାଇଁ 'ପୁରୀ ପୋଲିସ ରଥଯାତ୍ରା ଆପ୍'

**ପୁରୀ,୨୩।୬ (ଅଜିତ୍ କୁମାର ମହାନ୍ତି)** ଆଗାମୀ ୨୭ତାରିଖରେ ରଥଯାତ୍ରା। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ 'ପୁରୀ ପୋଲିସ ରଥଯାତ୍ରା ଆପ୍' ନାମକ ଏକ ଡିଜିଟାଲ ମୋବାଇଲ ଆପ୍ ବିକଶିତ କରାଯାଇଛି। ଏହି ଆପ୍ ଦ୍ୱାରା ବିଭିନ୍ନ ଜିଲ୍ଲାରୁ ନିୟୋଜିତ ହେଉଥିବା ଅଧିକାରୀମାନେ ନିଜ ଡ୍ୟୁଟି ସ୍ଥାନ, ଡ୍ୟୁଟି ସମୟ ଓ ଅଧୀନସ୍ଥ ଅଧିକାରୀମାନଙ୍କ ଅବସ୍ଥାନ ସମ୍ପର୍କରେ ସହଜରେ ଅବଗତ ହେବା ସହ ଡ୍ୟୁଟି ଚେକିଂ ଓ ଲୋକେସନ ଟ୍ରାକିଂ କରିପାରିବେ। ବୃହତ ମନିଟରିଂ ଆଧାରରେ ଅପ୍ରୀତିକର ଅବସ୍ଥାରେ ଡିପ୍ଲୟମେଣ୍ଟ ପୁନଃ ନିର୍ଦ୍ଦେଶ ହେବ। ରିଅଲ୍ ଟାଇମ ଅପଡେଟ୍‌ର ସୂଚନା ଦେବ। ସମସ୍ତ ଟିମ୍ ଲିଡର, ଡିଉଟି ଅଫିସର୍ ଓ ସିନିୟର ଅଧିକାରୀ ତାଙ୍କ ଅଧୀନସ୍ଥଙ୍କ ଉପସ୍ଥିତି ଓ ଅବସ୍ଥାନ ଅନଲାଇନ୍ ଦେଖିପାରିବେ। ଏହି ଆପ୍ ଗୁଗଲ୍ କ୍ଲାଉଡ ଉପରେ ହୋଷ୍ଟ ହୋଇଥିବାରୁ ଯେକୌଣସି ମୋବାଇଲରେ ଖୋଲିବା ଉପଲବ୍ଧ ହେବା ସହଜ। ଡାଟା ଲାଇଭ୍ ରହିଥାଏ ଓ ଅପଡେଟ୍ ହୁଏ। ଆପ୍ ମାଧ୍ୟମରେ ଡିୟୁଟି ନିର୍ଦ୍ଦେଶନା, ରୁଟ୍ ମ୍ୟାପ୍, ଫର୍ମ ଉପରେ ଏକ ଡିଜିଟାଲ୍ ହ୍ୟାଣ୍ଡବୁକ୍ ମିଳିଥାଏ। ଏହି ଆପ୍‌ରେ ନିଜ ଡ୍ୟୁଟି ସ୍ଥାନ ଯାଞ୍ଚ କରି ଲଗ୍ ଇନ୍ କରନ୍ତୁ ଓ ସିନିୟରଙ୍କ ସହ ସମନ୍ୱୟ ରଖନ୍ତୁ। ଏହି ଆଧୁନିକ ବ୍ୟବସ୍ଥାରେ ନୂତନ ପଦକ୍ଷେପ ଦ୍ୱାରା ପୁରୀ ପୋଲିସ ଓଡ଼ିଶାରେ ଏକ ଆଦର୍ଶ ତଥା ଯୁଗୋପଯୋଗୀ ପ୍ରଯୁକ୍ତି ପରିଚାଳନା ରୂପେ ସ୍ଥାପିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷାନୁଷ୍ଠାନରେ ପାଳନ ହେବ 'ସମ୍ବିଧାନ ହତ୍ୟା ଦିବସ'

**ଭୁବନେଶ୍ୱର,୨୩।୬(ସୁଚିସ୍ମିତା ସାହୁ)** ଆସନ୍ତା ୨୫ ତାରିଖରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରାଯିବ। ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ ରେଜିଷ୍ଟ୍ରାର ଓ ପ୍ରିନ୍ସିପାଲଙ୍କୁ ଚିଠି ଲେଖାଯାଇଛି।

୧୯୭୫ ମସିହା ୨୫ ଜୁନରେ ଦେଶର ଜରୁରିକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ଏବେ ଏହାର ୫୦ତମ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ ପାଠପଢୁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ସୁରକ୍ଷା ବିଷୟରେ ସଚେତନ କରାଯିବ। ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯିବ। ସେମାନେ ସମ୍ବିଧାନ ମୂଲ୍ୟବୋଧ ସମ୍ପର୍କରେ ଲେଖାଯାଇଥିବା ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ପରିକ୍ରମା କରିବେ। ସମ୍ବିଧାନର ଅଧିକାର, କର୍ତ୍ତବ୍ୟ ଏବଂ ଆପତକାଳୀନ ପରିସ୍ଥିତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ୱାର୍କଶପ ଏବଂ ରାଜନୀତି ବିଜ୍ଞାନ ପକ୍ଷରୁ ସମ୍ବିଧାନ ସମ୍ପର୍କରେ ସେମିନାର କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା-ମାଲକାନଗିରି
## OFFICE OF THE PANCHAYAT SAMITI, CHITRAKONDA, DIST-MALKANGIRI

e-mail : ori-kudumulugumma@nic.in

**Tender Call Notice No-01/2025-26** **Dated : 13.06.2025**

**No.i-171** : Sealed tenders are invited from the registered "C & B" Class Contractors of the state PWD (R&B) /Water Resources / Rural works /M.I/CPWD in prescribed form to be eventually drawn in P.W.D. form No.P1.The filled in tender form shall be received through registered/speed post only at Office of the Block Development Officer, Chitrakonda, Dist. Malkangiri by 5.00 P.M. of 04th June, 2025 for the work **"AS PER THE FOLLOWING TABLE" for the year 2025-26 on GPLF building. The last date of receiving of tender papers is 04.07.2025**. All the tender forms received shall be opened before the tender committee in the presence of the tenderers or their authorized representatives at 11.00 A.M. on 5th July, 2025 at the Block Conference Hall of Chitrakonda.

The details of the Tender Schedule of the said projects is appended with this as **Annexure-I**.

The detailed terms and conditions is available in the official website http://www.malkangiri.nic.in.

The detail last date & time of receipt of tender paper, date and time of opening of tender paper, venue etc. are mentioned in the bid documents. The Authority reserves the right to reject any or all tenders without assigning any reason thereof.

**Sd./- Block Development Officer**
**Chitrakonda**

**OIPR-19312/11/0007/2526**

## ଓଡ଼ିଶା ଉଠାଜଳସେଚନ ନିଗମ
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର-୧୨, Website:www.odishalift.com

**ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ Online ଦରଖାସ୍ତ ଆହ୍ୱାନ**

No.CAD-୪୬୪:ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳସେଚନ ନିଗମ ଜରିଆରେ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଯେଉଁଠି କେନାଲ ଜଳସେଚନର ସୁବିଧା ପହଞ୍ଚି ପାରୁନାହିଁ, ସେଠାରେ ଭୂତଳ ଓ ଭୂପୃଷ୍ଠ ଜଳକୁ ଚାଷ କାର୍ଯ୍ୟରେ ସୁବିନିଯୋଗ କରିବା ନିମନ୍ତେ ବିଜୁ କୃଷକ ବିକାଶ ଯୋଜନା (BKVY) ମାଧ୍ୟମରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (Community Lift Irrigation Project) ସ୍ଥାପନ ଦ୍ୱାରା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଅଛି । ରାଜ୍ୟ ସରକାରଙ୍କ ପାଣି ପଞ୍ଚାୟତ ଅଧିନିୟମ (Act) ୨୦୦୨ ଓ ନିୟମ (Rule) ୨୦୦୩ ଅନୁସାରେ ଏହି ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରକଳ୍ପର ହିତାଧିକାରୀମାନଙ୍କ ଦ୍ୱାରା ଗଠିତ ହୋଇଥିବା ପାଣି ପଞ୍ଚାୟତମାନଙ୍କୁ ନ୍ୟସ୍ତ କରାଯାଇଥାଏ ।

- ଭୂପୃଷ୍ଠ ଜଳ (Surface Water) ଯଥା ନଦୀ, ନାଳ ଇତ୍ୟାଦିର ପ୍ରବାହ ଯେଉଁ ଅଞ୍ଚଳରେ ରହିଛି, ସେଠାରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (River Lift) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୂନ ୨୦ ହେକ୍ଟରରୁ ଅଧିକ ଅଣଜଳସେଚିତ ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଉଅଛି ।
- ଭୂତଳ ଜଳସ୍ତର (Ground Water) ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ଅଞ୍ଚଳରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (Medium Deep Tube Well) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୂନ ୧୨ ରୁ ୨୦ ହେକ୍ଟର ଅଣଜଳସେଚିତ ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇପାରୁଛି ।
- ଏହି ପ୍ରକଳ୍ପ ସ୍ଥାପନ ନିମନ୍ତେ ୭ଜଣରୁ ଅଧିକ ହିତାଧିକାରୀ ରହିବା ଆବଶ୍ୟକ ଓ ସରକାରଙ୍କ ନିୟମ ଅନୁସାରେ ପାଣି ପଞ୍ଚାୟତ ପଞ୍ଜୀକୃତ କରି ହିତାଧିକାରୀମାନଙ୍କ ସହଭାଗିତା ମାଧ୍ୟମରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ଜଳସେଚନ ପରିଚାଳନା ଦାୟିତ୍ୱ ନେବା ପାଇଁ ସହମତି ପ୍ରକାଶ କରିବା ଜରୁରୀ ଅଟେ ।

2025-26 ଆର୍ଥିକ ବର୍ଷ ପାଇଁ ବିଜୁ କୃଷକ ବିକାଶ ଯୋଜନା ଅଧୀନରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ Online ମାଧ୍ୟମରେ ପଞ୍ଜୀକୃତ କରିବା ପାଇଁ ଆସନ୍ତା ତା.୦୧.୦୭.୨୦୨୫ ରିଖ ଠାରୁ ତା.୨୫.୦୭.୨୦୨୫ ରିଖ ପର୍ଯ୍ୟନ୍ତ ଖୋଲାରହିବ ।

ଚାଷୀ ଭାଇ ଭଉଣୀମାନେ ଏକତ୍ରିତ ହୋଇ ନିଜ ଘରେ ବସି mobile phone ଦ୍ୱାରା/ ଗ୍ରାମରେ ଥିବା ଜନସହାୟତା କେନ୍ଦ୍ର/ ଗ୍ରାମପଞ୍ଚାୟତ ଅଫିସକୁ ଯାଇ ଉଠାଜଳସେଚନ ନିଗମର website:www.odishalift.com ରେ ଉପରୋକ୍ତ ସମୟ ସୀମା ମଧ୍ୟରେ online ଦରଖାସ୍ତ ପୂରଣ କରି ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି ।

**OIPR-32135/11/0034/2526** **ସ୍ୱା./- ପରିଚାଳନା ନିର୍ଦ୍ଦେଶିକା**

## GOVERNMENT OF ODISHA
## e-Procurement Notice
**No.A-326:**
## OFFICE OF THE ADDITIONAL CHIEF ENGINEER, WESTERN IRRIGATION CIRCLE, BHAWANIPATNA

**e-mail: sewic2012@gmail.com**
**Bid Identification No: NCB-01/DRIP-WICB/2025-26**

1. Bid Identification No. : NCB-01/DRIP-WICB/2025-26
2. Name of work : Rehabilitation, Improvement & Basic Facilities of Saipala Dam in Nuapada District of Odisha under DRIP-II.
3. Approximate Value of work : **Rs.171.49 Lakhs**
4 Bid Security / EMD (INR) : Rs. 1,71,500.00
4. Bid Processing Fee (INR) : Rs.10,000.00 including GST each.
5. Period of completion : 11 (Eleven) calendar months including rainy season.
6. Date & time of Availability of Bid Document in the Portal : **25.06.2025 from 10.30AM (IST) to 24.07.2025 upto 3.00 PM (IST)**
7. Bid clarification date & time : 25.06.2025 at 11.00 AM (IST) to 04.07.2025 5.00 PM (During official working hour).
8. Pre Bid Meeting date, time & venue : 15.07.2025 at 11.30 AM (IST) O/o the Additional Chief Engineer, Western Irrigation Circle, Bhawanipatna
9. Last date & Time for receipt of Bid in the Portal : **24.07.2025 up to 3.00 PM (IST)**
10. Date, Time and Venue of opening of Technical bid in e-method : **24.07.2025 at 4.00 PM (IST)** O/o the Additional Chief Engineer, Western Irrigation Circle, Bhawanipatna.
11. Date/Time of Opening of Financial Bid : To be intimated after evaluation of Technical Bid

**Further details can be seen from the government web site. https://www.tendersodisha.gov.in**

**Sd./- Additional Chief Engineer**
**Western Irrigation Circle,**
**Bhawanipatna**

OIPR-32178/11/0007/2526

## GOVT. OF ODISHA
**No.A-332:**
## DEPARTMENT OF WATER RESOURCES
## OFFICE OF THE CHIEF ENGINEER DRAINAGE, CUTTACK, GANDARPUR-753003
**E-PROCUREMENT NOTICE NO.CE-DR-CTC-03/2025-26**
**email id:cedrainage@gmail.com**

| | | |
|---|---|---|
| 1. | Name of Works | Improvement to Secondary and Link drains of Gobari Drainage system in Mahanga Block of Cuttack District. |
| 2. | Nature of Work | i) Earth-Work<br>ii) Construction of PCC toe wall and Rough Stone Dry packing (Structural Work)<br>iii) Stone Pitching Work |
| 3. | Total number of Packages | 1 no. individual package |
| 4. | Estimated Cost | Rs.992.38 Lakhs |
| 5. | Bid Identification No. | CE-DR-CTC/DD-CTC-03/2025-26 |
| 6. | Period of Completion | 18 (Eighteen) Calendar Months |
| 7. | Availability of Tender On-Line | 26.06.2025, 16.00 Hours to 16.07.2025, 17.00 Hours |
| 8. | Date of Opening of Technical Bid | 17.07.2025 at 11.30 hours in the O/o the Chief Engineer, Drainage, Cuttack |
| 9. | Class of Contractor | Special & A Class |
| 10. | Bid Security/EMD | Rs.993000/- (To be remitted online) |
| 11. | Cost of Tender Paper | Rs.10,000/- |
| 12. | Procurement Officer | Chief Engineer, Drainage, Cuttack, Gandarpur- 753003 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in.

**Sd./- Chief Engineer**
**Drainage, Cuttack**

**OIPR-32466/11/0015/2526**

## WATCO
## OFFICE OF THE GENERAL MANAGER WATCO DIVISION-I, BHUBANESWAR
Vanivihar Square, Bhubaneswar-751022, Odisha, India
Telefax:- +91-674-2542821, Email:gmdivonewatco@gmail.com
No.C-578
**National Competitive Bidding Through e-Procurement**

### Invitation For Bids (IFB)
### GMWATCO-I/28/2025-26, Dt.21.06.2025

01. Name of the Work : 2 Nos. (Two nos works)
02. Estimate Cost : Rs.78.55 Lakhs & 63.88 Lakhs
03. Period of Completion : 12 (Twelve Months)
04. Class of Contractor : B Class
05. Date & Time of availability of bid document in the portal : From 11.00 AM of Dt.02.07.2025 to 5.00 PM of 16.07.2025
06. Last date/time for receipt of bids in the portal : 5.00 PM of 16.07.2025
07. Date & Time of opening of bids : At 12.30 PM of 17.07.2025
08. Name and address of the Officer Inviting Bid : General Manager, WATCO Division-I, BBSR

Further details can be seen from the e-procurement portal "https://www.tendersorissa.gov.in.

**Sd./- General Manager**
**Watco Division-I,**
**Bhubaneswar**

OIPR-13083/11/0015/2526

See Career Appointment on every Wednesday & Saturday

## GOVERNMENT OF ODISHA, "e" - PROCUREMENT NOTICE
**Bid Identification No. S.E. GTN (R&B) - 01/2025-26**
No.B-227 **E-mail address - eeghatagaon2015@gmail.com**
**Letter No. 5279** **dt.19.06.2025**

1 The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate bids in **Single Cover/ Double Cover** system in online mode from the eligible contractor for Building work/EI work as mentioned below.
2 Nature of the work : Building (Composite) / E.I. Works
3 Numbers of work : 06 (Six) Nos.
4 Estimated cost : Rs.6.80 Lakhs & 50.40 Lakhs
5 Period of completion : 01 (One) Month to 06 (Six) Months
6 Date & Time of availability of bid document in the portal : **From 11.30 A.M. of dt.26.06.2025 to 05.00 P.M. of dt.05.07.2025**
7 Last Date/Time for receipt of bids in the portal : **05.00 P.M. of dt.05.07.2025**
8 Date of opening of Bid : **11.00 A.M. of dt.07.07.2025**
9 Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the same website only.

**Sd./- Superintending Engineer**
**Ghatagaon (R&B) Division**

**OIPR-34140/11/0014/2526**

## ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT - 764006 (ODISHA)
PHONE : (06854)242001 (O), Fax : (06854)242038, E-mail : sgmel.ukhep@gmail.com

**TENDER CALL NOTICE NO UKHEP - 13/25-26, DATED 16/06/2025**

**No.CAD-861** : Sealed tenders are invited in TWO PART i.e (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers/Channel Partners for "Supply of Electrical & other consumable materials for UKHEP, Bariniput".

| Description of works | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|
| Supply of Electrical & other consumable materials for UKHEP, Bariniput | 7080/- (Non-refundable) (Rs.7,000/-+18% GST) | 40,000/- |

The sale of Tender Paper will be from : 24/06/2025 to 11.00 Hrs of 10/07/25
The last date & time of receipt of Tender : 12.00 Hrs of 10/07/2025
The date and time of opening of Tender : 12.30 Hrs of 10/07/2025
For details of tender documents, Terms & conditions, downloading please visit our website www.ohpcltd.com.

Sd./- C & P Head,
Upper Kolab H.E. Project, Bariniput

**OIPR-04002/11/0100/2526**

## ODISHA CONSTRUCTION CORPORATION LIMITED, BHUBANESWAR, ODISHA
PIN:751012, Tel.No. (0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM
**"e- Procurement Notice No-12/OCCL/2025-26 (Online)**

**No.CAD-872:** On-line percentage rate tenders are invited for the following works.

| Sl. No. | Name of Work | Name of Division | Bid Identification No. | Approx. value of work | Bid Security (through on-line transfer/as per DTCN) (in Rs.) | Period of Completion | Availability & Submission of tender of Tender (online) |
|---|---|---|---|---|---|---|---|
| 01 | Providing C.C. lining to Budhanga Distributary from RD 13.500 to 15.00 km | Puri Irrigation Division | OCCL-HQP/01/ 2025-26 | Rs.2.15 Crore | Rs.2,15,000/- | 6 (Six) Calendar Months | From 26.06.2025, 03.30 PM to 16.07.2025, 5.30 PM |
| 02 | Renovation of service road on left bank of Belamara Minor from RD 3.000 km to 4.300 km | | OCCL-HQP/02/ 2025-26 | Rs.2.12 Crore | Rs.2,12,000/- | 6 (Six) Calendar Months | |
| 03 | Providing C.C. lining to Khandahata Distributary from RD 7.200 to 9.200 km | | OCCL-HQP/03/ 2025-26 | Rs.2.26 Crore | Rs.2,26,000/- | 6 (Six) Calendar Months | |
| 04 | Construction of RCC through wall of Ansalo Distributary from RD 1.080 KM to RD 1.840 KM | Prachi Irrigation Division, BBSR | OCCL-HQP/04/ 2025-26 | Rs.2.23 Crore | Rs.2,23,000/- | 6 (Six) Calendar Months | |
| 05 | Construction of Trough Wall in Harianta Distributary from RD 9.717 km to 11.200 km | | OCCL-HQP/05/ 2025-26 | Rs.2.25 Crore | Rs.2,25,000/- | 6 (Six) Calendar Months | |
| 06 | Improvement to Left Bank service road of Kakatpur Branch Canal from RD 0.910 km to 3.900 km | | OCCL-HQP/06/ 2025-26 | Rs.2.27 Crore | Rs.2,27,000/- | 6 (Six) Calendar Months | |

Procurement Officer : Managing Director, OCCL
Date of Opening of the Tender: **17.07.2025, 12.00 Noon onwards**
Further details can be seen from the e-procurement portal: https://www.tendersodisha.gov.in

**OIPR-34120/11/0034/2526** **Sd./- Managing Director**

## GOVERNMENT OF ODISHA
## HEALTH & FAMILY WELFARE DEPARTMENT
## OFFICE OF THE SUPERINTENDENT, VSS INSTITUTE OF MEDICALSCIENCES & RESEARCH, BURLA, (SAMBALPUR) ODISHA-768017
**E.mail: vimsarsuptd24@gmail.com**
**No.9159/VIMSAR Dated. Burla, the 21st June, 2025**

### TENDER CALL NOTICE

**No.E-186:**Sealed tenders are hereby invited by the undersigned from the reputed Authorized Dealers & Registered firms under GST Act for supply of **Photo Slit Lamp with Applanation Tonometer** for use in the Ophthalmology Department of this hospital so as to reach this office of the Superintendent, V.S.S. Institute of Medical Sciences & Research, Burla on or before **dt. 18.07.2025 up to 4.00 P.M.** through Regd.Post/ Speed Post only and that will be opened in the next working day at 11.30 A.M.

The detail technical specifications along with terms & conditions of this Tender Call Notice can be downloaded from Dist. website Sambalpur.odisha.gov.in and www.vimsar.ac.in

The undersigned/committee reserves the full right to accept in full or reject any or all the tenders without assigning any reasons thereof.

**Sd./- Superintendent**
**VIMSAR, Burla**

**OIPR-10012/11/0002/2526**

## ODISHA CONSTRUCTION CORPORATION LIMITED
(A Govt. of Odisha Undertaking)
No.CAD-877
## CENTRAL WORKSHOP, RASULGARH
**Bhubaneswar- 751010 (Odisha), Tel-0674:2580107, Email:smppmcws@gmail.com**
**(GSTIN- 21AAACO2571K2ZM)**
**Tender Call Notice No.OCC/CWS/PROC/KIP-07 (V-V)/30/2025-26, dtd.21.06.2025**

Type of Work : Supply of Fasteners for 130 T Rope Drum Hoist of Kanupur Irrigation Project.
Total No. of Work : 01 (One). Period of Supply : 15 (Fifteen) days.

| Procurement Officer | Tender Call Notice No. | Cost of Tender document (Including GST) | Sale of Tender document | Submission of Tender Document |
|---|---|---|---|---|
| Senior Manager (Mech.)-I, OCC Ltd., Central Workshop, Rasulgarh, Bhubaneswar | OCC/CWS/PROC/ KIP-07 (V-V)/30/2025-26 dtd.21.06.2025 | Rs.4720/- (Non-refundable) | 24.06.2025 10.00 AM to 03.07.2025 1.00 PM | 24.06.2025 10.00 AM to 03.07.2025 3.00 PM |

Date of Opening of the Tender: **03.07.2025 at 4.00 PM**
Further details of the work is available on the website **(www.odishaconstruction.com)**
**Amendment/ Corrigendum/ Cancellation, if any shall be posted on-line only (OCCL website)**

**Sd./- Senior Manager (Mech.)-I,**
**OCC Ltd., Bhubaneswar**

OIPR-34176/11/0038/2526

## ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ମାଲକାନଗିରି (ପରିସଂଖ୍ୟାନ କକ୍ଷ)
## DISTRICT PLANNING & MONITORING UNIT, MALKANGIRI (STATISTICAL WING)
ମାଲକାନଗିରି, ଓଡ଼ିଶା- ୭୬୪୦୪୫, At/Po/Dist.-Malkangiri, Odisha-764045, Tel.No.06861-230426,
E-Mail: esttstat-dpmumkg@gov.in, malkangiridpmu@gmail.com

### ADVERTISEMENT FOR TEMPORARY ENGAGEMENT OF LOCAL YOUTHS FOR CONDUCT OF 7th MINOR IRRIGATION CENSUS AND 2nd CENSUS OF WATER BODIES ETC.

**No.X-25:**Applications are invited from Local Youths of the Malkangiri District to be engaged as Enumerator (temporary basis) for conduct of field Work in 7 Blocks & 2 ULBs of the district pertaining to 7 Minor Irrigation Census, 2nd Census of Water bodies and 1st Census of Spring under the supervision of the undersigned. The details Essential Qualification, Experience, remuneration etc. for the post of Enumerator is given below:
1. Eligibility: Candidates must have passed 10+2 exam conducted by CHSE, CBSE, ICSE or diploma in Engineering from a recognized institution of the Government. Candidates must read, write and speak with Odia & English Language. Candidates must have basic Computer Skill. 2. Responsibilities: Field data collection, Verification and reporting in assigned village/wards. 3. Remuneration: As per Govt. Norms published in details. 4. Application: The Application in prescribed format attached with certificates and Passport Size Photo (all self-attested) should be dropped in the box within 15 days from the date of Publication of advertisement (by 5.30 PM of the last date) placed in the Deputy Director (P&S), District Planning Monitoring Unit, Statistical Wing, near Zilla Parishada Office, Malkangiri, Pin-764045 or sent by speed/Registered Post.

| Post | No. of Post | Remuneration (In Rs.) | Qualification(s) and Experience |
|---|---|---|---|
| Enumerator | 24 | a) Field Allowance @Rs.900/- & Rs.720/- per village for conduct of 7th MI Census and 2nd Census of Water bodies respectively.<br>b) Patwari Allowance @300/- per village for conduct of 7th MI Census.<br>c) Charges for use of personal mobile devices @Rs.750/- per village/Ward for conduct of 2nd Census of Water bodies.<br>d) Allowance for attending Training @ Rs.165/- per day.<br>e) No TA/DA for conduct of field Work. | Essential: Candidates must have passed the 10+2 exam conducted by CHSE, CBSE, ICSE or diploma in Engineering from a recognized institution of the government. Candidates must read, write and speak with Odia & English Language. Candidate must have basic Computer Skill. Should have a smart phone (Android 10.0 above) with access to internet connection, RAM should be minimum 6 GB, ROM should be minimum 128 GB, Battery should be minimum 5000 MaH.<br>Desirable: Preference will be given to the candidates having experience in conducting data collection by using Digital App of any Govt./Non- Govt./ Educational / Banking Institutions. |

| Name of the Block | Malkangiri | Kalimela | Podia | Korukonda | Mathili | Chitrakonda | Khairput | Malkangiri (M) | Balimela (NAC) | Total |
|---|---|---|---|---|---|---|---|---|---|---|
| No. of Enumerators required | 2 | 3 | 2 | 4 | 4 | 4 | 2 | 2 | 1 | 24 |

**Name of the Work:** The enumerator will conduct of field Survey work of 7th Minor Irrigation Census, 2nd Census of Water Bodies and 1st Census of Spring in maximum 40 villages or 10 Urban Wards of Malkangiri District through Mobile App.
**How to Apply:** The candidates will apply for the post of Enumerator through Speed Post/ Registered Post or by dropping the application in the Box available in the O/o the Deputy Director (P&S), District Planning Monitoring Unit, Statistical Wing, near DRDA Office, Malkangiri, Pin Code-764045. The Applications will be received within 15 days of the publication of advertisement by 5.30 PM of the last date. The applications after due date will not be considered for selection. The candidates should submit their applications duly filled-in alongwith self-attested passport size photograph and self-attested copies of the educational qualification and experience, if any within the stipulated dateline. All information are available in District Planning and Monitoring Unit (DPMU), Statistical Wing, near DRDA Office, Malkangiri. Interested candidate may collect the same in the office hours. For Application form & SOP etc., please visit the website of Malkangiri district- **https://malkangiri.odisha.gov.in.**

**By Order of Collector, Malkangiri**
**Sd./- Deputy Director (P&S), DPMU, Malkangiri**

**OIPR-21027/11/0002/2526**

## NOTICE INVITING TENDER
No.CAD-879
## Office of District Manager
## Odisha State Civil Supplies Corporation Ltd. (OSCSC)
Nuapada (District), Phone: 9438248542
**TENDER No. 1853 Dated: 23.06.2025**

**Cost of Tender Document:- Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-1 transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 24.06.2025 Downloadable from website: www.oscsc.in., www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 26.06.2025 at 11.30 A.M. in the Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to 09.07.2025 at 05.30 PM |
| 4 | Date, time and venue for opening of Technical Bid by the Tender Committee | On Dt. 11.07.2025 at 10.00 AM in the Conference Hall of Collectorate, Nuapada |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 11.07.2025 at 11.30 AM in the Conference Hall of Collectorate, Nuapada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate, Nuapada |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | (i) OSCSC Ltd., Nuapada:- District Manager:- No. 9438248542 Accounts Head:- No. 9437215235<br>(ii) State Procurement Cell:-0674-2530998 /18003456765 |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

OIPR-07058/11/0008/2526 **Sd./- District Manager, OSCSC Ltd., Nuapada**

## GOVERNMENT OF ODISHA, DEPARTMENT OF WATER RESOURCES
## Office of the Engineer-In-Chief, Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com
**No.A-327**
### e-Procurement Notice
### Bid Identification No. - CEM/MDC-08/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 08/2025-26
5. Estimated Cost : Rs. 70,26,587.00
6. Period of Completion : 03 (Three) calendar months
7. Date & time of availability of bid documents in the Portal : From dt. 25.06.2025 (10.00 A.M.) to dt. 08.07.2025 (5.30 P.M.)
8. Last date / time for receipt of bid in the portal : Dt. 08.07.2025 (up to 5.30 P.M.)
9. Date and Place of opening of Technical Bid : Dt.09.07.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/O - Engineer-In-Chief, Secha Sadan,**
**Bhubaneswar**

**OIPR-32520/11/0046/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଗୁନ୍‌ଗୁନ୍ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଳଙ୍କାର ବ୍ୟବସାୟରେ ନୂଆ ମାଇଲଷ୍ଟୋନ୍

## ନୋଏଡ଼ାରେ ମାଲାବାର୍‌ର ୪୦୦ତମ ଷ୍ଟୋର

**ଭୁବନେଶ୍ୱର,୨୩।୬(ଅଭୟ ଦାଶ)**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ(ମାଲାବାର)ର ୪୦୦ତମ ଷ୍ଟୋର ନିକଟରେ ନୋଏଡ଼ାସ୍ଥିତ ସେକ୍ଟର-୧୮୦ରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ରିଟେଲ ଅଳଙ୍କାର ବ୍ୟବସାୟରେ ମାଲାବାର ଏକ ନୂଆ ମାଇଲଷ୍ଟୋନ ହାସଲ କରିଛି ବୋଲି ମାଲାବାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାରର ଏମ୍‌ଡି(ଇଣ୍ଡିଆ ଅପରେଶନ) ଓ. ଆସେର, ଜିଇଡି କେ.ପି. ଭିରାନକୁଟ୍ଟୀ, ଜିସିଏମ୍‌ଓ ଶୈଳେଶ୍ ମାଥ୍ୟୁ, ହେଡ୍-ରିଟେଲ ଅପରେଶନ(ରେଷ୍ଟ ଅଫ୍ ଇଣ୍ଡିଆ) ପି.କେ. ସିରାଜ ଏବଂ ଆଞ୍ଚଳିକ ମୁଖ୍ୟ(ନର୍ଥ) ଏନ୍.କେ. ଜିସାଦ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବର୍ତ୍ତମାନ ସମୟରେ ମାଲାବାର ସାରା ଭାରତ ସମେତ ବିଶ୍ୱର ପ୍ରମୁଖ ରାଷ୍ଟ୍ରରେ ମଧ୍ୟ ସମ୍ପ୍ରସାରଣ ସାଙ୍ଗକୁ ବ୍ୟବସାୟ ଜାରି ରଖିଛି। ଏପରିକି ଭାରତ ସମେତ ୧୩ଟି ଦେଶରେ ମାଲାବାର ବ୍ୟବସାୟ କରୁଥିଲାବେଳେ ବର୍ତ୍ତମାନ ସମୟରେ ଏହାର ମୋଟ୍ କାରବାର ୬୩,୦୦୦ କୋଟି ରହିଛି। ସେହିପରି ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ମାଲାବାର୍‌ର କାରବାର ୭୮,୦୦୦ କୋଟି ଆକଳନ କରାଯାଇଥିଲାବେଳେ ୧୫ଟି ଦେଶ ଓ ଭାରତର ୨୨ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳରେ ୬୦ଟି ନୂତନ ଶୋ'ରୁମ୍ ଖୋଲିବାକୁ ଯୋଜନା ରହିଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଥିଲେ, ଆମେ ଆମର ୪୦୦ ତମ ଷ୍ଟୋର୍‌କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ସମ୍ପ୍ରସାରଣ ଜାରି ରଖିବା ସହିତ ବ୍ୟବସାୟ ଅଭିବୃଦ୍ଧି ପାଇଁ କାରବାର ଆକଳନକୁ ୭୮,୦୦୦ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ।



ନୋଏଡ଼ାରେ ମାଲାବାରର ୪୦୦ତମ ଷ୍ଟୋର୍‌କୁ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ମାଲାବାର୍‌ର ଏମ୍‌ଡି(ଇଣ୍ଡିଆ ଅପରେଶନ) ଓ. ଆସେର, ଜିଇଡି କେ.ପି. ଭିରାନକୁଟ୍ଟୀ, ଜିସିଏମ୍‌ଓ ଶୈଳେଶ ମାଥ୍ୟୁ, ହେଡ୍-ରିଟେଲ ଅପରେଶନ(ରେଷ୍ଟ ଅଫ୍ ଇଣ୍ଡିଆ) ପି.କେ. ସିରାଜ ଏବଂ ଆଞ୍ଚଳିକ ମୁଖ୍ୟ(ନର୍ଥ) ଏନ୍.କେ. ଜିସାଦ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡିଅନ୍ ଗ୍ରୁପ ପକ୍ଷରୁ ବ୍ୟାଙ୍କର୍ସ ମିଟ୍



ଉଦ୍‌ଘାଟନୀ ଅବସରରେ ଡିଅନ ଗ୍ରୁପ୍‌ର ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୩।୬**

କଟକର ତ୍ରିଶୂଳିଆଠାରେ ହେବାକୁ ଥିବା ଓଡ଼ିଶାର ପ୍ରଥମ ପ୍ରିମିୟମ୍ ଇଣ୍ଟିଗ୍ରେଟେଡ ଟାଉନଶିପ ପ୍ରକଳ୍ପ 'କୋଡନେମ ନ୍ୟୁ ଟାଉନ' କୁ ନେଇ ଡିଅନ ଗ୍ରୁପ୍ ପକ୍ଷରୁ ଏକ ବ୍ୟାଙ୍କର୍ସ ମିଟ ନିକଟରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡିଅନ ଗ୍ରୁପ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅପରପକ୍ଷରେ କୋଡନେମ ନ୍ୟୁ ଟାଉନ ହେଉଛି ଓଡ଼ିଶାର ପ୍ରଥମ ପ୍ରିମିୟମ୍ ଇଣ୍ଟିଗ୍ରେଟେଡ ଟାଉନଶିପ ପ୍ରକଳ୍ପ। ଯାହା ୧୨ ଏକର ଜମିରେ ନିର୍ମାଣ କରାଯିବ, ଯେଉଁଠି ୯୫୨ଟି ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ରୁମ୍ ଏହି ଆପାର୍ଟମେଣ୍ଟରେ ରହିବ। ପ୍ରତ୍ୟେକ ଆପାର୍ଟମେଣ୍ଟରୁ ଗ୍ରାହକମାନେ ନଦୀକୂଳର ମନୋରମ ଦୃଶ୍ୟକୁ ଉପଭୋଗ କରିପାରିବେ। ଏହି ପ୍ରକଳ୍ପରେ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ୍, ଷ୍ଟାର୍ ହୋଟେଲ୍, ବଡ଼ ସପିଂ ମଲ୍, ମଲ୍ଟିପ୍ଲେକ୍ସ ସହ ୨୯,୦୦୦ ବର୍ଗଫୁଟର କ୍ଲବ ହାଉସ୍, ବ୍ୟାଙ୍କ୍ୱେଟ୍ ହଲ୍ ଓ ସ୍ପୋର୍ଟସ ଜୋନ ଭଳି ସୁବିଧା ଏବଂ ୨, ୩ ଓ ୪ ବିଏଚ୍‌କେର ପ୍ରିମିୟମ ବାସଗୃହ ଉପଲବ୍ଧ ରହିବ। ସେହିଭଳି ଏହି ବ୍ୟାଙ୍କର୍ସମିଟ ଅବସରରେ ଡିଅନ ଗ୍ରୁପ ପ୍ରକଳ୍ପର ଉଦ୍ଦେଶ୍ୟ, ଯୋଜନା ଓ ସୁବିଧା ଆଦି ବିଷୟରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀମାନଙ୍କୁ କମ୍ପାନୀର କର୍ମଚାରୀମାନେ ଅବଗତ କରାଇଥିଲେ। ଏପରିକି ବହୁ ବ୍ୟାଙ୍କ ଏହି ପ୍ରକଳ୍ପ ଉପରେ ଗୃହ ଋଣ ପ୍ରଦାନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପର ପ୍ରି-ବୁକିଂ ଆରମ୍ଭ ହେବା ସହିତ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ମିଳିଛି। ଗତ ୨ମାସ ମଧ୍ୟରେ ୧୨୭ଟି ବୁକିଂ ସଫଳ ଭାବେ ଶେଷ ହୋଇଛି। ଖୁବଶୀଘ୍ର କୋଡନେମ ନ୍ୟୁ ଟାଉନ କଟକ ଏବଂ ଓଡ଼ିଶାର ଏକ ନୂତନ ଆଧୁନିକ ବାସସ୍ଥଳୀ ରୂପେ ପରିଗଣିତ ହେବ।

# ରିଟେଲ କ୍ଷେତ୍ରରେ ଡିଜିଟାଲୀକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୩।୬**

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଲୋକମାନେ ଦିନକୁ ଦିନ ଡିଜିଟାଲ ସେବା ପ୍ରତି ଆକୃଷ୍ଟ ଓ ଅଭ୍ୟସ୍ତ ହୋଇପଡୁଛନ୍ତି। ଫଳରେ ରିଟେଲ କ୍ଷେତ୍ରର କାରବାର ଧୀରେ ଧୀରେ ମାନ୍ଦା ହେବା ସହିତ ଅନଲାଇନ ଓ ଇ-କମର୍ସ ପ୍ଲାଟଫର୍ମର ଚାହିଦା ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ରିଟେଲ କ୍ଷେତ୍ରର ଡିଜିଟାଲକରଣକୁ ସବୁ ସ୍ତର ଓ ବର୍ଗର ରିଟେଲ ବ୍ୟବସାୟୀମାନେ ଗୁରୁତ୍ୱ ଦେବା ସହ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ରିଟେଲ ଅପ୍ଟିମାଇଜେଶନ୍ ଏବଂ ଯୋଗାଣ ଶୃଙ୍ଖଳା ସମାଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ଲୋଜାଇଲର ନୂତନ ଗ୍ଲୋବାଲ୍ ଇନୋଭେଶନ୍ ସେଣ୍ଟରକୁ ଭୁବନେଶ୍ୱରଠାରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏଆଇ ବିପ୍ଳବରେ ଅଗ୍ରଣୀ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରମୁଖ ସଚିବ ବିଶାଲ ଦେବ ଭୁବନେଶ୍ୱରକୁ ଏକ ଅଗ୍ରଣୀ ଆଇଟି ଗନ୍ତବ୍ୟସ୍ଥଳ ଭାବେ ଉନ୍ନୀତ କରିବା ପାଇଁ ରାଜ୍ୟର ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଲୋଜାଇଲର ପ୍ରତିଷ୍ଠାତା ତଥା ସିଇଓ ପୂର୍ଣ୍ଣ ମିଶ୍ର କହିଛନ୍ତି, ଏହି କେନ୍ଦ୍ର ଉଦ୍ଭାବନ ପାଇଁ ଆମର ଦୃଷ୍ଟିକୋଣ ଏବଂ ଏକ ଟେକ୍ନୋଲୋଜି ହବ୍ ଭାବେ ଓଡିଶାର ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଛି। ଆମେ ବିଶ୍ୱସ୍ତରୀୟ ରିଟେଲ ସମାଧାନ ନିର୍ମାଣ କରିବା ପାଇଁ ଉଚ୍ଚମାନର ନିଯୁକ୍ତି ସୃଷ୍ଟି କରି ଏବଂ ସ୍ଥାନୀୟ ପ୍ରତିଭାମାନଙ୍କ ସହ ସହଭାଗିତା କରି ଉତ୍ସାହିତ ଅଛୁ। ସ୍ୱତନ୍ତ୍ର ସଚିବ (ଆଇଟି ଆଣ୍ଡ ଇ) ମାନସ ପଣ୍ଡା ଏବଂ ଲଜାଇଲର ଭାରତ ମୁଖ୍ୟ ଶୁଭାଶିଷ ପଟ୍ଟନାୟକ ଏହି ଅବସରରେ ଯୋଗ ଦେଇଥିଲେ ଏବଂ ରାଜ୍ୟ ଆଇଟି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଏବଂ ଓଡ଼ିଶା କିପରି ଦେଶର ଏକ ପ୍ରମୁଖ ଆଇଟି ହବ୍‌ରେ ପରିଣତ ହୋଇଛି ତାହା ଉପରେ ଆଲୋକପାତ କରିଥିଲେ।

# ୪୦ ଦିନରେ ୨ଲକ୍ଷ ଫ୍ରଡ୍ ଲିଙ୍କ୍ ବ୍ଲକ୍

**ଭୁବନେଶ୍ୱର,୨୩।୬**

ବର୍ତ୍ତମାନ ସମୟରେ ଡିଜିଟାଲ ଠକେଇ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏପରିକି ସବୁ ବର୍ଗର ଲୋକ/ ଉପଭୋକ୍ତା ଏହି ଠକେଇରେ ଶିକାର ହେଉଛନ୍ତି। ଏ ନେଇ ସର୍ବଭାରତୀୟସ୍ତରରେ ଭାରତୀ ଏୟାରଟେଲ ପକ୍ଷରୁ ଏକ ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ବିଶେଷକରି ଏହାର ଏଆଇ-ଚାଳିତ ଠକାମି ଚିହ୍ନଟ ପ୍ରଣାଳୀକୁ ସାରା ଦେଶରେ ଶୁଭାରମ୍ଭ ସହ ପ୍ରୟୋଗ କରିବାର ଅଂଶ ଭାବେ କମ୍ପାନୀ ଓଡ଼ିଶାର ଗ୍ରାହକମାନଙ୍କୁ ମଧ୍ୟ ଏହି ସୁବିଧା ଯୋଗାଇ ଦେଉଛି। ଅପରପକ୍ଷରେ ଓଡ଼ିଶାରେ ବୃଦ୍ଧି ପାଉଥିବା ଅନଲାଇନ୍ ଠକାମିରୁ ଉପଭୋକ୍ତାଙ୍କୁ ସୁରକ୍ଷିତ ରଖିବା ମିଶନରେ କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ସେହିଭଳି ଶୁଭାରମ୍ଭ ହେବାର ୪୦ ଦିନ ମଧ୍ୟରେ ଏୟାରଟେଲ୍ ପ୍ରାୟ ୨ ଲକ୍ଷ (୧,୮୮,୦୦୦ ରୁ ଅଧିକ) ଫ୍ରଡ୍ ଲିଙ୍କକୁ ବ୍ଲକ୍ କରିଛି ଏବଂ ସାରା ଦେଶରେ ୮୬ ନିୟୁତ ଉପଭୋକ୍ତାଙ୍କୁ ସୁରକ୍ଷା ଦେଇଛି। ଏହା ବାସ୍ତବ ସମୟ ବିପଦ ବୁଦ୍ଧିମତ୍ତା ବ୍ୟବସ୍ଥା ବ୍ୟବହାର କରି ପ୍ରତିଦିନ ୧ ବିଲିୟନରୁ ଅଧିକ ୟୁଆରଏଲ ଯାଞ୍ଚ ଏବଂ ୧୦୦ ମିଲିସେକେଣ୍ଡ୍ ମଧ୍ୟରେ ଫ୍ରଡ୍ ସାଇଟଗୁଡିକୁ ବ୍ଲକ୍ କରୁଛି। ଏୟାରଟେଲର ଏହି ଉନ୍ନତ ଠକାମି ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରିବାର ମାତ୍ର ୪୦ ଦିନ ଭିତରେ ରାଜ୍ୟର ୩.୧ ନିୟୁତରୁ ଅଧିକ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରିଛି।

# Classified Everyday

**0674-2580101, 9692975378**



REAL ESTATE
SALE

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276





2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**To-Let (For Office/ NGO/Store House only) 1. 1400sqft. fully furnished (Racks, Tables, Chairs, Ac) 2. Two Bed Rooms, One Drawing Room, One Dining Space, One Kitchen, Two Bath Room. At Shree Vihar, Chandrashekharpur, Patia. Contact No- 7030757614, 9438730447, 9437300287.** D-1048





Newly open Jyoti SPA positively health benefits (expert therapist). 8458067955. D-76923

Newly open health benefits SPA by expert therapist. Contact- 8280961126. D-76924

Positively health benefits SPA expert female therapist homely atmosphere. 8658088274. D-974

Full body massage by odia therapist in homely atmosphere. 9556498382. D-75392

## AFFIDAVIT

ସତ୍ୟପାଠ ସି.ଏଫ୍. ନଂ.-୭୩, ତା୦୪ ନଭେମ୍ବର ୨୦୨୪ରେ ଘୋଷଣା କରୁଅଛି କି ଏବେଠାରୁ ଝିଅର ନାମ ବର୍ଷା ଭୋଇ, ପିତା- କିଶୋର ଭୋଇ, ମାତା- ସୁଜାତା ଭୋଇ, ଗ୍ରାମ- ହାତିଶାଳ ଲୋକନାଥ ରୋଡ୍, ଜିଲ୍ଲା/ପୋଷ୍ଟ- ପୁରୀ, ଥାନା- ବାସୁଳିସାହି ସ୍ଥାୟୀ ଠିକଣାରେ ଆମ୍ଭେମାନେ ପରିଚିତ ହେବୁ। ଧ-୭୬୪୬୮

By virtue of an affidavit sworn before the Notary Public, Kalahandi, dated 16.05.2025, I, Taruna Majhi, R/o. Village/ P.O.- D.Karlakhunta, P.S.- M.Rampur, Dist.- Kalahandi, Odisha declare that I have changed my son's name from Pradip Majhi to Hemsagar Majhi. Henceforth, he shall be known as Hemsagar Majhi for all purposes.
Taruna Majhi
D-1049

By virtue of an affidavit sworn before the Executive Magistrate, Anandapur, Dated 21.06.2025, I, Karunakar Shiala, Address: At-Aranyamadana, P.O.-Pataranga, P.S.-Korei, Dist.-Jajpur, Odisha-755019 declare that I have changed my name from Balaram Shiala to Karunakara Shiala. Henceforth, I shall be known as Karunakara Shiala for all purposes.
D-1043

By virtue of an affidavit before the Executive Magistrate, Balasore, I, Smt. Binodini Gupta, W/o- Harihar Das, At./P.O.-Garadihi, P.S.-Berhampur, Dist.- Balasore, PIN-756041 do hereby declare that I have changed my minor grand daughter's name from Samarpita Routray to Kotishree Routray which was mentioned in her Birth Certificate. Samarpita Routray and Kotishree Routray is one and same person. Henceforth, Samarpita Routray shall be known as Kotishree Routray for all purposes. D-1045

By virtue of an affidavit sworn before the Executive Magistrate, Anandapur, dated 21.06.2025, I, Pravash Parida, Address: At-Natapada, P.O./P.S.-Jajpur Road, Dist.-Jajpur, Odisha-755019 declare that I have changed my son's name from Pritam Parida to Punyasloke Parida. Henceforth, he shall be known as Punyasloke Parida for all purposes.
D-1044

By virtue of an affidavit sworn before Executive Magistrate, Bhuban, dated 19.06.2025, I, Santosh Kumar Swain, resident of 27, Deogan School Sahi, Badasahi, Budhamba, P.S.- Kabisuryanagar, Dist.- Ganjam, Odisha, PIN- 761105 declare that I have changed my name from Swain Santoshbhai Kartik to Santosh Kumar Swain. Henceforth, I shall be known as Santosh Kumar Swain for all purposes.
Santosh Kumar Swain
D-1051


**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଜୟନ୍ତୀ ବାଗସିଂହ (ଟୁନି)**
ବଡ଼ପୋଖରୀ, ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୨।୧୦।୧୯୬୩
ତିରୋଧାନ: ୧୪।୦୬।୨୦୨୫
ତୁମ ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୨୭୭

### ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ମୃତି ପରଦାରେ ୰ପ୍ରମିଳା ପାତ୍ର ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ତା୦୧।୦୭।୨୦୧୫
ଦଶବର୍ଷ ବିତିଗଲାଣି କିନ୍ତୁ ତୁମ ସହିତ ବିତାଇଥିବା ସମୟର ସ୍ମୃତି ସବୁ ଆଜିବି ଜୀବନ୍ତ ଏବଂ ଭାବବିହ୍ୱଳ କରେ। ତୁମର ଶ୍ରଦ୍ଧାଦୀପ ମୁଖମଣ୍ଡଳ ଏବେବି ମଳିନ ପଡ଼ିନି। ତୁମ ଅଧାଗଢ଼ା ପରିବାରରେ ବର୍ଷେ ହେବ ଆତ୍ମୋଜା (ରେଭା) ଆତ୍ମୋଚନ କରିଅଛି। ତୁମେ ତାକୁ ସଶରୀରେ ଦେଖିପାରିଲ ନାହିଁ। କିନ୍ତୁ ସେ ତୁମ ଫଟୋକୁ ଦେଖି ସବୁବେଳେ ହାତଠାରି ତୁମକୁ ଆ-ଆ-ବୋଲି ଡାକିଅଛି। ତୁମେ ଯେଉଁଠି ଥାଅ ତାକୁ ଆଶୀର୍ବାଦ କର ସେ ଦୀର୍ଘାୟୁ, ଯଶସ୍ୱୀ, କୀର୍ତ୍ତିମାନୀ ହେଉ। ତୁମ ପୁଣ୍ୟ ଆତ୍ମାର ଶାନ୍ତି, ମୁକ୍ତି, ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ନିବେଦନ ଜଣାଉଛୁ।
ଶୋକସନ୍ତପ୍ତ: ନାତୁଣୀ: ରେଭା, ସ୍ୱାମୀ: ମକର, କନ୍ୟା: କିଟି, ବୋହୂ: ଲିନୁ ଓ ପୁଅ: ବବି ତଥା ଅନ୍ୟମାନେ।
ଧ-୯୭୧


**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୩।୬**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୧୧(୫୧୧.୩୮) ପଏଣ୍ଟ ହ୍ରାସ ଘଟି ୮୧,୮୯୭ (୮୧,୮୯୬.୭୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୦(୧୪୦.୫୦) ପଏଣ୍ଟ କମି ୨୪,୯୭୨ (୨୪,୯୭୧.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# କେ୧୩ଏକ୍ସ ୫ଜିର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୬**

ଓପୋ ଇଣ୍ଡିଆର ନୂତନ ଉତ୍ପାଦ ତଥା ସେଗମେଣ୍ଟର ସବୁଠାରୁ ମଜବୁତ ୫ଜି ସ୍ମାର୍ଟଫୋନ ଓପୋ କେ୧୩ଏକ୍ସ ୫ଜିର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ କରାଯାଇଛି। ଏହି ସ୍ମାର୍ଟଫୋନକୁ ସ୍ଥାୟିତ୍ୱ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ଚାହୁଁଥିବା ଛାତ୍ରୀଛାତ୍ର ଓ ଯୁବ ପେସାଦାରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏପରିକି କେ୧୩ଏକ୍ସ ୫ଜି ଏସ୍‌ଜିଏସ ଗୋଲ୍ଡ ଡ୍ରପ ସାର୍ଟିଫିକେଶନ, ଏସ୍‌ଜିଏସ ମିଲିଟାରୀ ଷ୍ଟାଣ୍ଡାର୍ଡ ସାର୍ଟିଫିକେଶନ ଓ ଏମ୍‌ଆଇଏଲ-ଏସ୍‌ଟିଡି ୮୧୦ଏଚ ମିଲିଟାରୀ-ଗ୍ରେଡ ଷ୍ଟାଣ୍ଡାର୍ଡ ସହ ଆସୁଛି। ଯାହା ଏହାକୁ ନିଜ ଶ୍ରେଣୀର ସବୁଠାରୁ ମଜବୁତ ଡିଭାଇସରେ ପରିଣତ କରୁଛି। ଏହାର ୩୬୦ ଡିଗ୍ରୀ ଡ୍ୟାମେଜ-ପ୍ରୁଫ ଆର୍ମର ବଡିକୁ ଏରୋସ୍ପେଶ-ଗ୍ରେଡ ଏଏମ୦୪ ଆଲୁମିନିୟମ ଆଲୟର ବ୍ୟବହାର କରି ନିର୍ମାଣ କରାଯାଇଥିବାବେଳେ କ୍ରିଷ୍ଟାଲ ସିଲ୍ଡ ଗ୍ଲାସ ସହ ସୁଦୃଢ଼ କରାଯାଇଛି ଏବଂ ଡିପ୍-ସି ସ୍ପ ଦ୍ୱାରା ଅନୁପ୍ରାଣିତ ଏକ ବାୟୋମିମେଟିକ ସ୍ପ ସକ୍ ଆବ୍‌ଜରପ୍ସନ ସିଷ୍ଟମ ଦ୍ୱାରା ଉନ୍ନତ କରାଯାଇଛି। ଏଥିରେ ଆଇପି୬୫ ୱାଟର ଓ ଡଷ୍ଟ ରେଜିଷ୍ଟାନ୍ସ ରହିଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ, ସାଭିଓ ଡି'ସୁଜା କହିଛନ୍ତି, ଓପୋ ୧୩ଏକ୍ସ୫ଜି ସହିତ ଆମେ ଜେନ୍ ଜିଙ୍କ ବାସ୍ତବ ଦୁନିଆର ଆବଶ୍ୟକତା ଯେପରିକି ଚମତ୍କାର ସ୍ଥାୟିତ୍ୱ, ସୁଗମ କାର୍ଯ୍ୟଦକ୍ଷତା ଓ ଉନ୍ନତ ଶକ୍ତି ଦକ୍ଷତାକୁ ସୁଲଭ ମୂଲ୍ୟରେ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛୁ।

# ମୁଡ୍ ରହିବ ଫ୍ରେଶ୍

କାମର ଚାପ ଓ ବିଭିନ୍ନ ଦାୟିତ୍ୱ ତୁଲାଇବା ଭିତରେ ଅନେକ ସମୟରେ ଚିନ୍ତାରେ ରହିବା ସାଧାରଣ କଥା। ତେବେ ମନରେ ଏହି ଅବସ୍ଥା ଲାଗି ରହିଲେ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ତେଣୁ ଏହି ଅବସ୍ଥାରୁ ମୁକୁଳିବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ...

➔ମନର ବିଚାର ଓ ଭାବନାକୁ ପ୍ରଥମେ ଡାଏରୀରେ ଲେଖନ୍ତୁ। ଦେଖିବେ ମନ କିଛି ମାତ୍ରାରେ ହାଲ୍କା ହୋଇଯିବ। ପ୍ରତିଦିନ ଏଭଳି ଅଭ୍ୟାସ କରି ଡାଏରୀ ଲେଖିଲେ ବହୁତ ଭଲ ଲାଗିବ। ପର ମୁହୂର୍ତ୍ତରେ ନିଜେ ସେସବୁ ପଢ଼ିଲେ ବି ଏକ ଭିନ୍ନ ଆନନ୍ଦ ପାଇପାରିବେ ଓ କାମରେ ଅଧିକ ଫୋକସ୍ କରିପାରିବେ।

➔ମନ ଅଶାନ୍ତ ଥିଲେ ଆପଣଙ୍କୁ ଭଲ ଲାଗୁଥିବା ଭଳି ବିଭିନ୍ନ ପ୍ରକାର ସଙ୍ଗୀତ ଶୁଣନ୍ତୁ। ଏହା ଏକ ଥୋରାପୀ ଭଳି କାମ ଦେଇଥାଏ। ମନ ବି ଭଲ ଲାଗିବ।

➔ଯଦି କାମ କରିବାକୁ ଇଚ୍ଛା ହେଉ ନ ଥାଏ ତେବେ କିଛି ସମୟର ବ୍ରେକ୍ ନିଅନ୍ତୁ। ଏହି ସମୟରେ ଘର ବାହାରେ ଏକ ଖୋଲା ପରିବେଶରେ ଅଥବା ନିଜ ବଗିଚାରେ ଥିବା ଗଛମୂଳରେ କିଛି ସମୟ କଟାନ୍ତୁ। ନଚେତ୍ ସୁବିଧା ହେଲେ କିଛି ସମୟ ପାଇଁ ବାହାରେ କୌଣସି ସ୍ଥାନ କିମ୍ବା ପାର୍କକୁ ଯାଆନ୍ତୁ। ଏହା ପରେ ଫ୍ରେଶ୍ ଲାଗିବ।

➔ସବୁଠୁ ବଡ଼ କଥା ହେଉଛି



ଫଳରେ ଏଙ୍ଗ୍‌ଜାଇଟି କମ୍ ହେବା ସହ ମନ ଶାନ୍ତ ରହିଥାଏ।

➔ମାନସିକ ଶାନ୍ତି ପାଇଁ ଭଲଭାବେ ଶୋଇବା ଜରୁରୀ। ରାତିରେ ୭ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଥକ୍କାପଣ ଦୂରହେବା ସହ ଘରେ ହେଉ ଅବା ଅଫିସ ଯେଉଁଠି କାମ କରୁଛନ୍ତି ସେହି ସ୍ଥାନକୁ ନିଜ ଢଙ୍ଗରେ ପ୍ରଥମେ ସଜାଇ ରଖନ୍ତୁ। ଫଳରେ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହେବ।

# ଘରେ ରହିବେନି ମଶା

❖ଘରେ ନିମ୍ବପତ୍ରକୁ ବିଭିନ୍ନ ଭାବରେ ବ୍ୟବହାରକରି ମଶାଙ୍କୁ ବାହାର କରିହେବ। ଏହି ପତ୍ରକୁ ଘରେ ଆଣି ବିଭିନ୍ନ ସ୍ଥାନରେ କେବଳ ରଖିଦେଲେ ତା'ର ଗନ୍ଧରେ ମଶା ଆସିବେ ନାହିଁ। ଏହା ବ୍ୟତୀତ ଯଦି ପତ୍ରକୁ ଶୁଖାଇ ତା'ର ଧୂଆଁ ଘରର ସବୁଆଡ଼େ ଭଲଭାବରେ ଦିଆଯାଏ ତେବେ ମଶା କିଛି ସମୟ ପରେ ବାହାରିଯିବେ।

❖ମଶା ଘଉଡ଼ାଇବା ପାଇଁ କର୍ପୂର ଓ ତେଜପତ୍ର ମଧ୍ୟ ବେଶ୍ ଉପଯୋଗୀ ହୋଇଥାଏ। ଏଥିପାଇଁ ପ୍ରଥମେ ଏକ ପାତ୍ରରେ ୫-୬ଟି ତେଜପତ୍ର ନିଅନ୍ତୁ। ସେଥିରେ କିଛି ଲବଙ୍ଗ, କର୍ପୂର ଓ ୨ଚାମଚ ସୋରିଷତେଲ



ପକାନ୍ତୁ। ଏଥିରେ ନିଆଁ ଲଗାଇ ଧୂଆଁ କରନ୍ତୁ। ଏହି ଧୂଆଁକୁ ଘରର ସବୁଆଡ଼େ ବୁଲାଇ ଦିଅନ୍ତୁ। କିଛି ସମୟ ପରେ ମଶା ଘରୁ ବାହାରି ଯିବେ।

❖ଏହା ବ୍ୟତୀତ ଘରର ଭିତର ତଥା ବାହାର ପରିବେଶ ସଫାକରିବା ଜରୁରୀ। ପରିବେଶ ଅପରିଷ୍କାର ହେଲେ ମଶା ସେମାନଙ୍କ ବଂଶବିସ୍ତାର କରିବାର ସୁଯୋଗ ପାଆନ୍ତି। ତେଣୁ ଘର ଭିତରେ କୌଣସି ସ୍ଥାନରେ ଅଳିଆ ଜମାକରନ୍ତୁ ନାହିଁ। ଏହା ସହ ସବୁ ଜିନିଷକୁ ଠିକ୍ ଭାବରେ ସଜାଇ ରଖନ୍ତୁ। ଘର ଚାରିପାଖରେ କୌଣସି ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ଏହା ବ୍ୟତୀତ କୌଣସି ସ୍ଥାନରେ ଯେପରି ପାଣି ଜମାହୋଇ ରହିବ ନାହିଁ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କୌଣସି ଭଙ୍ଗା ପାତ୍ର ଅଥବା ଅଦରକାରୀ ଜିନିଷ ରଖନ୍ତୁ ନାହିଁ। ଏ ସବୁ ଭିତରେ ପାଣି ଜମାହୋଇ ରହିଲେ ମଶାଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ। ତେଣୁ ସଚେତନ ରହିବା ଜରୁରୀ।

# ସମୟର ସଦୁପଯୋଗ



କାମରୁ ଫୁର୍‌ସତ୍ ପାଇଲେ ଅଧିକାଂଶ ମହିଳା ଗପର ପେଡ଼ି ଖୋଲିବସନ୍ତି, ଯାହାଦ୍ୱାରା କେବଳ ସମୟର ଅପଚୟ ହୁଏ। କିନ୍ତୁ ସେମାନେ ଚାହିଁଲେ ଫାଙ୍କା ସମୟକୁ ବିଭିନ୍ନ ଢଙ୍ଗରେ ଉପଯୋଗ କରିପାରିବେ।





**କା**ମରୁ ଟିକିଏ ଫୁର୍‌ସତ ମିଳିଲେ ନିଜ ମନ ପସନ୍ଦରେ କିଛି କରିବାକୁ ଇଚ୍ଛା ହୁଏ। କିଏ ମନୋରଞ୍ଜନ କରିବାକୁ ପସନ୍ଦ କରନ୍ତି ତ କିଏ ଭବିଷ୍ୟତ ପାଇଁ କିଛି ଯୋଜନା କରନ୍ତି। ହେଲେ ଅଧିକାଂଶ ସମୟରେ ମହିଳାମାନେ ସୁଯୋଗ ପାଇବା ମାତ୍ରେ ଗପସପ କରି ସମୟ ନଷ୍ଟ କରନ୍ତି। ଏହିଭଳି ଗପିବା ଫଳରେ ଅନେକ ସମୟରେ ବହୁ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। କାହିଁକିନା ବେଳେବେଳେ କାହା ବିଷୟରେ ଚର୍ଚ୍ଚା କରିବା ସମୟରେ ଏଭଳି କିଛି କଥା ପାଟିରୁ ବାହାରିଯାଏ, ଯାହା ତାଙ୍କ ମନକୁ ଆଘାତ କରିଥାଏ। ଫଳରେ ସମ୍ପର୍କ ନଷ୍ଟହେବା ଆଶଙ୍କା ଥାଏ। ତେଣୁ ଏହି ସମୟରେ ଚାହିଁଲେ ସେମାନେ ଅନ୍ୟ ଉପାୟରେ ସମୟର ଉପଯୋଗ କରିପାରିବେ।

ଘରେ ମହିଳାମାନେ କାମ ସରିବା ପରେ ଫାଙ୍କା ସମୟ ପାଇଲେ ବିଭିନ୍ନ ପ୍ରକାର ମାଗାଜିନ୍, ଖବରକାଗଜ କିମ୍ବା ଅନ୍ୟାନ୍ୟ ଗପ ଅବା ଶିକ୍ଷଣୀୟ ବହି ସବୁ ପଢ଼ିପାରିବେ। ଏହି ଅଭ୍ୟାସ ସେମାନଙ୍କ ମନକୁ ଶାନ୍ତିଦେବା ସହ ଅନେକ ବିଷୟରେ ଜାଣିବାର ସୁଯୋଗ ଦେଇପାରିବ। ଏହା ବାଦ୍ ଘର ସଜାଡ଼ିବା, ସଫା କରିବା ଓ ମନୋରଞ୍ଜନ ପାଇଁ କିଛି ସମୟ ଟିଭି ଦେଖିବା କିମ୍ବା ମ୍ୟୁଜିକ୍ ଶୁଣିବା ଭଳି କାମ ବି କରିପାରିବେ। କର୍ମଜୀବୀ ମହିଳା ମଧ୍ୟ ଅଫିସ୍‌ରେ ଟିକେ ସମୟ ପାଇଲେ ସହକର୍ମୀମାନଙ୍କ ସହ ବିଭିନ୍ନ ପ୍ରକାର ଗପ କରନ୍ତି। ପରସ୍ପର ସହ କଥାବାର୍ତ୍ତା ହେବା କିଛି ଖରାପ କଥା ନୁହେଁ। ହେଲେ ଅଯଥାରେ ଅଧିକ ସମୟ ଗପର ଆସର ଜମେଇରଖିବା ଭଲ ନୁହେଁ। ଏହି ଅଭ୍ୟାସ ବି ଅନେକ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେବେ କାହା ବିଷୟରେ ଗପିବା ଫଳରେ ହେଉ କିମ୍ବା ଗପିବା ସମୟରେ ଅନ୍ୟ କେହି ବସ୍‌ଙ୍କ ଆଗରେ ଅଭିଯୋଗ କରିବା ଫଳରେ ନିଜ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ। ତେଣୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ଅଫିସ୍‌ରେ ମଧ୍ୟ ନିଜ ସମୟକୁ ଠିକ୍ ଭାବରେ ଉପଯୋଗ କରିବା ପାଇଁ ବିଭିନ୍ନ ମାଧ୍ୟମ ଆପଣାଇପାରିବେ। ଅଫିସ୍‌ରେ ଚାହିଁଲେ ଆପଣ ନିଜ କାମ ପାଇଁ ଆଗୁଆ କିଛି ଯୋଜନା କରିପାରିବେ। ବିଭିନ୍ନ ପ୍ରକାର ବହି ପଢ଼ିପାରିବେ, ଯଦି ବହି କିଛି ପାଖରେ ନ ଥାଏ ତେବେ କମ୍ପ୍ୟୁଟର ହେଉ ଅବା ଫୋନ୍‌ରେ ମଧ୍ୟ ଇଣ୍ଟରନେଟ୍‌ରେ ବିଭିନ୍ନ ପ୍ରକାର ପାଠ ପଢ଼ିପାରିବେ। ଏହା ଆପଣଙ୍କ କ୍ୟାରିୟର ପାଇଁ ମଧ୍ୟ ଭଲ ହୋଇପାରିବ। ତେଣୁ ନିଜ ନିଜ ପରିବେଶ ଓ ପରିସ୍ଥିତି ଅନୁସାରେ ସମୟର ସଦୁପଯୋଗ କରିବା ନିମନ୍ତେ ଆପଣ ଉପାୟ ସବୁ ଚିନ୍ତା କରିପାରିବେ। ଅର୍ଥାତ୍ ସଚେତନ ରହିବାକୁ ହେବ ଯେପରି ଅଯଥା ଗପକରି ଅଧିକ ସମୟ ନଷ୍ଟ ନ ହେବ।



## ଏମାନେ କ'ଣ କରନ୍ତି

### ସୋସିଆଲ ମିଡିଆ ଚେକ୍ କରେ



ଘରେ କାମ ସରିବା ପରେ ମତେ ସମୟ ମିଳିଲେ ପ୍ରଥମେ ମୁଁ ଟିକେ ଶୋଇବା ପାଇଁ ପସନ୍ଦକରେ। ତା'ପରେ ଅନ୍ୟ ସମୟରେ ଫୋନ୍‌ରେ ବିଭିନ୍ନ ସୋସିଆଲ ମିଡିଆକୁ ଚେକ୍ କରେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍ସଆପ୍ ମାଧ୍ୟମରେ ଖବର ସବୁ ଚେକ୍ କରି ନିଜର ପୋଷ୍ଟ ସବୁ ଅପ୍‌ଡେଟ୍ କରେ। ଏଥିରେ ତ ବହୁତ ଟାଇମ୍ ଚାଲିଯାଏ। ତା'ପରେ ବିଭିନ୍ନ ଲୋକଙ୍କ ସହ ଫୋନ୍‌ରେ ବି କଥା ହୁଏ। ଅବଶ୍ୟ ଘର କାମ କରୁଥିବା ସମୟରେ ବି ଫୋନ୍‌ରେ କଥା ହୋଇପାରେ। ତେଣୁ ଫାଙ୍କା ହେବା ମାତ୍ରେ ଫୋନ୍‌କୁ ହିଁ ସବୁଠୁ ବଡ଼ ସାଥୀ କରିଦେଇଥାଏ।

*-ରାଜଲକ୍ଷ୍ମୀ ପାଣି, ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଗଛର ଯତ୍ନ ନିଏ



କାମରୁ ଫୁର୍‌ସତ ମିଳିଲେ ମୁଁ ସବୁବେଳେ ବଗିଚା କାମ କରିବାକୁ ପସନ୍ଦ କରେ। ବିଭିନ୍ନ ପ୍ରକାର ଗଛ ଲଗାଏ, ତା'ର ଯତ୍ନ ନିଏ। ଆଉ ବେଳେବେଳେ କିଛି କାମ ନ ଥିଲେ ଗଛ ପାଖରେ ଯାଇ ବସେ। ସବୁ ଗଛକୁ ଅନାଏ, ସେଥିରେ ଫୁଟିଥିବା ଫୁଲ ଫଳ ସବୁକୁ ଦେଖିବା, ତୋଳିବା କାମ କରିବା ପାଇଁ ମତେ ବହୁତ ଭଲ ଲାଗେ। ଏମିତିକି ପଡ଼ିଶାଘର କି ବନ୍ଧୁବାନ୍ଧବ କେହି ଘରକୁ ଆସିଥିଲେ ସେମାନଙ୍କୁ ବି ସେଠାକୁ ଡାକି ନେଇ ଗଛ ସବୁ ଦେଖାଇବାକୁ ବହୁତ ଭଲ ଲାଗେ।

*-ଶ୍ରୀଜାତା ମିଶ୍ର, ଶିକ୍ଷୟିତ୍ରୀ, ବାଲିଅନ୍ତା, ଭୁବନେଶ୍ୱର*

### ମିଠା ଓ କେକ୍ ତିଆରି କରେ



ଘର କାମରୁ ସମୟ ବାହାରକରି ଅନ୍ୟ କିଛି କରିବା ମୋ ପାଇଁ ବହୁତ କଷ୍ଟ। କାହିଁକିନା ଘରେ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରକାର କାମ କରିବାରେ ମୋର ବହୁ ସମୟ ଚାଲିଯାଏ। ତା'ପରେ ବି ସମୟ ବାହାରିଲେ ମୁଁ ଘରକୁ ଆସୁଥିବା ଆଧ୍ୟାତ୍ମିକ ମାଗାଜିନ୍ ଟିକେ ସମୟ ପଢ଼େ। ବେଳେବେଳେ ନୂଆ ନୂଆ ରୋଷେଇରେ ଏକ୍ସପେରିମେଣ୍ଟ କରେ। କେତେବେଳେ ବିସ୍କୁଟ ତ କେବେ କେକ୍ ଆଉ କେବେ ମିଠା, ପିଠା ଆଦି ବିଭିନ୍ନ ପ୍ରକାର ଜିନିଷ ତିଆରି କରେ। ଏସବୁ ଅଲଗା ଅଲଗା ଖାଦ୍ୟ ଖାଇବାକୁ ପିଲାମାନେ ବହୁତ ପସନ୍ଦ କରନ୍ତି ଆଉ ଖୁସି ହୁଅନ୍ତି। ଏଇ ମାଧ୍ୟମରେ ମୁଁ ବି ବହୁ ଖୁସି ହୋଇଥାଏ।

*-ସୁମିତ୍ରା ଦାଶ, ଗୃହିଣୀ, ଫୁଲନଖରା, କଟକ*

### ମାର୍କେଟିଂ କରେ



ଏକା ରହିବାକୁ ମତେ ଜମାରୁ ଭଲ ଲାଗେନି। ସେଥିପାଇଁ ଘରେ କାମ କରୁଥିବା ସମୟରେ ବି ପାଖରେ ଥିବା ଲୋକଙ୍କ ସହ ଗପୁଥାଏ। ଏମିତିରେ ମତେ ତ ପ୍ରାୟ ଫୁର୍‌ସତ ମିଳେନାହିଁ। ଯଦି ଘରେ ଫାଙ୍କା ସମୟ ପାଏ ତା'ହେଲେ ବିଭିନ୍ନ ପ୍ରକାରର ବହି ଓ ମାଗାଜିନ୍ ପଢେ। ଘରେ ବହୁତ ପ୍ରକାରର ବହି କଲେକ୍ସନ କରି ରଖିଛି। ତାପରେ ସମୟ ମିଳିଲେ ଘର ସଜାଏ ଆଉ ମାର୍କେଟିଂ କରିବାକୁ ଯାଏ। ଘର ପାଇଁ ହେଉ କି ନିଜ ପାଇଁ ବିଭିନ୍ନ ପ୍ରକାର ଜିନିଷ କିଣିବାକୁ ମତେ ବହୁତ ଭଲ ଲାଗେ। ସେଥିପାଇଁ ପ୍ରାୟ ସମୟ ମୁଁ ବିଭିନ୍ନ ଶପିଂ ମଲ୍‌କୁ ଯାଏ।

*-ମଧୁସ୍ମିତା ସ୍ୱାଇଁ, ଅଧାପିକା, ଭୁବନେଶ୍ୱର*

**ସୌନ୍ଦର୍ଯ୍ୟ**

# କମ୍ ସମୟରେ ଫେସିଆଲ

କାମର ବ୍ୟସ୍ତତା ଭିତରେ ଫେସିଆଲ କରିବା ନିମନ୍ତେ ଅନେକଙ୍କୁ ପ୍ରାୟତଃ ସମୟ ହୁଏନି। ଫଳରେ ସ୍କିନ୍ ଖରାପ ହେବାକୁ ଲାଗେ। ଏହି ସମସ୍ୟାରୁ ମୁକ୍ତିପାଇବା ପାଇଁ ଆପଣ ସହଜରେ ଫେସିଆଲ କରିବାର ଉପାୟ ଜାଣନ୍ତୁ...



**କ**ମ୍ ସମୟରେ ଫେସିଆଲକରି ତ୍ୱଚାକୁ ନରମ ଓ ମୁଲାୟମ କରିବାକୁ ଚାହୁଁଥିଲେ ମାତ୍ର ଦୁଇଟି ଷ୍ଟେପ୍ ଆପଣାନ୍ତୁ। ପ୍ରଥମେ ସ୍କ୍ରବିଂ ଓ ଦ୍ୱିତୀୟରେ ଫେସ୍ ପ୍ୟାକ୍।

**ସ୍କ୍ରବିଂ-** ଫେସିଆଲ ନିମନ୍ତେ ପ୍ରଥମେ ସ୍କ୍ରବିଂ କରିବା ଦରକାର। ଏଥିପାଇଁ ମୁହଁକୁ ଭଲଭାବେ ଧୋଇ ସଫା କପଡ଼ାରେ ପୋଛିଦିଅନ୍ତୁ। ଏହାପରେ ଏକ ପାତ୍ରରେ ୧ ଚାମଚ କଫି ଗୁଣ୍ଡ, ୧ ଚାମଚ ନଡ଼ିଆତେଲକୁ ମିଶାଇ ଭଲଭାବେ ମୁହଁରେ ଲଗାଇ ହାଲ୍‌କାଭାବରେ ମସାଜ୍ କରନ୍ତୁ। ସର୍କୁଲାର ମୋସନରେ ହିଁ ମସାଜ୍ କରନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ମୃତ କୋଷଗୁଡ଼ିକ ବାହାରିଯିବ। ଏଭଳିଭାବେ ପ୍ରାୟ ୧୦ ମିନିଟ୍ ମସାଜ୍ କରିବା ପରେ ଉଷୁମପାଣିରେ ମୁହଁ ଧୋଇଦିଅନ୍ତୁ। ଫ୍ରେଶ୍ ଲାଗିବ। ଏହା ପରେ ଫେସିଆଲର ଦ୍ୱିତୀୟ ଷ୍ଟେପ୍ ନିମନ୍ତେ ଏକ ଫେସ୍‌ପ୍ୟାକ୍ ଲଗାଇବାକୁ ହେବ।

**ଫେସ୍‌ପ୍ୟାକ୍-** ବାହାରୁ କୌଣସି ଫେସ୍‌ପ୍ୟାକ୍ କିଣିବା ବଦଳରେ ଘରେ ଥିବା ବିଭିନ୍ନ ସାମଗ୍ରୀରେ ମଧ୍ୟ ଭଲଭାବେ ଫେସିଆଲ କରାଯାଇପାରିବ। ଏଥିପାଇଁ ଏକ ପାତ୍ରରେ ଅଧା ଚାମଚ ହଳଦୀ, ୧ ଚାମଚ ଦହି, ୧ ଚାମଚ କଫି ଓ ୧ ଚାମଚ ନଡ଼ିଆ ତେଲ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପ୍ୟାକ୍‌କୁ ମୁହଁ ଓ ବେକରେ ଭଲଭାବେ ଲଗାଇ ଦିଅନ୍ତୁ। ୧୫-୨୦ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଥରେ ଏଭଳି ଫୋସିଆଲ କରନ୍ତୁ। କିଛି ଦିନ ପରେ ତ୍ୱଚା ମୁଲାୟମ ହେବା ସହ ସୁନ୍ଦର ଦେଖାଯିବ।



**ଖାଦ୍ୟରୁଚି**

# ଆଳୁ ପାମ୍ପଡ଼

**ଆବଶ୍ୟକ ସାମଗ୍ରୀ**

ଆଳୁ- ୧କେଜି, ଲେମ୍ବୁରସ- ୨ ଚାମଚ, ଗୋଲମରିଚ ଗୁଣ୍ଡ- ୧ ଚାମଚ, ଜିରା- ୧ ଚାମଚ, ହେଙ୍ଗୁ- ୧ ଚୁଟ୍‌କି, ଲୁଣ- ସ୍ୱାଦ ଅନୁସାରେ, ସୁଖାଇବା ପାଇଁ ପ୍ଲାଷ୍ଟିକ୍ ଜରି।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ସିଝାଇ ଏହାର ଚୋପା ଛଡ଼ାଇ ରଖନ୍ତୁ। ଏବେ ଏହାକୁ ହାତରେ ଭଲଭାବରେ ଚକଟି ଦିଅନ୍ତୁ କିମ୍ବା ଗ୍ରାଣ୍ଡିଂ ମଧ୍ୟ କରିପାରିବେ। ତେବେ ଏଥିରେ ପାଣି ଆଦୌ ଦିଅନ୍ତୁ ନାହିଁ। ଏହି ମିଶ୍ରଣ ଯେତେ ବହଳିଆ ହେବ ପାମ୍ପଡ଼ ସେତେ ଅଧିକ ସ୍ୱାଦିଷ୍ଟ ହେବ। ଏହି ମିଶ୍ରଣରେ ଲେମ୍ବୁରସ, ଗୋଲମରିଚ ଗୁଣ୍ଡ, ଜିରା, ଲୁଣ ଓ ହେଙ୍ଗୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ପତଳା କରି ବେଲନ୍ତୁ। ତେବେ ଅଧିକ ପତଳା କରନ୍ତୁ ନାହିଁ, କାରଣ ଶୁଖିବା ପରେ ଭାଙ୍ଗିବା ସମସ୍ୟା ମଧ୍ୟ ଦେଖାଦେଇପାରେ। ବେଲାହୋଇଥିବା ଏହି ପାମ୍ପଡ଼କୁ ଖରାରେ ଏକ ମୋଟା ପଲିଥିନ୍ ଅବା ପଟା ଉପରେ ଶୁଖାଇ ଦିଅନ୍ତୁ। ଟାଣ ଖରାରେ ୨ରୁ ୩ ଦିନ ଶୁଖିବା ପରେ ପାମ୍ପଡ଼ ପ୍ରସ୍ତୁତ ହୋଇଯିବ। ଏହାପରେ ତେଲରେ ଛାଣି ଏହାକୁ ଖାଆନ୍ତୁ। ଏୟାର ଟାଇଟ୍ ଡବା ଭିତରେ ଏହି ପାମ୍ପଡ଼କୁ ଢେର ଦିନ ଯାଏଁ ସାଇତି ରଖାଯାଇପାରିବ।

# ଇଂଲଣ୍ଡ ସମ୍ମୁଖରେ ୩୭୧ ଲକ୍ଷ୍ୟ

**ରାହୁଲ, ରିଷଭଙ୍କ ଶତକ**

**ଲିଡ୍ସ, ୨୩।୬**

ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ସମ୍ମୁଖରେ ୩୭୧ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ସୋମବାର ୪ର୍ଥ ଦିବସ ଖେଳ ଶେଷ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୨୧ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ସୁରକ୍ଷିତ ଥାଇ ଇଂଲଣ୍ଡ ବିଜୟ ପାଇଁ ଆଉ ୩୫୦ ରନ ଆବଶ୍ୟକ କରୁଛି। ଭାରତ ଦ୍ୱିତୀୟ ଇନିଂସରେ ୩୬୪ ରନକରି ଅଲ୍‌ଆଉଟ ହୋଇଥିଲା। ଲୋକେଶ ରାହୁଲ ୧୩୭ ଓ ରିଷଭ ପନ୍ତ ୧୧୮ ରନ କରିଥିଲେ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୯୦/୨ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ମାତ୍ର ୨ ରନ ଯୋଗକରି ଅଧିନାୟକ ଶୁବମନ ଗିଲ୍‌ଙ୍କ ଉଇକେଟ ହରାଇଥିଲା। ତେବେ ରାହୁଲ ଓ ପନ୍ତ ଚତୁର୍ଥ ଉଇକେଟରେ ୧୯୫ ରନ ଯୋଗକରି ଭାରତକୁ ଏକ ବଡ଼ ଅଗ୍ରଣୀ ଆଡ଼କୁ ଅଗ୍ରସର କରାଇଥିଲେ। ଆକ୍ରମଣାତ୍ମକ ଖେଳିଥିବା ପନ୍ତ ୧୪୦ ବଲ୍‌ରୁ ୧୫ ଚୌକା ଓ ୩ ଛକା ସହାୟତାରେ ୧୧୮ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ଭାରତର ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଇତିହାସରେ ପ୍ରଥମଥର ପାଇଁ ଭାରତ ପକ୍ଷରୁ ଗୋଟିଏ ଟେଷ୍ଟରେ ୪ ବ୍ୟାଟର ୫ଟି ଶତକ ହାସଲ କରିଛନ୍ତି।




ଶତକ ହାସଲ ପରେ ଲୋକେଶ ରାହୁଲ ଓ ରିଷଭ ପନ୍ତ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୭୧। ଇଂଲଣ୍ଡ ପ୍ରଥମ ଇନିଂସ: ୪୬୫। ଭାରତ ଦ୍ୱିତୀୟ ଇନିଂସ: ୩୬୪/ଅଲ୍‌ଆଉଟ (ଲୋକେଶ ରାହୁଲ-୧୩୭, ରିଷଭ ପନ୍ତ-୧୧୮, ବ୍ରାଇଡନ କାର୍ସ-୩/୮୦, ଜୋଶ ଟଙ୍ଗ-୩/୭୨, ଶୋଏବ ବଶିର-୨/୯୦, ବେନ୍ ଷ୍ଟୋକ୍ସ-୧/୪୭, କ୍ରିସ୍ ୱୋକ୍ସ-୧/୪୫)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୧/୦।

## ରିଷଭ ପନ୍ତ ପ୍ରଥମ ଭାରତୀୟ

ଶତକ ହାସଲ ସହ ରିଷଭ ପନ୍ତ ଇତିହାସ ରଚିଛନ୍ତି। ସେ ପ୍ରଥମ ଭାରତୀୟ ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୧୩୪ ରନ କରିଥିଲେ। ପନ୍ତ ଇଂଲଣ୍ଡରେ ଲଗାତର ୫ ଥର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଏଲିଟ ଭ୍ରମଣକାରୀ ବ୍ୟାଟରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ତାଲିକାରେ ଡନ ବ୍ରାଡ୍‌ମ୍ୟାନ, ହାସ୍ୱି କ୍ରୋନିଏ, ଶିବନାରାୟଣ ଚନ୍ଦ୍ରପାଲ, କୁମାର ସାଙ୍ଗକାରା ଓ ଡାରଲି ମିଚେଲଙ୍କ ଭଳି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଲଗାତର ୭ଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସହ ଏହି ତାଲିକା ଶୀର୍ଷରେ ରହିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ପନ୍ତଙ୍କ ପୂର୍ବରୁ କେବଳ ଜିମ୍ବାୱେର ଆଣ୍ଡି ଫ୍ଲାୱର ଏକମାତ୍ର ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ। ଆଣ୍ଡି ୨୦୦୧ରେ ହରାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଯଥାକ୍ରମେ ୧୪୨ ଓ ୧୯୯* ରନ କରିଥିଲେ। ପନ୍ତଙ୍କ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିଜୟ ହଜାରେ, ସୁନୀଲ ଗାଭାସ୍କର (୩ ଥର), ରାହୁଲ ଦ୍ରାବିଡ୍ (୨ ଥର), ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ।

## ଖୋର୍ଦ୍ଧା ଜିଲା ଚେସ୍ ୨୮ରୁ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୩ ବର୍ଷରୁ କମ୍ ବାଳିକା ବାଳକ ଚେସ୍ ପ୍ରତିଯୋଗିତା ଆସନ୍ତା ୨୮ ଓ ୨୯ ତାରିଖରେ ଘାଟିକିଆର ଆପିଜେ ସ୍କୁଲରେ ଅନୁଷ୍ଠିତ ହେବ। ଉଭୟ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ରାଜ୍ୟ ୧୩ ବର୍ଷରୁ କମ୍ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିବେ। ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୬ ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ବର୍ଗର ବିଜେତାଙ୍କୁ ୩୨ଟ୍ରଫି ଓ ୪୦ ଚେସ୍ ବହି ଦିଆଯାଇ ସମ୍ମାନିତ କରାଯିବ। ପ୍ରତିଯୋଗୀମାନେ ୨୬ ତାରିଖ ମଧ୍ୟରେ ୫୦୦ ଟଙ୍କା ଏଣ୍ଟ୍ରି ଫି' ପ୍ରଦାନ କରି ଖେଳିପାରିବେ। ଆଗ୍ରହୀ ଖେଳାଳିମାନେ ଆସୋସିଏଶନ ସଦସ୍ୟ ସ୍ୱୟଂଶୁ ସତ୍ୟକାମ, ସୁଶାନ୍ତ ଷଡ଼ଙ୍ଗୀ କିମ୍ବା ଦୀପକ ପାତ୍ରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହା ପୂର୍ବରୁ ଖୋର୍ଦ୍ଧାଜିଲା ଆସୋସିଏଶନ ପକ୍ଷରୁ ୭, ୧୫ ଓ ୧୧ ବର୍ଷରୁ କମ୍ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯାଇଛି।

## ଏଏସ୍‌ସିଏ ଲେଭଲ-୧ କୋର୍ସ କଲେ ଶକ୍ତି ସ୍ୱରୂପ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ):** ପୁରୀର ଶକ୍ତି ସ୍ୱରୂପ ଦାଶ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆୟୋଜିତ ଅଷ୍ଟ୍ରେଲିଆନ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଆକ୍ରିଡିଟେଶନ (ଏଏସ୍‌ସିଏ) ଲେଭଲ-୧ କୋର୍ସ ଶେଷ କରିଛନ୍ତି। ଏହି କୋର୍ସ କରିବାରେ ସେ ହେଉଛନ୍ତି ଦ୍ୱିତୀୟ ଓଡ଼ିଆ। ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ପ୍ରଥମେ ଏହି କୋର୍ସ କରିଥିଲେ। ପୂର୍ବରୁ ଶକ୍ତି ସ୍ୱରୂପ ଗତ ସିଜନରେ ୧୬ ବର୍ଷରୁ କମ୍ ଓଡ଼ିଶା ଦଳର ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଥିଲେ। ଆସନ୍ତା ଜୁଲାଇ ୧୭ ଓ ୧୮ରେ ବେଙ୍ଗାଲୁରୁରେ ହେବାକୁଥିବା ବିସିସିଆଇ ସିଓଇ କ୍ରିକେଟ ସ୍ପେଶିଫିକ୍ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ସାର୍ଟିଫିକେଶନ ପ୍ରୋଗ୍ରାମ ଲେଭଲ-୨ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଶକ୍ତି ସ୍ୱରୂପଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମୁମ୍ବାଇ ଛାଡ଼ିବେ ପୃଥ୍ୱୀ ଶ'

**ମୁମ୍ବାଇ, ୨୩।୬ (ପି.ଟି.):** ସଂଘର୍ଷରତ ଭାରତ ବ୍ୟାଟର ପୃଥ୍ୱୀ ଶ' ତାଙ୍କ ଘରୋଇ ଦଳ ମୁମ୍ବାଇ ଛାଡ଼ିବାକୁ ଚାହୁଁଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ ସେ ଆବେଦନ କରିଛନ୍ତି। ଜଣେ କ୍ରିକେଟର ଭାବେ ଅଭିବୃଦ୍ଧି ଓ ବିକାଶ ପାଇଁ ଏକ ନୂଆ ଘରୋଇ ଦଳ ସହିତ ଚୁକ୍ତି କରିବା ଯୋଜନାରେ ଅଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଜଣେ ସିନିୟର ଅଫିସିଆଲ ଏବିଷୟରେ ସୂଚନା ଦେଇଛନ୍ତି। ଶ' କିଛି ସମୟ ପାଇଁ ରେଡ୍ ବଲ୍ କ୍ରିକେଟରୁ ଦୂରେଇ ଯାଇଛନ୍ତି, କିନ୍ତୁ ହ୍ୱାଇଟ୍ ବଲ୍ କ୍ରିକେଟ ଖେଳିବା ଜାରି ରଖିଛନ୍ତି। ଅନୁମୋଦନ ପାଇଁ ଆବେଦନ ପତ୍ରକୁ ଆପେକ୍ସ କାଉନ୍‌ସିଲ ନିକଟକୁ ପଠାଇ ଦିଆଯାଇଛି।

## ଟପ୍ସରେ ଅନିମେଶ, ଶ୍ରାବଣୀ

**ନୂଆଦିଲ୍ଲୀ, ୨୩।୬(ପି.ଟି.)**

ଏସିଆନ ଚାମ୍ପିୟନଶିପ୍ସ ରୌପ୍ୟ ପଦକଧାରୀ ଡେକଆଥଲେଟ୍ ତେଜସ୍ୱିନ ଶଙ୍କର, ଉଦୀୟମାନ ସ୍ପ୍ରିଣ୍ଟର ଅନିମେଶ କୁଜୁର ଓ ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କୁ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ଯୋଜନା (ଟପ୍ସ)ର ଡେଭଲପମେଣ୍ଟାଲ ଗ୍ରୁପରେ ସାମିଲ କରାଯାଇଛି। ସେହିଭଳି କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନର ଅନ୍ତିମ ରାଉଣ୍ଡରେ ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ ଏସିଆନ ଗେମ୍ସ ଗ୍ରୁପରେ ସାମିଲ କରାଯାଇଛି।

ପ୍ରାୟତଃ ଆମେରିକାରେ ରହୁଥିବା ତେଜସ୍ୱିନ ପ୍ରଥମ ଭାରତୀୟ ଭାବେ ଏସିଆନ ଚାମ୍ପିୟନଶିପ୍ସରେ ଦୁଇଟି ପଦକ ଜିତିଛନ୍ତି। ଗତ ମାସରେ ଦକ୍ଷିଣ କୋରିଆର ଗୁମିରେ ରୌପ୍ୟ ପଦକ ଜିତିଥିବା ବେଳେ ପୂର୍ବ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ହାତେଇଥିଲେ। ଅନ୍ୟପକ୍ଷରେ ୨୨ ବର୍ଷୀୟ କୁଜୁର ପୁରୁଷ ୨୦୦ ମିଟର ଇଭେଣ୍ଟରେ ୨୦.୩୨ ସେକେଣ୍ଡର ଜାତୀୟ ରେକର୍ଡ ସହିତ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ତର୍ଜାତୀୟ ଇଭେଣ୍ଟରେ ଏହା ତାଙ୍କର ପ୍ରଥମ ପଦକ ଥିଲା। ଟପ୍ସ ଡେଭଲପମେଣ୍ଟାଲ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଆଥଲେଟ୍‌ଙ୍କୁ ଦୀର୍ଘ ମିୟାଦି ସମ୍ଭାବ୍ୟ ପଦକ ବିଜୟୀ ଭଳି ଦେଖାଯାଏ ଏବଂ ସେମାନଙ୍କୁ ମାସିକ ୨୫ ହଜାର ଭତ୍ତା ଦିଆଯାଏ। ଏହି ତାଲିକାରେ ୪X୧୦୦ ମି. ରିଲେ ଦଳର ସଦସ୍ୟ ଅଭିନୟା ରାଜରାଜନ, ସ୍ନେହା ଶନୁଭଲିଳ, ନିଥ୍ୟା ଗାନ୍ଧେ ଓ ଶ୍ରାବଣୀ ସ୍ଥାନ ପାଇଛନ୍ତି। ଏମାନେ ଏସିଆନ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିଲେ।

## ସେମିଫାଇନାଲରେ ଓଡ଼ିଶା

**ହକି ଇଣ୍ଡିଆ ମାଷ୍ଟର୍ସ କପ୍**

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୬-୨ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଦଳ ମଧ୍ୟ ହରିୟାଣା ବିପକ୍ଷରେ ବିଜୟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଛି।

ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟକ ଲାଜରୁସ ବାର୍ଲା ୫ ଓ ୩୬ ଏବଂ ଅନିଲ କୁଲୁ ୫୧ ଓ ୫୯ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ୨ଟି ଗୋଲ ସ୍କୋର କରିଥିଲେ ସେଛିଲ ମୁଣ୍ଡୁ (୧୦) ଓ ସିପ୍ରିଆନ କେର୍କେଟା (୨୧)। ଆନ୍ଧ୍ର ପ୍ରଦେଶ ପକ୍ଷରୁ ଆକାଶ ବଟୁ ୭ମ ଓ ମଞ୍ଜୁଲା ଅଜୟ ବାବୁ ୩୦ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ତାମିଲନାଡୁ ୮-୨ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ମହିଳା ବିଭାଗର ଲିଗ୍ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ହରିୟାଣାକୁ ହରାଇ ଦେଇଛି। ଓଡ଼ିଶା ପକ୍ଷରୁ ରଞ୍ଜିତା ବେକ୍ ୫ ଓ ୩୭ତମ ମିନିଟରେ ୨ଟି ଏବଂ ସରିତା ରୋଶନ ମିଞ୍ଜ ୧୧ଶ ମିନଟରେ ଗୋଟିଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ସାଙ୍ଘାଇ ଇବେମହାଲ ୨୮ ଓ ୩୯ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଅନ୍ୟ ମହିଳା ମ୍ୟାଚରେ ପଞ୍ଜାବ ୩-୦ରେ ତାମିଲନାଡୁକୁ ପରାସ୍ତ କରିଛି।

## ଓଡ଼ିଶା ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୩।୬ (ବିଜୟ ରଣା)**

ମହାରାଷ୍ଟ୍ରର ଶିରିଡ଼ିଠାରେ ଅନୁଷ୍ଠିତ ଜାତୀୟ ଥ୍ରୋ-ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ୟପକ୍ଷରେ ବାଳକ ଦଳ କ୍ୱାର୍ଟରଫାଇନାଲରେ ଦିଲ୍ଲୀଠାରୁ ୨-୧ସେଟ୍‌ରେ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ବାଳିକା ଦଳ କ୍ୱାର୍ଟରଫାଇନାଲରେ ତାମିଲନାଡୁକୁ ୨-୧ସେଟ୍‌ରେ ପରାସ୍ତ କରିଥିଲା, ମାତ୍ର ସେମିଫାଇନାଲରେ ମହାରାଷ୍ଟ୍ରଠାରୁ ୧-୨ସେଟ୍‌ରେ ହାରିଯିବାରୁ ବ୍ରୋଞ୍ଜ ପଦକ ପାଇଥିଲା। ବାଳିକା ଦଳକୁ ବ୍ରୋଞ୍ଜ ଜିତାଇବାରେ ଉପ ଅଧିନାୟିକା ଲକ୍ଷ୍ମୀପ୍ରିୟାଙ୍କ ବିଶେଷ ଭୂମିକା ରହିଥିଲା। ସେ ସର୍ଭିସରେ ଦଳ ପାଇଁ ୬ ପଏଣ୍ଟ ଆଣି ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ଥ୍ରୋ ବଲ୍‌ର ସଭାପତି ଭୂପିନ୍ଦର ସିଂ ବାଳିକା ଦଳର କୋଚ୍ ଏବଂ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ମହିଳା ଥ୍ରୋ-ବଲ୍ ଦଳ।

## ଦିଲୀପ ଦୋଶିଙ୍କ ପରଲୋକ

**ମୁମ୍ବାଇ ୨୩।୬:** ଭାରତର ପୂର୍ବତନ ବାମହାତୀ ସ୍ପିନର ଦିଲୀପ ଦୋଶିଙ୍କର ଲଣ୍ଡନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା। ତାଙ୍କର ହୃତ୍‌ପିଣ୍ଡ ଜନିତ ସମସ୍ୟା ରହିଥିଲା। ସେ ତାଙ୍କ କ୍ୟାରିୟରରେ ୩୩ଟି ଟେଷ୍ଟ ମ୍ୟାଚରେ ୧୧୪ ଉଇକେଟ ଅକ୍ତିଆର କରିଥିଲେ। ସେ ୬ଥର ୫ଉଇକେଟ ସଫଳତା ହାସଲ କରିଥିଲେ। ସେ ୧୫ ଅନ୍ତର୍ଜାତୀୟ ଦିନିକିଆ ଖେଳି ୩.୯୬ ଇକୋନୋମି ରେଟ୍‌ରେ ୨୨ ଉଇକେଟ ଅକ୍ତିଆର କରିଥିଲେ। ସେ ସୌରାଷ୍ଟ୍ର, ବେଙ୍ଗଲ, ୱାର୍ୱିକ୍‌ଶାୟାର ଓ ନଟିଙ୍ଗହାମଶାୟାର ଦଳ ସହିତ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳଥିଲେ। ସେ ବହୁ ଦଶନ୍ଧି ଧରି ଲଣ୍ଡରେ ବସବାସ କରି ଆସୁଥିଲେ। ଦୋଶି ୧୯୭୦ ଦଶକର ୪ ପ୍ରସିଦ୍ଧ ସ୍ପିନରଙ୍କ ପଦାଙ୍କ ଅନୁକରଣ କରିଥିଲେ। ୩୨ ବର୍ଷ ବୟସରେ ସେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ନଟିଙ୍ଗହାମଶାୟାରରେ ଖେଳୁଥିବା ବେଳେ ସେ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ସାର୍ ଗ୍ୟାରୀଫିଲ୍ଡ ସୋବର୍ସଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ।

## କିଟ୍‌ର ରିତଭିକାଙ୍କୁ ସ୍ୱର୍ଣ୍ଣ ପଦକ



ସ୍ୱର୍ଣ୍ଣ ପଦକ ସହ ମିତ୍ତାପଲ୍ଲୀ ରିଥଭିକା (ମଝି)।

**ଜାତୀୟ ସନ୍ତରଣ**

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ମିତ୍ତାପଲ୍ଲୀ ରିତଭିକା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ସେ ଜର୍ମାନୀର ରିନେ-ରୁହରଠାରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଇଣ୍ଡିଆନ ୟୁନିଭର୍ସିଟି ସୁଇମିଂ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାମିଲନାଡୁର ରିତଭିକା ୩୩.୯୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱର୍ଣ୍ଣ ବିଜୟିନୀ ମିତ୍ତାପଲ୍ଲୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅନ୍ତର୍ଜାତୀୟ ହକିରୁ ଲଳିତଙ୍କ ଅବସର

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଭାରତର ଭେଟେରାନ ହକି ଫରୱାର୍ଡ ଲଳିତ ଉପାଧ୍ୟାୟ ଅନ୍ତର୍ଜାତୀୟ ହକିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ଲଳିତ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୦୧୪ ବିଶ୍ୱକପ୍‌ରେ ଲଳିତଙ୍କ ପଦାର୍ପଣ ହୋଇଥିଲା। ଭାରତୀୟ ଦଳର ସେ ଜଣେ ଅନ୍ୟତମ ପ୍ରମୁଖ ଖେଳାଳି ଭାବେ ପରିଗଣିତ ହେଉଥିଲେ। ତାଙ୍କ ଉପସ୍ଥିତିରେ ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଉତ୍ତର ପ୍ରଦେଶର ବାରାଣସୀ ଅନ୍ତର୍ଗତ ଗୋଟିଏ ଛୋଟିଆ ଗାଁରେ ଜନ୍ମ ଗ୍ରହଣ କରି ସୀମିତ ସମ୍ବଳ ସହ ଅସୀମ ସ୍ୱପ୍ନ ଦେଖିଥିଲେ ଏହି ହକି ଖେଳାଳି। ୩୧ ବର୍ଷୀୟ ଲଳିତ ୟୁରୋପିଆନ ଲିଗ୍‌ରେ ରବିବାର ଭାରତର ବେଲଜିୟମ ବିପକ୍ଷ ଅନ୍ତିମ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ ପରେ ଏକ ସୋସିଆଲ ମିଡିଆରେ ହୃଦୟସ୍ପର୍ଶୀ ପୋଷ୍ଟ କରି ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ସିନିୟର ସ୍ତରରେ ଭାରତ ପାଇଁ ୧୮୩ ମ୍ୟାଚ ଖେଳି ୬୭ ଗୋଲ୍ ସ୍କୋର କରିଛନ୍ତି। ସେ ବର୍ଷ ବର୍ଷ ଧରି ଭାରତୀୟ ଫରୱାର୍ଡ ଲାଇନ୍‌ରେ ଜଣେ ନିର୍ଭରଯୋଗ୍ୟ ଖେଳାଳି ଥିଲେ। ଜୁନ୍ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସେ ଶେଷ ଥର ପାଇଁ ଭାରତୀୟ ଜର୍ସି ପରିଧାନ କରିଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ଲଳିତ ତାଙ୍କ ପିଢ଼ିର ଦକ୍ଷ ଓ ଉତ୍ସର୍ଗୀକୃତ ଫରୱାର୍ଡମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ।



ଲଳିତ ଉପାଧ୍ୟାୟ

## ଜାତୀୟ ମିନି ଗଲ୍ଫରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଚଳିତ ମାସ ୨୫ରୁ ୨୯ ପର୍ଯ୍ୟନ୍ତ ନାଗପୁରଠାରେ ହେବାକୁ ଥିବା ୧୦ମ ଜାତୀୟ ସିନିୟର ମିନି ଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ଅଂଶଗ୍ରହଣ କରିବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ସୋମବାର ନାଗପୁର ଯାତ୍ରା କରିଛି। ୫ଜଣିଆ ପୁରୁଷ ଦଳର ଅଧିନାୟକ ଓ କୋଚ୍ ଅଛନ୍ତି ବିକାଶ ଚନ୍ଦ୍ର ପଟ୍ଟନାୟକ। ସଞ୍ଜୟ ପଟ୍ଟନାୟକ, ଗିରିଜା ଶଙ୍କର ଭଞ୍ଜ, କୁମାର ଦେବଦତ୍ତ ଓ କୁମାର ଦେବଜିତ ଦଳର ଅନ୍ୟତମ ସଦସ୍ୟ। ସେହିପରି ସୌମ୍ୟାଶ୍ରୀ ରଥ ମହିଳା ଦଳର ନେତୃତ୍ୱ ନେଉଥିବା ବେଳେ କୋଚ୍ ଭାବେ ଅଭୀପ୍ସା ପଣ୍ଡା ଓ ମ୍ୟାନେଜର ଭାବେ ଲତା ସମର୍ଥା ଦଳ ସହ ଯାତ୍ରା କରିଛନ୍ତି। ଦଳର ଅନ୍ୟ ଖେଳାଳିମାନେ ହେଲେ ଅନିକା ପଟ୍ଟନାୟକ, ଅଦିତି ପାଟିଲ, ରେଶମା ମାଝି ଓ ଆଇଶା ଘଟୁଆଳ।

## ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଓଡ଼ିଶା ଜୁ- ଜିତସୁ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁ-ଜିତସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶାର ୧୨ ଜିଲାରୁ ୧୨୦ ପ୍ରତିଯୋଗୀ ପ୍ରତିଯୋଗିତାର କ୍ୟାଡେଟ, ଜୁନିୟର ଓ ସିନିୟର ବିଭାଗରେ ଫାଇଟିଂ ସିଷ୍ଟମ ଏବଂ ନେ-ୱାଜାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

**ରାଜ୍ୟ ଜୁ-ଜିତସୁ**

ଭୁବନେଶ୍ୱର ୩୭ ସ୍ୱର୍ଣ୍ଣ ପଦକ ପାଇ ଦଳଗତ ଚାମ୍ପିୟନ ହୋଇଛି। କଟକ ୧୯ ଓ ପୁରୀ ୬ଟି ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ଓ କ୍ରୀଡ଼ା ଯୁବ ସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧୀରୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ ସ୍ୱରୋଜ ଜାନି, ତନୱେଷ ପୁନୀତ ଲେଙ୍କା, କ୍ରୀଷ୍ଟା ଶିକାରୀ, ସୁସ୍ମିନ ପାଲଟାସିଂ, ସୁମନ୍ତ କୁମାର ପଣ୍ଡା, ଅବିନାଶ ପୁନ୍ଦିର, ସନ୍ତୋଷ ସିଂ, ସନ୍ଦୀପ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଆଇନଜୀବୀ କାଳୀ ପ୍ରସାଦ ନନ୍ଦ, ହରି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।




କୃତୀ ପ୍ରତିଯୋଗୀମାନେ ପଦକ ସହ ଅତିଥିଙ୍କ ଗହଣରେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ